R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୯୩
ତିଥି : ଷଷ୍ଠୀ
୩୦ ଜୁଲାଇ ୨୦୨୫, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No. 293
30 July 2025, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

### ଅପରେସନ୍ ସିନ୍ଦୂର ନେଇ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ

## ଯୁଦ୍ଧ ବନ୍ଦ କରିବାକୁ ବିଶ୍ୱର କୌଣସି ନେତା କହିନଥିଲେ



ନୂଆଦିଲ୍ଲୀ, ୨୯ ।୭ : ବିଶ୍ୱର କୌଣସି ନେତା ଅପରେସନ୍ ସିନ୍ଦୂର ବନ୍ଦ କରିବାକୁ ଆମକୁ କହିନଥିଲେ । ଆମେ ପ୍ରଥମ ଦିନରୁ କହିଥିଲୁ ଆମ କାର୍ଯ୍ୟାନୁଷ୍ଠାନ ଉତ୍ତେଜନା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ନଥିଲା । କେବଳ ଆତଙ୍କୀ ଆକ୍ରମଣର ଜବାବ ଦେବା ଉଦ୍ଦେଶ୍ୟରେ ହୋଇଥିଲା । ଭାରତକୁ ବିଶ୍ୱର ବହୁ ଦେଶ ଏହି ପଦକ୍ଷେପ ଲାଗି ସମର୍ଥନ କରିଥିଲେ । ମାତ୍ର ୩ ଦେଶ ସମର୍ଥନ କରିନଥିଲେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଲୋକସଭାରେ ଅପରେସନ୍ ସିନ୍ଦୂର ବିତର୍କର ଆଲୋଚନାର ଉତ୍ତର ରଖି କହିଛନ୍ତି ।

ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଟ୍ରମ୍ପଙ୍କ ନାଁ ନେଇ ନାହାନ୍ତି ପରୋକ୍ଷରେ ବିଶ୍ୱର କୌଣସି ନେତା ଚାପ ପକାଇନଥିଲେ ବୋଲି କହି ବିରୋଧୀଙ୍କ ପକ୍ଷରୁ ହୋଇଥିବା ପ୍ରଶ୍ନର ଉତ୍ତର ଏଭଳି ଢ଼ଙ୍ଗରେ ଦେଇଛନ୍ତି । ତାଙ୍କ ଅଭିଭାଷଣରେ କଂଗ୍ରେସ ଉପରେ ମଧ୍ୟ ମନଇଚ୍ଛା ବର୍ଷିଛନ୍ତି । ନେହେରୁଙ୍କ ଠାରୁ ଆରମ୍ଭ କରି କଂଗ୍ରେସର ସବୁ ପୂର୍ବ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି । ଦେଶର ଜମିକୁ ଅନ୍ୟକୁ ଦେଇଥିବା ନେଇ ମଧ୍ୟ ଅଭିଯୋଗ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ମେ' ୯ ତାରିଖରେ ଫୋନ୍ କରିଚାଲିଥିଲେ । ସେ ମିଟିଂରେ ବ୍ୟସ୍ତ ଥିବାରୁ ଫୋନ୍ ଉଠାଇ ପାରିନଥିଲେ । ପ୍ରାୟ ୧ ଘଣ୍ଟା ଧରି ସେ ଫୋନ୍ କରିଥିଲେ ଓ ମୁଁ ମିଟିଂରେ ବ୍ୟସ୍ତ ଥିଲି । ଯେତେବେଳେ ମୁଁ କଲ୍‌ବ୍ୟାକ୍ କରିଥିଲି । ସେ କହିଥିଲେ ଯେ ପାକିସ୍ତାନ (୯ ପୃଷ୍ଠାରେ)

- ▸▸ କଂଗ୍ରେସକୁ ମନଇଚ୍ଛା ଟାର୍ଗେଟ କଲେ
- ▸▸ ୧୯୩ ରାଷ୍ଟ୍ର ଭାରତକୁ ସମର୍ଥନ କରିଥିଲେ
- ▸▸ ୩ ରାଷ୍ଟ୍ର ଭାରତକୁ ସମର୍ଥନ କଲେନାହିଁ
- ▸▸ କଂଗ୍ରେସର ସମର୍ଥନ ମିଳିଲା ନାହିଁ
- ▸▸ ଅପରେସନ୍ ସିନ୍ଦୂରରୁ ୩ ସୂତ୍ର ମିଳିଛି

### ଲୋକସଭାରେ ରାହୁଲଙ୍କ ଆହ୍ୱାନ

## ସାହାସ ଥିଲେ ଟ୍ରମ୍ପଙ୍କୁ ମିଛୁଆ କୁହନ୍ତୁ



ନୂଆଦିଲ୍ଲୀ, ୨୯ ।୭ : ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ ବାରମ୍ବାର କହିଛନ୍ତି ଯେ ସେ ଯୁଦ୍ଧ ବିରତି କରାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଜାବବ ରଖନ୍ତୁ ଓ ସଂସଦରେ ରାଷ୍ଟ୍ରପତି ଟ୍ରମ୍ପ ମିଛୁଆ କୁହନ୍ତୁ ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆହ୍ୱାନ କରିଛନ୍ତି । ଭାରତ-ପାକ୍ ଯୁଦ୍ଧ ବିରତିର ଯେଉଁ ଶ୍ରେୟ ଟ୍ରମ୍ପ ନେଉଛନ୍ତି ତାହାକୁ ସେ ଭୁଲ୍ ବୋଲି ପ୍ରମାଣିତ କରନ୍ତୁ ।

ଅପରେସନ୍ ସିନ୍ଦୂର ବିତର୍କରେ ଭାଗ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଲୋକସଭାରେ କହିଛନ୍ତି ଯେ ଏହା ଅତ୍ୟନ୍ତ ବିପଦଜ୍ଜନକ ସମୟ ଯେ ପ୍ରଧାନମନ୍ତ୍ରୀ ସେନାଙ୍କୁ ନିଜ ଭାବମୂର୍ତ୍ତି ଲାଗି ବ୍ୟବହାର କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କର ଟ୍ରମ୍ପଙ୍କୁ ମିଛୁଆ କହିବାର ସତ୍‌ସାହାସ ନାହିଁ । ସରକାର ପାଇଲଟ୍‌ଙ୍କ ହାତ ବାନ୍ଧି ଦେଇଥିଲେ । ବାୟୁସେନାଙ୍କୁ ମୁକ୍ତ ହାତ ଦିଆଯାଇନଥିଲା । ଭାରତ କିଛି ଜେଟ୍ ହରାଇଥିଲା । ଏ ଦୋଷ ସେନାର ନଥିଲା, ଏହା ସରକାରଙ୍କର । ପାକିସ୍ତାନର ବାୟୁ ପ୍ରତିରକ୍ଷା ଉପରେ ଆକ୍ରମଣ କାହିଁକି ବନ୍ଦ କରାଗଲା । ସିଡିଏସ୍ କହିଛନ୍ତି ଯେ ଆରମ୍ଭରେ ଏକ ଭୁଲ୍ ହୋଇଥିଲା । (୯ ପୃଷ୍ଠାରେ)

### ଲୋକସଭାରେ ସ୍ପଷ୍ଟ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

## ମୃତ ଆତଙ୍କୀ ପହଲଗାମ୍ ଆକ୍ରମଣକାରୀ

ନୂଆଦିଲ୍ଲୀ, ୨୯ ।୭ : ପହଲଗାମ୍‌ରେ ଯେଉଁ ଆତଙ୍କବାଦୀମାନେ ନରସଂହାର ଘଟାଇଥିଲେ ଗତକାଲି ସେନା ଗୁଳିରେ ସେମାନେ ପ୍ରାଣ ହରାଇଛନ୍ତି । ଜମ୍ମୁ-କାଶ୍ମୀରରେ ହୋଇଥିବା ଅପରେସନ୍ ମହାଦେବରେ ଏମାନଙ୍କର ମୃତ୍ୟୁ ହୋଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି । ଆକ୍ରମଣକାରୀ ପାକିସ୍ତାନୀ ଥିଲେ । ଉପତ୍ୟକାରେ ଗୁଳି ଚଳାଇ ନିରୀହ ଲୋକଙ୍କୁ ହତ୍ୟା କରିଥିଲେ ।

ଯେଉଁ ୩ ଆତଙ୍କୀ ମୃତ୍ୟୁବରଣ କରିଛନ୍ତି ସେମାନେ ପହଲଗାମ୍ ଆକ୍ରମଣ ସହ ସମ୍ପୃକ୍ତ ଥିଲେ ବୋଲି ଆଜି ସୂଚନା ଆସିଛି । କାଶ୍ମୀର ଜଙ୍ଗଲରେ ସୁରକ୍ଷା କର୍ମୀଙ୍କ ସହ ଗୁଳି ବିନିମୟରେ ଏମାନଙ୍କର ମୃତ୍ୟୁ ହୋଇଛି । ଆତଙ୍କବାଦୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ଆତଙ୍କବାଦୀଙ୍କ ପରିଚୟ ଜାଣିବା ପାଇଁ ୪ ରୁ ୫ ରାଉଣ୍ଡର ଯାଞ୍ଚ କରାଯାଇଥିଲା । ଆଜି ସକାଳ ୪.୪୬ରେ ଚଣ୍ଡିଗଡର ବୈଜ୍ଞାନିକଙ୍କ ଠାରୁ ଆସିଥିବା ଏକ ଫୋନ୍‌ରେ ଏହା ସ୍ପଷ୍ଟ ହୋଇଛି । ଉଭୟଙ୍କ କ୍ୟାଟ୍ରିଜ୍ ମେଳ ଖାଉଥିଲା । ପହଲଗାମ୍‌ରେ ମିଳିଥିବା କ୍ୟାଟ୍ରିଜ୍ ଓ ଚଣ୍ଡିଗଡରେ ମିଳିଥିବା କ୍ୟାଟ୍ରିଜ୍ ମେଳ ଖାଉଥିବା ୬ ବୈଜ୍ଞାନିକ ନିଶ୍ଚିତ କରିଥିଲେ । ଶ୍ରୀ ଶାହା ଆଜି ଏହା ଲୋକସଭାରେ ବିବୃତ୍ତି ରଖିଛନ୍ତି ।

### ଆଜିଠୁ ସପ୍ତାହେବ୍ୟାପୀ ଆକାଂକ୍ଷୀ ହାଟ

## ଆକାଂକ୍ଷୀ ଜିଲ୍ଲାମାନଙ୍କର ଆକାଂକ୍ଷା ପୂରଣ ହେବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୯ ।୭ (ସବ୍ୟୁ) : ରାଜ୍ୟ କନଭେନସନ କେନ୍ଦ୍ର ଠାରେ ଯୋଜନା ଏବଂ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଠାରୁ ଏକ ସପ୍ତାହ ବ୍ୟାପି ଆକାଂକ୍ଷା ହାଟ ଅଭିଯାନ ଆରମ୍ଭ କରିବା ପାଇଁ ଘୋଷଣା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଆସ୍ପିରେସନାଲ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ଏକ ସଫଳ ମଡେଲ ସାବ୍ୟସ୍ତ ହୋଇଛି ବୋଲି କହିବା ସହିତ ଆଗାମୀ ଦିନ ମାନଙ୍କରେ ଆକାଂକ୍ଷୀ ଜିଲ୍ଲା ମାନଙ୍କର ଆକାଂକ୍ଷା ପୂରଣ ହେବ ବୋଲି କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆସ୍ପିରେସନାଲ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମରେ ତୃଣମୂଳ ସ୍ତରରେ ଯୋଜନା କିପରି କାର୍ଯ୍ୟକାରୀ କରାଯାଇ ପାରିବ ତା ଉପରେ ଗୁରୁତ୍ୱ ଦିଆଯାଉଛି । ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି, ଜଳସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଦକ୍ଷତା ବିକାଶକୁ ଆଧାର କରି ସାମାଜିକ ଅର୍ଥନୈତିକ ସୂଚକାଙ୍କ ମାଧ୍ୟମରେ ସମାବେଶୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରାଯାଉଛି । ଜିଲ୍ଲା ପରେ ଏବେ ବ୍ଲକକୁ ଏହି ଯୋଜନାର ସମ୍ପ୍ରସାରଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୩ଟି ସି, ଯଥା- କେନ୍ଦ୍ର ଓ ରାଜ୍ୟ ଯୋଜନାର ସମନ୍ୱୟ, କେନ୍ଦ୍ର, ରାଜ୍ୟ, ଜିଲ୍ଲା ଓ ନାଗରିକଙ୍କ ମଧ୍ୟରେ ସହଯୋଗ, ଏବଂ ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କରେ ଜିଲ୍ଲାମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଉପରେ ଗୁରୁତ୍ୱ ଦିଆଯାଇଛି । (୯ ପୃଷ୍ଠାରେ)

### ବିହାର ଏସ୍‌ଆଇଆର୍‌କୁ ନେଇ ସୁପ୍ରିମ୍‌କୋର୍ଟଙ୍କ ରାୟ

## ତ୍ରୁଟି ଥିଲେ ଆମେ ହସ୍ତକ୍ଷେପ କରିବୁ



ନୂଆଦିଲ୍ଲୀ, ୨୯ ।୭ : ବିହାରରେ ଭୋଟର ତାଲିକା ସଂଶୋଧନ ନେଇ ଆରମ୍ଭ ହୋଇଥିବା ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର)ର ଶୁଣାଣି ଅଗଷ୍ଟ ୧୨-୧୩ରେ ହେବ । ଯଦି କିଛି ବ୍ୟତିକ୍ରମ ଥିବ ସୁପ୍ରିମ୍‌କୋର୍ଟ ଏଥିରେ ହସ୍ତକ୍ଷେପ କରିବେ ବୋଲି ଆଜି ରାୟ ଦେଇଛନ୍ତି ।

ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ବର୍ତ୍ତମାନ ଏସ୍‌ଆଇଆର ପ୍ରକ୍ରିୟାରେ ହସ୍ତକ୍ଷେପ କରାଯିବନାହିଁ । ଯଦି କିଛି ବ୍ୟତିକ୍ରମ ଘଟିଥିବ ଓ ନିର୍ବାଚନ କମିଶନଙ୍କ ନିୟମ ଅନୁଯାୟୀ ହୋଇନଥିବ ସେତେବେଳ ଆମେ ହସ୍ତକ୍ଷେପ କରିବୁ । (୯ ପୃଷ୍ଠାରେ)

## ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

ଭୁବନେଶ୍ୱର, ୨୯ ।୭ (ସବ୍ୟୁ) : ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭୁବନେଶ୍ୱର ଆର୍ ଆଣ୍ଡ ବି ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଭିଜିଲାନ୍ସ ମଙ୍ଗଳବାର ଚଢାଉ କରିଛି । ୧୦ଟି ସ୍ଥାନରେ ଏକସଙ୍ଗେ ଚଢାଉ ହେଉଥିବା ବେଳେ ଭୁବନେଶ୍ୱରରେ ୮ଟି ସ୍ଥାନ ଓ ନୟାଗଡର ଦୁଇଟି ସ୍ଥାନ ବୋଲି ଭିଜିଲାନ୍ସ କହିଛି । ଚଢାଉ କରୁଥିବା ଟିମ୍‌ରେ ୭ ଡିଏସ୍‌ପି, ୫ ଇନ୍ସପେକଟର, ଜଣେ ଏସ୍‌ଆଇ ଓ ୧୧ ଏଏସ୍‌ଆଇଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ ଅଛନ୍ତି ।

ନିଳାଦ୍ରୀବିହାରରେ ୩ ମହଲା ଘର, ଭୁବନେଶ୍ୱର କସ୍‌ମପଲ୍ଲୀ ଫ୍ଲାଟ୍, ପାହାଲ ସିମ୍ଫୋନି ମଲ୍‌ରେ ଦୋକାନ ଘର, ନୟାଗଡ ଜଗନ୍ନାଥପ୍ରସାଦ ପୈତୃକ ଘର, ଭୁବନେଶ୍ୱର ଅଫିସ୍, ଦୁଇଟି ସ୍ଥାନରେ ଥିବା ଶ୍ୱଶୁରଙ୍କ ଘରେ, ଭୁବନେଶ୍ୱର କସ୍‌ମପଲ୍ଲୀ ଘର, ଖଣ୍ଡଗିରି ଡୁମୁଡୁମାରେ ଘର, ଜାଗମରା ଏଏସ୍‌ଏନ୍ ଇମ୍ଫାଷ୍ଟ୍ରକ୍‌ଚର ପ୍ରାଇଭେଟ୍ ଲିମିଟେଡ୍, ଖଣ୍ଡଗିରି ଭଗବାନପୁରରେ (୯ ପୃଷ୍ଠାରେ)

## ଅଗଷ୍ଟ ୨୯ ରେ ଏସ୍‌ସି/ ଏସ୍‌ଟି କଲ୍ୟାଣ କମିଟି ଅଧକ୍ଷ ସମ୍ମିଳନୀ

ଭୁବନେଶ୍ୱର, ୨୯ ।୭ (ସବ୍ୟୁ) : ଆସନ୍ତା ଅଗଷ୍ଟ ମାସ ୨୯ ଓ ୩୦ ତାରିଖରେ ଭୁବନେଶ୍ୱରଠାରେ ପାର୍ଲାମେଣ୍ଟ/ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷଙ୍କ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ସଚେତକ ଶ୍ରୀ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସମ୍ମିଳନୀର ପ୍ରସ୍ତୁତି ସମ୍ପର୍କରେ ସୁଚିନ୍ତିତ ମତ ରଖିଥିଲେ ।

ବୈଠକରେ ଆଲୋଚନା ଅନୁଯାୟୀ ଏହି ଜାତୀୟ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ଉପାଧ୍ୟକ୍ଷ ଡ. ହରିବଂଶ, ସାଂସଦ ଓ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କମିଟି ଅଧ୍ୟକ୍ଷ ଓ ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ବାଚସ୍ପତି ଓଡ଼ିଶାକୁ ଏଭଳି ଏକ ମର୍ଯ୍ୟାଦାଜନକ ଜାତୀୟ ସମ୍ମିଳନୀର ଆୟୋଜନ ପାଇଁ ସୁଯୋଗ ଦେଇଥିବାରୁ ଲୋକସଭାର ବାଚସ୍ପତିଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରିଥିଲେ । ସେ କହିଥିଲେ ଯେ କାର୍ଯ୍ୟକ୍ରମରେ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବେ । (୯ ପୃଷ୍ଠାରେ)

### ଓଡ଼ିଶାରେ ବିଦେଶୀ ନିଶାର ଚାହିଦା

## ୩୦ କୋଟିର ମାରିଜୁଆନା ଜବତ



ଭୁବନେଶ୍ୱର, ୨୯ ।୭ (ସବ୍ୟୁ) : ଦିନକୁ ଦିନ ଓଡ଼ିଶାରେ ବିଦେଶୀ ନିଶାର ଚାହିଦା ବଢିବାରେ ଲାଗିଛି । ତୃତୀୟଥର ପାଇଁ ଭୁବନେଶ୍ୱର ଆନ୍ତର୍ଜାତୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ମାରିଜୁଆନା ଜବତ ହୋଇଛି । ମଙ୍ଗଳବାର ୩୦କୋଟି ଟଙ୍କାର ମାରିଜୁଆନା କଷ୍ଟମ୍ସ ବିଭାଗ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି । ଗିରଫ ୩ଜଣ ହେଲେ ଉତ୍ତରପ୍ରଦେଶର ଫତେପୁର ସିକ୍ରିର ମୋହିନୀ, କାନ୍ତି ଓ ଜାନ୍ ମହମ୍ମଦ । ଗିରଫ ୩ଜଣଙ୍କୁ କଷ୍ଟମ୍ସ ବିଭାଗ ଏନ୍‌ସିଏକୁ ହସ୍ତାନ୍ତର କରିଛି । ଘଟଣାସ୍ଥଳରେ ରାଜସ୍ୱ ଗୁଇନ୍ଦା ଓ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍‌ର ଟିମ୍ ପହଞ୍ଚି ତଦନ୍ତ କରୁଥିବା ସୂଚନା ମିଳିଛି । ମାରିଜୁଆନା ବୋଇଲେ ଜର୍ମାନରେ ପ୍ରୋସେସ୍ ହୋଇଥିବା ଉନ୍ନତମାନର ଗଞ୍ଜେଇ । ୪ଦିନ ପୂର୍ବରୁ ଚନ୍ଦ୍ରଶେଖରପୁର ଶୈଳଶ୍ରୀ ବିହାରର ଜଣେ ଇଞ୍ଜିନିୟରିଂ ଛାତ୍ର ଅନ୍‌ଲାଇନ୍‌ରେ ଦେଢଲକ୍ଷ ଟଙ୍କାର ସିନ୍ଥେଟିକ୍ସ ଡ୍ରଗ୍ସ ମଗାଇ ଏନ୍‌ସିବି ଦ୍ୱାରା ଗିରଫ ହୋଇଥିଲା । ଓଡ଼ିଶାକୁ ଜଳ, ସ୍ଥଳ ଓ ଆକାଶ ପଥରେ ନିଶା କାରବାର ହେଉଛି । ବ୍ରାଉନସୁଗର, କୋକେନ, ଚରସ୍, ମାରିଜୁଆନା ସମେତ ବହୁ ବିଦେଶୀ ନିଶା ଜଳ, ସ୍ଥଳ ଓ ଆକାଶ ପଥରେ ପରିବହନ ହେଉଥିବା ମଙ୍ଗଳବାର ଘଟଣାରୁ ସ୍ପଷ୍ଟ ହୋଇଛି ।

ବିମାନରେ ଆସି ୩ ନିଶା ଚାଲାଣକାରୀ ପହଞ୍ଚିବା କ୍ଷଣି ତାଙ୍କୁ ଛକି ରହିଥିବା କଷ୍ଟମ୍ସ ଟିମ୍ କାବୁ କରିନେଇ ଯାଞ୍ଚ କରିଥିଲା । କାରଣ ବ୍ୟାଙ୍କଙ୍ଗରୁ ସେ ମାଲ୍ ବିମାନରେ ଉଠାଇବା ବେଳକୁ କଷ୍ଟମ୍ସ ଗୁଇନ୍ଦାକୁ ଖବର ହୋଇଯାଇଥିଲା । ସେଠାକାର ବିମାନ ବନ୍ଦରରେ ଏଜେଣ୍ଟମାନେ ଥିବାରୁ ସହଜରେ ନିଶା ଧରି ଚାଲାଣକାରୀମାନେ ବିମାନରେ ସହଜରେ ଆସୁଛନ୍ତି । କେବଳ ବ୍ୟାଙ୍କକ୍ ବିମାନ ବନ୍ଦର ନୁହେଁ ବିଦେଶର ବିଭିନ୍ନ ବିମାନବନ୍ଦରରେ ଆନ୍ତର୍ଜାତିୟ ନିଶା ମାଫିଆଙ୍କ ଏଜେଣ୍ଟମାନେ ରହୁଛନ୍ତି । ଯାହା ଫଳରେ ସେମାନେ ଉଚ୍ଚ ପରିମାଣର ଟଙ୍କା ନେଇ ଆନ୍ତର୍ଜାତିୟ ଡ୍ରଗ୍ସ ର୍‌ୟାକେଟ୍‌କୁ ସାହାଯ୍ୟ କରୁଥିବାରୁ ସେମାନେ ବିମାନରେ ମାଲ୍ ଧରି ଆସିପାରୁଛନ୍ତି । ଭୁବନେଶ୍ୱର ବିମାନ ବନ୍ଦରରେ ଆନ୍ତର୍ଜାତିୟ ଡ୍ରଗ୍ସ ର୍‌ୟାକେଟ୍‌ର ଏଜେଣ୍ଟ ଅଛନ୍ତି କି ନାହିଁ ତାହା ସ୍ପଷ୍ଟ ଭାବେ ଜଣାପଡିନାହିଁ । ବୋଧେ ଏଠାରେ ଏଜେଣ୍ଟ ନାହାନ୍ତି । କାରଣ ତିନିଥର ମାରିଜୁଆନା ଚାଲାଣକାରୀ କଷ୍ଟମ୍ସ ଦ୍ୱାରା ଧରାପଡିଲେଣି ।

ଓଡ଼ିଶାର କେଉଁ ନିଶା ମାଫିଆଙ୍କ ପାଖକୁ ଆନ୍ତର୍ଜାତିୟ ଡ୍ରଗ୍ସ ର୍‌ୟାକେଟ୍ ବିମାନ ଯୋଗେ ମାରିଜୁଆନା ପଠାଉଛନ୍ତି, ଏନ୍‌ସିବିର ତଦନ୍ତ ଆଗକୁ ବଢ଼ିଲେ ସ୍ପଷ୍ଟ ହେବ । (୯ ପୃଷ୍ଠାରେ)

## ପ୍ରଳୟ ମିଜାଇଲ୍‌ର ଲଗାତର ପରୀକ୍ଷଣ



ବାଲେଶ୍ୱର, ୨୯ ।୭ (ସବ୍ୟୁ) : ବାଲିଷ୍ଟିକ୍ ମିଜାଇଲ୍ 'ପ୍ରଳୟ'ର ବ୍ୟବହାରିକ ପରୀକ୍ଷଣ ହୋଇଯାଇଛି । ଆଜି ସକାଳ ୯ଟା ୩୦ରେ ପ୍ରତିରକ୍ଷା ବିଭାଗ ଡ଼ିଆରଡ଼ିଓ ଅଧୀନ ଅବଦୁଲ କଲାମ ଦ୍ୱୀପରେ ଏହି ପରୀକ୍ଷଣ କରାଯାଇଛି । ଡ଼ିଆରଡିଓ ଦ୍ୱାରା ବିକଶିତ କ୍ଷେପଣାସ୍ତ୍ର ପ୍ରଳୟର ଲକ୍ଷ୍ୟଭେଦ କ୍ଷମତା ୧୫୦ରୁ ୫୦୦ କି.ମି.ପର୍ଯ୍ୟନ୍ତ ରହିଛି । ସୋମବାର ପ୍ରଳୟର ଆଉ ଏକ ପରୀକ୍ଷଣ କରାଯାଇଥିଲା ଚାନ୍ଦିପୁର ଡିଆରଡିଓ ଅଧୀନରେ ଥିବା ଅବଦୁଲ କଲାମ ଦ୍ୱିପରୁ ସୋମବାର ପୂର୍ବାହ୍ନ ୯.୩୫ ମିନିଟ ସମୟରେ କ୍ଷେପଣାସ୍ତ୍ର ପ୍ରଳୟର ସଫଳ (୯ ପୃଷ୍ଠାରେ)

## ମୋବାଇଲଠୁ ରୁହନ୍ତୁ ଦୂରରେ



ଆଜିକାଲି ବିନା ମୋବାଇଲରେ ଦୈନନ୍ଦିନ ଜୀବନର କୌଣସି କାମ ହୋଇପାରୁନାହିଁ । ତେବେ ମୋବାଇଲ ଦେଖିବାଦ୍ୱାରା ଆମକୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ହେଉଥିବାର ଦେଖିବାକୁ ମିଳୁଛି । ଯାହାକୁ ନେଇ ବର୍ତ୍ତମାନ ଡିଜିଟାଲ ଡିଟକ୍ସର ଟ୍ରେଣ୍ଡ ବଢିବାରେ ଲାଗିଛି । ପ୍ରାୟ ସମସ୍ତେ ବର୍ତ୍ତମାନ ମୋବାଇଲଠାରୁ ଦୂରରେ ରହିବାକୁ ଚେଷ୍ଟା କରୁଛନ୍ତି । ବିଶେଷଭାବେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ମୋବାଇଲ ପାଖରୁ ଦୂରରେ ରଖିବାକୁ ଚେଷ୍ଟା କରୁଛନ୍ତି । ବଡ ହେଉ କି ଛୋଟ ସମସ୍ତେ ଚାହୁଁଛନ୍ତି କିଭଳି ମୋବାଇଲ ଠାରୁ ଦୂରରେ ରହିବେ । ତେବେ ସେଥିପାଇଁ କିଛିଟା ଟିପ୍ସ ଆପଣାଇଲେ ଏହାକୁ ସହଜରେ କାର୍ଯ୍ୟକାରୀ କରିହେବ ।

- ଯେତେବେଳେ ଆମେ ଫୋନ୍ ଠାରୁ ଦୂରରେ ରହି କାମ କରିବା ସେତେବେଳେ ଆମ ମସ୍ତିଷ୍କ ଆକ୍ଟିଭ ରହିବ ଏବଂ କାମରେ ଏକାଗ୍ରତା ଆସିବ । ଡିଷ୍ଟ୍ରାକସନ୍ କମ ହେବ ।
- ରାତିରେ ସ୍କ୍ରିନ ଟାଇମିଂକୁ ଜିରୋ କରିବା ଦ୍ୱାରା ନିଦ ଜଲଦି ଆସିବ । ସକାଳୁ ଆପଣଙ୍କୁ ସତେଜ ଲାଗିବ । ପୁରା ଦିନ ଆପଣଙ୍କର ଭଲରେ ଯିବ ।
- ଫୋନ ଠାରୁ ଦୂରରେ ରହି ନିଜ ସାଙ୍ଗସାଥୀ ଓ ପରିବାର ସହିତ ସମୟ ବିତାନ୍ତୁ । ଏହାଦ୍ୱାରା ଆପଣଙ୍କ ମନ ଭଲ ରହିବା ସହିତ ବିଭିନ୍ନ ମାନସିକ ସମସ୍ୟାରୁ ମୁକ୍ତି ରହିବେ ।
- ପିଲାଙ୍କୁ ବୁଝାଇବା ପାଇଁ ସେମାନଙ୍କ ଫୋନ ନ ଧରେଇ ବିଭିନ୍ନ ଖେଳ କୁଦରେ ଲଗାନ୍ତୁ । ସେମାନଙ୍କ ସହିତ ସମୟ ବିତାନ୍ତୁ ।
- ମୋବାଇଲ ଠାରୁ ଦୂରରେ ରହି ପିଲାଙ୍କ ସହିତ ଖେଳି ପାରିବେ, ନିଜେ ଯୋଗ ବ୍ୟାୟାମ କରିପାରବେ ।
- ସବୁବେଳେ ନିଜ ଜୀବନକୁ ବ୍ୟବସ୍ଥିତ ଢଙ୍ଗରେ ବଞ୍ଚନ୍ତୁ । ପ୍ରତିଦିନର ଦିନଚର୍ଯ୍ୟାକୁ ଟାଇମ୍ ଟେବଲ ହିସାବରେ କରନ୍ତୁ । ଯାହାଫଳରେ ମୋବାଇଲ ଦେଖିବାକୁ ସମୟ ମିଳିବ ହିଁ ନାହିଁ ।

## ଇତିହାସ

୧୮୩୮– ଆମେରିକାର ହୱାଇରେ ପ୍ରଥମ ଇଂରାଜୀ ଖବରକାଗଜ ପ୍ରକାଶିତ ।

୧୮୮୬– ଦେଶର ପ୍ରଥମ ମହିଳା ବିଧାୟକ ତଥା ସମାଜ ସୁଧାରକ ପଦ୍ମ ଭୂଷଣ ସମ୍ମାନିତ ଏସ୍. ମୁଥୁଲକ୍ଷ୍ମୀ ରେଡ୍ଡୀଙ୍କ ଜନ୍ମ ।

୧୯୬୬– ଫୁଟବଲ ବିଶ୍ୱକପ୍‌ରେ ଇଂଲଣ୍ଡର ପ୍ରଥମ ବିଜୟ ।

୨୦୦୨– ଅଲକାଏଦା ସମେତ ୭ଟି ସମୂହକୁ ଆତଙ୍କବାଦୀ ସଂଗଠନ ଘୋଷିତ କଲା କାନାଡା ।

୨୦୦୭– ଚୀନ୍ ବୈଜ୍ଞାନିକ ଝୋଙ୍ଗ୍‌ଝାଓଁରେ ୫୦ ଲକ୍ଷର ପୁରୁଣା ପାହାଡ ଠାବ କଲେ ।

୨୦୧୦– ବ୍ୟାଡ୍‌ମିଣ୍ଟନ୍ ପାଇଁ ସାଇନା ନେହୱାଲ୍‌ଙ୍କୁ ରାଜୀବ ଗାନ୍ଧୀ ଖେଳରତ୍ନ ପ୍ରଦାନ ନେଇ ଘୋଷଣା କରାଗଲା ।

## ଡାଏଟ୍ କୋଲା ଚିକେନ୍



**ସାମଗ୍ରୀ–** ଚିକେନ, କଟା ପିଆଜ, ଡାଏଟ୍ କୋକ, ଟମାଟୋ ରସ, ଭିନେଗାର, ଚିକେନ୍ ଷ୍ଟକ, କ୍ୟାପସିକମ୍, ରସୁଣ, ମିକ୍ସ ହର୍ବ, ଗୋଲମରିଚ ଗୁଣ୍ଡ, ଧନିଆ ପତ୍ର କଟା ।

**ପ୍ରଣାଳୀ–** ପ୍ରଥମେ ଚିକେନ୍‌କୁ ଲୁଣ ଓ ଗୋଲମରିଚ ଗୁଣ୍ଡ ପକାଇ ଗୋଳାଇ ନିଅନ୍ତୁ । ପ୍ରଥମେ ଏହାକୁ ପ୍ୟାନ୍‌ରେ ଅଳ୍ପ ସମୟ ଭାଜି ନିଅନ୍ତୁ । ଏହାପରେ ଏଥିରେ ତେଲ ପକାଇ ଏଥିରେ କଟା ପିଆଜ, ରସୁଣ ଓ କ୍ୟାପସିକମକୁ ପକାଇ ଭାଜନ୍ତୁ । ଏହାପରେ ଏହି ପରିବା ଭଜାକୁ କାଢି ନିଅନ୍ତୁ । ଏହି ପ୍ୟାନ୍‌ରେ ବର୍ତ୍ତମାନ କୋକ୍‌କୁ ଢାଳନ୍ତୁ, ପରେ କୋକରେ ଟମାଟୋ ପେଷ୍ଟ ଓ ଭିନେଗାର ପକାଇ ଗୋଳାଇ ନିଅନ୍ତୁ । ଏହାପରେ ସମସ୍ତ ମିକ୍ସ ହର୍ବ ପକାଇ ଗୋଳାନ୍ତୁ । କିଛି ସମୟ ପରେ ଏଥିରେ ଚିକେନ୍ ପକାନ୍ତୁ । ଅଳ୍ପ ସମୟ ଭାଜି ହେବା ପରେ ଏଥିରେ ପୂର୍ବରୁ ଭାଜି ରଖିଥିବା ପରିବାକୁ ଦେଇ ଦିଅନ୍ତୁ । ସମସ୍ତ ସାମଗ୍ରୀକୁ ଡାଏଟ୍ କୋଲାରେ କିଛି ସମୟ ଭିଜାଇ ରଖନ୍ତୁ । ପାଖାପାଖି ୧୫ ମିନିଟ୍ ଏଥିରେ ସିଝିବାକୁ ଦିଅନ୍ତୁ । ଶେଷରେ ସ୍ୱାଦ ଅନୁସାରେ ଗୋଲମରିଚ ଗୁଣ୍ଡ ଓ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ଡାଏଟ୍ କୋଲା ଚିକେନ୍ ।

## ସୋସିଆଲ କୋଟ୍ସ



“ଯଦି ଆମ ମ୍ୟୁଜିକ୍ ଡାଇରେକ୍ଟରମାନେ ବର୍ତ୍ତମାନ ପାଶ୍ଚାତ୍ୟ ମ୍ୟୁଜିକ୍ ଶୈଳୀ ଉପରେ କମ ଧ୍ୟାନଦେବେ ତେବେ ଭଲ ସଙ୍ଗୀତ ପ୍ରସ୍ତୁତ ହୋଇପାରିବ । ଆମ ପାଖରେ କଳାର ଅଭାବ ନାହିଁ ।

କୁମାର ସାନୁ, ସିଙ୍ଗର



“ସମସ୍ତେ ଛୋଟଦିନୁ ବଲିଉଡ ସିନେମା ଦେଖିଦେଖି ବଡ ହୋଇଥାଆନ୍ତି । ମୁଁ ମଧ ସେହିଭଳି ସାହାରୁଖ ସାରଙ୍କ ଫିଲ୍ମ ଦେଖିଦେଖି ବଡ ହୋଇଛି । ତାଙ୍କୁ ଦେଖିଦେଖି ମୁଁ ଅଭିନୟ ଶିଖିଛି ।

ବସିର୍ ଅଲ୍ଲୀ ବାଗ, ଅଭିନେତା




“ଅକ୍ଷୟ ମୋର ସବୁଠାରୁ ଭଲ ସାଙ୍ଗ । ସେହିଭଳି ସେ ହେଉଛନ୍ତି ଇଣ୍ଡଷ୍ଟ୍ରୀର ବେଶ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ । ତାଙ୍କ ସହ କାମ କରି ମୁଁ ଅନେକ କିଛି ଶିଖିଛି ।


ରବିନା ଟଣ୍ଡନ, ଅଭିନେତ୍ରୀ

## ରନ୍‌ୱେରେ ଗଡିଥାଏ ଟ୍ରେନ

ଭାରତର ବିଭିନ୍ନ ବିମାନ ବନ୍ଦରରେ ରନ୍‌ୱେ ରହିଥାଏ । ତେବେ ଏହି ରନ୍‌ୱେ କୁ ଖାଲି ରଖିବା ଆବଶ୍ୟକ ହୋଇନଥାଏ ନଚେତ ଦୁର୍ଘଟଣା ଘଟିବାର ଆଶଙ୍କା ରହିଥାଏ । ହେଲେ ବିଶ୍ୱରେ ଏଭଳି ଏକ ରନ୍‌ୱେ ରହିଛି ଯେଉଁଠାରେ ଟ୍ରେନ୍ ଗଡିଥାଏ । ଅର୍ଥାତ ରନ୍‌ୱେରେ ରହିଛି ଟ୍ରେନ୍ ଟ୍ରାକ । ନ୍ୟୁଜିଲାଣ୍ଡର ଗିସ୍‌ବର୍ଣ୍ଣରେ ଥିବା ବିମାନ ରନ୍‌ୱେ ରହିଛି ଏକ ଟ୍ରେନ୍ ଟ୍ରାକ । ଏହି ବିମାନ ବନ୍ଦରଟି ପାଖାପାଖି ୧୬୦ଟି ହେକ୍ଟରରେ ବିସ୍ତୃର୍ଣ୍ଣ ରହିଛି । ତେବେ ଏଠାରେ ରହିଥିବା ପାଲମରଷ୍ଟୋନ ନର୍ଥ ଗିସ୍‌ବର୍ଣ୍ଣ ରେଳଲାଇନ୍ ଏହି ରନ୍‌ୱେକୁ ଦୁଇ ଭାଗ କରିଥିଲା । ପ୍ରତିଦିନ ଏହି ରନ୍‌ୱେ ସହିତ ରେଳଟ୍ରାକଟି ୬.୩୦ ରୁ ୮.୩୦ ମଧ୍ୟରେ କାର୍ଯ୍ୟ କରିଥାଆନ୍ତି । ତେବେ ଏହି ସ୍ଥାନରେ ଖୁବ ଟେକ୍‌ନିକାଲି ସିଗ୍‌ନାଲ ଗୁଡିକୁ ପରିଚାଳନା କରାଯାଇଥାଏ । ବିମାନ ଓ ଟ୍ରେନର ସମୟକୁ ଦେଖି ସବୁ କାର୍ଯ୍ୟ ପରିଚାଳନା କରାଯାଏ । ବିମାନ ବନ୍ଦରର ଷ୍ଟାଫ୍‌ମାନେ ହିଁ ସବୁପ୍ରକାର ସିଗ୍‌ନାଲକୁ ମ୍ୟାନେଜ କରନ୍ତି ବୋଲି ସୂଚନା ରହିଛି ।



## ରାଜକୁମାରଙ୍କ ଆତ୍ମସମର୍ପଣ



ନିକଟରେ ରାଜକୁମାର ରାଓଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବାକୁ ପଡିଛି । ଯାହାପରେ ତାଙ୍କୁ ତୁରନ୍ତ ଜାମିନ ମିଳିଥିଲେ ମଧ ଘଟଣାଟି ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁସାରେ ୨୦୧୭ରେ ରିଲିଜ୍ ହୋଇଥିବା ଫିଲ୍ମ ବହନ ହୋଗି ତେରୀରେ ଧର୍ମୀୟ ଭାବନାକୁ ଆହତ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଏହି ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଥିଲା । ଏହାପରେ ରାଜକୁମାର କୋର୍ଟରେ ଆତ୍ମସମର୍ପଣ କରିଥିବା ଖବର ସାମନାକୁ ଆସିଛି । ସେହିଭଳି ମାମଲାର ଶୁଣାଣି ୩୦ ତାରିଖରେ ହେବ ବୋଲି ଜଣା ପଡିଛି । ଫିଲ୍ମ ଭଗବାନ ଶିବଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ଜଣା ପଡ଼ିଛି । ଅଭିଯୋଗ ଆଧାରରେ ଫିଲ୍ମର ନିର୍ଦ୍ଦେଶକ ନିତିନ୍ କକ୍କଡ, ନିର୍ମାତା ଅମୁଲ ବିକାଶ ମୋହଲେ, ଅଭିନେତ୍ରୀ ଶ୍ରୁତି ହସନଙ୍କ ନାଁରେ ମାମଲା ରୁଜୁ ହୋଇଛି । ତେବେ ରାଜକୁମାର ପ୍ରଥମରୁ ମାମଲାରେ ଜାମିନ୍ ନେଇଥିଲେ କିନ୍ତୁ ପୂର୍ବ ଶୁଣାଣୀରେ ସେ ଉପସ୍ଥିତ ନରହିବାରୁ ତାଙ୍କ ନାଁରେ ଜାମିନ ବିହୀନ ଗିରଫଦାରୀ ଜାରି କରାଯାଇଥିଲା । ଯାହାପରେ ସେ କୋର୍ଟଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ପଡିଥିଲା ।

## ୭ହଜାର ଟଙ୍କାରେ ବିମାନ ନିର୍ମାଣ

ବିଭିନ୍ନ ସମୟରେ ଦେଶୀ ଇଞ୍ଜିନିୟରମାନେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଆନ୍ତି । ଏହିଭଳି ଘଟଣା ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଥାଏ । ସେହିଭଳି ଏକ ଘଟଣା ସୋସିଆଲ ମିଡିଆରେ ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । ବିହାରର ମୁଜଫରପୁରର ୧୫ ବର୍ଷର ଜଣେ ବାଳକ ୭ ହଜାର ଟଙ୍କା ଖର୍ଚ୍ଚ କରି ସେ ଏକ ଏୟାରକ୍ରାଫ୍ଟର ନିର୍ମାଣ କରିଛନ୍ତି। ବାଳକଙ୍କ ପାଖରେ କୌଣସି ପ୍ରଶିକ୍ଷିଣ ନାହିଁ ଯେପରି ସେ କେଉଁଠି ଟ୍ରେନିଂ ନେଇ ନାହାନ୍ତି କି ତାଙ୍କର ଉପକରଣ ଉପରେ କୌଣସି ଜ୍ଞାନ ମଧ ନାହିଁ । ହେଲେ ସେ ଏହି ବିମାନ ନିର୍ମାଣ କରିବାରେ ସମର୍ଥ ହୋଇପାରିଛନ୍ତି।



ସୂଚନା ଅନୁସାରେ ବିହାରର ଏହି ବାଳକ ଜଣଙ୍କ ମାତ୍ର ସାତ ଦିନରେ ୭ହଜାର ଖର୍ଚ୍ଚ କରି ଏହି ଛୋଟ ବିମାନଟିକୁ ନିର୍ମାଣ କରିଛନ୍ତି । ସେହିଭଳି ଏହି ଏୟାରକ୍ରାଫ୍ଟଟି ପାଖାପାଖି ୩୦୦ ଫୁଟ ଉପରକୁ ଉଡିବାର ଭିଡିଓ ମଧ ଭାଇରାଲ ହେଉଛି । ସେହିଭଳି ଭିଡିଓରେ ଦେଖିବାକୁ ମିଳୁଛି କି ନିଜେ ବାଳକ ଜଣଙ୍କ ଏହି ଏୟାରକ୍ରାଫ୍ଟକୁ ଉଡାଉଛନ୍ତି । ପିଲାଦିନୁ ତାଙ୍କର ଗୋଟିଏ ଏୟାରକ୍ରାଫ୍ଟ ନିର୍ମାଣ କରିବା ସ୍ୱପ୍ନ ଥିଲା, ଯାହାକୁ ସେ ବର୍ତ୍ତମାନ ପୂରଣ କରୁଛନ୍ତି । ସୋସିଆଲ ମିଡିଆରେ ଭିଡିଓଟି ଖୁବ ଭାଇରାଲ ହେବାରେ ଲାଗିଛି ।

## ବର୍ଷାଦିନର ଚର୍ମ ସଂକ୍ରମଣରୁ ମୁକ୍ତି

ବର୍ଷା ଦିନ ଆରମ୍ଭ ହେଲେ ଥଣ୍ଡା ଜ୍ୱର ଠାରୁ ଆରମ୍ଭ କରି ବିଭିନ୍ନ ଚର୍ମ ସଂକ୍ରମଣ ମଧ ଦେଖିବାକୁ ମିଳିଥାଏ । ଏହି ସମୟରେ ବିଶେଷଭାବେ ପାଦର ଯତ୍ନ ନେବାକୁ ହୋଇଥାଏ । ବର୍ଷାଦିନେ ଚାରିଆଡେ ପାଣି ଓ ଆଦ୍ରତା ରହିଥାଏ । ସେହିଭଳି ଏହି ସମୟରେ ଅନେକଥର ଓଦା ଯୋତା ଓ ଚପଲ ପିନ୍ଧିବାକୁ ପଡିଥାଏ । ଯାହାଫଳରେ ପାଦରେ ସଂକ୍ରମଣ ବଢିବାର ଆଶଙ୍କା ବଢିଥାଏ । ତେବେ ଏହି ସମୟରେ ହେଉଥିବା ପାଦରେ ସଂକ୍ରମଣ କାରଣରୁ ବିଭିନ୍ନ ପ୍ରକାରର ଚର୍ମ ସମସ୍ୟା ହୋଇଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହାର ଲକ୍ଷଣ ଚିହ୍ନି ଏହି ବ୍ୟାକ୍ଟେରିଆଲ ସଂକ୍ରମଣକୁ ରୋକିବାକୁ ପଡିଥାଏ । ଲକ୍ଷଣ ଚିହ୍ନିବା ପରେ ଡାକ୍ତରଙ୍କ ପରାମର୍ଶରେ ଏହାର ଚିକିତ୍ସା କରିବାକୁ ହୋଇଥାଏ । ତେଣୁ ଯଦି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



**ଲକ୍ଷଣ**

- ଚର୍ମ ଲାଲ ପଡିବା
- ପାଦ ପୋଡିବା ଓ କୁଣ୍ଡାଇ ହେବା
- ଗୋଇଠି ଖୁବ ଜୋରରେ ଫାଟିବା ବା ଶୁଷ୍କ ହୋଇଯିବା
- ଆଙ୍ଗୁଠି ମଝିରେ ଖଣ୍ଡିଆ ହେବା
- ପାଦରେ ହୋଇଥିବା ଖଣ୍ଡିଆରୁ ପୂଜ ବା ଧଳାଧଳା ତରଳ ଜିନିଷ ବାହାରିବା
- ପାଦ ଫୁଲିବା ଭଳି ସମସ୍ୟା



## ବାଇକ୍ ଧକ୍କାରେ ସାଇକେଲ ଆରୋହୀ ଗୁରୁତର

ନିମାପଡା,(ସବ୍ୟୁ) :ଗତ କାଲି ମଧାହ୍ନରେ ବାଇକ ଧକ୍କାରେ ଏହି ବ୍ଲକ ଅନ୍ତର୍ଗତ ଛେନୁଅଁ ଗୁଡୁସାହି ଗ୍ରାମର ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ଉକ୍ତ ଗ୍ରାମର ଜଙ୍ଗଲୀ ବାରିକ ମଧାହ୍ନରେ ସାଇକେଲରେ ନିମାପଡାରୁ ଘରକୁ ଫେରୁଥିବା ବେଳେ ଦ୍ରୁତ ଗତିରେ ଏକ ବାଇକ ଆସି ତାଙ୍କୁ ଧକ୍କା ଦେଇଥିଲା। ଜଙ୍ଗଲୀ କେନାଲ ବନ୍ଧ ଭିତରକୁ ଛିଟିକି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ତାଙ୍କ ଅବସ୍ଥା ସଂଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏ ସଂପର୍କରେ ଜଙ୍ଗଲୀଙ୍କ ପନୀ ଝୁନୁଲତାଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କେନ୍ଦ୍ର ଶକ୍ତିମନ୍ତ୍ରୀଙ୍କୁ ସାକ୍ଷାତ କଲେ ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ

## ଓଡ଼ିଶା ବିଦ୍ୟୁତ୍ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅନୁକୂଳ ବିଚାର ପାଇଁ ଅନୁରୋଧ

ଭୁବନେଶ୍ୱର, (ସବ୍ୟୁ): ଉପମୁଖ୍ୟମନ୍ତ୍ରୀ ଦିଲ୍ଲୀରେ କେନ୍ଦ୍ର ଶକ୍ତି, ଗୃହ ଏବଂ ସହରୀ ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ଓଡ଼ିଶା ବିଦ୍ୟୁତ୍ କ୍ଷେତ୍ରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା କରିଛନ୍ତି ଏବଂ ସେହି ପ୍ରସଙ୍ଗଗୁଡ଼ିକ ଉପରେ ଅନୁକୂଳ ବିଚାର ପାଇଁ ଅନୁରୋଧ ମଧ କରିଛନ୍ତି ।

ପ୍ରସଙ୍ଗ ଗୁଡ଼ିକ ମଧରେ, ପୁନର୍ବିନ୍ୟାସ କ୍ଷେତ୍ର ଯୋଜନା (ଆରଡିଏସ୍ଏସ୍)ଞ ଅଧୀନରେ ୩୦୬୯ କୋଟି ଟଙ୍କାର ପାଣ୍ଠି ମଞ୍ଜୁର ଆଲୋଚନା ରହିଛି । ସେହିଭଳି, ଓଡ଼ିଶା ବାରମ୍ବାର ଘୂର୍ଣ୍ଣିଝଡ଼ ଏବଂ ବନ୍ୟାର ସମ୍ମୁଖୀନ ହେଉଥିବାରୁ, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମିଳିତ (ସିଡିଆରଆଇ) ଉପକୂଳରୁ ଚୟନିତ ସ୍ଥାନରେ ଭୂତଳ କେବୁଲ ବିଶେଷ କରି ଉପକୂଳବର୍ତ୍ତୀ ୩୦ କିଲୋମିଟର ସହିତ ବିପର୍ଯ୍ୟୟ



ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପ୍ରସ୍ତାବଞ୍ଚ ରହିଛି । ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଓଡ଼ିଶାକୁ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ତୁରନ୍ତ କେନ୍ଦ୍ରୀୟ ଆର୍ଥିକ ସହାୟତା ଯୋଗାଇଦେବାକୁଞ୍ଚ ଅନୁରୋଧ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ । ଏହାବ୍ୟତୀତ ସୁନ୍ଦରଗଡ଼ ଜିଲ୍ଲା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ଚାହିଦା ବୃଦ୍ଧି ପାଉଥିବାରୁ, ଏନଏଲସି ତଲାବିରା ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପରୁ ଓଡ଼ିଶାକୁ ୮୦୦ ମେଗାୱାଟ ବିଦ୍ୟୁତ୍ ଆବଣ୍ଟନଞ୍ଚ କରିବାକୁ ଅନୁରୋଧ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ଏହା ଦ୍ୱାରା ସମୁଦାୟ ୩୨୦୦ ମେଗାୱାଟ ପ୍ରକଳ୍ପ କ୍ଷମତାରୁ ୧୨୦୦ ମେଗାୱାଟ ଓଡ଼ିଶା ପକ୍ଷରେ ରହିବ। ଏନଏଲସି ତଲାବିରା ପ୍ରଥମ ପର୍ଯ୍ୟାୟରେ ୪୦୦ ମେଗାୱାଟ କ୍ଷମତା ଓଡ଼ିଶାକୁ ଆବଣ୍ଟନ କରାଯାଇଥିଲା ।

ଓଡ଼ିଶା ଏହାର ବିଦ୍ୟୁତ୍ କ୍ଷେତ୍ର ବିକାଶରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି । ଏହି ମଞ୍ଜୁରୀ ଦ୍ୱାରା ଓଡ଼ିଶା କେବଳ ଏହାର ଜନସାଧାରଣଙ୍କୁ ଲାଭବାନ କରିବ ନାହିଁ ବରଂ ସାରା ଦେଶରେ ନିର୍ଭରଯୋଗ୍ୟ ଓ ସ୍ଥାୟୀ ବିଦ୍ୟୁତ୍ ଭିତ୍ତିଭୂମି ସୁନିଶ୍ଚିତ କରିବା ଲକ୍ଷ୍ୟରେ ମଧ ଯୋଗଦାନ କରିବ ।

### ଭୁବନେଶ୍ୱରରେ ଅନୁଷ୍ଠିତ ହେବ ପାର୍ଲାମେଣ୍ଟ/ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର

# ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟି ଅଧକ୍ଷ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ଆସନ୍ତା ଅଗଷ୍ଟ ମାସ ୨୯ ଓ ୩୦ ତାରିଖରେ ଭୁବନେଶ୍ୱରଠାରେ ପାର୍ଲାମେଣ୍ଟ/ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧକ୍ଷଙ୍କ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପବାଚସ୍ପତି ଭାବନୀଶଙ୍କର ଭୋଇ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସମ୍ମିଳନୀର ପ୍ରସ୍ତୁତି ସମ୍ପର୍କରେ ସୁଚିନ୍ତିତ ମତ ରଖିଥିଲେ। ବୈଠକରେ ଆଲୋଚନା ଅନୁଯାୟୀ ଏହି ଜାତୀୟ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ଉପାଧକ୍ଷ ଡ. ହରିବଂଶ, ସାଂସଦ ଓ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କମିଟି ଅଧକ୍ଷ ଓ ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବାଚସ୍ପତି ଓଡ଼ିଶାକୁ ଏଭଳି ଏକ ମର୍ଯ୍ୟାଦାଜନକ ଜାତୀୟ ସମ୍ମିଳନୀର ଆୟୋଜନ ପାଇଁ ସୁଯୋଗ ଦେଇଥିବାରୁ ଲୋକସଭାର ବାଚସ୍ପତିଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରିଥିଲେ। ସେ କହିଥିଲେ ଯେ କାର୍ଯ୍ୟକ୍ରମରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱର୍ ପ୍ରତିନିଧି ଯୋଗଦେବେ। ଓଡ଼ିଶା "ଅତିଥି ଦେବୋ ଭବଃ' ନୀତିକୁ ସବୁବେଳେ ପ୍ରାଥମିକତା ଦେଇଥାଏ। ଏଣୁ ଏଥିରେ ଯୋଗଦେବାକୁ ଥିବା ଅତିଥିମାନଙ୍କ ଚର୍ଚ୍ଚାରେ ଯେପରି କୌଣସି ତ୍ରୁଟି ନ ରହେ ତାହା ଉପରେ ବାଚସ୍ପତି ଗୁରୁତ୍ୱାରୋପ କରିଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେବାକୁ ଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀ ପରେ ଅତିଥିମାନେ ପୁରୀ ଓ କୋଣାର୍କ ପରିଦର୍ଶନ କରିବେ। ଏହିସବୁ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ତଦାରଖ କରିବା ପାଇଁ ଲୋକସଭାର ନିର୍ଦ୍ଦେଶକ ଡ.ୟମ୍‌ନାମ୍ ଅରୁଣ କୁମାରଙ୍କ ସହ ଏକ ଉଚ୍ଚସ୍ତରୀୟ ଅଧିକାରୀ କମିଟି ଓଡ଼ିଶା ଗସ୍ତରେ ଅଛନ୍ତି। ପ୍ରସ୍ତୁତି ବୈଠକରେ କମିଶନରେଟ୍ ପୋଲିସ, ସଂସଦୀୟ ବ୍ୟାପାର ବିଭାଗ, ଗୃହ ବିଭାଗ, ଅର୍ଥ ବିଭାଗ, ପର୍ଯ୍ୟଟନ ବିଭାଗ, ପୂର୍ତ୍ତ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିବାବେଳେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ବୁଣାକାର ସେବା କେନ୍ଦ୍ର ସହ ମିଶନ ଶକ୍ତିର ବୁଝାମଣାପତ୍ର ସ୍ୱାକ୍ଷରିତ

# ଓଡ଼ିଶାର ବୟନ ପରମ୍ପରାକୁ ମହିଳା ଏସ୍ଏଚ୍‌ଜି ଆଗକୁ ନେଉଛନ୍ତି : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ବୁଣାକାର ମା ଓ ଭଉଣୀମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ସହ କେନ୍ଦ୍ର ସରକାରଙ୍କ ହସ୍ତତନ୍ତ ବିକାଶ ଆୟୋଗ ଅଧୀନରେ ଥିବା ବୁଣାକାର ସେବା କେନ୍ଦ୍ରର



ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ର ରାଜ୍ୟର ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି) କୁ ନୂତନ ଡିଜାଇନ, ତାଲିମ ଓ ଦକ୍ଷତା ବିକାଶ ସହ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ଉପଲବ୍ଧ କରେଇବାରେ ସହାୟକ ହେବ । ବୟନ ପରମ୍ପରାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚଜି)ର ସଦସ୍ୟାମାନେ ଆଗକୁ ନେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତବ୍ୟକ୍ତ କରିଛନ୍ତି ।

ମଙ୍ଗଳବାର ମିଶନ ଶକ୍ତି ଭବନର ଅଡିଟରିୟମ ହଲରେ ଉମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ଉପସ୍ଥିତିରେ ଏହି ଏମ୍ଓୟୁ କରାଯାଇଥିଲା । ସେ କହିଥିଲେ, ଆଜି ଓଡ଼ିଶାର ମା'ମାନେ ସମଗ୍ର ଦେଶରେ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି । ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟକୁ ପୂର୍ଣ୍ଣ ଭାବେ ହାସଲ କରିବାପାଇଁ ଆମେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହଜ, ସୁବିଧା ଓ ସୁଖଦ ରୋଜଗାର ପନ୍ଥା ବାଛିବାକୁ ସୁଯୋଗ ଦେଉଛୁ । ଏହି ପଦକ୍ଷେପ ପାରମ୍ପାରିକ ବସ୍ତ୍ର ପ୍ରସ୍ତୁତି ଦକ୍ଷତାକୁ ଗଠନମୂଳକ ଉଦ୍ୟୋଗରେ ରୂପାନ୍ତରିତ କରିବାରେ ଏକ ବିଶେଷ ଭୂମିକା ଗ୍ରହଣ କରିବ । ଏସ୍ଏଚ୍‌ଜି ସଦସ୍ୟାମାନଙ୍କ ସୃଜନଶୀଳ ସାମର୍ଥ୍ୟକୁ ବୁଣାକାର ସେବା କେନ୍ଦ୍ରର ବିଶେଷଜ୍ଞ ମାର୍ଗଦର୍ଶନ ସହିତ ଏହି ବୁଝାମଣାପତ୍ର ଉନ୍ନତ ଜୀବିକା ସୃଷ୍ଟି, ଉତ୍ପାଦର ବ୍ୟାପାରିକ ଶକ୍ତି ବିକାଶ ଏବଂ ଦୀର୍ଘମିଆଦି ମୂଲ୍ୟ ସୃଷ୍ଟି ପାଇଁ ମଞ୍ଚ ପ୍ରସ୍ତୁତ ପ୍ରଦାନ କରିବ ।

ଓଡ଼ିଶା ଆଜି ମହିଳା ନେତୃତ୍ୱାଧୀନ ବିକାଶରେ ଜାତୀୟ ସ୍ତରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି । ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ଏବଂ ସୁଭଦ୍ରା ଶକ୍ତି ମେଳା, ସୁଭଦ୍ରା ଶକ୍ତି କାଫେ ଏବଂ ଏକ ଜିଲ୍ଲା ଏକ ଉତ୍ପାଦ କ୍ଲଷ୍ଟର ଭଳି ଅଗ୍ରଣୀ ମଡେଲ ସହିତ ଓଡିଶା ଆଜି ଭାରତ ସରକାରଙ୍କ ଲକ୍ଷପତି ଦିଦି ପଦକ୍ଷେପ ଅଧୀନରେ ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ପ୍ରତିଷ୍ଠିତ ହୋଇଛି । ରାଜ୍ୟସରକାରଙ୍କ ହସ୍ତକ୍ଷେପଗୁଡ଼ିକ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ଶିଳ୍ପ ଏବଂ ବସ୍ତ୍ର କ୍ଷେତ୍ରରେ ମହିଳାଙ୍କ ପାଇଁ ଆର୍ଥିକ ସୁଯୋଗର ବାଟ ଖୋଲିଛି । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ବୁଣାକାର ସେବା ସଂଘର ଉପନିର୍ଦ୍ଦେଶକ ବିକାଶ କୁମାର ଓ ବିଭାଗୀୟ ବରିଷ୍ଠ ଅଧିକାରୀ, ବୟନ ବିଶେଷଜ୍ଞ ଏବଂ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

### ଜାତୀୟ ଶିକ୍ଷାନୀତି -୨୦୨୦ର ୫ ବର୍ଷ ପୂର୍ତ୍ତି

# 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ଦିଗରେ ଜାତୀୟ ଶିକ୍ଷାନୀତି ସବୁଠୁ ପ୍ରଭାବଶାଳୀ ଅସ୍ତ୍ର: ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): 'ବିକଶିତ ଭାରତ' କେବଳ ଏକ ଭିଜନ ନୁହେଁ ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦିଆଯାଇଥିବା କାମକୁ କାର୍ଯ୍ୟକାରୀ କରିବା ଦିଗରେ ଏକ ଶକ୍ତିଶାଳୀ ଆହ୍ୱାନ । ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାକୁ ହେଲେ ଜାତୀୟ ଶିକ୍ଷା ନୀତି ସବୁଠାରୁ ପ୍ରଭାବଶାଳୀ ଅସ୍ତ୍ର ବୋଲି ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଜାତୀୟ ଶିକ୍ଷା ନୀତି ୨୦୨୦ର ୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଅଖିଳ ଭାରତୀୟ ଶିକ୍ଷା ସମାଗମ (ଏବିଏସଏସ)-୨୦୨୫କୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଗୌରବମୟ ଅବସରରେ ଜାତୀୟ ଶିକ୍ଷା ନୀତି ୨୦୨୦ର ଡ୍ରାଫଟିଂ କମିଟିର ଅଧକ୍ଷ ପଦ୍ମବିଭୂଷଣ ଡକ୍ଟର କେ କସ୍ତୁରୀରଙ୍ଗନଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ, ଭାରତର ଶିକ୍ଷା ଏବଂ ମହାକାଶ କ୍ଷେତ୍ରରେ ଅଗ୍ରଣୀ ଅବଦାନକୁ ସ୍ୱୀକୃତି ଦେଇ ଶ୍ରୀ ପ୍ରଧାନଙ୍କ ସମେତ ସମ୍ମାନିତ ବ୍ୟକ୍ତିମାନେ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହା ପରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ରାଷ୍ଟ୍ର ଶିକ୍ଷା ମନ୍ତ୍ରୀ ଜୟନ୍ତ ଚୌଧୁରୀ ଜାତୀୟ ଶିକ୍ଷା ନୀତିର ପଞ୍ଚମ ବାର୍ଷିକୀରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ମଧ ପଠନ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲ ଶିକ୍ଷା ସାକ୍ଷରତା ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ



ପ୍ରାୟ ୪,୦୦୦ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପର ଅନାବରଣ କରିଥିଲେ । ଏହି ପ୍ରକଳ୍ପରେ ଶିକ୍ଷା କ୍ଷେତ୍ରରେ ନୂଆ ଉପକ୍ରମ, ପଦକ୍ଷେପ, ନୂଆ କ୍ୟାମ୍ପସର ଉଦଘାଟନ ସହ ଅନେକ ପ୍ରକଳ୍ପର ଶିଳାନ୍ୟାସ ଅନ୍ତର୍ଭୁକ୍ତ ।

ଏହି ଅବସରରେ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତି ୨୦୨୦ର ପାଞ୍ଚ ବର୍ଷ ସଫଳ ସମାପନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ ଯେ ଜାତୀୟ ଶିକ୍ଷା ନୀତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିବର୍ତ୍ତନକାରୀ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି । ଭାରତର ଅଭିବୃଦ୍ଧିରେ ଶିକ୍ଷାର ବଡ଼ ଭୂମିକା ରହିବ ବୋଲି ପ୍ରଧାନମନ୍ତ୍ରୀଙ୍କ ମନରେ ରହିଛି । ଦେଶ "ବିକଶିତ ଭାରତ ୨୦୪୭" ର କଳ୍ପନା ଆଡକୁ ଅଗ୍ରସର ହେଉଥିବା ବେଳେ ଜାତୀୟ ଶିକ୍ଷା ନୀତି ଏହାକୁ ଆଗେଇ ନେବା ଦିଗରେ ଏକ ଜାତୀୟ ମିଶନ ଭାବରେ କାର୍ଯ୍ୟ କରିବ । ବିଗତ ପାଞ୍ଚ ବର୍ଷ ମଧରେ ସରକାର ଜାତୀୟ ଶିକ୍ଷା ନୀତିକୁ ପଲିସିରୁ ପ୍ରାକ୍ଟିସକୁ ନେବାରେ ସଫଳ ହୋଇଛନ୍ତି । ଏହି ନୀତି ଶିକ୍ଷା ବ୍ୟବସ୍ଥାରେ ଏକ ଅନୁକରଣୀୟ ପରିବର୍ତ୍ତନ ଆଣିବା ସହ ଶ୍ରେଣୀଗୃହ, କ୍ୟାମ୍ପସ ଏବଂ ସମୁଦାୟ ପର୍ଯ୍ୟନ୍ତ ପହଞ୍ଚିଛି । ଶ୍ରୀ ପ୍ରଧାନ ଉଲ୍ଲେଖ କରିଥିଲେ ଯେ ଜାତୀୟ ଶିକ୍ଷା ନୀତିର ମୂଳରେ ଭାରତୀୟ ବିଚାରଧାରା ରହିଛି । ବୈଜ୍ଞାନିକ ଶିକ୍ଷା, ନବସୃଜନ, ଗବେଷଣା, ଭାରତୀୟ ଜ୍ଞାନ ପ୍ରଣାଳୀ ଏବଂ ଭାରତୀୟ ଭାଷା ଉପରେ ଶିକ୍ଷା ନୀତି ବିଶେଷ ଧ୍ୟାନ ଦେବା ସହ ଶିକ୍ଷା ମାଧ୍ୟମରେ ରାଷ୍ଟ୍ର ନିର୍ମାଣର ବ୍ୟାପକ ଲକ୍ଷ୍ୟ ରଖିଛି ।ପ୍ରତ୍ୟେକ ଶ୍ରେଣୀଗୃହରେ ଏକ ଅର୍ଥପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବା ଉପରେ ଦୃଷ୍ଟି ଦେବା ସହ ପ୍ରତ୍ୟେକ ପିଲାର ସାମର୍ଥ୍ୟକୁ ପ୍ରସ୍ଫୁଟିତ ସୁନିଶ୍ଚିତ କରିବା ପାଇଁ ଶ୍ରୀ ପ୍ରଧାନ ସେ ସମସ୍ତ ଅଂଶୀଦାରଙ୍କୁ ସକ୍ରିୟ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ ।

ଶ୍ରୀ ପ୍ରଧାନ କହିଥିଲେ ଅଖିଳ ଭାରତୀୟ ଶିକ୍ଷା ସମାଗମ କେବଳ ଏକ ସମ୍ମିଳନୀ ନୁହେଁ ବରଂ ଏକ ବିକଶିତ ଭାରତ ନିର୍ମାଣ ପାଇଁ ଜାତୀୟ ସଂକଳ୍ପର ଏକ ସାମୂହିକ ଅଭିବ୍ୟକ୍ତି । ସେ ସମସ୍ତଙ୍କୁ ଜାତୀୟ ଶିକ୍ଷା ନୀତିର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ମନର ସହ ପ୍ରତିବଦ୍ଧ ହେବାକୁ ଆହ୍ୱାନ କରିଥିଲେ । କ୍ଲାସରୁମରୁ କ୍ରିଏଟିଭିଟି ଏବଂ ଶିକ୍ଷାରୁ ରାଷ୍ଟ୍ର ନିର୍ମାଣ ଆଡ଼କୁ ଯିବା ଦିଗରେ କାର୍ଯ୍ୟ କରିବା ପାଇଁ ସେ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀ, ଡକ୍ଟର ସୁକାନ୍ତ ମଜୁମଦାର, ୧୩ଟି ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳର ଶିକ୍ଷା ମନ୍ତ୍ରୀମାନେ ଯୋଗ ଦେଇଥିଲେ । ଉଚ୍ଚଶିକ୍ଷା ବିଭାଗ ସଚିବ, ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ସଚିବ, ପ୍ରମୁଖ ଶିକ୍ଷାବିତ୍, ସିବିଏସଇ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ସଂଗଠନର ଆଞ୍ଚଳିକ ଅଧିକାରୀ, ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର କୁଳପତି, ନିର୍ଦ୍ଦେଶକ, ମୁଖ୍ୟ, ଅନ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ରାଜ୍ୟ ଶିକ୍ଷା ସଚିବ, ସମଗ୍ର ଶିକ୍ଷାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଏସସିଇଆରଟିର ନିର୍ଦ୍ଦେଶକ, ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ଏବଂ ସ୍କୁଲ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

### ବିଏମ୍‌ସି କମିଶନର ଭାବେ ଦାୟିତ୍ୱ ନେଲେ ଚଞ୍ଚଳ ରାଣା

# ନାଗରିକଙ୍କ ସେବା ହେଉଛି ମୂଳ ଲକ୍ଷ୍ୟ

ଭୁବନେଶ୍ୱର(ସବ୍ୟୁ): ନୂଆ ବିଏମସି କମିଶନର ଚଞ୍ଚଳ ରାଣା ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ୧୭ ତମ ବିଏମସି କମିଶନର ଭାବେ ଦାୟିତ୍ୱ ନେଇଛନ୍ତି ଶ୍ରୀ ରାଣା । ବିଏମସିର ଭାରପ୍ରାପ୍ତ କମିଶନର ରତ୍ନାକର ସାହୁ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପରେ ସେ କାର୍ଯ୍ୟ ଆରମ୍ଭ କରିଛନ୍ତି ।

ଯୋଗ ଦେବାର କିଛି ସମୟ ପରେ ସେ ବିଏମସିର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଂଜୁଲତା କହଁରଙ୍କ ସମେତ ଷ୍ଟାଣ୍ଡିଂ କମିଟିର ଅଧକ୍ଷ, ଅଧକ୍ଷା ଓ କର୍ପୋରେଟରମାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଥିଲେ । ବିଏମସିର ବିକାଶମୂଳକ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇ ସମସ୍ତେ ନବ ନିଯୁକ୍ତ କମିଶନରଙ୍କୁ ସ୍ୱାଗତ ଜଣାଇଥିଲେ । ପରେ ସେ ଏକ ଭିଡିଓ କନଫରେନ୍ସିରେ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଉଷା ପାଢୀଙ୍କ ସହ ଆଲୋନଚା କରିଥିଲେ ।

ଏହି ଅବସରରେ ଶ୍ରୀ ରାଣା କହିଛନ୍ତି, ବିଚାରାଧୀନ କାର୍ଯ୍ୟ ଏବଂ ଅଭିଯୋଗ ସମାଧାନର ଅଗ୍ରଗତି ବିଷୟରେ ସେବା ପ୍ରଦାନକାରୀ ସଂସ୍ଥା, ନାଗରିକ ଫୋରମ୍, ଜନ ପ୍ରତିନିଧି, କର୍ପୋରେଟର ଏବଂ ପରିଚାଳନା ଅଧିକାରୀମାନଙ୍କ ସହଯୋଗରେ



ମିଳିତ ପ୍ରୟାସ କରାଯିବ । ନାଗରିକମାନଙ୍କ ଆକାଂକ୍ଷାକୁ ପୂରଣ କରିବା ଏବଂ ଏକ ସ୍ୱଚ୍ଛ ତଥା ସବୁଜ ରାଜଧାନୀ ସହ ବିଏମ୍‌ସି ସମସ୍ତ ବର୍ଗର ଲୋକଙ୍କ ସହ ମିଶି ସେମାନଙ୍କ କଲ୍ୟାଣ ସୁନିଶ୍ଚିତ କରିବ । ବିଭିନ୍ନ ଜରିଆରେ ଗ୍ରହଣ କରାଯାଉଥିବା ଅଭିଯୋଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା କରାଯିବ । ଲୋକମାନଙ୍କର ସମସ୍ୟାକୁ ପ୍ରାଥମିକତା ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜନସାଧାରଣଙ୍କର କଲ୍ୟାଣ ଓ ବିକାଶ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀଙ୍କର ମୁଖ୍ୟ ଲକ୍ଷ୍ୟ ହେବା ଦରକାର । କାରଣ ନାଗରିକମାନେ ହେଉଛନ୍ତି ମୂଳ ଓ ସେହିମାନଙ୍କ ପାଇଁ ଆମେ କାର୍ଯ୍ୟ କରୁଛେ । ଅପରପକ୍ଷେ ନାଗରିକମାନେ ସହଯୋଗ କରିବା ଆବଶ୍ୟକ ବୋଲି ସେ କହିଛନ୍ତି ।

ବିଏମ୍‌ସି ରାଜ୍ୟର ସର୍ବବୃହତ ସ୍ୱାୟତ୍ତ ଶାସନ ସଂସ୍ଥା ହୋଇଥିବାରୁ ଏହାର ପରିସରକୁ ବିସ୍ତାର କରିବା ଏବଂ ଭୁବନେଶ୍ୱରକୁ ଅଧିକ ନାଗରିକ କୈନ୍ଦ୍ରିକ କରିବା ପାଇଁ ସରକାରଙ୍କର ବିଭିନ୍ନ ଯୋଜନା ରହିଛି । ନାଗରିକମାନଙ୍କ ସହଯୋଗ, ସଫେଇ କର୍ମୀ ଓ କର୍ମଚାରୀଙ୍କ ଉଦ୍ୟମକୁ ପ୍ରଶଂଶା କରି ସେ କହିଥିଲେ ଯେ, ସେହିମାନଙ୍କ କଠୋର ପରିଶ୍ରମ ପାଇଁ ଆଜି ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪ ରେ ଭୁବନେଶ୍ୱର ମହାନଗର ନିଗମ ଦେଶରେ ନବମ ସ୍ଥାନ ହାସଲ କରିଛି । ଆଗାମୀ ବର୍ଷରେ ତୁଳନାତ୍ମକ ଭାବେ ଉନ୍ନତ ସ୍ଥିତି ପାଇଁ ଆମେ ପ୍ରୟାସ କରିବୁ ବୋଲି ସେ କହିଛନ୍ତି ।

ଆଜି ସେ କାର୍ଯ୍ୟଭାର ଗ୍ରହଣ କରିବାର ପ୍ରଥମ ଦିନରେ ବିଭିନ୍ନ ଉପବିଭାଗୀୟ ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ । ବିଏମ୍‌ସି ସହ ଜଡ଼ିତ ଏଜେନ୍ସି ଏବଂ ବ୍ୟକ୍ତି ବିଶେଷ ଆଜି ନୂତନ କମିଶନରଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଛନ୍ତି ।

## ବ୍ରେନ ଟ୍ୟୁମର କ୍ଷେତ୍ରରେ ଜୀବନ ବଞ୍ଚାଇପାରେ ପ୍ରାରମ୍ଭିକ ହସ୍ତକ୍ଷେପ

ଭୁବନେଶ୍ୱର, (ସବ୍ୟୁ) : ବ୍ରେନ ଟ୍ୟୁମର ସାଧାରଣତଃ ଭୟ ଓ ଅନିଶ୍ଚିତତା ସହ ଜଡିତ ଥାଏ- କିନ୍ତୁ ସଠିକ ସମୟରେ ଚିକିତ୍ସା ଏହି ରୋଗର ପଥକୁ ନାଟକୀୟ ଭାବେ ପରିବର୍ତନ କରିପାରିବ। ଶୀଘ୍ର ହସ୍ତକ୍ଷେପ କେବଳ ବଂଚିବାର ସମ୍ଭାବନାକୁ ବୃଦ୍ଧି କରିନଥାଏ ବରଂ ମସ୍ତିଷ୍କର କାର୍ଯ୍ୟକ୍ଷମତା ଓ ଜୀବନର ମାନକୁ ସଂରକ୍ଷିତ ରଖିଥାଏ । ଏସମ୍ପର୍କରେ ଭୁବନେଶ୍ୱର କେୟାର ହସ୍ପିଟାଲ ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ ପରାମର୍ଶଦାତା ଡା.ଆମ୍ରଞ୍ଜନ ଦାଶ କହିଛନ୍ତିଯେ, ଏକ ବ୍ରେନ ଟ୍ୟୁମର କହିଲେ ମସ୍ତିଷ୍କ କିମ୍ବା ଏହା ଚାରିପାଶ୍ୱର୍ରେ କୋଷଗୁଡିକର ଅସ୍ୱଭାବିକ ବୃଦ୍ଧିକୁ ବୁଝାଏ ।

### ବିଦ୍ୟୁତ ସଂସ୍ପର୍ଶରେ ଆସି ବ୍ୟକ୍ତିଙ୍କ ମୃତ୍ୟୁ ମାମଲା

# ଅନ୍ତରୀଣ କ୍ଷତିପୂରଣ ୨ ଲକ୍ଷ ଟଙ୍କା ଦେବ ବିଦ୍ୟୁତ ବିଭାଗ: ହାଇକୋର୍ଟ

କଟକ,(ସବ୍ୟୁ): ବିଦ୍ୟୁତ୍ ତାର ଛିଡ଼ି ଚାର୍ଜ ହୋଇଯାଇଥିବା ପାଣି ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଜଣେ ବ୍ୟକ୍ତିଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ଅନ୍ତରୀଣ କ୍ଷତିପୂରଣ ପ୍ରଦାନ ଲାଗି ହାଇକୋର୍ଟ ବିଦ୍ୟୁତ୍ ବଣ୍ଟନ କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତଙ୍କ ଆଦେଶ କପି ପାଇବାର ୨ମାସ ମଧରେ ଏହି ଅର୍ଥ ପ୍ରଦାନ କରାଯିବ । ତେବେ ଯେବେଠାରୁ ଏହି ଦୁର୍ଘଟଣା ଘଟିଛି ସେବେଠାରୁ ୮% ସୁଧ ହାରରେ ସମସ୍ତ ଅର୍ଥ ପ୍ରଦାନ କରାଯିବ । ଯଦି ଧାର୍ଯ୍ୟ ସମୟ ମଧରେ ଏହି ଅର୍ଥ ପ୍ରଦାନ କରାନଯାଏ ତାହେଲେ ୧୨% ସୁଧ ହାରରେ ସମସ୍ତ ଅର୍ଥ ପ୍ରଦାନ ଲାଗି ହାଇକୋର୍ଟ କହିଛନ୍ତି ।

ଅପରପକ୍ଷରେ ୨୦୦୭ ମସିହାରେ ଆବେଦନକାରିଣୀଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲାବେଳେ ସେତେବେଳେ କ୍ଷତିପୂରଣ ବାବଦ ଅର୍ଥ ୨ଲକ୍ଷ ଟଙ୍କା ଥିଲା। ଏବେ ଏହି କ୍ଷତିପୂରଣ ରାଶି ୪ଲକ୍ଷ ଟଙ୍କାରେ ପହଞ୍ଚିଛି। ତେଣୁ ଆବେଦନକାରିଣୀ ବାକି ଅର୍ଥ ପାଇବା ଲାଗି ଉପଯୁକ୍ତ ଫୋରମ୍‌ରେ ଚାହିଁଲେ ଆବେଦନ କରିପାରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଉମାମଣୀ ନାୟକ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ଜଣାଯାଇଛି ଯେ, ବାଲେଶ୍ୱର ଜିଲ୍ଲାର ସନାତନ ନାୟକ ବଜାର ଯାଉଥିଲାବେଳେ ରାସ୍ତାରେ ଥିବା ପାଣି ସଂସ୍ପର୍ଶରେ ଆସିଥିଲେ। ସେହି ପାଣି ଇଲେଭେନ୍ କେଭି ଲାଇନ୍ ଦ୍ୱାରା ଚାର୍ଜ ହୋଇଯାଇଥିବାରୁ ସନାତନଙ୍କର ଦେହାନ୍ତ ହୋଇଥିଲା । ୨୦୦୭ ମସିହାରେ ଏହି ଦୁର୍ଘଟଣା ଘଟିଥିଲାବେଳେ କ୍ଷତିପୂରଣ ପ୍ରାର୍ଥନା କରି ଆବେଦନକାରିଣୀ ବିଦ୍ୟୁତ୍ ବଣ୍ଟନ କମ୍ପାନୀରେ ଆବେଦନ କରିଥିଲେ । କିନ୍ତୁ ବିଦ୍ୟୁତ୍ ବଣ୍ଟନ କମ୍ପାନୀ କେବଳ ୧୦ ହଜାର ଟଙ୍କା ଦେଇ ନିଜ ଦାୟିତ୍ୱ ସାରି ଦେଇଥିଲା । ଫଳରେ ଆବେଦନକାରିଣୀ ଏବଂ ତାଙ୍କର ତିନିପୁଅ ହାଇକୋର୍ଟକୁ ଆସିଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି ଅବସରରେ ଆବେଦନକାରିଣୀଙ୍କୁ ୨ଲକ୍ଷ ଟଙ୍କାର ଅନ୍ତରୀଣ କ୍ଷତିପୂରଣ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

# ନନ୍ଦନକାନନ ପାଳିଲା ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ

ବାରଙ୍ଗ ,(ସବ୍ୟୁ:ପ୍ରାଣୀଉଦ୍ୟାନ ନନ୍ଦନକାନନ ରେ ମଙ୍ଗଳବାର ଦିନ ଅନ୍ତର୍ଜାତୀୟ ବ୍ୟାଘ୍ରଦିବସ ପାଳନ କରାଯାଇଛି। ପ୍ରତିବର୍ଷ ଜୁଲାଇମାସ ୨୯ ତାରିଖରେ ବିଶ୍ୱ ବ୍ୟାଘ୍ରଦିବସ ପାଳନ କରାଯାଏ। ବାଘମାନଙ୍କ ସଂରକ୍ଷଣ ଏବଂ ବଂଶବୃଦ୍ଧି ଓ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଦିବସ ପାଳନ କରାଯାଉଛି। ନନ୍ଦନକାନନ ବାଘମାନଙ୍କ ପ୍ରଜନନରେ ଏକ ମାଇଲ ଖୁଣ୍ଟ ହାସିଲ କରିଛି। ଧଳାବାଘ, ମହାବଳବାଘ ଏବଂ ମେଲାନିଷ୍ଟିକ ବା କଳାଲୋମଯୁକ୍ତ ବାଘ ପାଇଁ ନନ୍ଦନକାନନ ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ଚିଡ଼ିଆଖାନାରେ ୩୬୦ରୁ ଊର୍ଦ୍ଧ୍ୱ ବାଘ ଜନ୍ମ ନେଇ ସାରିଛନ୍ତି। ବର୍ତ୍ତମାନ ନନ୍ଦନକାନନରେ ବାଘ ସଂଖ୍ୟା ୨୯ ରହିଛି। ସେଥିମଧ୍ୟରୁ ୬ଟି ଧଳାବାଘ (୪ଅଣ୍ଡିରା,୨ମାଈ) ୪ କଳାବାଘ (୩ଅଣ୍ଡିରା,୧ ମାଈ) ୧୯ଟି ସାଧାରଣ (୧୧ଅଣ୍ଡିରା, ୮ମାଈ) ବାଘ ଅଛନ୍ତି। ଆଜିର ଏହି ଦିବସରେ ବାଘମାନଙ୍କ ଖୁଆଡରେ ରହି ସେମାନଙ୍କ ଯନି ନେଉଥିବା କେୟାରଟେକର ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଆଖପାଖ ବିଦ୍ୟାଳୟରୁ ଆସିଥିବା କୁନିକୁନି ପିଲାଙ୍କୁ ନେଇ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସେମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।ପରେ ସ୍ଲୋଗାନ ସହ ଦସ୍ତଖତ ଅଭିଯାନ କରାଯାଇଥିଲା।

# କିମ୍ସ୍‌ରେ ୮୭ବର୍ଷ ବୟସ୍କା ମହିଳାଙ୍କ ଦୁଇ ଆଣ୍ଠୁ ପ୍ରତିରୋପଣ

ଭୁବନେଶ୍ୱର, (ସବ୍ୟୁ): କିମ୍ସ ସୁପର ସ୍ପେସିଆଲିଟି ହସ୍ପିଟାଲରେ ଜଣେ ୮୭ ବର୍ଷୀୟା ମହିଳାଙ୍କଠାରେ ଉଭୟ ଆଣ୍ଠୁର ସଫଳ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଛି। ଜଣେ ବୟସ୍କା ମହିଳାଙ୍କ ଦୁଇଟି ଆଣ୍ଠୁର ସମ୍ପୂର୍ଣ୍ଣ ସଫଳ ପ୍ରତିରୋପଣ କରାଯିବା ହେଉଛି ଓଡ଼ିଶା ଓ ପୂର୍ବ ଭାରତରେ ପ୍ରଥମ। ମହିଳା ଜଣକ ଗତ ୧୫ବର୍ଷ ଧରି ଗୁରୁତର ଆଣ୍ଠୁ ଗଣ୍ଠି ରୋଗରେ ପୀଡ଼ିତ ଥିଲେ ଏବଂ ୫ ବର୍ଷ ଧରି ଶଯ୍ୟାଶାୟୀ ଥିଲେ। ଏଥିପାଇଁ ଅସ୍ତ୍ରୋପଚାର କରିବାକୁ ଡାକ୍ତରମାନେ ପରାମର୍ଶ ଦେଇଥିଲେ ସୁଦ୍ଧା ଅସ୍ତ୍ରୋପଚାର ସଫଳ ହେବ କି ନାହିଁ କିମ୍ବା ଆହୁରି ଅକ୍ଷମ ହୋଇଯିବେ, ଏହି ଭୟରେ ସେ ଅସ୍ତ୍ରୋପଚାର ପାଇଁ ରାଜି ହେଉ ନ ଥିଲେ।

କିନ୍ତୁ ତାଙ୍କ ଅବସ୍ଥା ଅତି ଶୋଚନୀୟ ହେବାପରେ ପରିବାର ଲୋକ ତାଙ୍କୁ କିମ୍ସ ଆଣ୍ଠୁ ଗଣ୍ଠି



ପ୍ରତିରୋପଣ ବିଶେଷଜ୍ଞ ଡା ବସନ୍ତ ବେହେରାଙ୍କ ସହ ପରାମର୍ଶ କରିଥିଲେ। ମହିଳାଙ୍କର ବୟସ ଦୃଷ୍ଟିରୁ ଏବଂ ତାଙ୍କର ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ, ହାଇପୋଥାଇରଏଡ଼ିଜିମ୍ ଆଦି ସ୍ୱାସ୍ଥ୍ୟ ସମସ୍ୟାକୁ ଦେଖି ୩ମାସ ଅନ୍ତରରେ ଦୁଇଟି ପର୍ଯ୍ୟାୟରେ ଅସ୍ତ୍ରୋପଚାର କରିବା ପାଇଁ ଡା. ବେହେରା ନିଷ୍ପତ୍ତି ନେଇଥିଲେ। ଗତ ଏପ୍ରିଲ୍ ୭ରେ ଡାହଣ ଆଣ୍ଠୁ ଏବଂ ଜୁଲାଇ ୨୧ରେ ବାମ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ଅତ୍ୟାଧୁନିକ କୌଶଳ ଅବଲମ୍ବନ କରାଯାଇଥିବାରୁ ଯନ୍ତ୍ରଣା ଓ ବିପଦ କମ୍ ରହିଥିଲା। ଅସ୍ତ୍ରୋପଚାର ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ମହିଳା ଜଣକ ଯେପରି ଯନ୍ତ୍ରଣା ଅନୁଭବ ନ କରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ଅସ୍ତ୍ରୋପଚାରର ଦିନକ ପରେ ମହିଳା ଜଣକ ସାହାରା ନେଇ ଚାଲିଥିଲେ। ଶେଷ ଅସ୍ତ୍ରୋପଚାରର ମାତ୍ର ୫ଦିନ ପରେ କୌଣସି ଜଟିଳତା ନ ଥାଇ ତାଙ୍କୁ ହସ୍ପିଟାଲରୁ ଡ଼ିସ୍‌ଚାର୍ଜ କରାଯାଇଥିଲା।

## ଦକ୍ଷିଣ ଏସିଆରେ ୧,୦୦୦ରୁ ଅଧିକ ସ୍କୁଲ ସ୍ଥାପନ କରିଛି କ୍ୟାମ୍ବ୍ରିଜ

ଭୁବନେଶ୍ୱର, (ସବ୍ୟୁ) : କ୍ୟାମ୍ବ୍ରିଜ୍ ୟୁନିଭର୍ସିଟି ପ୍ରେସ୍ ଏବଂ ଆସେସମେଂଟ (କ୍ୟାମ୍ବ୍ରିଜ୍)ର ଇଂଟରନ୍ୟାସନାଲ ଏଜୁକେସନ୍ ଗ୍ରୁପ୍, ଦକ୍ଷିଣ ଏସିଆରେ ୧,୦୩୪ଟି କ୍ୟାମ୍ବ୍ରିଜ୍ ଇଂଟରନ୍ୟାସନାଲ୍ ସ୍କୁଲ୍ ସ୍ଥାପନା କରିଥିବା ଘୋଷଣା କରିଛି। ଯେଉଁଥିରୁ କେବଳ ଭାରତରେ ୮୦୦ ରୁ ଅଧିକ ସ୍କୁଲରେ କ୍ୟାମ୍ବ୍ରିଜ୍ ପ୍ରୋଗ୍ରାମ୍ ଚାଲିଛି। ଗତ ବର୍ଷ ୨୦୨୩-୨୪ ରେ ଏହି ସଂଖ୍ୟା ୮୯୪ ଥିଲା, ଯାହା ୨୦୨୪-୨୫ ରେ ୧୬% ବୃଦ୍ଧି ପାଇଁ ୧,୦୩୪ ହୋଇଛି। ନୂଆ ଯୋଗ ମଧ୍ୟରୁ ୮୧% ରୁ ଅଧିକ ଭାରତରେ ରହିଛି। ସମଗ୍ର ଦକ୍ଷିଣ ଏସିଆର ୭୫% ରୁ ଅଧିକ କ୍ୟାମ୍ବ୍ରିଜ୍ ଇଂଟରନ୍ୟାସନାଲ୍ ସ୍କୁଲ୍ ଭାରତରେ ଅବସ୍ଥିତ ଅଛି, ଏବଂ ୧୨% ବାଙ୍ଗ୍ଲାଦେଶରେ।

# ଧଉଳି, ପାଣ୍ଡରାରୁ ୫୦ରୁ ଊର୍ଦ୍ଧ୍ୱ ଘର ଉଚ୍ଛେଦ କଲା ବିଡିଏ

ଭୁବନେଶ୍ୱର(ସବ୍ୟୁ): ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ପେଟ୍ରୋଲ ପମ୍ପରୁ ନୂଆ ଗାଁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ନୂଆ ଗାଁ ରାସ୍ତାରୁ ଶିଶୁପାଳ ଇନ୍ଦିରା କଲୋନୀ ରାସ୍ତା ଯାଏଁ ନିର୍ମାଣ ପାଇଁ ଆଂଶିକ ଭାବରେ ଏହି ଉଚ୍ଛେଦ କରାଯାଇଥିଲା। ପ୍ରଥମ ଉଚ୍ଛେଦ ଅଭିଯାନ ସମୟରେ ୭ଟି ଆଜବେଷ୍ଟର୍ସ ଘର, ୬ଟି କୋଠା ନିର୍ମିତ ଦୋକାନ, ୨ଟି ସିଡ଼ି, ୧୬ଟି ହୋର୍ଡିଂ, ପ୍ରାୟ ୬୦ ଫୁଟ ଷ୍ଟିଲ୍ ରେଲିଂ, ୨୦୦ ଫୁଟର ପାଚେରୀ, ୧୨ଟି ଟିଣ ନିର୍ମିତ ଦୋକାନର ସଂପ୍ରସାରଣ ଅଂଶ, ପ୍ରାୟ ୧୫୦ ଫୁଟର ଲମ୍ବର ସଂପ୍ରସାରଣ ଗ୍ରୀଲ୍, ପ୍ରାୟ ୨୦୦ ଫୁଟର ବାଡ଼, ଗୋଟିଏ ହୋଟେଲ ଏବଂ ୧୦୦ ଫୁଟ ନର୍ସରୀ ଭାଙ୍ଗି ଦିଆଯାଇଥିଲା। ଦ୍ୱିତୀୟ ଉଚ୍ଛେଦଟି ପାଣ୍ଡରା ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ୍ ନମ୍ବର-୩୮୭୭, ୩୮୭୮, ୩୮୭୯, ୩୮୮୦, ୩୮୮୫, ୩୮୮୬ ଏବଂ ୩୯୯୯ରେ ବାକି ଥିବା ଆଉ କିଛି ବେଆଇନ ନିର୍ମାଣକୁ ଉଚ୍ଛେଦ କରିଛି ବିଡିଏ। ଆଂଶିକ ଭାବରେ ଏଠାରୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦରେ



୧୨ଟି କୋଠା ଘର, ଗୋଟିଏ ଲୁହା ଗେଟ୍, ଗୋଟିଏ ଟିଣ୍ ସେଡ୍ ଓ ୨ଟି ଆଜବେଷ୍ଟସ ଘର ଭାଙ୍ଗି ଦିଆଯାଇଥିଲା।

ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଦୁଇ ପ୍ଲାଟୁନ ରିଜର୍ଭ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଧଉଳି ଏସିପି କୃଷ୍ଣ ଚନ୍ଦ୍ର ପଲ୍ଲାଇ, ଆରଡି ବିଭାଗ ଏସ୍‌ଡିଓ ସୁବାଷ ବେହେରା, ଆରଡି ବିଭାଗ ଏଇ ରଶ୍ମିତା ନାୟକ ଓ ସାହେବ କୁମାର ସାହୁ ଉପସ୍ଥିତ ଥିବବା ବେଳେ ବିଡିଏର ୧୦ଟି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ନିୟୋଜିତ ହୋଇଥିଲେ।

# କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ କାର୍ଯ୍ୟଭାର ଗ୍ରହଣ

କଟକ,( ସବ୍ୟୁ):କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ଶ୍ରୀମତୀ ଗୁହା ପୁନମ ତାପସ କୁମାର (ଭା.ପ୍ର.ସେ.) ଆଜି ତାଙ୍କର ଅତିରିକ୍ତ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏଥି ସହିତ ସେ ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତକଳା ବିଭାଗର ଶାସନ ସଚିବ ଭାବେ ଅବସ୍ଥାପିତ ଅଛନ୍ତି। ଆଜି ପୂର୍ବାହ୍ନରେ ତାଙ୍କର ନୂତନ ଦାୟିତ୍ୱ ଗ୍ରହଣ ଅବସରରେ ଅନୁଷ୍ଠିତ ଆଲୋଚନା ବୈଠକରେ ସେ ଉପସ୍ଥିତ ସମସ୍ତ ବରିଷ୍ଠ ପଦାଧିକାରୀଙ୍କ ସଦୟ ସହଯୋଗ କାମନା କରିବା ସହିତ ସରକାରୀ କାର୍ଯ୍ୟକ୍ରମଗୁଡିକର ସଫଳ ରୂପାୟନ ଦିଗରେ



କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧିନସ୍ଥ ସମସ୍ତ ଜିଲ୍ଲା କାର୍ଯ୍ୟାଳୟ ଓ ତୃଣମୂଳସ୍ତରରେ ମଧ୍ୟ ନିୟମିତ କାର୍ଯ୍ୟ ସମୀକ୍ଷା ତଥା ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରିଛନ୍ତି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସଚିବ ଶ୍ରୀ ନିହାର ରଞ୍ଜନ ଦାଶ ପୁଷ୍ପଗୁଚ୍ଛ ସହ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ସଚିବ ଶ୍ରୀ ଦେବାଶିଷ ପଟ୍ଟନାୟକ, ଉପସଚିବ ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, କୋର୍ଟ ଅଧିକାରୀ ସ୍ନେହରଥ ମହାନ୍ତି ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍ ନେଇ ସିଂହଦ୍ୱାର ଥାନାରେ ଯୁବକ ଅଟକ

ଭୁବନେଶ୍ୱର (ସବ୍ୟୁ): ଜଣେ ଯୁବକ ଚଷମାରେ ହିଡେନ କ୍ୟାମେରା ଖଞ୍ଜି ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବା ଓ ମୋବାଇଲକୁ ମନ୍ଦିର ଭିତର ଫଟୋ ଟ୍ରାନସ୍ଫର କରିବା ସିଂହଦ୍ୱାର ଥାନା ଅଟକ ରଖି ପଚରା ଉଚୁରା କରିଛି। ଯୁବକ ଜଣକ ହେଉଛନ୍ତି ପୁରୀ ଗଜପତି ନଗରର ବୋଲି ଜଣା ପଡିଛି। ଖବର ରୁ ପ୍ରକାଶ ଯେ ଜଣେ ଯୁବକ ଆଜି ସକାଳେ ଆଖିରେ କଳା ଚଷମା ଲଗାଇ ମନ୍ଦିର ଭିତରେ ପ୍ରବେଶ କରି ଥିଲେ। ଚଷମା ଭିତରେ ସେ ହିଡେନ କ୍ୟାମେରା ଖଞ୍ଜି ଗୁପ୍ତ ଭାବେ ମନ୍ଦିର ଭିତର ଫଟୋ ସୁଟିଂ କରୁ ଥିଲେ। ସେବାୟତ ମାନଙ୍କ ର ସନ୍ଦେହ ହେବାରୁ ସେମାନେ ଯୁବକ ଙ୍କୁ ଅଟକ ରଖି ପୋଲିସ କୁ ଖବର ଦେଇ ଥିଲେ। ପୋଲିସ ଯୁବକଙ୍କୁ ଥାନାକୁ ନେଇ ପଚରା ଉଚୁରା ପରେ ଛାଡି ଦେଇ ଥିବା ଜଣା ପଡ଼ିଛି। ଅନ୍ୟପକ୍ଷରେ ସୋସିଆଲ ମିଡ଼ିଆ ପେଜରେ ଶ୍ରୀମନ୍ଦିର ଭିତର ଫଟୋ ପୋଷ୍ଟ ହେବା, ମହାପ୍ରସାଦ ଅନଲାଇନରେ ବିକ୍ରି ହେବା ଏବଂ ଚଷମାରେ ହିଡେନ କ୍ୟାମେରା ଲଗାଇ ମନ୍ଦିରକୁ ଯିବା ପ୍ରସଙ୍ଗ ରେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଏ ବାବଦରେ ଆବଶ୍ୟକୀୟ ପଦକ୍ଷେପ ମନ୍ଦିର ପ୍ରଶାସନ ନେବ। ମନ୍ଦିର ପ୍ରଶାସନକୁ ସଂପୂର୍ଣ୍ଣ ସ୍ୱାଧିନତା ଦିଆଯାଇଛି। ଯେତେ କଠୋର ପଦକ୍ଷେପ ଆବଶ୍ୟକ ମନ୍ଦିର ପ୍ରଶାସନ ନେଇପାରିବେ। ସେଥିପାଇଁ ମନ୍ଦିର ପ୍ରଶାସନକୁ ସରକାରଙ୍କ ତରଫରୁ ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ଏହା ସହ ନୀତିକାନ୍ତି ବିଳମ୍ବ ହେବା ଉପରେ ମଧ୍ୟ ମନ୍ଦିର ପ୍ରଶାସନ ତର୍ଜମା କରୁଛି। ସେ ଦିଗରେ ମଧ୍ୟ ତୁରନ୍ତ ପଦକ୍ଷେପ ନିଆଯିବ।

# ନିଶା ନିବାରଣ କେନ୍ଦ୍ରରେ ଯୁବକକୁ ହତ୍ୟା ଅଭିଯୋଗ

ପୁରୀ (ସବ୍ୟୁ): ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକକୁ ହତ୍ୟା କରା ଯାଇ ଥିବା ଅଭିଯୋଗ ହୋଇଛି। ସଂପୃକ୍ତ ନିଶା ନିବାରଣ କେନ୍ଦ୍ର ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଦାବି କରି ମଙ୍ଗଳବାର ପୂର୍ବାହ୍ନରେ ଶତାଧିକ ଲୋକ ଜିଲ୍ଲା ଏସପି ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରକାଶ ଯେ ରାଇଟ ଫ୍ୟୁଚର ନାମକ ଏକ ନିଶା ନିବାରଣ କେନ୍ଦ୍ର ରହିଛି। ପେଣ୍ଠ କୋଟା ର ଡି. ରାମମୂର୍ତ୍ତି ରେଡ୍ଡୀ ନାମକ ଜଣେ ଯୁବକ ସେଠାରେ ରହି ଚିକିତ୍ସା ହେଉ ଥିଲେ। ଆଜି ହଠାତ୍ ତାଙ୍କର ମୃତ୍ୟୁ ଘଟି ଥିଲା। ତାଙ୍କ ଦେହରେ ମାଡର ଚିହ୍ନ ରହିଛି। ପରିବାର ଲୋକ ମାନେ ନିଶା ନିବାରଣ କେନ୍ଦ୍ରର କର୍ମ ଚାରିମାନେ ରେଡିଙ୍କୁ ମାଡ଼ ମାରି ହତ୍ୟା କରା ଯାଇ ଥିବା ଅଭିଯୋଗ କରିଛନ୍ତି। ମୃତ ଯୁବକଙ୍କ ପରିବାର ଲୋକ ମାନେ ପ୍ରତିବାଦ ସ୍ୱରୂପ ପୁରୀ ଏସ୍ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରି ନିଶା ନିବାରଣ କେନ୍ଦ୍ରରେ ଯୁବକ ଡି ରାମ ମୂର୍ତ୍ତିଙ୍କୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ନିଶା ନିବାରଣ କେନ୍ଦ୍ର ବିରୁଦ୍ଧରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି।

## ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ

# ଓଡ଼ିଶା ଡାକ ପରିମଣ୍ଡଳ ଦ୍ୱାରା ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ): ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଉପଲକ୍ଷେ ଓଡ଼ିଶା ଡାକ ପରିମଣ୍ଡଳ ଦ୍ୱାରା ୨୯.୦୭.୨୦୨୫ ରେ ଏକ ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ ହୋଇଛି। ଏହି ଉନ୍ମୋଚନ ସମାରୋହ ବରିଷ୍ଠ ଡାକ ଅଧିକାରୀ/ କର୍ମଚାରୀ, ବିଶିଷ୍ଟ ଡାକ ଟିକେଟ ସଂଗ୍ରହକାରୀ ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ପିଆରସି ହଲ୍, ସିପିଏମଜି କାର୍ଯ୍ୟାଳୟ, ଓଡ଼ିଶା ପରିମଣ୍ଡଳରେ ଆୟୋଜିତ ହୋଇଥିଲା। ଏହି ସ୍ୱତନ୍ତ୍ର ଲଫାପାଟିକୁ ଓଡ଼ିଶା ପରିମଣ୍ଡଳର ମୁଖ୍ୟ ପୋଷ୍ଟ ମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ ଉନ୍ମୋଚନ କରିଥିଲେ ଏବଂ ସେ ତାଙ୍କ ଭାଷଣରେ ବାଘ ସଂରକ୍ଷଣର ଗୁରୁତ୍ୱ ଏବଂ ଏହାକୁ କିପରି ସଂରକ୍ଷଣ କରିବେ ତାହା ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ଅମିତ କୁମାର



ଝା, ଡାକ ସେବା ନିର୍ଦ୍ଦେଶକ (ମୁଖ୍ୟାଳୟ), ସିପିଏମଜି କାର୍ଯ୍ୟାଳୟ ଏବଂ ତାରିଣୀ ଚରଣ ପାଢୀ, ଭୁବନେଶ୍ୱର ଡିଭିଜନର ଏସଏସପିଓ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀମତୀ ମଧୁସ୍ମିତା ପାଢୀ, ଡାକ ସହାୟକ ନିର୍ଦ୍ଦେଶକ (ଫିଲାଟେଲି) ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସ୍ୱତନ୍ତ୍ର ଲଫାପା ଭୁବନେଶ୍ୱର, କଟକ ଏବଂ ସମ୍ବଲପୁରର ଫିଲାଟେଲିକ୍ ବ୍ୟୁରୋରେ ପ୍ରତି ଲଫାପା ପିଛା ୨୫ ଟଙ୍କା ମୂଲ୍ୟରେ ଡାକ ଟିକଟ ସଂଗ୍ରହକାରୀ ତଥା ଜଣ ସାଧାରଣଙ୍କ କ୍ରୟ ନିମନ୍ତେ ଉପଲବ୍ଧ ହେବ।

## ଶିକ୍ଷାନୁଷ୍ଠାନ ନିକଟରୁ ହଟିବ 'ପାନ ଦୋକାନ'

# ଟବାକୋ ସାମଗ୍ରୀ ବିକ୍ରି ଉପରେ କଡ଼ା କଟକଣା

କଟକ,(ସବ୍ୟୁ): କମିଶନରେଟ୍ ପୁଲିସ ଓ କଟକ ଜିଲ୍ଲା ପୁଲିସ ମିଳିତ ଭାବେ ଆଜି ଠାରୁ ଶିକ୍ଷାନୁଷ୍ଠାନ ନିକଟରୁ ପାନ ଦୋକାନ ଉଚ୍ଛେଦ ପ୍ରକ୍ରିୟା ଜୋରଦାର ଆରମ୍ଭ କରିଛନ୍ତି। ଶିକ୍ଷାନୁଷ୍ଠାନ ନିକଟରେ କୌଣସି ପ୍ରକାର ଟବାକୋଜାତୀୟ ସାମଗ୍ରୀ ବିକ୍ରି କିମ୍ବା ପ୍ରଚାର ପ୍ରସାର କରାଯାଇ ପାରିବ ନାହିଁ। ଏହାକୁ ଦୃଷ୍ଟି ରଖି କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଏବଂ ଜିଲ୍ଲା ଏସପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷାନୁଷ୍ଠାନ ଗୁଡ଼ିକ ନିକଟରୁ ପାନ ଦୋକାନ ହଟାଯିବା ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶିକ୍ଷାନୁଷ୍ଠାନ ନିକଟରେ ଥିବା ପାନ ଦୋକାନୀ ଯଦି ଟକାବୋଜାତୀୟ ସାମଗ୍ରୀ ବିକ୍ରୟ ନକରିବେ, ତେବେ ତାଙ୍କୁ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ବୋଲି କୁହାଯାଇଛି। କଟକ ସହରରେ ଆଜି ୬ଟି ଶିକ୍ଷାନୁଷ୍ଠାନ ନିକଟରେ ଚଢ଼ଉ କରାଯାଇଥିଲା। ସମଗ୍ର ଜିଲ୍ଲାରେ ଆଜି ୨୧ଟି ଦୋକାନ ଉପରେ ଚଢ଼ଉ କରାଯାଇଥିବା ବେଳେ ୧୮ଟି ଦୋକାନରୁ ମାଲ ମାଲ ଗୁଟ୍‌ଖା, ଜର୍ଦ୍ଦା, ସିଗାରେଟ୍‌କୁ ଜବତ କରାଯାଇଛି। ଏ ସମ୍ପର୍କରେ ଡିସିପି ଶ୍ରୀ ଦ୍ୟାନଦେଓ କହିଛନ୍ତି ଯେ, କୌଣସି ଶିକ୍ଷାନୁଷ୍ଠାନ ନିକଟ ବା ପାଶ୍ୱର୍ବର୍ତ୍ତି ଅଞ୍ଚଳରେ ନିଶା ସାମଗ୍ରୀ ତଥା ଟବାକୋଜାତୀୟ ସାମଗ୍ରୀ ବିକ୍ରି କରାଯାଇ ପାରିବ ନାହିଁ। କୌଣସି ବିଜ୍ଞାପନ ଏଜେନ୍ସି ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ କିମ୍ବା ଘରୋଇ ଶିକ୍ଷାନୁଷ୍ଠାନ ବାହାରେ ନିକୋଟିନ୍ ସମ୍ପର୍କିତ ପ୍ରଚାର/ପ୍ରସାର କରି ପାରିବେ ନାହିଁ। ଏହି ଡ୍ରାଇଭ୍ ଏବେ କଡାକଡି କରାଯାଇଥିବା ବେଳେ ନିୟମ ଉଲ୍ଲଙ୍ଘନ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଶ୍ରୀ ଦ୍ୟାନଦେଓ କହିଛନ୍ତି।

ସରକାରୀ ନିୟମ ଅନୁସାରେ, କୌଣସି ଶିକ୍ଷାନୁଷ୍ଠାନର ପ୍ରାଚୀର ପାଖରୁ ୧୦୦ ୟାର୍ଡ ପରିସୀମା ଭିତରେ ଟବାକୋଜାତୀୟ ସାମଗ୍ରୀ ଆଦୌ ବିକ୍ରୀ କରାଯାଇ ପାରିବ ନାହିଁ। ସେଥିପାଇଁ ସିଗାରେଟ୍ ଏବଂ ଅନ୍ୟ ଟବାକୋ ପ୍ରଡକ୍ଟ ଆଇନ(୨୦୦୩) ପ୍ରଚଳନ ହୋଇଥିଲା। ସେହି ଆଇନ ଅନୁସାରେ, ପୁଲିସ ସବ୍-ଇନସପେକ୍ଟର ବା ତା'ଠାରୁ ଅଧିକ ର୍‌ୟାଙ୍କରେ ଥିବା ଅଫିସର, ରାଜ୍ୟ ଖାଦ୍ୟ କିମ୍ବା ଡ୍ରଗ୍ସ ଆଡ୍‌ମିନିଷ୍ଟ୍ରେସନର ଅଫିସରମାନେ ଏହି ବିକ୍ରି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇପାରିବେ।

## ମହିଳା ସୁରକ୍ଷା ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସଙ୍କ

# ଦୋମୁହାଁ ନୀତି ପଦାରେ ପଡିଛି : ନିରଞ୍ଜନ

ଭୁବନେଶ୍ୱର,(ସବ୍ୟୁ): ମହିଳା ସୁରକ୍ଷାକୁ ଆଳ କରି ଗତ କିଛି ଦିନ ହେଲା ଓଡିଶା ବନ୍ଦ, ଘେରାଓ, କ୍ୟାଣ୍ଡେଲ ଶୋଭାଯାତ୍ରା ଜରିଆରେ ଉଭୟ ବିଜେଡି ଓ କଂଗ୍ରେସ ଦଳ କୁମ୍ଭୀର କାନ୍ଦଣା କାନ୍ଦିବାର ଦୃଶ୍ୟ ଓଡିଶାବାସୀ ଦେଖୁଛନ୍ତି। ଅନ୍ୟ ପଟେ ମହିଳା ଦୁଷ୍କର୍ମରେ ଅଭିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଏବଂ ବିଏମ୍‌ସି କର୍ପୋରେଟର ତଥା ବିଜେଡି ନେତା ଅମରେଶ ଜେନାଙ୍କ କ୍ଷେତ୍ରରେ ଉଭୟ ଦଳର ମୁଖିଆଙ୍କ ତୁଣ୍ଡି ବନ୍ଦ। ବାସ୍ତବରେ ମହିଳା ସୁରକ୍ଷା ପ୍ରସଙ୍ଗରେ ଉଭୟ ଦଳର ଦୋମୁହାଁ ନୀତି ପଦାରେ ପଡିଛି। ନିଜ ଅସଲ ଚିତ୍ର ଧରାପଡିବା ଭୟରେ ଅତ୍ୟନ୍ତ ନିମ୍ନସ୍ତରକୁ ଯିବା ପାଇଁ ମଧ୍ୟ ପଛାଉ ନାହାନ୍ତି ଉଭୟ ଦଳ। ଏହାର ପ୍ରତିବାଦ କରି ଆଜି ଭୁବନେଶ୍ୱର ଜିଲ୍ଲା ତରଫରୁ ମାଷ୍ଟରକ୍ୟାଂଟିନ ଛକଠାରେ ବିଜେଡି ମୁଖିଆ ନବୀନ ପଟ୍ଟନାୟକ ଏବଂ କଂଗ୍ରେସର ତଥାକଥିତ ମୁଖିଆ ରାହୁଲ ଗାନ୍ଧୀଙ୍କ କୁଶପୁତଳିକା ଦାହ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟବାସୀଙ୍କ ନିକଟରେ ଉଭୟ ଦଳର ଅସଲ ଚରିତ୍ର, ସ୍ୱଭାବ ଓ ମାନସିକତାକୁ ମନେ ପକାଇ ଦେବା ପାଇଁ ସମସ୍ତ ଜିଲ୍ଲାରେ ବ୍ୟାପକ ଓ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର କହିଛନ୍ତି। ମହିଳା ଦୁଷ୍କର୍ମ ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ଦଳ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ନିଜ ଶାସନ କାଳର ଅପକର୍ମ ଓ କୁକର୍ମକୁ ଜନମାନସରୁ ଦୁରେଇ ରଖିବା ପାଇଁ ଉଭୟ କଂଗ୍ରେସ ଏବଂ ବିଜେଡି ଦଳ ଅପପ୍ରୟାସ



ଆରମ୍ଭ କରିଦେଇଛନ୍ତି। ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଶ୍ରୀ ମିଶ୍ର କହିଛନ୍ତି। ବିଜେପି ସରକାର ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ ଓ ସମର୍ପିତ ସରକାର। ମହିଳା ସୁରକ୍ଷା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଶକ୍ତ, ତ୍ୱରିତ ଏବଂ ସଚେତନଧର୍ମୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ବର୍ତ୍ତମାନ ବିଜେପି ସରକାରର କଡା ଅଭିମୁଖ୍ୟ ଦେଖି ରାଜ୍ୟର ମାଁ ଓ ଭଉଣୀଙ୍କ ଆତ୍ମବିଶ୍ୱାସ ବଢିଛି। ରାଜ୍ୟର ମାଁ ଓ ଭଉଣୀମାନଙ୍କୁ ନ୍ୟାୟ ଓ ସମ୍ମାନ ଦେବା ପାଇଁ ବିଜେପି ସରକାର ପ୍ରତିଶୃତିବଦ୍ଧ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ବିକ୍ଷୋଭରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ସଂପାଦକ ସରୋଜ କର, ରାଜ୍ୟ ସଂପାଦିକା କସ୍ତୁରୀ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ମହିଳାମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦିକା ରଶ୍ମୀରେଖା ଦାସ, ଭୁବନେଶ୍ୱର ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁବାଷିନୀ ପୃଷ୍ଟିଙ୍କ ସମେତ ଜିଲ୍ଲା ଓ ରାଜ୍ୟର ଅନେକ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ୧୪ଲକ୍ଷ ସାଇବର ଠକେଇ, ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ଲୁଗା ବ୍ୟବସାୟୀଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ୧୪ଲକ୍ଷ ୫୫ ହଜାର ୪୫୦ଟଙ୍କା ସାଇବର ଠକମାନେ ଠକିନେଇଥିବା ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ



ହୋଇଥିଲା। ଅଭିଯୋଗ ଆଧାରରେ ସାଇବର ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ୩ଜଣ ହେଲେ ବିଜୟ କିଶୋରଭାଇ ଚାଭଡା (୨୮), ଗୋପାଳ ଭାଇ ମଞ୍ଜିଭାଇ ମାକ୍‌ୱାନା (୨୬), ଇରାପରା ରାହୁଲ ବିନୋଦଭାଇ (୩୦)। ସମସ୍ତଙ୍କ ଘର ଗୁଜରାଟ ସୁରଟ ଜିଲ୍ଲାରେ। ଏତଲାକାରୀଙ୍କର ମହିଳାଙ୍କ ପାଇଁ ଭୁବନେଶ୍ୱର ଜାଗମରା ଅଞ୍ଚଳରେ ଏକ ପୋଷାକ ଦୋକାନ ଅଛି। ସେହି ଦୋକାନ ପାଇଁ କମ୍ ଦାମ୍‌ରେ ଭଲ ପୋଷାକପତ୍ର କିଣିବା ପାଇଁ ସେ ଅନ୍‌ଲାଇନ୍‌ରେ ସର୍ଚ୍ଚ କରି ଯୋଗାଯୋଗ କରିଥିଲେ। ସାଇବର ଠକମାନେ ଏତଲାକାରୀଙ୍କ ହ୍ୱାଟସପ୍‌କୁ ବିଭିନ୍ନ ପ୍ରକାର ପୋଷାକର ନମୂନା ପଠାଇ ତାହା ମୂଲ୍ୟ ନିର୍ଦ୍ଧାରଣ କରିଥିଲେ। ଏତଲାକାରୀ ଭୁବନେଶ୍ୱର ଓ କଟକରେ ସେହିପରି ପୋଷାକ ମୂଲ୍ୟ ଡବଲ ଥିବା ଜାଣିବା ପରେ ଅନ୍‌ଲାଇନ୍‌ରେ ପୋଷାକ ମଗାଇବା ପାଇଁ ଚିନ୍ତା କରିଥିଲେ। ସାଇବର ଠକଙ୍କ ସହ ଯୋଗାଯୋଗ ହେବା ପରେ ବିଭିନ୍ନ ପର୍ଯ୍ୟାୟରେ ଏତଲାକାରୀ ଅନ୍‌ଲାଇନ୍‌ରେ ୧୪ଲକ୍ଷ ୫୫ ହଜାର ୪୫୦ଟଙ୍କା ପଠାଇଥିଲେ। ସେମାନେ ନିର୍ଦ୍ଧାରିତ ସମୟରେ ପୋଷାକ ଦେବା ତ ଦୂରର କଥା ଯୋଗାଯୋଗରେ ରହିଲେ ନାହିଁ।

ଉପାୟଶୂନ୍ୟ ହୋଇ କ୍ଷତିଗ୍ରସ୍ତ ବ୍ୟବସାୟୀ ସାଇବର ଥାନାରେ ଏତଲା କଲେ। ଏତଲା ଅନୁଯାୟୀ ଗୁଜରାଟର ସୁରଟରୁ ୩ଜଣଙ୍କୁ ଗିରଫ କରାଗଲା। ସେମାନଙ୍କ ଆକାଉଣ୍ଟକୁ ୬ଲକ୍ଷ ଟଙ୍କା ଯାଇଥିବା ବେଳେ ଅବଶିଷ୍ଟ ଟଙ୍କା ଅନ୍ୟ ଆକାଉଣ୍ଟକୁ ଯାଇଛି। କମିଶନରେଟ୍ ପୋଲିସର କହିବାନୁଯାୟୀ ସେମାନେ ଚିହ୍ନଟ ହୋଇଛନ୍ତି, ଖୁବ୍‌ଶୀଘ୍ର ଗିରଫ ହେବେ। ଗିରଫ ୩ଜଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

# ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ବିଭିନ୍ନ ପାଠ୍ୟକ୍ରମରେ ବ୍ୟବହାର କରିବାର ଆବଶ୍ୟକତା ରହିଛି: ବିଶେଷଜ୍ଞ

ଭୁବନେଶ୍ୱର, (ସବ୍ୟୁ): ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଓ ସାଇବର ସିକ୍ୟୁରିଟି ସମାଜର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଥିବା ବେଳେ ବିଭିନ୍ନ ପାଠ୍ୟକ୍ରମରେ ଏହାକୁ ବ୍ୟବହାର କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଜୁଲାଇ ୨୫ ଓ ୨୬ ତାରିଖରେ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ 'ଇନୋଭେସନ୍‌ସ୍ ଇନ୍ ଇନ୍‌ଟେଲିଜେନ୍ସ ସିଷ୍ଟମ୍ସ:



ଆଡଭାନ୍ସମେଂଟସ ଇନ୍ କମ୍ପ୍ୟୁଟିଙ୍ଗ, କମ୍ୟୁନିକେସନ୍ ଆଣ୍ଡ ସାଇବର ସିକ୍ୟୁରିଟି' (ଆଇଏସ୍‌ଏସିଥ-୨୦୨୫) ଆୟୋଜିତ ହୋଇଥିବା ବେଳେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାଉଥ କୋରିଆର ବେକ୍‌ସିଓକ୍ ବିଶ୍ୱବିଦ୍ୟାଳୟର ଇନ୍‌ଫର୍ମେସନ୍ ଆଣ୍ଡ କମ୍ୟୁନିକେସନ୍ ବିଭାଗର ପ୍ରଫେସର ଚେ ଗ୍ୟୁ ସୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସର ଆବଶ୍ୟକତା ସବୁ କ୍ଷେତ୍ରରେ ରହିଛି ଏବଂ ଏହାର ବ୍ୟବହାର ସବୁ ପାଠ୍ୟକ୍ରମର ଛାତ୍ରଛାତ୍ରୀ ଜାଣିବା ଉଚିତ୍ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧକ୍ଷତା କରିବା ସହ କ୍ୱାଂଟମ୍ ସିକ୍ୟୁରିଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ ଆଇଇଇଇ ଏସ୍‌ଏଲ୍‌ଏଟିଇର ସଦସ୍ୟ ପ୍ରଫେସର ପ୍ରମୋଦ କୁମାର ମେହେର, ଆଇଇଇଇ ଭୁବନେଶ୍ୱର ଶାଖାର ଚେୟାର ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଏବଂ ଆଇଟିଇଆରର ଡିନ୍ ପ୍ରଫେସର ପି.କେ. ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କମ୍ପ୍ୟୁଟର ସାଇନ୍‌ସେସ୍ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇଏସ୍‌ଏସିଥ-୨୦୨୫ର ପ୍ରୋଗ୍ରାମ ଚେୟାର ଡକ୍ଟର ଭାରତଜ୍ୟୋତି ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀଙ୍କ ସ୍ମୃତିସଭା



ଭଦ୍ରକ, (ସବ୍ୟୁ): ଭଦ୍ରକ କୁଆଁସ ନିବାସୀ ତଥା ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ଏକାଦଶାହ ଅବସରରେ କୁଆଁସ ଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜଣେ ସରଳ, ସଚ୍ଚୋଟ ଓ ଦକ୍ଷ ଅଧିକାରୀ ଭାବେ ପରିଚିତ ସ୍ୱର୍ଗତ ମହାପାତ୍ର ଜଣେ ସୁସାହିତ୍ୟିକ ଥିଲେ । ସେ ଓଡିଆ ଓ ଇଂରାଜୀରେ ଏକାଧିକ କବିତା ରଚନା କରିଛନ୍ତି । ତାଙ୍କ ବିୟୋଗ ଯୋଗୁଁ କୁଆଁସ ଗାଁ ଜଣେ ପ୍ରତିଭାଧର ବ୍ୟକ୍ତିଙ୍କୁ ହରାଇଲା ବୋଲି ସ୍ମୃତିଚାରଣ କରି ବହୁ ବକ୍ତା ମତବ୍ୟକ୍ତ କରିଥିଲେ । ବରିଷ୍ଠ ଶିକ୍ଷକ ରବିନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଦୈନିକ 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ବିଶିଷ୍ଟ ସମାଜସେବୀ କିଶୋର ମହାପାତ୍ର, ପ୍ରାକ୍ତନ କାଉନସିନସିଲର ପ୍ରଭାତ ମହାନ୍ତି, ପ୍ରାକ୍ତନ କାଉନସିଲର ଶୁଭଙ୍କର ମହାପାତ୍ର, ଆଶୀଷ ରାଉତ, ସଞ୍ଜିବ ଦାସ, ସୂର୍ଯ୍ୟନାରାୟଣ ମହାନ୍ତି, ଟାଉନଥାନା ଆଇଆଇସି ପ୍ରଭାଂଶୁଶେଖର ମିଶ୍ର, ଜିଆରପି ଏସ୍ଆଇ ରଘୁନାଥ ମୁଦୁଲି, ପୀତାମ୍ବର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରିବାର ପକ୍ଷରୁ ପତ୍ନୀ ସାବିତ୍ରୀ ମହାପାତ୍ର, ଏକମାତ୍ର କନ୍ୟା ତପସ୍ୱିନୀ ଗୋସ୍ୱାମୀ, ଜାମାତା ଅଶ୍ୱିନୀ ଗୋସ୍ୱାମୀ, ପୁତ୍ର ଅମରେଶ, ଅନୁଜ ଅନ୍ନଦା ମହାପାତ୍ର, ସଞ୍ଜୟ ମହାପାତ୍ର, କମଳିନୀ ମହାପାତ୍ର, ଲେଖା ମହାପାତ୍ରଙ୍କ ସହ ପୁତୁରା ଦେବାଶିଷ, ଅଭିନାଷ, ଅଭିଷେକ, ନାତୁଣୀ ଆୟାସା ମହପାତ୍ର ପ୍ରମୁଖଙ୍କ ସହ ପୁରା ପରିବାର ଓ ଆତ୍ମୀୟସ୍ୱଜନ ମାନେ ଉପସ୍ଥିତ ଥିଲେ ।

### ବିଭିନ୍ନ ମନ୍ଦିର ଚୋରି ଘଟଣାର ଗୁମର ଫିଟିଲା

## ୬ ଅଭିଯୁକ୍ତ ଗିରଫ, ମୂଲ୍ୟବାନ୍ ଚୋରି ସାମଗ୍ରୀ ଜବତ

ବାରିପଦା, (ସବ୍ୟୁ) : ମଙ୍ଗଳବାର ବାରିପଦା ସଦରଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଚ୍ଛାୟତ ଯୋଗଦେଇ ବିଭିନ୍ନ ମନ୍ଦିର ତଥା ବିଭିନ୍ନ ଚୋରି ଘଟଣାର ପର୍ଦ୍ଦାଫାସ୍ କରିବା ସହ ଏହି ଘଟଣାରେ ୬ଜଣ ଅଭିଯୁକ୍ତ ଗିରଫ ହୋଇଥିବା ନେଇ ସୂଚନା ଦେଇଥିଲେ । ପ୍ରକାଶ ଯେ, ବାରିପଦା ସହର ତଥା ଆଖପାଖ ଅଞ୍ଚଳର ବିଭିନ୍ନ ମନ୍ଦିରକୁ ଲୁଟେରା ମାନେ ଟାର୍ଗେଟ କରି ମନ୍ଦିରରୁ ବିଭିନ୍ନ ଅଳଙ୍କାର ଚୋରି କରିନେଇଥିବା ନେଇ ଥାନାରେ ଅଭିଯୋଗ ହେଉଥିଲା । ଏହାକୁ ଆଧାର କରି ମୟୂରଭଞ୍ଜ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏହି ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ବାରିପଦା ଏସଡିପିଓ ପ୍ରଭାତ ମଲ୍ଲିକ ଓ ବାରିପଦା ସଦର ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କ ନେତୃତ୍ୱରେ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଏହି ସ୍ୱତନ୍ତ୍ର ଟିମ୍ ତଦନ୍ତ କରି ବୈଶିଙ୍ଗା ଥାନା ଅଞ୍ଚଳର ଅନ୍‌ସର ଖାନ୍ (୨୨), ନାଜିମ୍ ଖାନ୍(୨୨), ଏସ.କେ ସୁଲତାନ୍(୨୧), ନୁର୍ ହୁସେନ୍(୨୨), ଏସ.କେ ଆଜାଦ୍(୨୯) ଓ ବାଲେଶ୍ୱର ଟାଉନ ଥାନା ଅଞ୍ଚଳର ଏସ.କେ ଇମ୍ରାନ୍(୨୩)ଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ



ଚୋରି ହୋଇଥିବା ବିଭିନ୍ନ ମନ୍ଦିରର ସୁନାରୂପା ଅଳଙ୍କାର, ମୂଲ୍ୟବାନ୍ ବିଦ୍ୟୁତ୍ ସାମଗ୍ରୀ, ୩ଟି ମୋଟର ସାଇକେଲ୍, ନଗଦ ୨୦ହଜାର ଟଙ୍କା ଓ ୫ଟି ମୋବାଇଲ୍ ଫୋନ୍ ଆଦି ଜବତ କରାଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ, ଏହି ଅଭିଯୁକ୍ତ ମାନେ ବାରିପଦା ସହରର ୱାର୍ଡ ନମ୍ବର ୩ ଅଞ୍ଚଳର ଶନିମନ୍ଦିର, ମଞ୍ଚାବନ୍ଧା ସ୍ଥିତ ଗଣେଶ ମନ୍ଦିର, ରାସଗୋବିନ୍ଦପୁରୁ ସ୍ଥିତ ଦେବଶୋଳ ଶିବ ମନ୍ଦିର, ଉଦଳା ଅଞ୍ଚଳର ତାରିଣୀ ମନ୍ଦିର ଓ ଖୁଣ୍ଟା ଅଞ୍ଚଳର କନକ ଦୁର୍ଗା ମନ୍ଦିର ର ଚୋରି ଘଟଣାରେ ସମ୍ପୃକ୍ତ ସହ ବାଙ୍କିଶୋଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଚୋରି ଘଟଣାରେ ମଧ୍ୟ ସମ୍ପୃକ୍ତ ଥିଲେ । ଏହି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ।

## ଦିଗପହଣ୍ଡି ବିଦ୍ୟୁତ ଭିତ୍ତିଭୂମିକୁ ଉନ୍ନତ କରିଛି ଟିପିଏସ୍ଓଡିଏଲ୍

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ନେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ ଚିକିଟି ୩୩ କେଭି ଫିଡର ସହ ଦିଗପହଣ୍ଡି ପ୍ରାଇମେରୀ ସବଷ୍ଟେସନ (ପିଏସଏସ୍)କୁ ସଂଯୋଗ କରାଯାଇଛି। ଆର୍ଥିକ ବର୍ଷ ୨୦୨୪-୨୫ର କ୍ୟାପେକ୍ସ ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହି ପଦକ୍ଷେପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ ଭିତ୍ତିଭୂମି ଉନ୍ନତ ହେବା ସହ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଜୁଳି ଯୋଗାଣ ହୋଇପାରିବ। ଏହି ପ୍ରକଳ୍ପରେ ଚିକିଟି ଗ୍ରୀଡଠାରୁ ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)କୁ ଅତିରିକ୍ତ ବ୍ୟାକ ଫିଡ଼ିଂ ସପ୍ଲାଏ ଭାବେ ୧.୬ ସର୍କିଟ କିମି ଦୀର୍ଘ ୩୩ କେଭି ଲାଇନ୍ ସଂଯୋଗ କରାଯାଇଛି। ବିଦ୍ୟୁତ ବିଚ୍ଛିନ୍ନ ହେବା ସମୟରେ କିମ୍ବା ରକ୍ଷଣାବେକ୍ଷଣ କାମ ବେଳେ ଏହି ନୂତନ ଫିଡର ଲାଇନ୍ ଏକ ଭରସାଯୋଗ୍ୟ ବିକଳ୍ପ ଶକ୍ତି ଉତ୍ସ ଭାବେ କାମ କରିବ। ଏହାସହ ଏହି ପଦକ୍ଷେପରେ ତ୍ୱରିତ ତ୍ରୁଟି ଚିହ୍ନଟ ଏବଂ ଲୋଡ୍ ପରିଚାଳନା ପାଇଁ ଏକ ରିଙ୍ଗ ମେନ୍ ୟୁନିଟ (ଆରଏମୟୁ) ସ୍ଥାପନ କରାଯାଇଛି। ଏହି ଆରଏମୟୁ ସହ ଗୋଟିଏ ଇନକମିଙ୍ଗ ଏବଂ ଦୁଇଟି ଆଉଟଗୋଇଙ୍ଗ ବିଜୁଳି ଯୋଗାଣ ସଂଯୋଗ ହୋଇଛି। ଯାହାଫଳରେ ଯଦି ଗୋଟିଏ ଲାଇନରେ ବିଦ୍ୟୁତ ସରବରାହ ବ୍ୟାଘାତ ହୁଏ, ତେବେ ଆରଏମୟୁ ସାହାଯ୍ୟରେ ବ୍ୟାକଅପ୍ ଲାଇନ ଦ୍ୱାରା ବିଦ୍ୟୁତ ଯୋଗାଣ ହୋଇପାରିବ ଏବଂ ବିଦ୍ୟୁତ ବିଚ୍ଛିନ୍ନ ସମୟ ମଧ୍ୟ ହ୍ରାସ ପାଇବ। ଏହି ପଦକ୍ଷେପ ଯୋଗୁଁ ପ୍ରାୟ ୧୨,୦୦୦ ଉପଭୋକ୍ତା ଉପକୃତ ହେବେ ଏବଂ ଦିଗପହଣ୍ଡି ସହର ବାସିନ୍ଦା ଓ ବ୍ୟାବସାୟିକ ଅନୁଷ୍ଠାନଗୁଡ଼ିକ ସ୍ଥାୟୀ ବିଜୁଳି ସେବା ପାଇବେ। ଏହି ଭିତ୍ତିଭୂମି ବିକାଶ ସମ୍ପର୍କରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ବିଦ୍ୟୁତ ଭିତ୍ତିଭୂମିକୁ ଉନ୍ନତ କରିବା ଦିଗରେ ଟିପିଏସ୍ଓଡିଏଲ୍ ପ୍ରତିବଦ୍ଧ ରହିଆସିଛି। ଆମ ଉପଭୋକ୍ତାଙ୍କୁ ଉତ୍ତମ ମାନର ବିଜୁଳି ସେବା ଯୋଗାଇବା ଦିଗରେ ଏହି ପ୍ରକଳ୍ପ ସହାୟକ ହେବ। ନୂତନ ଫିଡର ଲିଙ୍କ ନେଟୱାର୍କକୁ ସୁଦୃଢ଼ କରିବା ସହ ବିଦ୍ୟୁତ ଯୋଗାଣରେ ପ୍ରତିବନ୍ଧକକୁ ଯଥେଷ୍ଟ ହ୍ରାସ କରୁଅଛି। ସମଗ୍ର ଦକ୍ଷିଣ ଓଡ଼ିଶାରେ ଏକ ସୁଦୃଢ଼, ଭରସାଯୋଗ୍ୟ ଏବଂ ଗ୍ରାହକ କୈନ୍ଦ୍ରିକ ବିଦ୍ୟୁତ ବିତରଣ ବ୍ୟବସ୍ଥା ନିର୍ମାଣ କରିବା ପାଇଁ ଟିପିଏସ୍ଓଡିଏଲ୍ ଭିତ୍ତିଭୂମି ବିକାଶ ଏବଂ ସ୍ମାର୍ଟ ଟେକ୍ନୋଲଜିରେ ନିବେଶ କରୁଅଛି।

## ଫେରାର ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଏକ ଡକାୟତି ଯୋଜନା ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ସଦର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଲାଠି ଗ୍ରାମର ଶ୍ୟାମ ସୁନ୍ଦର ଗୌଡ଼ ଓରଫ ଚେରୁ (୩୦) । ଚେରୁ ନାଁ ରେ ବିଭିନ୍ନ ଥାନାରେ ଏକାଧିକ ସଙ୍ଗୀନ ଅପରାଧିକ ମାମଲା ରହିଛି। ମାମଲା ନଂ ୨୩୫/୨୫ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ଏହି ମାମଲାରେ ମଣ୍ଟୁ ଗୌଡ଼ ଓ ରଞ୍ଜନ ନାୟକ, ରାକେଶ ପାଢ଼ୀ ଓରଫ ରକି ଓ ପାର୍ଥ ଦାସ ଓରଫ ବଜରଙ୍ଗୀ(୨୨) ଆଦି ୪ଜଣ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ବେଳେ ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୩ଟି ଗୁଳି ଓ ଗୋଟିଏ ଖଣ୍ଡା ଜବତ କରିଥିଲା। ସୂଚନାଯୋଗ୍ୟଯେ, ଗତ ମେ' ୨୨ ତାରିଖ ବିଳମ୍ବିତ ରାତିରେ କେତେକ ଅସାମାଜିକ ଯୁବକ ଏକତ୍ରୀତ ହୋଇ ଯୋଜନା କରୁଥିବା ପୋଲିସ ଖବର ପାଇଥିଲା। ସେଠାରେ ଚଢଉ କରି ୪ଜଣଙ୍କୁ କାବୁ କରିଥିଲା। ସେମାନେ ଦିଗପହଣ୍ଡି ରୋଡ଼ରେ ଥିବା ଗଙ୍ଗା ଗ୍ରାନାଇଟ ସୋ ରୁମ ନିକଟରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ପୋଲିସକୁ ଚକମା ଦେଇ ଘଟଣା ସ୍ଥଳରୁ ଫେରାର ଥିବା ଚୋରକୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରିଥିଲା। ସୋମବାର ପୋଲିସ ତାଙ୍କୁ କାବୁ କରିଥିଲା ବୋଲି କହିଛି ।

### ଡବଲ ମର୍ଡର ଘଟଣାର ପର୍ଦ୍ଦାଫାସ୍

## ମାଟିତଳୁ ସ୍ତ୍ରୀ ଓ ଶାଶୁଙ୍କ ମୃତଦେହ ଉଦ୍ଧାର



ବାରିପଦା/କୁଳିଅଣା, (ସବ୍ୟୁ) : ସ୍ତ୍ରୀ ଓ ଶାଶୁକୁ ହତ୍ୟା କରି ମାଟିରେ ପୋତି ଦେଇଥିଲା ପିଶାଚ ସ୍ୱାମୀ। କେବଳ ହତ୍ୟା ନୁହେଁ ସ୍ତ୍ରୀ ଓ ଶାଶୁକୁ ମାରିବା ପରେ ମାଟି ଖୋଳି ପୋତିବା ପରେ କଦଳୀ ଗଛ ଲଗାଇ ଦେଇଥିଲା ଅଭିଯୁକ୍ତ। ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ସରପଞ୍ଚା ନୂଆଗାଁରେ ଘଟିଛି ଏହି ବର୍ବର ଡବଲ ମର୍ଡର। ଏହି ଘଟଣାରେ କୁଳିଅଣା ଥାନା ପୁଲିସ ଅଭିଯୁକ୍ତ ସ୍ୱାମୀ ଦେବାଶିଷ ପାତ୍ରକୁ ଗିରଫ କରିଥିବା ବେଳେ ଅଧିକ ତଦନ୍ତ ଚଳାଇଛି। ଘଟଣାରୁ ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲାର କୁଳିଅଣା ଥାନା ଅଧିନ ବଡ଼ ନୂଆଗାଁ ଗ୍ରାମର ଦେବାଶିଷ ପାତ୍ର ତାଙ୍କ ସ୍ତ୍ରୀ ଓ ଶାଶୁଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛି। ପାରିବାରିକ କଳହ ପାଇଁ ଦେବାଶିଷଙ୍କ ସ୍ତ୍ରୀ ସୋନାଲି ଦଳାଇ ସ୍ୱାମୀଙ୍କୁ ଛାଡି ନିଜ ଘରେ ରହୁଥିଲେ। ଗତ ୧୨ତାରିଖରେ ସୋନାଲି ଦଳାଇ ତାଙ୍କ ମାସୁମତା ଦଳାଇଙ୍କ ସହ ସ୍ୱାମୀ ଘରକୁ ଆସିଥିଲେ। ହେଲେ ଗତ ୧୭ଦିନ ଧରି ମାଆ ଓ ଝିଅ ନିଖୋଜ ଥିବାର ଅଭିଯୋଗ କରିଥିଲେ ମୃତକ ସୋନାଲିର ପରିବାର ଲୋକ। ଦୀର୍ଘଦିନ ଧରି କୌଣସି ଖବର ନମିଳିବାରୁ ଆଜି କୁଳିଅଣା ପୁଲିସ ସାହାଯ୍ୟରେ ଅଭିଯୁକ୍ତ ଦେବାଶିଷ ଘରକୁ ଆସି ତନାଘନା ପରେ ଗୁମର ଖୋଲିଛି। ସ୍ତ୍ରୀ ଓ ଶାଶୁ ମାଆକୁ ଗତ ୧୫ତାରିଖରୁ ହତ୍ୟା କରି ମାଟି ତଳେ ପୋତି ଦେଇଥିବା ସ୍ୱୀକାର କରିଛି ଅଭିଯୁକ୍ତକୁ ପିଶାଚ ସ୍ୱାମୀ। ଅଭିଯୁକ୍ତ ସ୍ୱାମୀ ଗତ ୧୫ତାରିଖରେ ସ୍ତ୍ରୀ ଓ ଶାଶୁକୁ ପଥରରେ ଛେଚି ହତ୍ୟା କରିଥିବା ପୁଲିସ ଆଗରେ ସ୍ୱୀକାର କରିଛି। ତେବେ ହତ୍ୟା କରିବା ପରେ ଘରବାଡ଼ିରେ ଗାତ ଖୋଳି ଉଭୟଙ୍କ ମୃତଦେହକୁ ପୋତି ଦେଇଥିଲା। ଆଉ ବାଡିରେ ମାଟି ଖୋଳା ଦେଖି କାହାର ସନ୍ଦେହ ହେବ ଭାବି ସେହି ସ୍ଥାନରେ କଦଳୀ ଗଛ ଲଗାଇ ଦେଇଥିଲା ଅଭିଯୁକ୍ତ। ତେବେ ଆଜି ସବୁ ସତ ଜଣାପଡିବା ପରେ ପୁଲିସ ଗାତ ଖୋଳି ଉଭୟଙ୍କ ମୃତଦେହ ଉଦ୍ଧାର କରିଛି।

## ନାବାଳିକାଙ୍କୁ ଅସଦାଚରଣ ମାମଲା, ପୂଜାରୀଙ୍କୁ ୩ବର୍ଷ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଏକ ନାବାଳିକା ଅସଦାଚରଣ ମାମଲାର ଶୁଣାଣି ହୋଇଛି। ସ୍ୱତନ୍ତ୍ର ପୋକସ ଜଜ ପ୍ରଣତି ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତ। ସେ ହେଲେ ରମ୍ଭା ଥାନା ଅନ୍ତର୍ଗତ ଝରାକୁଆଳି ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ଦାସ (୭୨) । ସେ ଏକ ମନ୍ଦିରର ପୂଜାରୀ ବୋଲି ଜଣାପଡ଼ିଛି । କୋର୍ଟ ତାଙ୍କୁ ୩ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି। ସେହିପରି ପିଡ଼ିତା ନାବାଳିକା ଛାତ୍ରୀଙ୍କୁ ୩ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୩ ଜୁଲାଇ ୪ ତାରିଖରେ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଏକ ୧୪ ବର୍ଷ ନାବାଳିକାଙ୍କ ସ୍ୱାସ୍ଥ୍ୟ ଖରାପ ଥିବା ହେତୁ ପରିବାର ଲୋକେ ପୂଜାରୀ ପୂର୍ଣ୍ଣଚନ୍ଦ୍ରଙ୍କ ପାଖକୁ ନେଇଯାଇଥିଲେ । ସେଠାରେ ପୂର୍ଣ୍ଣଚନ୍ଦ୍ର ସମ୍ପୃକ ନାବାଳିକାକୁ ଦୁଷ୍କର୍ମ କରିଥିବା ନେଇ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇଥିଲା । ପରେ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଦୁଷ୍କର୍ମ ମାମଲା ରୁଜୁ କରି ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରକୁ ୫ ତାରିଖରେ ଗିରଫ କରିଥିଲା । ଦୀର୍ଘ ଏକ ବର୍ଷ ଜେଲରେ ରହିବା ପରେ ଅଭିଯୁକ୍ତ ୨୦୨୪ ଜୁଲାଇ ୨୩ ତାରିଖରେ ଜାମିନରେ ମୁକୁଳିଥିଲା । ମଙ୍ଗଳବାର ଉକ୍ତ ମାମଲାର ବିଚାରଣା ବେଳେ କୋର୍ଟରେ ସେ ହଜାର ହୋଇଥିଲେ । ମାମଲାର ବିଚାରଣା ବେଳେ ୧୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। କୋର୍ଟ ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ କୋର୍ଟ ଅଭିଯୁକ୍ତଙ୍କୁ ଦୁଷ୍କର୍ମ ମାମଲାରେ ବାଦ ଦେଇ ଅସଦାଚରଣ ମାମଲାରେ ଉକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## ପ୍ରସିଦ୍ଧ ମା' ତାରାତାରିଣୀ ଶକ୍ତିପୀଠ ପରିଦର୍ଶନ

ଗଞ୍ଜାମ, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ମା' ତାରା ତାରିଣୀ ଶକ୍ତି ପିଠ ପରିଦର୍ଶନ କରାଯାଇଛି । ଭାରତ ତଥା ଓଡିଶାର ମା ଆଦିଶକ୍ତିଙ୍କ ୫୧ ଶକ୍ତି ପିଠ ମଧ୍ୟରୁ ଏହି ପିଠ ଅନ୍ୟତମ । ମା' ଙ୍କ ମନ୍ଦିର ପ୍ରସାଦ ପାଇବାକୁ ବେଶୀ ଲୋକ ମାନେ ଆସିବାର ଥିଲେ ପୂଜକଙ୍କ ଫୋନ ନମ୍ବର ୯୧ ୯୫୫୬୨ ୭୭୬୦୩ ରେ ଆଗରୁ ଖବର ଦେଲେ ସ୍ୱତନ୍ତ୍ର ପୂଜା ଓ ପ୍ରସାଦର ବ୍ୟବସ୍ଥା ହୋଇପାରିବ । ବିଗତ ଦିନ ଅପେକ୍ଷା ବର୍ତ୍ତମାନର ଅବସ୍ଥା ବହୁତ ଭଲ । ମନ୍ଦିର ଆରମ୍ଭରୁ ୩୦ଟଙ୍କା ଜଣଙ୍କୁ ଟିକେଟ ଯିବା ଆସିବା ପଡିବ । ବସ୍‌ରେ ଗଲାବେଳେ ପାହାଡ଼ର ସୌନ୍ଦର୍ଯ୍ୟ ଅତି ସୁନ୍ଦର । ମା' ଙ୍କ ମନ୍ଦିର କାରୁକାର୍ଯ୍ୟ ଦେଖିବାକୁ ଆକର୍ଷଣୀୟ। ଏଠାରେ ବାହାଘର ଓ ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଆଦିଶକ୍ତି ଭବନ



କରାଯାଇଛି । ଏହାର ଫୋନ ନମ୍ବରରେ ଆଗରୁ ଯୋଗାଯୋଗ କରି ବୁକ୍ କରିପାରିବେ ।

## ଓରମାସର ନିଆରା ରାକ୍ଷୀ ଷ୍ଟଲ ଉଦ୍‌ଘାଟିତ

ବାରିପଦା, (ସବ୍ୟୁ) : ଆଗକୁ ଆସୁଛି ପାରମ୍ପରିକ ପର୍ବ ଗହ୍ମା ପୂର୍ଣ୍ଣିମା ତଥା ରକ୍ଷା ବନ୍ଧନ ଉତ୍ସବ। ତେଣୁ ରାକ୍ଷୀ ପାଇଁ ଗହଳଚହଳ ହେଲାଣି ବଜାର। ଜିଲ୍ଲାର ସଦର ମହକୁମା ବାରିପଦାରେ ଭଳିକିଭଳି ରାକ୍ଷୀ ସମ୍ଭାରରେ ସଜେଇ ହେବାରେ ଲାଗିଛି ବିଭିନ୍ନ ଷ୍ଟଲ। ଏହି ପରିପ୍ରେକ୍ଷୀରେ ଆଜି ବାରିପଦା ଷ୍ଟାଡିଅମ ଗୋଲେଇ ନିକଟସ୍ଥ ମୟୂର ଶିଳ୍ପ ଆଉଟଲେଟ ସମ୍ମୁଖରେ ଓଡିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ତରଫରୁ ନିଆରା ମନଲୋଭା ରାକ୍ଷୀର ସମ୍ଭାର ନେଇ ଉଦଘାଟିତ ହୋଇଛି ଏକ ନୂତନ ରାକ୍ଷୀ ଷ୍ଟଲ (ଭାଇଭଉଣୀ ପ୍ରେମର ସାକ୍ଷୀ, 'ଓରମାସ ରାକ୍ଷୀ)। ଆଜି ପୂର୍ବାହ୍ନରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ତାଙ୍କ କରକମଳରେ ଏହି ନିଆରା ରାକ୍ଷୀ ଷ୍ଟଲ ଟିକୁ ଉଦଘାଟନ କରିଛନ୍ତି । ଏହି ରାକ୍ଷୀ ଷ୍ଟଲଟିର ବିଶେଷତ୍ୱ ହେଲା ଏଠାରେ ସବାଇ ଘାସ, ବାଉଁଶ ଓ ଅନ୍ୟାନ୍ୟ ପ୍ରାକୃତିକ ସାମଗ୍ରୀରେ ହାତତିଆରି ମନଲୋଭା ରାକ୍ଷୀ ସୁଲଭ ମୂଲ୍ୟରେ ଜନସାଧାରଣଙ୍କ ପାଇଁ ମାତ୍ର ୪୦ଟଙ୍କାରୁ ୧୫୦ଟଙ୍କା ମଧ୍ୟରେ ଉପଲବ୍ଧ ହେବ ଏବଂ ଏହି ଷ୍ଟଲଟି ଚଳିତ ଅଗଷ୍ଟ ମାସ ୯ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ହସ୍ତ ଶିଳ୍ପକୁ ପ୍ରୋତ୍ସାହିତ କରିବା ତଥା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଗ୍ରାମୀଣ ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବାରେ ନିଜର ସହଭାଗୀତାକୁ ସୁନିଶ୍ଚିତ କରିବା ପାଇଁ ହସ୍ତକଳାରେ ପ୍ରସ୍ତୁତ ରାକ୍ଷୀ କ୍ରୟ କରିବା ପାଇଁ ଜନସାଧାରଣଙ୍କୁ ଓରମାସ ପକ୍ଷରୁ ଅନୁରୋଧ କରାଯାଉଛି । ଓରମାସର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଆଜିର କାର୍ଯ୍ୟକ୍ରମରେ ଡିପିସି ମିଶନ ଶକ୍ତି, ନିରଞ୍ଜନ ପଣ୍ଡା, ଡିପିମ ଓଡିଶା ଜୀବିକା ମିଶନ, ନବୀନ କୁମାର ସେନାପତି, ଡିସିପିଓ ମମତାମୟୀ ବିଶ୍ୱାଳ, ଓରମାସର ସମସ୍ତ ଜିଲ୍ଲା ଅଧିକାରୀ, ମୟୂରଶୀଳ୍ପ, ରବର, ଫଳ ଓ ପନିପରିବା କମ୍ପାନୀର ସମସ୍ତ କର୍ମକର୍ତ୍ତା, ଫାର୍ମର ପ୍ରଡ୍ୟୁସର କମ୍ପାନୀର କର୍ମକର୍ତ୍ତା ଏବଂ ମୟୂରଭଞ୍ଜର ବିଭିନ୍ନ ବ୍ଲକର ସ୍ୱୟଂସହାୟକ ଗୋଷ୍ଠୀର ୫୦ରୁ ଅଧିକ ସଦସ୍ୟା ଉପସ୍ଥିତ ଥିଲେ।

## କବି ସମ୍ରାଟ ମିଡ଼ିଆ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର



କୁଲାଡ଼, (ସବ୍ୟୁ): ବର୍ତ୍ତମାନ ରକ୍ତଭଣ୍ଡାରରେ ରକ୍ତର ଘୋର ଶଙ୍କଟ ଦେଖାଦେଇଛି । ଫଳରେ ବହୁତ ରକ୍ତହୀନତା ରୋଗୀ ରକ୍ତ ନପାଇ ମୃତ୍ୟୁ ମୁଖରେ ପଡୁଛନ୍ତି । ଏହି ରକ୍ତ ଅଭାବକୁ ଦୃଷ୍ଟିରେ ରଖି କବିସମ୍ରାଟ ମିଡ଼ିଆ କ୍ଲବ ପକ୍ଷରୁ ଭଞ୍ଜନଗର ଖାଲା ସାହିର ଜଗନ୍ନାଥ ରିସୋର୍ଟ ଠାରେ ଏକ ବିଶାଳ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ବହୁ ନୂତନ ରକ୍ତଦାତା ରକ୍ତଦାନ କରିଥିଲେ । କବିସମ୍ରାଟ ମିଡ଼ିଆ କ୍ଲବର ସଭାପତି ପ୍ରଦୀପ ସ୍ୱାଇଁଙ୍କ ସଂଯୋଜନାରେ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ କାର୍ଯ୍ୟକ୍ରମରେ ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା । ଏହା ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଯୁବ କଂଗ୍ରେସ ନେତା କୁଲୁ ଭୂୟାଁ, ଯୁବ ସମାଜସେବୀ ଅଯୋଧ୍ୟା ନାଥ ମହାପାତ୍ର, ସିଡିପିଓ ଲିଲିମା ପଣ୍ଡା, ଅବସରପ୍ରାପ୍ତ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥି, ଜଗନ୍ନାଥ ରିସୋର୍ଟ ମୁଖ୍ୟ କେଦାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ରକ୍ତଦାନ ଶିବିରରେ ମୋଟ୍ ୧୧୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ରକ୍ତଦାନ କାର୍ଯ୍ୟକ୍ରମରେ ବହୁ ଯୁବକ ଓ ମହିଳା ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଚିନ୍ମୟ ବେବର୍ତ୍ତା ଓ ଉପସଭାପତି ସମିର କୁମାର ମହାପାତ୍ରଙ୍କ ସହ ସମସ୍ତ କାର୍ଯ୍ୟକାରୀ ସଦସ୍ୟ ମାନେ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ଜନଶୁଣାଣିରେ ସଦର ବିଡ଼ିଓଙ୍କ ବିରୁଦ୍ଧରେ ଅଭିଯୋଗ

କଟକ, (ସ୍ୱପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ କଟକ ଜିଲ୍ଲାରେ ପ୍ରବଳ ବର୍ଷା ଓ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବା ଆଶଙ୍କାରେ ରାଜ୍ୟ ସରକାର ୨୫ ତାରିଖ ଚତୁର୍ଥ ଶନିବାର ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିବା ସହ ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ରହିବେ ବୋଲି ଘୋଷଣା କରିଥିଲେ। ଏନେଇ ମଧ୍ୟ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର କଟକ ସଦର ବିଡ଼ିଓ କାର୍ଯ୍ୟାଳୟକୁ ମେମୋ ନଂ- ୨୮୧୫/ ଜରୁରୀ ତା-୨୫.୦୭.୨୦୨୫ ଚିଠି ହୋଇଥିଲା। ଏହାସତ୍ତ୍ୱେ ମଧ୍ୟ ଏହି ନିର୍ଦ୍ଦେଶକୁ ଅବମାନନା କରି କଟକ ସଦର ବିଡ଼ିଓଙ୍କ ସମେତ କେତେକ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ କ୍ଷେତ୍ରରେ ଅନୁପସ୍ଥିତ ଥିବା ଅଭିଯୋଗ କରିଛନ୍ତି ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ। ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଲାଗିଥିବା ସିସିଟିଭି, କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀଙ୍କ ଜିପିଏସ ଫଟୋ, ଉପସ୍ଥାନ ଖାତା, ବାୟୋମେଟ୍ରିକ ଉପସ୍ଥାନ ଯାଞ୍ଚ କଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ । ଏନେଇ ଆଜି କଟକ ସଦର ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଲିଖିତ ଅଭିଯୋଗ କରିଛନ୍ତି ଜିତେନ୍ଦ୍ର। ବିଡ଼ିଓଙ୍କ କୋଣାର୍କ ଠାରେ ଦୁର୍ଘଟଣା ନହୋଇଥିଲେ ଏକଥା ମଧ୍ୟ ଲୋକଲୋଚନକୁ ଆସିନଥାନ୍ତା ବୋଲି ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ଜରୁରୀକାଳୀନ କାର୍ଯ୍ୟ ସମୟରେ ବିଡ଼ିଓ ପୁରୀ ଯିବା ଓ ଅଧିକାରୀ, କର୍ମଚାରୀ ଅନୁପସ୍ଥିତ ରହିଥିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## ବାଗ୍ମୀ ଟି.ଭି ଭାସ୍କର ରାଓଙ୍କ ପରଲୋକ

ଆସିକା, (ସବ୍ୟୁ): ଲବ୍ଧ ପ୍ରତିଷ୍ଠିତ ବକ୍ତା ତଥା ବାଗ୍ମୀ ଟି ଭି ଭାସ୍କର ରାଓ ଙ୍କ ୭୫ ବର୍ଷ ବୟସରେ ଗତକାଲି ବିଳମ୍ବିତ ରାତ୍ରିରେ ରଘୁନାଥନଗର ସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ବାସଭବନରେ ପହଞ୍ଚି ଶୋକ ବ୍ୟକ୍ତ କରିବା ସହ ପତ୍ନୀ ଓ ସାନ ଭାଇ ଟି. ଭି ମୂରଲୀଧର ରାଓଙ୍କୁ ସମବେଦନା ଜଣାଇଥିଲେ। ଆଜି ତାଙ୍କ ପ୍ରାର୍ଥିବ ଶରୀରକୁ ବୁଡ଼ ତୋଟା ଶ୍ମଶାନରେ ସତ୍କାର କରାଯାଇଥିଲା । ତାଙ୍କର ବହୁ ଲେଖା ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହେଉଥିଲା। ତାଙ୍କ ବିୟୋଗରେ ବରିଷ୍ଟ ନାଗରିକ ସଂଘର ସଭାପତି ଗଣେଶ ରଥ, ଅଜିତ କୁମାର ପଟ୍ଟନାୟକ, ଦୁର୍ଗା ପ୍ରସାଦ ପଣ୍ଡା, ବରିଷ୍ଠ ସାମ୍ବାଦିକ ମନୋଜ ମୁନୀ, ସତ୍ୟ ନାରାୟଣ ରଥ, ଗିରିଶ ତ୍ରିପାଠୀ, ସରୋଜ ଦାସ, ନରେନ୍ଦ୍ର ସାହୁ, ଡି. ବଦ୍ରିନାରାୟଣ ପାତ୍ର, ସତ୍ୟ ପ୍ରିୟ ରଥ, ମିହିର ମହାପାତ୍ରଙ୍କ ସହ ବହୁ ସାମାଜିକ ଓ ଆଧାତ୍ମିକ ସଂଗଠନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

## ଜିଲ୍ଲାର ବିଭିନ୍ନ ବିଭାଗର ସମୀକ୍ଷା କଲେ ପ୍ରମୁଖ ସଚିବ



ଛତ୍ରପୁର, (ସବ୍ୟୁ): ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ତଥା ଗଞ୍ଜାମ ଜିଲ୍ଲା ସେକ୍ରେଟାରୀ ଦାୟିତ୍ୱରେ ଶୋଭା ଶର୍ମା ଗଞ୍ଜାମ ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଆସିଛନ୍ତି । ମଙ୍ଗଳବାର ଦ୍ୱିତୀୟ ଦିନର ଅପରାହ୍ନ ରେ ସ୍ଥାନୀୟ ଗଞ୍ଜାମ ଜିଲ୍ଲାପରିଷଦ କାର୍ଯ୍ୟାଳୟର ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ବିଭିନ୍ନ ବିଭାଗର ସମୀକ୍ଷା କରିଛନ୍ତି । ଜିଲ୍ଲାରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ଗୁଡିକର ଅଗ୍ରଗତି ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ସହ ସମସ୍ତେ ଭଲ କାମ କରିବା ନିମନ୍ତେ ସେ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ, ଖାଦ୍ୟ ଓ ଯୋଗାଣ, ପାନୀୟ ଜଳ, ପରିମଳ, ଗ୍ରାମ୍ୟ ଉନ୍ନୟନ, ପଂଚାୟତରାଜ ବିଭାଗ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ବିଭାଗର ଗୋଟି ଗୋଟି କରି ସମୀକ୍ଷା କରିଥିଲେ । ସ୍କୁଲ, କଲେଜ, ହଷ୍ଟେଲ ଓ ଅଙ୍ଗନବାଡିକେନ୍ଦ୍ର ଗୁଡିକରେ ପାନୀୟ ଜଳର ସୁବ୍ୟବସ୍ଥା, ସ୍ୱଚ୍ଛ ସର୍ବେକ୍ଷଣ ସହ ବ୍ରହ୍ମପୁର ସହର ପରିମଳ, ଡ୍ରେନେଜ ଏବଂ ଅନ୍ୟାନ୍ୟ ବିଷୟରେ ପଚାରି ବୁଝିଥିଲେ । ଜିଲ୍ଲାର ସବ ଡିଭିଜନ ହସ୍ପିଟାଲ ଗୁଡିକରେ ମହାପ୍ରୟାଣ ଗାଡିର ବ୍ୟବସ୍ଥା ଅଛି କି ନାହିଁ ତାହା ପଚାରି ଥିଲେ । ଆସିକା ଓ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଆନେସ୍ଥେସିଆ ଡାକ୍ତର ନଥିବାରୁ ଅପରେସନ ହୋଇ ପାରୁନାହିଁ,ତାହାର ସମାଧାନ, ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ସିଟି ସ୍କାନ ଓ ଡିଜିଟାଲ ଏକ୍ସରା ମେସିନ ପ୍ରଦାନ କରିବା ଏବଂ ବ୍ରହ୍ମପୁର ସିଟି ମେଡିକାଲରେ ଡିଜିଟାଲ ଏକ୍ସରେ ବ୍ୟବସ୍ଥା କରିବା ଓ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅସୁବିଧା ସମ୍ପର୍କରେ ସିଡିଏମଓ ପ୍ରମୁଖ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାରେ ନିର୍ଦ୍ଧାରିତ ତାରିଖ ସୁଦ୍ଧା ରାସନ କାର୍ଡ ଇ - କେ ୱାଇସି ଶତପ୍ରତିଶତ ଶେଷ କରିବା, ପାତ୍ର ବ୍ଲକରେ ଇ - କେ ୱାଇସି କମ ଥିବାରୁ ତାହାକୁ ବୃଦ୍ଧି କରିବା ଉପରେ ଚିଫ ସିଏସଓଙ୍କୁ ପ୍ରମୁଖ ସଚିବ ପରାମର୍ଶ ଦେଇଥିଲେ । ଭତ୍ତା ପ୍ରଦାନ ନିମନ୍ତେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ବର୍ତ୍ତମାନ ସାର୍ଟିଫିକେଟ ସମସ୍ୟା ଦେଖାଯାଉଥିବାର ଏହା ଉପରେ ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ମାନଙ୍କ ସହ ଆଲୋଚନା ହୋଇଥିଲା । ସଠିକ ହିତାଧିକାରୀ ମାନେ ଭତ୍ତାରୁ ବଞ୍ଚିତ ନହେବେ ସେଥିପାଇଁ ଗୁରୁତ୍ୱ ଦିଆଯାଇଥିଲା । ଗୋପବନ୍ଧୁଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା, ଅନ୍ତୋଃଦେୟ ଗୃହ ଯୋଜନା, ସେତୁ ବନ୍ଧନ ଯୋଜନା ସମେତ ଅନ୍ୟାନ୍ୟ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଗଞ୍ଜାମ ଜିଲ୍ଲା ପରିଷଦ ର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ ବେହେରା, ବ୍ରହ୍ମପୁର ଡ଼ିଏଫଓ, ଘୁମୁସର ( ଦକ୍ଷିଣ ) ର ଡ଼ିଏଫଓଙ୍କ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଗଞ୍ଜାମ ଜିଲ୍ଲାପରିଷଦ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ଓଡ଼ିଶା ସୃଜନ ଉତ୍କର୍ଷ ସମ୍ମାନ ପ୍ରଦାନ ସମାରୋହ

ଭୁବନେଶ୍ୱର, (ସବ୍ୟୁ) : ଅଗ୍ରଣୀ ସାମାଜିକ ସଙ୍ଗଠନ ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନ ପରିସରରେ ୧୩ତମ ଓଡିଶା ସୃଜନ ଉତ୍କର୍ଷ ସମ୍ମାନ-୨୦୨୫ ପ୍ରଦାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାଜ୍ୟ ବିଜେପି ଉପସଭାପତି ଗୋଲଖ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଭାସ୍କର୍ଯ୍ୟ ଶିଳ୍ପୀ ସୁଦର୍ଶନ ସାହୁ, ଅଭିନେତ୍ରୀ ଜୟା ସ୍ୱାମୀ, ନୌସେନା କ୍ୟାପଟେନ ସଂଜୀବ କୁମାର ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ବିଜୟ ମଲ୍ଲଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ଚିକିତ୍ସାବିତ୍ ଡ଼ା. ଅଶୋକ ମହାପାତ୍ରଙ୍କୁ ଆଜୀବନ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସମ୍ବାଦର ଫିଚର ସମ୍ପାଦକ ଧୃତିକାମ ମହାନ୍ତି, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି



ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ, କ୍ରୀଡ଼ାବିତ ଦୂତୀ ଚାନ୍ଦ, ସିନେକଳା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ଦାଶ, ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାସ, ସିନେ ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ଶିକ୍ଷବିତ୍ ନିରଞ୍ଜନ ସ୍ୱାଇଁ, ଚାରୁକଳା ଶିଳ୍ପୀ କବିତା ମହାନ୍ତି, ଓଡିଶୀ ନୃତ୍ୟ ଶିଳ୍ପୀ ଗୌରୀଶଙ୍କର ଦାଶ, ନୃତ୍ୟ ନିର୍ଦ୍ଦେଶକ ଅମୀର ପତି, ସମାଜସେବୀ ଛବିଲତା ବାରିକ, ସଞ୍ଜୟ କୁମାର ଜେନା, ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ମାନସୀ ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦୁର୍ଘଟଣାକୁ ସ୍ୱାଗତ କରୁଛି ମୁକୁଳା ଟ୍ରାନ୍ସଫର୍ମର



ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନଏସି ୧ ନମ୍ବର ୱାର୍ଡ ପୁରୁଣାଗଡ ଗ୍ରାମରେ ମୁକୁଳା ହୋଇ ରହିଛି ଟ୍ରାନ୍ସଫର୍ମର। ଏଥି ପ୍ରତି ବିଦ୍ୟୁତ ବିଭାଗର କୌଣସି ପ୍ରକାର ନିଘା ନାହିଁ । କେତେ ବେଳେ କେଉଁ ଦୁର୍ଘଟଣା ଘଟିବ ତାହା ଏଡାଇ ଦିଆ ଯାଇ ନ ପାରେ । ଟ୍ରାନ୍ସଫର୍ମର ଚାରିକଡ଼ ଆବଦ୍ଧ ଓ ବଣବୋଦା ସଫା କରାଯିବା ନିୟମ ରହିଥିଲେ ହେଁ ଏଠାରେ ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଛୋଟ ଛୋଟ ପିଲା ଏବଂ ଗୃହପାଳିତ ପଶୁଙ୍କ ପାଇଁ ଏହି ପାଚେରୀ ବିହୀନ ଟ୍ରାନ୍ସଫର୍ମର ବଡ଼ ବିପଦ ସୃଷ୍ଟି କରୁଥିବା ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଛନ୍ତି । ଯଥାଶୀଘ୍ର ଏହାର ଚାରିପାଖେ ପାଚେରୀ ନିର୍ମାଣ କରି ଲୋକଙ୍କ ଜୀବନ ସୁରକ୍ଷିତ ରଖିବାକୁ ଅଞ୍ଚଳବାସୀ ବିଦ୍ୟୁତ୍ ବିଭାଗକୁ ଦାବି କରିଛନ୍ତି।

# ସହିଦ ସପ୍ତାହ ପାଳନ : ସୀମାନ୍ତରେ ମାଓ-ପୁଲିସ ଗୁଳି ବିନିମୟ

ମାଲକାନଗିରି,(ସବ୍ୟୁ): ମାଓବାଦୀଙ୍କ ସହିଦ ସପ୍ତାହର ମଙ୍ଗଳବାର ଥିଲା ଦ୍ୱିତୀୟ ଦିନ। ଏହି ସପ୍ତାହ ଉପଲକ୍ଷେ ମାଓବାଦୀମାନେ ବିଭିନ୍ନ ସ୍ଥାନରେ ପୋଷ୍ଟର ଓ ବ୍ୟାନର ମାରି ଏହି ଦିବସକୁ ପାଳନ କରିବାକୁ ଆହ୍ୱାନ କରିଥିଲେ । ସୀମାନ୍ତ ଛତିଶଗଡର ସୁକମାରେ ପୁଲିସ – ମାଓବାଦୀ ମଧ୍ୟରେ ସକାଳରୁ ହିଁ ଗୁଳି ବିନିମୟ ଆରମ୍ଭ ହୋଇଯାଇଥିଲା । ତେବେ ରହି ରହି ମାଓବାଦୀ ଗୁଳିବିନିମୟ କରୁଥିଲେ । ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅଭିଯାନ ଜାରି ରଖିଛନ୍ତି। ମଧ୍ୟାହ୍ନ ସୁଦ୍ଧା କୌଣସି ମୃତାହତର ସୂଚନା ମିଳିପାରି ନାହିଁ। ଯବାନ ଫେରିବା ପରେ ହିଁ ଠିକ ସୂଚନା ପ୍ରଦାନ କରାଯାଇପାରିବ ବୋଲି ପୁଲିସ କହିଛି। ସୀମାନ୍ତରେ ରହିଥିବା ତିନି ରାଜ୍ୟ ପକ୍ଷରୁ ସୀମାକୁ ସିଲ କରାଯିବା ସହ ହାଇଆଲର୍ଟ ଜାରି କରାଯାଇଛି। ଯବାନ କୁମ୍ବିଂ ଜୋରଦାର କରୁଛନ୍ତି। ମାଓବାଦୀ ଯେପରି କୌଣସି ଗୋଟିଏ ଗାଁରେ ବି ଏହି ଦିବସ ପାଳନ କରିବାରେ ଯେପରି ସଫଳ ନହୋଇପାରିବେ ସେନେଇ ଯବାନଙ୍କୁ ସଜାଗ କରାଯାଇଛି। ଚାରି ରାଜ୍ୟର ପୁଲିସ ମାଓବାଦୀଙ୍କ ସମସ୍ତ ଗତିବିଧି ଉପରେ ନଜର ରଖିଛି।

ମାଓବାଦୀ ସହିଦ ସପ୍ତାହରେ ହିଂସାତ୍ମକ ହୋଇପଡନ୍ତି। ତେଣୁ ସୀମାନ୍ତ ଗ୍ରାମର ଲୋକେ ଆତଙ୍କିତ ହୋଇ ପଡିଛନ୍ତି। କୌଣସି ମୁହୂର୍ତ୍ତରେ କିଛି ବି ଘଟିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ମାଓବାଦୀମାନେ ଏକତ୍ର ହେବାକୁ ଡରିଲେଣି । କାରଣ ସବୁ ସ୍ଥାନରେ ଯବାନ କୁମ୍ବିଂ କରୁଛନ୍ତି । ବିଶେଷକରି ବିଜାପୁର ଅଞ୍ଚଳରେ ମାଓବାଦୀ ଅଧିକ ସକ୍ରିୟ ରହିଛନ୍ତି।ଏଠାରେ ୧୦ ଜଣକୁ ମାଓବାଦୀ ମାନେ ହତ୍ୟା କରିସାରିଲେଣି। ତେଣୁ ପୁଲିସ ଏହି ଅଂଚଳକୁ ଅଧିକ ସମ୍ବେଦନଶୀଳ ଭାବେ ନେଇଛି । ସେହିପରି ମାଲକାନଗିରି ଜିଲ୍ଲାରେ ମାଓ ଗତିବିଧି ସେତେଟା ନଥିଲେ ମଧ୍ୟ ପୁଲିସ ପକ୍ଷରୁ ଜୋରଦାର ଅପରେସନ କରାଯାଉଛି। ସୀମାରେ ଯାଞ୍ଚ କରାଯାଉଛି। ସହିଦ ସପ୍ତାହ ସରିବାକୁ ଆଉ ୫ ଦିନ ରହିଥିବାରୁ କୌଣସି ଅଘଟଣ ଯେପରି ନହୁଏ ସେଥିପ୍ରତି ଦୃଷ୍ଟି ଦିଆଯାଉଥିବା ପୁଲିସ କହିଛି।

# ମେଡିକାଲ ଭିତରେ ବର୍ଷା ପାଣି
# ବାରଣ୍ଡାରେ ରୋଗୀସେବା

ମାଲକାନଗିରି,(ସବ୍ୟୁ) : ସ୍ୱାଭିମାନ ଅଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା । ବର୍ଷା ହେଲେ ଡାକ୍ତରଖାନା ଭିତରେ ପାହାଡ଼ିଆ ପାଣି ପଶି ଆସୁଛି । ଏପରି ସ୍ଥିତିରେ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ଏକପ୍ରକାର ଅସମ୍ଭବ ହୋଇପଡୁଛି । ପ୍ରତି ବର୍ଷ ଏ ସମସ୍ୟା ଉପୁଜୁଥିଲେ ମଧ୍ୟ ସମସ୍ୟାର ସମାଧାନ ଦିଗରେ ଧ୍ୟାନ ଦିଆଯାଉନଥିବା ଅଭିଯୋଗ ହୋଇଛି ।

ଗୋଟିଏରେ ଡାକ୍ତରଖାନା ଭିତରେ ପାଣି ଲହଡ଼ି ଭାଙ୍ଗୁଛି । ଅନ୍ୟଟିରେ ପାଣି ଛାଡ଼ିବା ପରେ କାଦୁଅ ପଚପଚ ପରିବେଶ । ପ୍ରତି ବର୍ଷାଦିନେ ଏମିତି ସ୍ଥିତି ଉପୁଜେ । ରୋଗୀ ସେବା ଦୂରରେ ଥାଉ, ଆସବାବପତ୍ର ରକ୍ଷା କରିବା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପାଇଁ ବିରାଟ ଚ୍ୟାଲେଞ୍ଜ୍ ପାଲଟେ । ଡାକ୍ତରଖାନାରେ କାଦୁଅ ପାଣି ପ୍ରବାହିତ ହେଉଥିବାରୁ ବାରଣ୍ଡାରେ ରୋଗୀସେବା ଚାଲିଛି । ମେଡିକାଲର ସରଞ୍ଜାମ ସବୁ ନଷ୍ଟ ହୋଇଯାଇଛି । ଚିତ୍ରକୋଣ୍ଡା ବୁଡ଼ି ଅଞ୍ଚଳର ଯୋଡ଼ାଆମ୍ବ, ପଣସପୁଟ, ଗାଜୁଲମାମୁଡ଼ି, ଅଣ୍ଡରାପାଲି, ଯନ୍ତ୍ରୀ ଭଳି ୫ଟି ପଞ୍ଚାୟତର ଲୋକ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି । ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ପରିଚାଳିତ ଏହି ଡାକ୍ତରଖାନାଟି ଆୟୁଷ ଡାକ୍ତରଙ୍କ ଭରସାରେ ଚାଲିଛି । ଆରୋଗ୍ୟ ମନ୍ଦିର ପରିସର ବାହାରେ ନାଳ ଓ ଗାର୍ଡ ୱାଲ୍ ନିର୍ମାଣ କାମ ଆରମ୍ଭ ହୋଇଥିବା ସହ ନୂତନ କୋଠା ଲାଗି ସରକାରଙ୍କୁ ପ୍ରସ୍ତାବ ଦେବା କଥା କହିଛନ୍ତି ସିଡିଏମ୍ଓ । ମାଲକାନଗିରି ସ୍ୱାଭିମାନ ଅଞ୍ଚଳର ବିକାଶ ଲାଗି ସରକାରଙ୍କ ସ୍ୱତନ୍ତ୍ର ଫୋକସ ରହିଥିବା କଥା ବାରମ୍ବାର କୁହାଯାଏ । ହେଲେ ଏଠାକାର ସ୍ୱାସ୍ଥ୍ୟସେବା ହିଁ ବିକାଶର ଅସଲ ଚିତ୍ର ବୟାନ କରୁଛି ।

# ସହାୟକ ଉପକରଣ ବିତରଣ ଓ ଭିନ୍ନକ୍ଷମତା ଆକଳନ ଶିବିର

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଠାରେ ସର୍ବ ଶିକ୍ଷା ଅଭିଜାନ କାର୍ଯ୍ୟାଳୟ ପକ୍ଷରୁ ଭିନ୍ନକ୍ଷମ ଶିଶୁଙ୍କୁ ସହାୟକ ଉପକରଣ ବିତରଣ ଓ ଭିନ୍ନକ୍ଷମତା ଆକଳନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ, ସମଗ୍ର ଶିକ୍ଷାର ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ହରିଶଙ୍କର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଚଳନ ବାଧିତ, ଶ୍ରବଣ ବାଧିତ, ମାନସିକ ନ୍ୟୂନତା ଓ ସ୍ୱଳ୍ପ ଦୃଷ୍ଟି ଶକ୍ତି ସମ୍ପନ୍ନ ଆଦି ଚାରୋଟି ବର୍ଗରେ ମୋଟ୍ ୧୮୬ ଜଣ ଭିନ୍ନକ୍ଷମ ଶିଶୁଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ବିଶେଷଜ୍ଞ ଡାକ୍ତର ମାନଙ୍କ ଦ୍ୱାରା କରାଯାଇଥିଲା ।

# ତରଭାର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ସାମ୍ବାଦିକ

ତରଭା,(ସବ୍ୟୁ): ତରଭା ବ୍ଲକ ସାମ୍ବାଦିକ ସଂଘର ସଦସ୍ୟ ମାନେ ସୋନପୁରର ନୂତନ ଜିଲ୍ଲାପାଳ ନୃପରାଜ ସାହୁଙ୍କୁ ଭେଟି ଅଞ୍ଚଳର ବହୁବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସୋମବାର ଜିଲ୍ଲାପାଳ ଶ୍ରୀ ସାହୁ ତରଭା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଜନ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିଲେ। ସଂଘର ସଭାପତି ଅଶୋକ ସାହୁ,ସମ୍ପାଦକ ମାନଭଞ୍ଜନ ମିଶ୍ର,କପିଳାସ ସେଠ,ଅନ୍ତର୍ଯ୍ୟାମୀ ସାହୁ,କଲ୍ୟାଣ ନାଏକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସକଙ୍କ ସମେତ ଖାଲି ପଡିଥିବା ଅନ୍ୟାନ୍ୟ ଡାକ୍ତର ପଦବୀ ପୂରଣ,ସରକାର ଯୋଗାଇ ଦେଇଥିବା ଅଲଟ୍ରାସାଉଣ୍ଡ ଯନ୍ତ୍ରକୁ କାର୍ଯ୍ୟକ୍ଷମ କରାଇବା,ତରଭା ବ୍ଲକ ଅନ୍ତର୍ଗତ ଜାମକନିରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟରେ ଖାଲି ପଡିଥିବା ଅଧ୍ୟକ୍ଷ,ଇଂରାଜୀ ଶିକ୍ଷକ ଓ କିରାଣୀ ପଦବୀ ପୂରଣ ସହ ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା, ଅଧପନ୍ତରିଆ ହୋଇପଡିଥିବା ତରଭା ନିବୃତ୍ତିକୋର ବାଇପାସ ରାସ୍ତା,ରିଂ ରୋଡ ଓ ନିବୃତ୍ତିକୋର ନୂତନ ବ୍ରିଜର ସଂଯୋଗୀ କରଣ ରାସ୍ତାକୁ ସମ୍ପୂର୍ଣ୍ଣ କରିବା ତଥା ଦେଢ଼ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇ ସାରିଥିଲେ ହେଁ ନୂତନ ବସଷ୍ଟାଣ୍ଡ ହସ୍ତାନ୍ତରିତ ହୋଇ ପାରୁନଥବାରୁ ଜନ ସାଧାରଣଙ୍କ କୌଣସି କାମରେ ଆସୁନଥିବା ସମ୍ବନ୍ଧେ ଆଲୋଚନା କରି ସମାଧାନର ପନ୍ଥା ନିର୍ଦ୍ଧାରଣ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଶ୍ରୀ ସାହୁ ସାମ୍ବାଦିକଙ୍କ ଗହଣରେ ନବନିର୍ମିତ ବସଷ୍ଟାଣ୍ଡ ,ବାଇପାସ ରାସ୍ତା ଓ ନୂତନ ପୋଲକୁ ସଂଯୋଗ କରୁଥିବା ରାସ୍ତା ପରିଦର୍ଶନ କରିଥିଲେ। ବସଷ୍ଟାଣ୍ଡରେ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସିଡିଓ ଅଶ୍ୱିନୀ ମେହେର, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ,ରାଜେନ୍ଦ୍ର ମାଝୀ,ଉପଜିଲ୍ଲାପାଳ ଡ଼.ସୌମ୍ୟସ୍ୱରୂପା ରଥ,ତହସିଲଦାର ଶ୍ୱେତାଲିନା ମାହାଣା,ବିଡ଼ିଓ ଗାଙ୍ଗରାମ ବୁଡେକ,ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ,ତରଭା ଏନଏସି ସହକାରୀ ଯନ୍ତ୍ରୀ ବିଶ୍ୱରଂଜନ ନାଏକ,କିରାଣୀ ବିଶ୍ୱରଂଜନ ମିଶ୍ର ଉପସ୍ଥିତ ଥିଲେଛଆଲୋଚନା ପରେ ଯଥାଶୀଘ୍ର ସମସ୍ୟା ସବୁର ସମାଧାନ କାରିବାକୁ ପ୍ରୟାସ କରିବି ବୋଲି ଜିଲ୍ଲାପାଳ ଶ୍ରୀ ସାହୁ କହିଥିଲେ।

# ନୂଆପଡ଼ା ଜିଲ୍ଲାପାଳ ସମ୍ମାନିତ



ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଓଡ଼ିଶାର ଅଗ୍ରଣୀ ମାସିକ ଇଂରାଜୀ ପତ୍ରିକା ଇଣ୍ଟରଭ୍ୟୁ ଟାଇମ୍ସ ପକ୍ଷରୁ ଭୁବନେଶ୍ୱର ଠାରେ ଏକ ଭବ୍ୟ ସମାବେଶରେ ସମ୍ମାନିତ କରାଯାଇଛି । ଇଣ୍ଟରଭ୍ୟୁ ଟାଇମ୍ସ ଦ୍ୱାରା ଭୁବନେଶ୍ୱରଠାରେ ଅନୁଷ୍ଠିତ ଜାତୀୟ ସିଇଓ ଗୋଲଟେବୁଲ ୨୦୨୫ରେ ବର୍ଷର ପ୍ରେରଣାଦାୟକ କଲେକ୍ଟର ଉପାଧିରେ ଜିଲ୍ଲାପାଳ ଶ୍ରୀ ଦାଶଙ୍କୁ ସମ୍ମାନିତ କରି କୁହାଯାଇଛି ଯେ , ନୂଆପଡାରେ ତାଙ୍କର ଗତିଶୀଳ ନେତୃତ୍ୱ ଏବଂ ସାର୍ବଜନୀନ ସେବା ପ୍ରତି ସମ୍ପୂର୍ଣ୍ଣ ଉତ୍ସର୍ଗ, ଅଭିନବ କାର୍ଯ୍ୟ ଦକ୍ଷତା,ଅନେକଙ୍କ ଜୀବନରେ ହସ ଫୁଟାଇଛି ଓ ଜିଲ୍ଲାରେ ପରିବର୍ତ୍ତନ ସହ ଉନ୍ନତି ଆଣିଛି। ଶାସନ ଏବଂ ସମାଜ ପ୍ରତି ସମର୍ପିତ କାର୍ଯ୍ୟ ଦକ୍ଷତା ପାଇଁ ଏହି ଜାତୀୟ ମଞ୍ଚରେ ଜିଲ୍ଲାପାଳ ଶ୍ରୀ ଦାଶଙ୍କୁ ଭବ୍ୟ ସମ୍ବର୍ଦ୍ଧନା ସହ ସମ୍ମାନୀତ କରାଯାଇଛି ।

# ଜିଏମ୍ୟୁ ବାଣିଜ୍ୟ ବିଭାଗ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ)ର ବାଣିଜ୍ୟ ବିଭାଗ ପକ୍ଷରୁ ନୂତନ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍ଓ ଅଂଶୁପ୍ରଜ୍ଞା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଓ ପ୍ରାକ୍ ବୃତ୍ତିଗତ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ବାଣିଜ୍ୟ ବିଭାଗର ସହକାରୀ ଅଧ୍ୟାପକ ଡ. ମୁକେଶ ଶର୍ମା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରଫେସର ଡ. ଶ୍ୟାମାଚରଣ ଆଚାର୍ଯ୍ୟ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସହକାରୀ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ବଳ ପାଠ୍ୟକ୍ରମ, ପରୀକ୍ଷା ପଦ୍ଧତି ଓ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ । ସ୍ନାତକୋତ୍ତର ୨ବର୍ଷର ଛାତ୍ର ଆୟୁଷ ବଢ଼େଇ, ବିଶାଳ ପଟେଲ, ସାଇକୀର୍ତ୍ତି ବାବୁ, ସମ୍ବିତ ନାଏକ ଓ ଅନୁରାଗ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସହକାରୀ ଅଧ୍ୟାପକ ସୁଭାଷ ଚନ୍ଦ୍ର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଅଧ୍ୟାପିକା ଡ. ପୂଜାବାଇ କେଓ୍ୱତ, ଅରୁଣ ଶର୍ମା, ସରୋଜା ମେହେର, ଝାନ୍ସିରାଣୀ ପରିଡା, ଅଧ୍ୟାପକ ଅମ୍ରିଶ ପ୍ରତାପ ସିଂ ଉପସ୍ଥିତ ଥିଲେ ।

# ଉତ୍କଳ ଆଲୁମିନା ପକ୍ଷରୁ ଦୁର୍ଗମ ଅଞ୍ଚଳରେ ନିରୋଗଶାଳା




ରାୟଗଡା,(ସବ୍ୟୁ): ଦୁର୍ଗମ ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ୍ ହିଣ୍ଡାଲ୍କୋର ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟର ନ୍ୟାସନାଲ ଲିମିଟେଡ (ୟୁଏଆଇଏଲ୍) ପକ୍ଷରୁ 'ନିରୋଗଶାଳା' ର ଆରମ୍ଭ କରାଯାଇଛି। ସିଏସ୍ଆର କାର୍ଯ୍ୟ ସ୍ୱରୂପ କମ୍ପାନିର ଏହି ପ୍ରୟାସ ଦୁର୍ଗମ ଗ୍ରାମ ଗୁଡ଼ିକରେ ଜନସାଧାରଣଙ୍କୁ ଉଭୟ ପ୍ରତିଷେଧକ ଏବଂ ଆରୋଗ୍ୟକାରୀ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇବା କାଶୀପୁର ବ୍ଲକର ପାଇକକୁପଖାଲ, ଅଣ୍ଡିରାକଞ୍ଚ ଏବଂ ଗୋପିନାଥପୁର ଭଳି ଦୂର ଦୂରାନ୍ତ ଗ୍ରାମରେ ସ୍ୱାସ୍ଥ୍ୟ ଡିସ୍ପେନସାରୀ ସ୍ଥାପନ ହୋଇଛି। ପ୍ରାୟ ୨୦ ହଜାର ଗ୍ରାମବାସୀ ସ୍ୱାସ୍ଥ୍ୟସେବାର ସୁଯୋଗ ନେଉଛନ୍ତି। ଏହି ଅବସରରେ ୟୁଏଆଇଏଲ୍ର ୟୁନିଟ ହେଡ୍ ରବି ମିଶ୍ର କହିଛନ୍ତି, ନିରୋଗଶାଳା ଏକ ଅତ୍ୟନ୍ତ ବାସ୍ତବ ଏବଂ ଜରୁରି ଆବଶ୍ୟକତାରୁ ସୃଷ୍ଟି ହୋଇଥିଲା। ଦୁର୍ଗମ ସ୍ଥାନ ଗୁଡ଼ିକରେ ଚିକିତ୍ସାଗତ ଜରୁରି ସ୍ଥିତି ସୃଷ୍ଟି ହେଲେ ବିନା ସହାୟତାରେ ମାଇଲ ମାଇଲ ବାଟ ଚାଲିବାକୁ ପଡ଼ିଥାଏ ।ଏଣୁ ସୁବିଧା ଅଭାବରୁ କୌଣସି ଜୀବନ ହାନି ଯେଭଳି ନହୁଏ ତାହା ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ । ପ୍ରତ୍ୟେକ ନିରୋଗଶାଳାରେ ରୋଗ ନିରୂପଣକାରୀ ସମର୍ଥନ ବ୍ୟବସ୍ଥା ଏବଂ ଆମ୍ବୁଲାନ୍ସ ସୁବିଧା ସହିତ ଓପିଡି ସୁବିଧା ରହିଛି। ପ୍ରତ୍ୟେକ କେନ୍ଦ୍ରରେ ମାସିକ ହାରାହାରି ୭୦୦ରୁ ୮୦୦ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛି। ମାଇକଞ୍ଚ ସରପଞ୍ଚ ମନ୍ତ୍ରରାମ ମାଝୀ କହିଛନ୍ତି, ମାଇକଞ୍ଚ ପଞ୍ଚାୟତର ଜନସାଧାରଣ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ସେମାନେ ଡାକ୍ତରୀ ଚିକିତ୍ସା କରାଇବାକୁ ଅସମର୍ଥ ୟୁଏଆଇଏ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ସହ ଜୀବନ ରକ୍ଷାକାରୀ ଔଷଧ ଆବଶ୍ୟକ ସମୟରେ ବିନା ମୂଲ୍ୟରେ ଯୋଗାଇ ଦେଉଛି । ଆଦିତ୍ୟ ବିର୍ଲା ଗ୍ରୁପ୍ ଓଡ଼ିଶାରେ ୫ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚୁଛି ଏବଂ ୧୨୮ଟି ଗ୍ରାମରେ ୨ ଲକ୍ଷରୁ ଅଧିକ ଲୋକଙ୍କ ଜୀବନକୁ ସ୍ପର୍ଶ କରୁଛି । ଗ୍ରୁପ୍ର ସିଏସଆର କାର୍ଯ୍ୟ ରାଜଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ଆଦିତ୍ୟ ବିର୍ଲା ସେଣ୍ଟର ଫର୍ କମ୍ୟୁନିଟି ଇନିସିଏଟିଭସ୍ ଆଣ୍ଡ ରୁରାଲ ଡେଭେଲପମେଣ୍ଟ ଅଧୀନରେ ପରିଚାଳିତ ହେଉଛି।

# ମହାନଦୀକୁ ଡେଇଁ ଜଣେ ନିଖୋଜ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର କଚେରୀ ଛକ ସ୍ଥିତ ଚାଉଁରପୁର ବ୍ରିଜ ଉପରୁ ମହାନଦୀକୁ ଡେଇଁ ଜଣେ ବ୍ୟକ୍ତି ନିଖୋଜ ହୋଇଛନ୍ତି । ଖବର ପାଇ ଟାଉନ ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଛନ୍ତି । ସମ୍ବଲପୁର ଓ ବୁର୍ଲା ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ବୋଟ୍ ଯୋଗେ ସର୍ଚ୍ଚ ଅପରେସନ୍ ଜାରି ରଖିଛନ୍ତି । ସେହିପରି ମାନେଶ୍ୱର ଅଗ୍ନିଶମ ବାହିନୀ ମହାନଦୀର ତଳମୁଣ୍ଡ ଉପରେ ନଜର ରଖିଛି । ତେବେ ନିଖୋଜ ବ୍ୟକ୍ତିଙ୍କ କୌଣସି ପରିଚୟ ମିଳିପାରିନାହିଁ । ସୂଚନାଯୋଗ୍ୟ, ଚାଉଁରପୁର ପଟୁ ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତି (୫୫) ଚାଲିଚାଲି ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ବ୍ରିଜ ଉପରକୁ ଆସିଥିଲେ । ଏହାପରେ ସେ ମହାନଦୀକୁ ଡେଇଁ ପଡିଥିଲେ । ଏହି ସମୟରେ ବାଇକ ଯୋଗେ ଯାଉଥିବା ୩ଜଣ ଯୁବକ ଏହା ଦେଖି ତୁରନ୍ତ ପୋଲିସକୁ ଖବର ଦେଇଥିଲେ । ହୀରାକୁଦ ଡ୍ୟାମର ୧୮ଟି ଗେଟ୍ ଖୋଲା ଥିବାବେଳେ ମହାନଦୀରେ ପ୍ରବଳ ଜଳ ପ୍ରବାହିତ ହେଉଛି । ବ୍ୟକ୍ତି ଜଣକ ଆତ୍ମହତ୍ୟା ପାଇଁ ଡେଇଁ ପଡିଥିବା ବେଳେ ତାଙ୍କୁ ବନ୍ୟାଜଳ ତଳମୁଣ୍ଡକୁ ଭସାଇ ନେଇଥିବା ଅନୁମାନ କରାଯାଉଛି । ସଂନ୍ଧ୍ୟା ସୁଦ୍ଧା ନିଖୋଜ ବ୍ୟକ୍ତିଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ପତ୍ତା ମଧ୍ୟ ମିଳିନାହିଁ ।

# ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠିତ

ଗୋଲାମୁଣ୍ଡା,(ସବ୍ୟୁ): ଗୋଲଲାମୁଣ୍ଡା ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ କମିଟିର ଅଧ୍ୟକ୍ଷ ହୋଇଥିବା ବେଳେ ଆବାହକ ଭାବେ ବିଡ଼ିଓ ତ୍ରିପୁରା ମହାନନ୍ଦ, ସିଡ଼ିପିଓ, ବିଇଓ ରାଜେଶ କୁମାର ନାଏକ, ଗଙ୍ଗାବିଷ୍ଣୁ ମୁଣ୍ଡ, ଜୟନ୍ତ କୁମାର ସିଂ, ରାମ ବିଳାସ ସାଗର, ସୁଶାନ୍ତ ମୁଣ୍ଡ ମନୋନୀତ ହୋଇଛନ୍ତି । ଏହି କମିଟିର କାର୍ଯ୍ୟ ହେଉଛି ବ୍ଲକର ଶିଶୁ ମାନଙ୍କର ସୁରକ୍ଷା ଉପରେ କାମ କରିବା । ଶିଶୁ ମାନେ କିପରି ନିର୍ଯାତିତ ନ ହେବେ ଓ ଅନେକ ଜାଗାରେ ଶିଶୁ ମାନଙ୍କୁ ଶ୍ରମିକ ଭାବରେ କାର୍ଯ୍ୟ କରିବାକୁ ବାଧ କରାଯାଉ ଥିବାବେଳେ ଏପରି ଶିଶୁ ମାନଙ୍କୁ ଚିହ୍ନଟ କରି ତାଙ୍କୁ ତାଙ୍କର ସୁରକ୍ଷା ପ୍ରଦାନ କରିବ । ଉକ୍ତ ଅବସରରେ ଜିଲ୍ଲାରୁ ଆସିଥିବା ଶିଶୁ ସୁରକ୍ଷା ସଦସ୍ୟା ରାଜଲକ୍ଷ୍ମୀ ଦାସ ଓ ସାଥୀ ଉପସ୍ଥିତ ଥିବା ଅଙ୍ଗନୱାଡ଼ି,ଆଶାକର୍ମୀ, ନିର୍ବାଚିତ ପ୍ରତିନିଧି, ପୋଲିସ କର୍ମଚାରୀ ମାନଙ୍କୁ ଶିଶୁ ସୁରକ୍ଷା ଦିଗରେ କିଭଳି କାର୍ଯ୍ୟ କରାଯିବ ସେ ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଏବିଡ଼ିଓ ବିଜୟ କୁମାର ନାଏକ ଓ ଗ୍ରାମ ପଂଚାୟତ ସଂପ୍ରସାରଣ ଅଧିକାରୀ ରମିତି କୁମାର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ ।

# ସମ୍ବଲପୁର ପ୍ରେସ କ୍ଲବ ପକ୍ଷରୁ ଶୋକସଭା

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ପ୍ରେସ କ୍ଲବ ଠାରେ ସାମ୍ବାଦିକ ନବୀନ ଦାଶଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ନବୀନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରି ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରେସ କ୍ଲବର ନିୟମ ମୁତାବକ ମୃତକ ପରିବାରକୁ ୫୦ହଜାର ଟଙ୍କା ସହ ସହାୟତା ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲେ । ଏଥିରେ ଦୀପକ ପଣ୍ଡା, ବ୍ୟୋମକେଶ ପଣ୍ଡା, ରାଜେଶ ବିଭାର, ଭବାନୀ ଭୋଇ, ଅମଳେନ୍ଦୁ ନାୟକ, ଗୁଣମଣି ବିଶ୍ୱାଳ, ଯୁଷ୍ମନ୍ତ ରଣା, ମାନସ ସାହୁ, ଶ୍ରବଣ ପତି, ଶଙ୍କର ବେହେରା, ମଳୟ ଭୋଇ ଓ ସତ୍ୟଜିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ ।

# ଯୌନ ନିର୍ଯାତନାମୁକ୍ତ କାର୍ଯ୍ୟସ୍ଥଳୀ ପାଇଁ ସଚେତନ କର୍ମଶାଳା




ବରଗଡ /ପଦ୍ମପୁର,(ସବ୍ୟୁ): ବରଗଡ ଜିଲ୍ଲା ପଦମପୁର ଉପଖଣ୍ଡରେ ମହୁଲପାଲି ସ୍ଥିତ ତ୍ରିରଙ୍ଗା ଅଫିସ ପରିସରରେ ଦେଶୀ ବିହନ ସୁରକ୍ଷା ମଞ୍ଚ, ଓଡିଶା ଓ ଏକ୍ସନଏଡ ମିଳିତ ପ୍ରୟାସରେ ମଙ୍ଗଳବାର ଯୌନ ନିର୍ଯାତନା ମୁକ୍ତ କାର୍ଯ୍ୟସ୍ଥଳୀ ପାଇଁ ସଚେତନ କର୍ମଶାଳା ଅନୁଷ୍ଠିତ ହୋଇଥିଲା । କର୍ମଶାଳାରେ ୩୦ ଜଣ ଗାଁରୁ ପ୍ରତିନିଧିତ୍ୱ କରୁଥିବା ସକ୍ରିୟ ମହିଳା ଚାଷୀ, ସ୍ୱେଚ୍ଛାସେବୀ ସଂଗଠନର ପୁରୁଷ ମହିଳା କର୍ମୀ, ରାଜ୍ୟ ସରକାରଙ୍କର ଗାଁ ସ୍ତରରେ କାମ କରୁଥିବା ସିଆରପି, ଏମବିକେ ମା ମାନେ ମଧ୍ୟ ଭାଗ ନେଇ ମହିଳାଙ୍କ ଉପରେ ଯୌନ ନିର୍ଯାତନା ଆଇନ ଉପରେ ସଚେତନ ସହ ପ୍ରଶିକ୍ଷଣ ଦେଇଥିଲେ । କର୍ମଶାଳାର ପ୍ରାରମ୍ଭରେ ଦେଶୀ ବିହନ ସୁରକ୍ଷା ମଞ୍ଚ, ଓଡିଶାର ମାନବ ଅଧିକାର କର୍ମୀ ଦାଶରଥି ବେହେରା କର୍ମଶାଳାର ଉଦ୍ଦେଶ୍ୟ ଓ ପୃଷ୍ଠଭୂମି ଜ୍ଞାପନ କରିବା ସହିତ ଅଣ ସଂଗଠିତ ମହିଳା ଶ୍ରମିକ କିପରି ଯୌନ ନିର୍ଯାତନା ମୁକ୍ତ କାର୍ଯ୍ୟସ୍ଥଳୀ ପାଇଁ ସଚେତନ ହେବେ ସେ ବିଷୟରେ ସମ୍ୟକ ଧାରଣ ଦେଇଥିଲେ । ତାପରେ ତାଲିମ ଦାତା ଭାବରେ ଫକିର ଚରଣ ରାଉତ କର୍ମସ୍ଥଳୀରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା ଆଇନ– ୨୦୧୩ ର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ବିଶେଷ କରି ଯୌନ ଉତ୍ପୀଡନ କହିଲେ କଣ ବୁଝିବା, ପୀଡ଼ିତ ମହିଳା କାହାକୁ କୁହାଯାଏ, ଆଇନ ଅନୁଯାୟୀ କର୍ମ ସ୍ଥଳୀ, ନିଯୁକ୍ତି ଦାତାଙ୍କ କର୍ତ୍ତବ୍ୟ, ଆଭ୍ୟନ୍ତରୀଣ କମିଟି ଗଠନ, କମିଟିର ଦାୟୀତ୍ତ୍ୱ ଓ କ୍ଷମତା, ଅଭିଯୋଗ ଦାଖଲ ପ୍ରକ୍ରିୟା, ପ୍ରତିକାର ପ୍ରଣାଳୀ ଓ ଆଗାମୀ ଦିନରେ ଗାଁ ସ୍ତରରେ କଣ କଣ ଦାୟିତ୍ୱ ରହିବ ସେ ବିଷୟରେ ସୋପାନ ଅନୁସାରେ ସମସ୍ତଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଗାଁ ଗାଁରେ ମହିଳା, ପୁରୁଷ, ଯୁବକ ଯୁବତୀ ମାନଙ୍କୁ ଆଗାମୀ ଦିନରେ ସଚେତନତା ମୂଳକ କାର୍ଯ୍ୟକ୍ରମ କରିବା ପାଇଁ ଠିକ କରିଛନ୍ତି । କାର୍ଯ୍ୟକ୍ରମକୁ ୨୭ ଗାଁରେ ଅଭିଯାନ ମାଧ୍ୟମରେ ନେବେ ବୋଲି ସ୍ଥିର କରିଛନ୍ତି ।

# ପୂର୍ବ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ରଦ୍ଦ କଲେ ଜିଲ୍ଲାପାଳ

ରାୟଗଡା,(ସବ୍ୟୁ): କାର୍ଯ୍ୟରେ ଯୋଗଦେବା ପରେ ଆକ୍ସନ ମୁଡ଼ରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି । ବଦଳି ପରେ ପୂର୍ବ ଜିଲ୍ଲାପାଳ ପାରୁଲ ପାଟଓ୍ୱାରି କରିଥିବା କିଛି ବଦଳି ନିର୍ଦ୍ଦେଶନାମା ଗୁଡ଼ିକୁ ଦାୟିତ୍ୱ ଗ୍ରହଣ କରିବାର ୬ ଘଣ୍ଟା ମଧ୍ୟରେ ରଦ୍ଦ କରିବା ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ପୂର୍ବ ଜିଲ୍ଲାପାଳ ପାରୁଲ ପଟାଓ୍ୱାରୀଙ୍କୁ ରାଜ୍ୟ ସରକାର ଗତ ୨୨ ତାରିଖରେ ବଦଳି କରିବା ପରେ ପିଛିଲା ତାରିଖ ପକାଇ ୮ଟି ବଦଳି ନିର୍ଦ୍ଦେଶନାମା ଜାରି କରିଥିଲେ। ଏଥି ମଧ୍ୟରେ ତିନୋଟି ସଂସ୍ଥା ସହ ବୁଝାମଣା ପତ୍ର ମଧ୍ୟ ସ୍ୱାକ୍ଷର କରିଥିଲେ। ବିଭିନ୍ନ ସୂତ୍ରରୁ ଜିଲ୍ଲା ପ୍ରଶାସନର କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ପାଇବା ପରେ ୬ଟି ନିର୍ଦ୍ଦେଶନାମାକୁ ଜିଲ୍ଲାପାଳ କୁଲକର୍ଣ୍ଣି ରଦ୍ଦ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଦୀର୍ଘ ୧୧ମାସ କାର୍ଯ୍ୟକାଳ ମଧ୍ୟରେ ତତ୍କାଳୀନ ଜିଲ୍ଲାପାଳ ପାରୁଲ ପଟାଓ୍ୱାରୀ ବିଭିନ୍ନ ବେନିୟମ କାର୍ଯ୍ୟ କରିବା ଅଭିଯୋଗରେ ମୋହନ ସରକାର ତାଙ୍କୁ ବଦଳି କରିଥିବା ଅଭିଯୋଗ ହୋଇଥିଲା । ଏହା ସତ୍ତ୍ୱେ ମଧ୍ୟ ସେ ପିଛିଲା ତାରିଖରେ ବିଭିନ୍ନ ରାଜସ୍ୱ ନିରୀକ୍ଷକ, ସେକ୍ସନ ଅଧିକାରୀ ବରିଷ୍ଠ କନିଷ୍ଠ ରାଜସ୍ୱ ସହାୟକଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନଙ୍କୁ ବଦଳି କରିଥିଲେ। ଏଥିରେ ବର୍ଷକ ଓ ଏକ ମାସ ମଧ୍ୟ ତିନି ତିନି ଥର ବଦଳି ହୋଇଥିବା ଯେଉଁ ସହାୟକ ମାନେ ରହିଛନ୍ତି। ଯିଏ ଯେଉଁ ସ୍ଥାନକୁ ଚାହିଁଲେ ସେହି ସ୍ଥାନକୁ ବଦଳି କରାଯିବା ନିର୍ଦ୍ଦେଶନାମା ସମସ୍ତଙ୍କୁ ଚକିତ କରିଥିଲା। ଏଥିପାଇଁ ସରକାରୀ ବେସରକାରୀ ଦଲାଲ ମାନଙ୍କ ଦ୍ୱାରା ମୋଟା ଆକାରରେ ଟଙ୍କା ଆଦାୟ ହୋଇଥିବା ନେଇ ଆଲୋଚନା ହେଉଛି। ଗତ ତିନି ଦିନ ମଧ୍ୟରେ ଜିଲ୍ଲାର ରାଜସ୍ୱ ନିରୀକ୍ଷକ, ସେକ୍ସନ ଅଧିକାରୀ, ବରିଷ୍ଠ ରାଜସ୍ୱ ସହାୟକ ଏବଂ କନିଷ୍ଠ ରାଜସ୍ୱ ସହାୟକ ମାନଙ୍କୁ ପ୍ରଶାସନିକ ଜରୁରୀକାଳୀନ ବୋଲି ଦର୍ଶାଇ ରାୟଗଡା ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟକୁ ବଦଳି କରି ଅବସ୍ଥାପିତ କରିଥିଲେ। ସୂଚନାଯୋଗ୍ୟ ନୂତନ ଜିଲ୍ଲାପାଳ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶରେ ଜିଲ୍ଲାପାଳ କାର୍ଯ୍ୟାଳୟ ଆଦେଶ ନଂ. ୧୮୫୮ ତାରିଖ ୨୨.୭.୨୦୨୫ ନଂ. ୧୯୦୪, ୧୯୦୬, ୧୯୦୮, ୧୯୧୦ ଏବଂ ୧୯୧୨ ତାରିଖ ୨୫.୦୭.୨୦୨୫ ଅନୁଯାୟୀ ବାତିଲ କରାଯାଉଛି ବୋଲି ଚିଠି ନମ୍ବର– ୧୯୨୩/୨୦୨୫.ଇଏସଟିଟି ତାରିଖ ୨୮.୦୭.୨୫ ଉଲ୍ଲେଖ କରାଯାଇଛି। ଏହା ସହିତ ଯଦି କୌଣସି କର୍ମଚାରୀଙ୍କୁ ଏହି ସମୟ ମଧ୍ୟରେ ଅବ୍ୟାହତି ଦିଆଯାଇଛି। ତେବେ ତାଙ୍କୁ ପୂର୍ବ ପଦବୀରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପଦୋନ୍ନତି କମିଟି ଅଧୀନରେ ପଦୋନ୍ନତି କ୍ଷେତ୍ରରେ ସେ ବର୍ତ୍ତମାନ ପାଇଁ ତାଙ୍କର ମୂଳ ପଦବୀରେ ରହିବେ ବୋଲି ସ୍ପଷ୍ଟ କରିଛନ୍ତି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି।

ତେବେ ତତ୍କାଳୀନ ଜିଲ୍ଲାପାଳ ପଛୁଆ ତାରିଖରେ କରିଥିବା ନଂ ୬୬୫/ ରେସ ତାରିଖ ୨୫.୦୭.୨୦୨୫ରେ ୧୯ଜଣ ପଞ୍ଚାୟତ ପିଇଓ ମାନଙ୍କୁ ବଦଳି କରାଯାଇଥିଲା । ତାହା ମଧ୍ୟ ବାତିଲ ହେବ ବୋଲି ସୂଚନା ମିଳିଛି। ଅପର ପକ୍ଷରେ ତତ୍କାଳୀନ ଜିଲ୍ଲାପାଳଙ୍କ ହାତ ବାରିସୀ ହୋଇ ବିବାଦୀୟ ହୋଇପଡିଥିବା ସର୍କିଟ ହାଉସର ନାଜିର ରାମଚନ୍ଦ୍ର ସାହୁଙ୍କୁ ଚନ୍ଦ୍ରପୁର ତହସିଲକୁ ବଦଳି କରାଯାଇଛି। ରାଜସ୍ୱ ସହାୟକ ମାନେ କିଏ କେତେ ବର୍ଷ ରହି କାମ କରୁଛନ୍ତି ସମସ୍ତଙ୍କ ତାଲିକା ପ୍ରସ୍ତୁତ କରି ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସୋମବାର ଅଫିସର ମାନଙ୍କ ସହ ବୈଠକ ପରେ ସନ୍ଧ୍ୟାରେ ରାୟଗଡା ବିଧାୟକ କାଡ୍ରାକା ଆପାଲାସ୍ୱାମି ଜିଲ୍ଲାପାଳଙ୍କୁ ଭେଟି ବିଭିନ୍ନ ସମସ୍ୟା ଓ ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ। ନୂତନ ଜିଲ୍ଲାପାଳ କୁଲକର୍ଣ୍ଣି କାର୍ଯ୍ୟରେ ଯୋଗଦେବାର ୨୪ ଘଣ୍ଟା ନପୁରୁଣୁ ସାଧାରଣ ଲୋକଙ୍କ ଆସ୍ଥା ଭାଜନ ଭଳି ବାତାବରଣ ସୃଷ୍ଟି କରିଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି। ନୂଆ ଜିଲ୍ଲାପାଳଙ୍କ ଆକ୍ସନ ମୁଡ୍ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ସଂସ୍ଥା ଗୁଡିକର ଆଖିରୁ ନିଦ ହଜିଯାଇ ପ୍ରମାଦ ଗଣିଲେଣି । ଉଲେଖଯୋଗ୍ୟ ଶ୍ରୀ କୁଲକର୍ଣ୍ଣି ରାଉରକେଲାରେ ଅତିରିକ୍ତ ଜିଲ୍ଲାପାଳ, ମ୍ୟୁନିସିପାଲରେ କମିଶନର ଏବଂ ବ୍ରହ୍ମପୁରରେ ଉପଜିଲ୍ଲାପାଳ ଦାୟିତ୍ୱରେ ରହିବା ସମୟରେ ଲୋକାଭିମୁଖୀ କାର୍ଯ୍ୟ କରି ଲୋକପ୍ରିୟତା ହାସଲ କରିଥିଲେ।

# କୁଳାରିକୁଦରେ ପୁଣି ହାତୀ ଉପଦ୍ରବ



ବୌଦ୍ଧ,(ସବ୍ୟୁ): ବୌଦ୍ଧଗଡ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ମର୍ଜାକୁଦ ଦ୍ୱୀପ ନିକଟରେ ଥିବା କୁଲାରିକୁଦ ଦ୍ୱୀପରେ ଗତ ୧୨ ତାରିଖରେ ୮ଟି ହାତୀ ଆସି ଦୀର୍ଘ ୬ ଦିନ ରହିଥିଲେ । ଏହି ସମୟରେ ବ୍ୟାପକ ଗଛ ନଷ୍ଟ କରିଥିବା ଜଣାପଡିଛି । କୁଲାରୀକୁଦ ଦ୍ୱୀପରେ ବନ ବିଭାଗ ପକ୍ଷରୁ ୮ ହେକ୍ଟର ଜାଗାରେ ପ୍ରାୟ ୧୨ ହଜାର ୮ ଶହ ହରିଡା, ବାହାଡା, ଅଁଳା,ଫାସି, ଅର୍ଜ୍ଜୁନ,କରଂଜ, ପିସ୍ତାବାଦାମ,ନିମ୍ବ, ଜାମୁ ସମେତ ବିଭିନ୍ନ ଔଷଧୀୟ ଗଛ ଲଗାଯାଇଥିଲା । ହାତୀପଲ ଯେହେତୁ ଛଅ ଦିନ ସେଠାରେ ରହିଥିଲେ । ଏବଂ ଦ୍ୱୀପର ଚାରିପଟେ ପାଣି ରହିଥିବାରୁ କୁଦର ବାହାରକୁ ଯାଇନପାରି ସେଠାରେ ଉପଦ୍ରବ କରିଥିବା ଅନୁମାନ କରାଯାଉଛି । ବନ ବିଭାଗ ପକ୍ଷରୁ ଡ୍ରୋନ ସାହାର୍ଯ୍ୟରେ କ୍ଷୟକ୍ଷତି ଜାଣିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସଠିକ ଭାବରେ ଜଣାପଡିନଥିଲା । ବର୍ତ୍ତମାନ ମହାନଦୀ ଦୁଇ କୂଳଖାଇ ପାଣି ଯାଉଥିବା ବେଳେ ଭରା ନଦୀରୁ ପାଣି ଛାଡିଲେ ବନ ବିଭାଗ ସେଠାକୁ ଯାଇ କ୍ଷୟକ୍ଷତି ଆକଳନ କରିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କୁଲାରୀକୁଦର ଲମ୍ବା ଏକ କିଲୋମିଟରରୁ ଅଧିକ ଥିବା ବେଳେ ଚଉଡା ଶହେ ମିଟରରୁ ଅଧିକ ରହିଥିବା ଜଣାପଡିଛି । ସୂଚନା ମତେ, ଗତ ୧୨ ତାରିଖରେ ଅନୁଗୋଳ ଜିଲ୍ଲା ମାଧପୁର ରେଂଜ ପଟରୁ ଏକ ୮ଟିକିଆ ହାତିପଲ ଭରା ମହାନଦୀ ପାର ହୋଇ ବୌଦ୍ଧ ଆଡକୁ ଆସୁଥିବା ବେଳେ କୁଲାରିକୁଦ ଠାରେ ରହିଥିଲେ । ସେଠାରେ ୪ଦିନ ରହିବା ପରେ ମର୍ଜାକୁଦ ଗ୍ରାମକୁ ଆସି ଦୁଇ ଦିନ ରହି ପୁଣି କୁଲାରିକୁଦକୁ ଯାଇ ସେଠାରେ ଦୁଇ ଦିନ ରହିବା ପରେ ଫେରିଯାଇଥିଲେ ।

# ଖତ ଖାଉଛି ୫୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଶବଦାହ ଚୁଲ୍ଲା

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ସଦରମହକୁମା ସ୍ଥିତ ଶ୍ମଶାନ(ନିର୍ବାଣ ଧାମ)ଘାଟ ଠାରେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ଶବଦାହ ଚୂଲାଟି କାର୍ଯ୍ୟକ୍ଷମ ନ ହୋଇ ପଡିରହି ଖତ ଖାଉଛି । ଏହି ଅତ୍ୟାଧୁନିକ ଶବଦାହ ଚୂଲା ପ୍ରାୟ ୫୫ ଲକ୍ଷ ଟଙ୍କା ବ୍ୟୟରେ ୨୦୨୧ ମସିହାରେ ନିର୍ମାଣ କରାଯାଇଥିଲା । ଶବଦାହ ସମୟରେ ଅଧିକ କାଠ ବ୍ୟବହାର ହେବା ଓ ବାୟୁ ପ୍ରଦୁଷଣକୁ ରୋକିବା ଉଦ୍ଦେଶ୍ୟରେ ଏହି ଅତ୍ୟାଧୁନିକ ଚୁଲା ନିର୍ମାଣ କରାଯାଇଥିଲ। । ସାଧାରଣତଃ ଗୋଟିଏ ଶବଦାହ ପାଇଁ ତିନି କ୍ୱିଣ୍ଟାଲରୁ ଅଧିକ କାଠ ଆବଶ୍ୟକ ପଡିଥାଏ । ହେଲେ ଏହି ଅତ୍ୟାଧୁନିକ ଚୂଲାରେ ଶବଦାହ କରାଗଲେ ମାତ୍ର ଏକ କ୍ୱିଣ୍ଟାଲରୁ କମ କାଠ ଆବଶ୍ୟକ ହୋଇଥାଏ । ଯାହାକି ଶବଦାହ ପାଇଁ କାଠ ଖର୍ଚ୍ଚ କମ ପଡିଥାଏ । ସାଧାରଣତଃ ଗୋଟିଏ ଶବଦାହ ପାଇଁ ପ୍ରାୟ ତିନି ଘଣ୍ଟା ସମୟ ଲାଗିଥାଏ । ହେଲେ ଏହି ଅତ୍ୟାଧୁନିକ ଶବଦାହ ଚୁଲାରେ ଶବହାଦ କରାଗଲେ ଏକ ଘଣ୍ଟାରୁ କମ ଲାଗିଥାଏ । ଯାହାଫଳରେ କମ ସମୟରେ ଓ କମ ଖର୍ଚ୍ଚରେ ଶବଦାହ ହୋଇଥାଏ । ହେଲେ ବର୍ଷ ବର୍ଷ ଧରି ଏହି ଚୁଲାଟି କାର୍ଯ୍ୟକ୍ଷମ ନ ହୋଇ ପଡିରହିବା ଫଳରେ ଏହାର ଯନ୍ତ୍ରାଂଶ ମଧ୍ୟ କେତେକାଂଶରେ ନଷ୍ଟ ହୋଇଯାଇଥିବାର ଆଶଙ୍କା କରାଯାଉଛି । ବୌଦ୍ଧ ଜିଲ୍ଲାରେ ଜାଳେଣି କାଠର ଘୋର ଅଭାବ ରହିଥିବା ବେଳେ ଶବଦାହ ପାଇଁ ବିଭିନ୍ନ ସମୟରେ କାଠର ଘୋର ଅଭାବ ଦେଖିବାକୁ ମିଳିଥାଏ । ଏହି ଅତ୍ୟାଧୁନିକ ଚୁଲା କାର୍ଯ୍ୟକ୍ଷମ କରାଗଲା ଡିପୋରେ ଯେତିକି କାଠ ରହିଥାଏ ସେତିକି କାଠରେ ଅଧିକ ଶବଦାହ ହେବା ସହିତ ଶବଦାହ ପାଇଁ କାଠର ଅଭାବ ପଡନ୍ତା ନାହିଁ । ସେହିପରି ପାରମ୍ପାରିକ ପଦ୍ଧତିରେ ଶବଦାହ କରାଗଲେ ମାନବସମ୍ବଳର ମଧ୍ୟ ଅଧିକ ଆବଶ୍ୟକତା ହେଉଥିବା ବେଳେ ଏହି ଚୁଲା ସାହାର୍ଯ୍ୟରେ ଶବଦାହ କରାଗଲେ ତାହାମଧ୍ୟ କମ ଲୋକରେ କରାଯାଇ ପାରିବ । ଏହି ଚୁଲା କାର୍ଯ୍ୟକ୍ଷମ ହେଲେ ଗରୀବଲୋକ ବିଶେଷ ଭାବରେ ଉପକୃତ ହେବେ ବୋଲି ଆଶାକରାଯାଉଛି । ଏହି ଚୁଲା ସେତେବେଳେ ଜିଲ୍ଲାରେ ଦେଖାଦେଇଥିବା କୋଭିଡ ଭୟାବହକୁ ଆଖି ଆଗରେ ରଖି କରାଯାଇଥିବା ଜଣାଯାଏ । ଏଭଳି ଅତ୍ୟାଧୁନିକ ଶବଦାହ ଚୁଲା ରାଜ୍ୟର କମ ସ୍ଥାନରେ ରହିଛି । ହେଲେ ଏହି ଚୁଲା ପାଇଁ ଯେଉଁ ଆକାରର କାଠର ଆବଶ୍ୟକତା ରହିଛି ତାହାର ଅଭାବ ରହିଛି ବୋଲି ଜଣାପଡିଛି । ଯଦି ଏହି ଚୁଲାର କାର୍ଯ୍ୟକ୍ଷମ କରାନଯାଏ ତାହାହେଲେ ଲକ୍ଷାଧିକ ଟଙ୍କାରେ ନିର୍ମିତ ଏହି ଅତ୍ୟାଧୁନିକ ଚୁଲା ପାଣିରେ ପଡିବା ସହିତ ଯେଉଁ ଲକ୍ଷନେଇ ଏହି ଚୁଲା କରାଯାଇଥିଲା । ତାହା ଲକ୍ଷସାଧ୍ୟ ହୋଇପାରିବ ନାହିଁ । ତେଣୁ ଏନଏସି କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ଦାବିହେଉଛି । ଏନେଇ ବୌଦ୍ଧଗଡ ଏନଏସି ନିର୍ବାହୀଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କୁ ପଚାରିବାରୁ ଖୁବ ଶିଘ୍ର ଏହାର କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ଗୋଚର ଜମି ବିବାଦରୁ ଦଳିତ ମହିଳାଙ୍କୁ ମାଡ଼ ଅଭିଯୋଗ

# ୩୧ ଜଣଙ୍କ ନାମରେ ମାମଲା

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ବେହେରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦଳସର୍ଗି ଗ୍ରାମରେ ସରକାରୀ ଗୋଚର ଜମି ଜବରଦଖଲ ବିବାଦରୁ ଦଳିତ ମହିଳା ମାନଙ୍କୁ ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଆଜକୁ ଦୀର୍ଘବର୍ଷ ହେବ ଦଳସର୍ଗି ଗ୍ରାମର ଧନମତି ଭରତିଆ, ବୈକୁଣ୍ଠ ଭରତିଆ, ଜୟ ଭରତିଆ, ଲଳିତ ଭରତିଆଙ୍କ ପରିବାର ଦଳସର୍ଗୀ ନଦୀ କୂଳରେ ଥିବା ସରକାରୀ ଗୋଚର ଜମିରେ ରହିବା ସହ ଚାଷବାସ କରି ଆସୁଛନ୍ତି। ସେହି ସରକାରୀ ଜମି ରାସ୍ତା ଦେଇ ଦଳସର୍ଗି ,କାଣ୍ଡପଡ଼ାର ଲୋକମାନେ ନଦୀକୁ ଗାଧେଇବା ସହ ଗାଈଗୋରୁ ନେବା ଆଣିବା କରିଥାନ୍ତି। ଗତ ୨୬ ତାରିଖରେ ବିବାଦୀୟ ଗୋଚର ଜମି ରେ ଅଭିଯୋଗକାରୀଙ୍କ କରିଥିବା ଚାଷକୁ କାଣ୍ଡପଡ଼ାର ଲୋକମାନେ ଗାଈ ଗୋରୁ ମଡାଇ ନଷ୍ଟ କରି ଦେବାରୁ ଦଳିତ ପରିବାରର ମହିଳା ମାନେ ଏହାର ପ୍ରତିବାଦ କରିଥିଲେ। ଏହାପରେ କାଣ୍ଡପଡ଼ାର ୩୦ ରୁ ଉର୍ଦ୍ଧ ଲୋକ ଆସି ଘରେ କେହି ନ ଥିବା ସମୟରେ ଧନମତି ଓ ତାଙ୍କ ପରିବାରର ମହିଳା ମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିବା ନେଇ କୋକସରା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି କୋକସରା ଥାନା ଅଧିକାରୀଣି ସ୍ନିଗ୍ଧାରାଣୀ ସୁନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ୩୧ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ଏହି ଘଟଣାରେ ଦୁଇ ଗୋଷ୍ଠି ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ଦେଖା ଦେଇଥିବା ବେଳେ କାଣ୍ଡପଡ଼ାବାସୀଙ୍କ ପାଲଟା ଅଭିଯୋଗ ପରେ ରବିବାର ସନ୍ଧ୍ୟାରେ ଦଳସର୍ଗୀ ଗ୍ରାମକୁ ଧର୍ମଗଡ ଉପଖଣ୍ଡ ଏସଡିପିଓ ତୋଳାମଣି ଭୋଇ,ତହସିଲଦାର ପହଞ୍ଚି ଘଟଣାର ତଦନ୍ତ କରିଥିଲେ । ନଦୀକୁ ଯାଉଥିବା ରାସ୍ତାକୁ ବନ୍ଦ କରି ଦେବାରୁ କାଣ୍ଡପଡ଼ାର ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବାରୁ ପ୍ରତିବାଦ କରିଥିବା ଅଭିଯୋଗ କରିଛନ୍ତି। ଧର୍ମଗଡ ଏସଡିପିଓ ଜିଲ୍ଲା ପ୍ରଶାସନଙ୍କ ସହ ଆଲୋଚନା କରି ଉଭୟ ଗୋଷ୍ଠୀଙ୍କ ଉପସ୍ଥିତିରେ ଶାନ୍ତି କମିଟି ଗଠନ କରି ଉକ୍ତ ବିବାଦର ସମାଧାନ କରିବା ସହ ଦୋଷୀ ମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଗଞ୍ଜେଇ ସହ ଅଭିଯୁକ୍ତ ଗିରଫ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା କନ୍ଧରା ନିକଟରୁ ଅବକାରୀ ବିଭାଗ ଚୋରାଚାଲାଣ ହେଉଥିବା ବେଳେ ୫ କେଜି ଜବତ କରିବା ସହ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ବୌଦ୍ଧ ଜିଲ୍ଲାର ଅରୁଣ ରଣା ବୋଲି ଅବକାରୀ ସୂତ୍ରରୁ ପ୍ରକାଶ । ରେଢ଼ାଖୋଲ – ବୌଦ୍ଧ ରାସ୍ତାର କନ୍ଧରା ନିକଟରେ ଅବକାରୀ ବିଭାଗ ପେଟ୍ରୋଲିଂ କରୁ ଥିବା ବେଳେ ବୌଦ୍ଧରୁ ରେଢ଼ାଖୋଲ ଅଭିମୁଖେ ଆସୁଥିବା ଏକ ବାଇକ୍ କୁ ଯାଞ୍ଚ କରିଥିଲେ। ବାଇକ୍ ଡିଗିରୁ ୫ କେଜି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ବୋଲି ରେଢ଼ାଖୋଲ ଅବକାରୀ ବିଭାଗ ଇନ୍ସପେକ୍ଟର ଦୂର୍ବାଦଳ ବିଶ୍ୱାଳ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

## ସାମ୍ବାଦିକ ନବୀନ ଦାଶଙ୍କ ବିୟୋଗରେ ଶୋକସଭା

# ଓଜେୟୁ ପକ୍ଷରୁ ୧ଲକ୍ଷ ଟଙ୍କାର ଜମାରାଶି ଘୋଷଣା



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ନବୀନ ଦାଶଙ୍କ ବିୟୋଗରେ ନାଗରିକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଡା. ରାଜାରାମ ଷଡଙ୍ଗୀ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ନବୀନଙ୍କ ଏକ ମାତ୍ର ପୁଅ ବିକାଶ ଦାଶଙ୍କ ନାମରେ ଓଜେୟୁ ପକ୍ଷରୁ ୧ଲକ୍ଷ ଟଙ୍କାର ସ୍ଥାୟୀ ଜମାରାଶି ପ୍ରଦାନ କରିବାକୁ ପ୍ରାନ୍ତୀୟ ସମ୍ପାଦକ ରମାକାନ୍ତ ବିଶ୍ୱାଳ ଘୋଷଣା କରିଥିଲେ । ଉତ୍ସର୍ଗ ଅନୁଷ୍ଠାନର ସୁଧିର ପୁଝାରୀ, ଓଡିଶା ସାଂସ୍କୃତିକ ସମାଜର ସଭାପତି ଡା. ପରେଶଚନ୍ଦ୍ର ଦାନୀ ଓ ସମ୍ପାଦକ ଦୀନବନ୍ଧୁ ପଣ୍ଡା, ବରିଷ୍ଠ ସାମ୍ବାଦିକ ସୁବାଷ ପାଣିଗ୍ରାହୀ, ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଗୋକୁଳ ମେହେର, ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ଡ. ପ୍ରମୋଦ ରଥ, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ଜିଲ୍ଲା ପରିଷଦ ପୂର୍ବତନ ସଭାପତି ଶୋଭାରାମ ପ୍ରଧାନ, ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ଡା ସଞ୍ଜିବ ମିଶ୍ର, ମହମ୍ମଦ ସନାଉଲ୍ଲା ଓ ସୁଧିର ରଞ୍ଜନ ବହିଦାର ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ । ସମ୍ପାଦକ ସରୋଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରକାରୀ ବସରେ ଗଞ୍ଜେଇ ଚାଲାଣ

ଜୟପାଟଣା,(ସବ୍ୟୁ): ଅବକାରୀ ବିଭାଗ ଜୟପାଟଣା ତରଫରୁ ଚଢ଼ାଉ କରାଯାଇ ଗଞ୍ଜେଇ ଚାଲାଣ ର୍ୟାକେଟର ପର୍ଦ୍ଦାଫାଶ କରିଛି । ଦୁଇ ଜଣ ଯୁବକ ଭବାନୀପାଟଣା ଭାୟା ମୁଖିଗୁଡା – ବିଶାଖାପାଟଣା ସରକାରୀ ବସରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଖବର ପାଇ ମାଡି ବସିଥିଲା ଜୟପାଟଣା ଅବକାରୀ ବିଭାଗ। ଗଞ୍ଜେଇ ସହ ଦୁଇ ଯୁବକ ଅଟକ ଥିବା ବେଳେ ତଦନ୍ତ ଜାରି ରହିଛି । ମୁଖିଗୁଡା ଠାରୁ ସନ୍ଧ୍ୟା ସମୟରେ ଲଡୁ ଗାଁ ଭାୟା ବିଶାଖାପାଟଣା ଓଡ଼ି ୦୮ ଆର ୧୯୫୨ ନମ୍ବର ଓଏସଆରଟିସି ବସରେ ତିନିଟା ଗଞ୍ଜେଇ ବ୍ୟାଗ୍ ଚାଲାଣ ହେଉଥିବା କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ଅବକାରୀ ବିଭାଗ। ଏହି ଘଟଣାରେ ଦୁଇ ଯୁବକ ଗିରଫ ହୋଇଥିବା ବେଳେ ତଦନ୍ତ ଜାରି ରହିଛି । ଏ ନେଇ ଅବକାରୀ ବିଭାଗ ପକ୍ଷରୁ ମୁଖୀଗୁଡା ପଟୁ ଆସୁଥିବା ବସକୁ ଜୟପାଟଣା ରାଜବାଟି ଛକରେ ଯାଞ୍ଚ କରିଥିବା ବେଳେ ଜଣେ ଯୁବକ ବସ୍ ଝରକା ଡେଇଁ ଦୌଡି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ତାକୁ କାବୁ କରିଥିଲେ ଅବକାରୀ ବିଭାଗର କର୍ମଚାରୀ । ପ୍ରାଥମିକ ସୂଚନା ରୁ ଯୁବକ ଦୁହେଁ କର୍ଣ୍ଣାଟକର ନାଦିମ ପାଶା (୩୧) ଓ ସୟଦ ଅଜଗର (୩୫) ରାଜ୍ୟର ହୋଇଥିବା ବେଳେ ୧୪ କେଜି ଗଞ୍ଜେଇ ହେବ ବୋଲି ଜୟପାଟଣା ଅବକାରୀ ଓଆଇସି ନରେନ୍ଦ୍ର ମିଞ୍ଜ ସୂଚନା ଦେଇଛନ୍ତି। ଏହି ଚଢାଉ ରେ ବଳଭଦ୍ର ପାତ୍ର ଓ ନିରଞ୍ଜନ ବେହେରା ସାମିଲ ଥିଲେ।

# ଔଷଧ ଖାଇ ପଞ୍ଚମ ଶ୍ରେଣୀ ଛାତ୍ରୀ ଗୁରୁତର

ସୋନପୁର,(ସବ୍ୟୁ): ସୋନପୁର ପୌର ପରିଷଦ ଅନ୍ତର୍ଗତ ମଝିପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ପ୍ରିୟା ବାରିକ ଗୁରୁତର। ସରକାରଙ୍କ ଦ୍ୱାରା ବଣ୍ଟନ କରାଯାଉଥିବା ଆଇରନ ବଟିକା ଖାଇ ଗୁରୁତର ହୋଇଥିବା ଜଣାପଡ଼ିଛି । ବିଦ୍ୟାଳୟ ଶିକ୍ଷୟତ୍ରୀ ମାନଙ୍କୁ ପଚାରି ବୁଝିବାରୁ ୨.୩୦ ମିନିଟରେ ଔଷଧ ଦେଇଥିବା ବେଳେ ୩ ଟାରୁ ଛାତ୍ରୀଙ୍କ ଦେହ ଖରାପ ହେବାର ଜାଣିବାକୁ ପାଇଲେ। ମାତ୍ର ବିଦ୍ୟାଳୟରୁ ୧୦୦ ମିଟର ଦୂରତାରେ ସହରାଞ୍ଚଳ ଆରୋଗ୍ୟ ମନ୍ଦିରକୁ ନ ନେଇ ଛାତ୍ରୀକୁ ଘରକୁ ପଠାଇ ଦେଇଥିଲେ। ଛାତ୍ରୀଙ୍କ ସାଙ୍ଗରେ କୌଣସି ଶିକ୍ଷୟତ୍ରୀ ଯାଇନଥିବା ଛାତ୍ରୀଙ୍କ ମାଆ କହିଛନ୍ତି । ଏହି ଔଷଧ ଖାଇବା ପରେ ଝିଅ ପିଲାଟି ଅତ୍ୟନ୍ତ ଗୁରୁତର ହୋଇ ଯାଇଥିଲା। ଅଭିଭାବକ ଉକ୍ତ ଛାତ୍ରୀଙ୍କୁ ନେଇ ସୁବର୍ଣ୍ଣପୁର ମୁଖ୍ୟ ଡାକ୍ତରଖାନାକୁ ନେଇ ଚିକିତ୍ସା ଚାଲିଥିବା ଖବର ମିଳିଛି। ବିଦ୍ୟାଳୟରୁ ଘରକୁ କେହି ଛାଡ଼ିବାକୁ ଆସି ନ ଥିବା ବେଳେ ଝିଅ ଟି ଘରକୁ ଆସି ମାକୁ କାନ୍ଦି କାନ୍ଦି ମୁଣ୍ଡ ବୁଲାଉଥିବା ଆଉ ଅଣ୍ଟା ଯନ୍ତ୍ରା ହେଉଛି ବୋଲି କହିଥିବା ଗଣ ମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି। କାଉନସିଲର କଇଁରୁ ସ୍ୱାଇଁ ଘଟଣା ଜାଣିବା ପରେ ବିଦ୍ୟାଳୟ ପରିଦର୍ଶନ କରି ଘଟଣା ବାବଦରେ ଶିକ୍ଷୟତ୍ରୀଙ୍କୁ ବୁଝିଥିବା ସୂଚନା ମିଳିଛି। ଗଣମାଧ୍ୟମ ପ୍ରତିନିଧି ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଣ୍ଡଳଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ ମାତ୍ର କାର୍ଯ୍ୟାଳୟ ଖୋଲାଥିବା ବେଳେ ସେ ଅନୁପସ୍ଥିତ ଥିଲେ । ବିନିକା ବ୍ଲକ୍ ବି ଇ ଓ ସୋନପୁର ଦାୟିତ୍ୱରେ ଥିବା ଓ ସୋନପୁର ବ୍ଲକ୍ ପାଇଁ ବିଇଓ ନ ଥିବା ମଧ୍ୟ ଗଣମାଧ୍ୟମ ପ୍ରତିନିଧି ଜାଣିବାକୁ ପାଇଥିଲେ।

# ନାବାଳିକାକୁ ଗଣଦୁଷ୍କର୍ମ, ୩ ଗିରଫ

ରାଜଗାଙ୍ଗପୁର,(ସବ୍ୟୁ): ରାଉରକେଲା ନିକଟ ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ଅଞ୍ଚଳରେ ଜଣେ ନାବାଳିକାକୁ ଗଣ ଦୁଷ୍କର୍ମ ହେବା ଅଭିଯୋଗ ହୋଇଥିବା ଜଣାଯାଇଛି । ଗତ ୨୭/୭/୨୫ ରେ ପୀଡିତାଙ୍କ ପରିବାର ପକ୍ଷରୁ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କାଂସବାହାଲ ଫାଣ୍ଡିରେ ଲିଖତ ଅଭିଯୋଗ ପରେ ପୋଲିସ ଘଟଣାରେ ସଂପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ ବ୍ରାହ୍ମଣୀ ତରଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକା ସ୍କୁଟି ନେଇ କାଂସବାହାଲ ଫାଣ୍ଡି ଅନ୍ତର୍ଗତ ଚୁଙ୍ଗିମାଟି ଗ୍ରାମର ତାର ପୂର୍ବ ପରିଚିତ ପୁରୁଷ ବନ୍ଧୁଙ୍କ ପାଖକୁ ବୁଲିବାକୁ ଆସିଥିଲା । ଦୁହେଁ ବୁଲାବୁଲି କରିବା ପରେ ସୁବିଧା ଦେଖି ପୁରୁଷ ବନ୍ଧୁ ଅନ୍ୟ ଦୁଇ ଜଣ ନାବାଳକ ସାଙ୍ଗଙ୍କୁ ଡକାଇ ଥିଲେ। ସେମାନେ ସେହି ନାବାଳିକା ସହ ଦୃଷ୍କର୍ମ କରିଥିଲେ ଓ ବିଳମ୍ବିତ ରାତ୍ରୀରେ ନାବାଳିକାର ସମ୍ପର୍କୀୟଙ୍କ ଘରେ ତାକୁ ଛାଡି ଦେଇଥିଲେ । ସକାଳ ହେବା ପରେ ପୀଡ଼ିତା ନିଜ ଘରକୁ ଯାଇ ତାଙ୍କ ପରିବାର ଙ୍କୁ ସମସ୍ତ ଘଟଣା କହିଥିଲେ । ପରେ ପୀଡ଼ିତାଙ୍କ ପରିବାର ଲୋକେ ଆସି କାଂସବାହାଲ ଫାଣ୍ଡିରେ ତିନି ଜଣ ଦୃଷ୍କର୍ମ କରିଥିବା ନେଇ ଲିଖିତ ଅଭିଯୋଗ କରିଥିଲେ । କାଂଶବାହାଲ ଫାଣ୍ଡି ଅଧିକାରୀ ସିମରନ ସିଂ ତୁରନ୍ତ ମୁଖ୍ୟ ଅଭିଯୁକ୍ତ ଶୀତେଶ ବାର୍ଲା (୧୯) ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ପିଡିତା ସମସ୍ତଙ୍କୁ ଚିହ୍ନଟ କରିଥିଲେ। ଏହା ପରେ ଅଭିଯୁକ୍ତ ଶିତେଶ ବାର୍ଲାଙ୍କୁ ଜେଲ ହାଜତକୁ ପଠାଯିବା ସହ ଦୁଇ ନାବାଳକଙ୍କୁ ସୁଧାର ଗୃହକୁ ପଠେଇଥିବା ଜଣା ପଡିଛି । ଫାଣ୍ଡି ଅଧିକାରୀ ଘଟଣାର ଅଧିକ ତଦନ୍ତ କରୁଥିବା ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ କୃମି ନାଶକ ଦିବସ ପାଳନ ନେଇ ସମନ୍ୱୟ ବୈଠକ



ଦେବଗଡ଼,(ସବ୍ୟୁ): ମଙ୍ଗଳବାର ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ବିଶ୍ୱମୋହନ ମିଶ୍ରଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ କୃମି ନାଶକ ଦିବସ ପାଳନ ଉପଲକ୍ଷେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କୃମି ଏକ ଜନସ୍ୱାସ୍ଥ୍ୟ ସମସ୍ୟା ଯାହା ପିଲାମାନଙ୍କ ଠାରେ ରକ୍ତ ହୀନତା ଏବଂ ଅଭିବୃଦ୍ଧିରେ ବାଧକ ସୃଷ୍ଟି କରିଥାଏ। ତେଣୁ ଏହାକୁ ମୂଳ ପାଟନ କରିବା ଉଦ୍ଦେଶ୍ୟରେ ଆସନ୍ତା ଅଗଷ୍ଟ ମାସ ୧୨ ତାରିଖରେ କୃମି ନାଶକ ଦିବସ ପାଳନ କରାଯିବାପାଇଁ ବୈଠକରେ ସ୍ଥିର କରାଯାଇଥିଲା । ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଧନଞ୍ଜୟ ମହନ୍ତ ସୁନ୍ଦର ସ୍ୱାସ୍ଥ୍ୟ ଓ ସୁନ୍ଦର ଜୀବନ ପାଇଁ ପିଲାମାନେ କୃମି ବଟିକା ନିତ୍ୟାନ୍ତ ଖାଇବା ଦରକାର ବୋଲି ସୂଚନା ଦେଇଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟର ୧ ରୁ ୧୯ ବର୍ଷର ପିଲାମାନଙ୍କୁ ମାଗଣାରେ କୃମି ନାଶକ ଔଷଧ ବଣ୍ଟନ କରାଯିବ। ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ କୃମି ନାଶକ ବଟିକା ଓ ସିରପ ମାଗଣାରେ ବିତରଣ କରାଯିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡ଼ଃ ମନୋରଞ୍ଜନ ସାମଲ ,ଡ଼ଃ ପ୍ରଭାତ କୁମାର ଓଝା, ଡ଼ଃ ବଂଶୀଧର ପାତ୍ର,ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେଛ ଶେଷରେ ଜିଲ୍ଲା ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଞ୍ଜେଇ ଜବତ ଜଣେ ଗିରଫ

ଏସ୍ .ରାମପୁର, (ସବ୍ୟୁ) : ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ରାମପୁର ଦେଇ ବରପାଲି ପଟକୁ ରବିବାର ସନ୍ଧ୍ୟାରେ ବାଇକରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇ ପୋଲିସ କେନାଲ ଛକରେ ଚଢ଼ାଉ କରିଥିଲା। ବାଇକ୍ (ଓଡି ୩୧ ଜି ୯୬୨୬)ରୁ ୩ କେଜି ଗଞ୍ଜେଇ ଜବତ କରି ପୁଲିସ ଅଭିଯୁକ୍ତ ବୌଦ୍ଧ ଜିଲ୍ଲା ମନୁମୁଣ୍ଡା ଥାନା ।ଘମୁଣ୍ଡା ଗାଁର ରମେଶ ଗୁରୁ(୩୪)କୁ ଗିରଫ କରିଥିଲା। ଏନେଇ ରାମପୁର ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ସିରିଜ୍ ଚୋରି ଘଟଣା

# ଚୋରଙ୍କୁ ପଶ୍ଚିମବଙ୍ଗରୁ ଉଠାଇ ଆଣିଲା ପୋଲିସ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସହରରେ ସିରିଜ୍ ଚୋରୀ ଘଟଣାରେ ପଶ୍ଚିମବଙ୍ଗ ଯାଇ ଚୋର ମାନଙ୍କୁ ବାନ୍ଧି ଆଣିଲା ପୁଲିସ । ଗତ କିଛି ଦିନ ତଳେ ବଲାଙ୍ଗିର ସହର ରାଧିକା ନଗର ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ବେଲାର ସିଂ ଭୋଇଙ୍କ ଘରୁ ୩୦ ଭରି ସୁନା ଗହଣା ଚୋରି ଅଭିଯୋଗରେ ଟାଉନ ପୁଲିସ ପଶ୍ଚିମବଙ୍ଗ ୨୪ ପ୍ରଗଣା ଦକ୍ଷିଣ ନାଟାଗାଚିରର ଭୋଲା ଓରଫ୍ ସଗିର ଶେଖ୍ ଓ ଜଲାଲାବାଦର ନୂର ଅବଦୁଲ୍ ମୋଲ୍ଲାଙ୍କୁ ଗିରଫ କରିଛି। ପ୍ରକାଶ ଯେ ଗତ ଜୁଲାଇ ୫ରେ ଇଂ ଭୋଇ ଘରେ ଅନୁପସ୍ଥିତ ଥିବା ସୁଯୋଗ ନେଇ ଅଭିଯୁକ୍ତ ପ୍ରାୟ ୩୦ ଭରି ଓଜନର ସୁନାଗହଣା ଚୋରି କରିଥିଲେ। ଥାନା ଅଧିକାରୀ ଅବନୀ ସାହୁଙ୍କ ତତ୍ତ୍ୱାବଧାନରେ ଟାଉନ ଥାନା ଏଏସ୍ଆଇ ବୈକୁଣ୍ଠ ଦେହେରୀ ତଦନ୍ତ କରୁଥିଲେ ଛ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗ ଚନ୍ଦନେଶ୍ୱର ସୋନାରପୁରରୁ ଗିରଫ ପରେ ପ୍ରଶ୍ଚିମ ବଙ୍ଗ କୋର୍ଟରେ ହାଜର କରାଯାଇଥିଲା। ଟାଉନ ପୁଲିସ ତଦନ୍ତ ପାଇଁ ଜିମାରେ ବଲାଙ୍ଗିର ଆଣିଛି । ତେବେ ଉଭୟ ଅଭିଯୁକ୍ତ କିପରି ଚୋରି କରିଥିଲେ । ଦୃଶ୍ୟ ପୁନରାବୃତ୍ତି କରିଥିଲା ଟାଉନ ପୁଲିସ। ଏମାନେ ଗତ ୨୦୨୪ ଜାନୁଆରୀ ୨୧ ଡିସେମ୍ବର ୨୭ରେ ମଧ୍ୟ ରାକାନଗରରୁ ଚୋରି କରି ଫେରାର୍ ହୋଇଯାଇଥିବା ସୂଚନା ମିଳିଛି । ପୁଲିସ ସେମାନଙ୍କୁ ଧରିବା ସହିତ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛନ୍ତି ସଦର ଏସଡିପିଓ ସରୋଜ କୁମାର ଉପଧ୍ୟାୟ।

## ଜୟହିନ୍ଦ୍ କ୍ଳବ ଲିଗ କମ ନକ ଆଉଟ ଫୁଟବଲ

# ଝାଡେଶ୍ୱର କ୍ଲବ ବିଜୟୀ



ଝାରସୁଗୁଡା,(ସବ୍ୟୁ): ସ୍ଥାନୀୟ ମନମୋହନ ସ୍କୁଲ ଫୁଟବଲ ପଡିଆରେ ଜୟହିନ୍ଦ କ୍ଲବ ପକ୍ଷରୁ ଲିଗ କମ ନକ ଆଉଟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ମଙ୍ଗଳବାର ୧୦ ମ ଦିବସର ମ୍ୟାଚ ଝାଡେଶ୍ୱରୀ କ୍ଲବ ଚିତୁଆପଡା ଓ ଫୁଟବଲ କ୍ଲବ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା। ଝାଡେଶ୍ୱରୀ କ୍ଲବ ଚିତୁଆପଡା ୩ –୧ ଗୋଲରେ ବିଜୟୀ ହୋଇଥିଲା । ଏହି ମ୍ୟାଚରେ ଝାଡେଶ୍ୱରୀ କ୍ଲବ ଚିତୁଆପଡାର ସଞ୍ଜିବ ଓରାମ ସର୍ବଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ ହୋଇଥିଲେ। ମ୍ୟାଚରେ ଝାରସୁଗୁଡା ସହର ସୁରେଶ ବୁଦ୍ଧିଆ ( ସି.ଏ) ଅତିଥି ଭାବରେ ଯୋଗଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ। ଖେଳକୁ ସଂଜୟ ଦାସ, ଅରୁଣ ମୁଣ୍ଡା ,ଅମିତ ବାଗ, ସଂଜୟ କିଶାନ ପ୍ରମୁଖ ପରିଚାଳନା କରିଥିଲେ।

## ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ସଚେତନତା କାର୍ଯ୍ୟକ୍ରମ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବାଙ୍କେଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାର ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନଙ୍କ ଦ୍ୱାରା ସ୍କୁଲର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି କିମ୍ବା ରୋଗୀଙ୍କୁ କିଭଳି ସହାୟତା କରାଯିବ,ସେ ବିଷୟରେ ବିସ୍ତୃତ ରୂପେ ଆଲୋକପାତ କରାଯାଇଥିଲା। ଆଞ୍ଚଳିକ ପ୍ରୋଗ୍ରାମ ମ୍ୟାନେଜର ପ୍ରଦୀପ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୁର୍ଘଟଣାଗ୍ରସ୍ତଙ୍କୁ କେମିତି ସୁରକ୍ଷିତ ଅବସ୍ଥାରେ ଉଦ୍ଧାର ସହ ଆହତଙ୍କ ରକ୍ତକ୍ଷରଣ କିଭଳି ବନ୍ଦ କରାଯିବ,ସାପ କାମୁଡ଼ା ଓ ପଶୁ କାମୁଡ଼ିଲେ ଏହାର ଉପଚାର ସହ ହୃଦଘାତଜନିତ ରୋଗୀଙ୍କୁ କିଭଳି ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ କେଉଁ ଉପାୟରେ ସେମାନଙ୍କ ଜୀବନ ରକ୍ଷା କରାଯାଇ ପାରିବ ସେ ବିଷୟରେ ବିସ୍ତାର ଭାବେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ୧୦୮ ଜରୁରୀକାଳୀନ ଅଧିକାରୀ ଟେକରାଜ ବାରିକ,ମାନସ ବେହେରା,ସ୍କୁଲର ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ଆଡଜୁଆଡଙ୍କ ସହ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ନୂଆପଡ଼ା ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର



ନୂଆପଡ଼ା,(ସବ୍ୟୁ): ଉତ୍କଳ ସାମ୍ବାଦିକ ସଂଘ ଓଡ଼ିଶାଙ୍କ ଆହ୍ୱାନ କ୍ରମେ ନୂଆପଡ଼ା ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ସୁରକ୍ଷା, ସାମ୍ବାଦିକଙ୍କୁ ପେନସନ ଏବଂ ସ୍ୱାସ୍ଥ୍ୟ ବୀମା ୧୦ ଲକ୍ଷ ବୃଦ୍ଧି ଓ ନବୀକରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ନୂଆପଡ଼ା ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ସାମ୍ବାଦିକଙ୍କୁ ପେନସନ ବ୍ୟବସ୍ଥା ଦେଶର ୧୮ ଗୋଟି ରାଜ୍ୟରେ ଲାଗୁ ହୋଇଥିବା ବେଳେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଓଡ଼ିଶାରେ ୧୫ ହଜାର ଟଙ୍କା ପ୍ରଦାନ କରିବାକୁ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ସ୍ୱାସ୍ଥ୍ୟ ବୀମା ନବୀକରଣ ସହ ଏହି ଯୋଜନାରେ ମାତା ପିତା ଓ ୨୫ ବର୍ଷ ରୁ ଉର୍ଦ୍ଧ ଅବିବାହିତ ନିର୍ଭରଶିଳ ପୁଅ ଝିଅଙ୍କୁ ମଧ୍ୟ ସାମିଲ କରିବାକୁ ଦାବୀ କରିଛନ୍ତି। ସାମ୍ବାଦିକ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପାଇଁ ଦାବୀ କରିଛନ୍ତି। ଜିଲ୍ଲା ଏନ.ଜେଡ.ଏସ.ଏସ. ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁରେଶ କୁମାର ଆଚାରୀଙ୍କ ନେତୃତ୍ୱରେ ସାମ୍ବାଦିକ ଦେବାନନ୍ଦ ତାଣ୍ଡି, ଦୀପକ ମିଶ୍ର,ରାଜ୍ କିରଣ ସିଂଦେଓ, ବିଶ୍ୱନାଥ ସାମଲ, ମନୋଜ ସଗରିଆ, ଦୀପକ ପାଢୀ, ଅଭିଷେକ ଆଚାରି ପ୍ରମୁଖ ଯୋଗ ଦେଇଥିଲେ ।

# ପ୍ରହସନ ପାଲଟିଛି ସ୍ୱଚ୍ଛ ଅଭିଯାନ କାମକୁ ଆସୁନି ଗୋଷ୍ଠୀ ଶୌଚାଳୟ

ବଙ୍ଗୋମୁଣ୍ଡା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ବ୍ଲକ କାର୍ଯ୍ୟାଳୟ ଠାରେ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା। ଏଠାରେ ପୁରୁଷ ,ମହିଳା ଓ ଦିବ୍ୟାଙ୍ଗ ମାନଙ୍କ ପାଇଁ ଅଲଗା ବ୍ୟବସ୍ଥା ରହିଛି। ଏହାକୁ ଗତ ଦୁଇ ବର୍ଷ ହେବ ଉଦଘାଟନ କରିଥିଲେ। ଉଦଘାଟନ ପରେ କୈଣସି ଲୋକେ ବ୍ୟବହାର କରିନାହାନ୍ତି। ଗତ ଦୁଇ ବର୍ଷ ହେଲା ଲୋକଙ୍କ କାମକୁ ଲାଗୁ ନାହିଁ। ଫଳରେ ପୂର୍ବପରି ଲୋକେ ଖୋଲାରେ ମଳତ୍ୟାଗ କରୁଛନ୍ତି। ତେଣୁ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଶୌଚାଳୟ ପାଣିରେ ପଡିଲା ବୋଲି ଲୋକେ ଅଭିଯୋଗ କରୁଛନ୍ତି। ତୁରନ୍ତ ଏହି ଗୋଷ୍ଠୀ ଶୈଚାଳୟ ମରାମତି କରି ଲୋକଙ୍କ କାର୍ଯ୍ୟରେ ଲଗାଇବାକୁ ଦାବି ହେଉଛି।

**AFFIDAVIT**

I MRIDULLA MOHANLAL AGRAWAL, D/O-MOHANLAL RADHESHYAM AGRAWAL, RESIDENT OF FLAT NO-301, BLOCK-A, VINAYAKPURAM SOCIETY, OPP. MANMOHAN SCHOOL GROUND, SARBAHAL ROAD, PO/PS/ DIST- JHARSUGUDA, ODISHA, PIN-768201 DECLARE BY THIS AFFIDAVIT NO : 1921, DATED : 29.07.2025 THAT NOW ONWARDS I SHALL BE KNOWN AS MRIDULLA AGRAWAL, W/O-NITIN AGRAWAL FOR ALL PURPOSES.

MRIDULLA AGRAWAL
JHARSUGUDA

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୦୨)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ)

**କାମ୍ୟାନାଂ କର୍ମ୍ମଣାଂ ନ୍ୟାସଂ ସନ୍ୟାସଂ କବୟୋ ବିଦୁଃ ।**
**ସର୍ବକର୍ମ୍ମଫଳତ୍ୟାଗଂ ପ୍ରାଂସ୍ୟାଗଂ ବିଚକ୍ଷଣାଃ ॥୨॥**

କବୟଃ (କେଚିଦ୍ ବିଦ୍ୱାଂସଃ) କାମ୍ୟାନାଂ କର୍ମ୍ମଣାଂ ନ୍ୟାସଂ (ତ୍ୟାଗଂ) ସନ୍ୟାସଂ ବିଦୁଃ (ଜାନନ୍ତି) (ସମ୍ୟକ୍ ଫଳୈଃ ସହ ସର୍ବକର୍ମ୍ମଣାଂ ଅପି ନ୍ୟାସଂ ତେ ସନ୍ୟାସଂ ଜାନନ୍ତି), ବିଚକ୍ଷଣାଃ (ବିଚାରନିପୁଣାଃ ପଣ୍ଡିତଃ) ସର୍ବ କର୍ମ୍ମଫଳତ୍ୟାଗଂ (ସର୍ବେଷାଂ କାମ୍ୟାନାଂ ନିତ୍ୟନୈମିତ୍ତିକାନାଂ ଚ କର୍ମ୍ମଣାଂ ଫଳମାତ୍ରତ୍ୟାଗଂ ନ ତୁ ସ୍ୱରୂପତଃ କର୍ମ୍ମତ୍ୟାଗଂ) ତ୍ୟାଗଂ (ତ୍ୟାଗଶବ୍ଦାର୍ଥଂ) ପ୍ରାହୁଃ (ବଦନ୍ତି) ॥୨॥

# ବକେୟା ମାମଲାଗୁଡିକର ଫଏସଲା ତୁରନ୍ତ ହେଉ

ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ଏବେ ବି ପ୍ରାୟ ୮୦ହଜାର ମାମଲା ଫଏସଲା ନହୋଇ ପଡି ରହିଛି । ଓଡ଼ିଶା ହାଇକୋର୍ଟରେ ମଧ୍ୟ ଇତିମଧ୍ୟରେ ୧ଲକ୍ଷ ୫୩ହଜାର ମାମଲା ଫଏସଲା ନହୋଇ ପଡି ରହିଛି । ଦେଶରେ ଓ ରାଜ୍ୟରେ ଅପରାଧର ସଂଖ୍ୟା ବଢି ବଢି ଚାଲିଛି । ନିମ୍ନ ଅଦାଲତମାନଙ୍କରେ ମଧ୍ୟ ମାମଲାଗୁଡିକର ବିଚାର ହୋଇ ପାରିନାହିଁ । ଏକ ଦୈନିକ ଇଂରାଜୀ ସମ୍ବାଦପତ୍ରରେ ପ୍ରକାଶ ପାଇଛି ଯେ, ରାଜ୍ୟର ନିମ୍ନ ଅଦାଲତମାନଙ୍କରେ ପ୍ରାୟ ୧୯ଲକ୍ଷରୁ ଅଧିକ ମାମଲା ବିଚାରାଧୀନ ହୋଇ ରହିଛି । ଇତିମଧ୍ୟରେ ଓଡ଼ିଶା ସରକାର ରାଜ୍ୟର ୫୬ଟି ନୂତଟ ଅଦାଲତ ଖୋଲିବା ପାଇଁ ସ୍ଥିର କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଭୟ ମିଶି ରାଜ୍ୟର ଆଇନ ବିଭାଗକୁ ସକ୍ରିୟ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ବେଳେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଶ୍ରୀ ହରିଶ ଟଣ୍ଡନ ମଧ୍ୟ ବକେୟା ମାମଲାଗୁଡିକର ତୁରନ୍ତ ଫଏସଲା ଲାଗି ନିର୍ଦ୍ଦେଶ ଦେଇଥିବା କୁହାଯାଉଛି । ତଥାପି ଓଡ଼ିଶାର ଜନସାଧାରଣ ନ୍ୟାୟାଳୟ ନ୍ୟାୟ ଅପେକ୍ଷାରେ ଦିନ ଦିନ ନୁହେଁ କି ମାସ ମାସ ନୁହେଁ, ବର୍ଷ ବର୍ଷ ଧରି ଅପେକ୍ଷାରେ ରହି ଆସୁଛନ୍ତି ।

ଏବେ ସୁପ୍ରିମକୋର୍ଟ ବା ସର୍ବୋଚ୍ଚ ଅଦାଲତରେ କେହି ଜଣେ ଓଡ଼ିଆ ବିଚାରପତି ନାହାନ୍ତି । ପୂର୍ବରୁ ସ୍ୱର୍ଗୀୟ ରଙ୍ଗନାଥ ମିଶ୍ର ସର୍ବୋଚ୍ଚ ଅଦାଲତରେ ପ୍ରଧାନ ବିଚାରପତି ଥିଲେ । ମାମଲାଗୁଡିକର ତୁରନ୍ତ ଫଏସଲା ପାଇଁ ସେ କୁଆଡେ ଉଭୟ ପକ୍ଷଙ୍କୁ ମୌଖିକ ଭାବେ ଡକାଇ ମନାଇ ପାରୁଥିଲେ । ତାଙ୍କ ପରେ ସର୍ବୋଚ୍ଚ ଅଦାଲତର ବିଚାରପତି ରାଧାଚରଣ ପଟ୍ଟନାୟକ ହୋଇଥିଲେ ମଧ୍ୟ ରାସ୍ତା ଦୁର୍ଘଟଣାରେ ସେ ଅକାଳରେ ପ୍ରାଣ ହରାଇଥିଲେ । ତାଙ୍କ ପରେ ଶ୍ରୀ ଗୋପାଳ ବଲ୍ଲଭ ପଟ୍ଟନାୟକ ମଧ୍ୟ ଭାରତର ପ୍ରଧାନ ବିଚାରପତି ହୋଇପାରିଥିଲେ । ତାଙ୍କ ପରେ ମଧ୍ୟ ସେହି ପଦବୀରେ ଶ୍ରୀ ଦୀପକ ମିଶ୍ର ରହି ପାରିଥିଲେ । ଅବଶ୍ୟ ସର୍ବୋଚ୍ଚ ଅଦାଲତରେ ବିଚାରପତି ଥିଲେ ମଧ୍ୟ ଶ୍ରୀ ଅରିଜିତ ପଶାୟତ ପ୍ରଧାନ ବିଚାରପତି ହୋଇ ପାରିନଥିଲେ । ଅଥଚ ସେ ଜଣେ ଭଲ ବିଚାରପତି ଥିଲେ ବୋଲି କୁହାଯାଏ । ଶ୍ରୀ ଅନଙ୍ଗ ପଟ୍ଟନାୟକ ମଧ୍ୟ ସର୍ବୋଚ୍ଚ ଅଦାଲତରେ ବିଚାରପତି ଆସନକୁ ଯାଇ ସୁନାମ ଅର୍ଜନ କରିଥିଲେ । ଅତୀତରେ ଅବଶ୍ୟ ଓଡ଼ିଶା ବାହାରେ ହାଇକୋର୍ଟର ଅନେକ ମୁଖ୍ୟ ବିଚାରପତି ବା ବିଚାରପତି ଆସନରେ ରହି ଭଲ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି । ଆଉ କେତେଜଣ ବିଭିନ୍ନ ଅର୍ଦ୍ଧ ବିଚାର ବିଭାଗୀୟ ଅଦାଲତରେ ଯଥା–ମାନବିକ ଅଧିକାର ଆୟୋଗ, ଉପଭୋକ୍ତା ବିବାଦ ସମାଧାନ ଆୟୋଗ ବା ବିଭିନ୍ନ ଟ୍ରିବ୍ୟୁନଲରେ ଅବସର ଗ୍ରହଣ ପରେ ବିଚାରପତି ଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଛନ୍ତି ।

ରାଜ୍ୟରେ ବହୁମାତ୍ରାରେ ଅପରାଧର ହାର ବଢି ଚାଲିଥିଲେ ମଧ୍ୟ ଅପରାଧୀମାନଙ୍କୁ ଧରିବା ପାଇଁ ରାଜ୍ୟର ପୋଲିସ କେତେକ କ୍ଷେତ୍ରରେ ସଫଳତା ହାସଲ କରିଥିଲେ ମଧ୍ୟ ଅନେକ କ୍ଷେତ୍ରରେ ବିଫଳ ହୋଇଥିବା ପରିଲକ୍ଷିତ ହୋଇଛି । ଅନୁଧ୍ୟାନରୁ ଜଣାଯାଇଛି ଯେ, ଗତ ବର୍ଷ ୪୧୮୦୧୬ ଗୋଟି ଫୌଜଦାରୀ ମାମଲା ଦାୟର ହୋଇଥିବା ବେଳେ ରାଜ୍ୟରେ ୪୫୬୩୫୨ ଗୋଟି ଫୌଜଦାରୀ ମାମଲାର ବିଚାର ଶେଷ ହୋଇ ପାରିଛି । ସେହିପରି ରାଜ୍ୟରେ ୮୧୦୧୪ଟି ମାମଲା ପଞ୍ଜିକୃତ ହୋଇଥିଲା ବେଳେ ୯୯୭୭୬ଟି ମାମଲାର ଫଏସଲା ମଧ୍ୟ ହୋଇପାଇଛି । ଏହା ଏକ ଶୁଭ ସୂଚନା ।

କିନ୍ତୁ ରାଜ୍ୟରେ ଦୁର୍ନୀତିର ଚେର ଲମ୍ବି ଲମ୍ବି ଚାଲିଛି । ଅନେକ ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ଠାରୁ ଅସତ ଉପାୟରେ ମିଳିଥିବା ଆୟ ବର୍ହିଭୁତ ସମ୍ପତ୍ତି ବା କୋଟି କୋଟି ଟଙ୍କା ବା ଶତାଧିକ ପ୍ଲଟ ଜନସାଧାରଣଙ୍କୁ ଆଚମ୍ବିତ କରିଛି । କାହିଁକି କେଜାଣି, ଭିଜିଲାନ୍ସ ଆରମ୍ଭ କରିଥିବା ଏହି ମାମଲାଗୁଡିକର ଫଏସଲା ଭିଜିଲାନ୍ସ ଅଦାଲତମାନଙ୍କରେ ସହଜରେ ହୋଇପାରୁନାହିଁ । ପୁଣି ଅସତ ଉପାୟରେ ଅର୍ଜିତ ସମ୍ପତ୍ତି ସବୁକୁ ରାଜ୍ୟ ସରକାର ବାଜ୍ୟାପ୍ତ କରିବାର ନିୟମ ରହିଥିଲେ ମଧ୍ୟ ସେସବୁ ସମ୍ଭବ ହେଉନାହିଁ । ନିମ୍ନ ଅଦାଲତମାନଙ୍କରେ ମଧ୍ୟ ରାଜ୍ୟ ସରକାର ସରକାରୀ ଓକିଲଙ୍କୁ ଯୋଗ୍ୟତା ଭିତ୍ତିରେ ମନୋନୟନ କରି ପାରୁନାହାନ୍ତି । ପ୍ରକୃତରେ କେବଳ ଜଗନ୍ନାଥ ହିଁ ଓଡ଼ିଶାକୁ ସାହା ଓ ଭରସା ବୋଲି ମନେହେଉଛି ।

## ଭକ୍ତିର ବିସ୍ମୟ

**ଯେଉଁ ବିଶ୍ୱବ୍ରହ୍ମାଣ୍ଡର ଅଧୀଶ୍ୱରଙ୍କ ବିଶାଳତାକୁ କଳନା କରିବା ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କ ପକ୍ଷରେ ମଧ୍ୟ ସମ୍ଭବ ନୁହେଁ, ସେ ପୁଣି ସାମାନ୍ୟ ଭକ୍ତିରେଣୁ ହୋଇ ଭକ୍ତର ହୃଦୟରେ ବିରାଜମାନ କରନ୍ତି ।**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆଇନ ତା' ବାଟରେ ଯିବ କେମିତି?



**ପ୍ରହଲାଦ କୁମାର ସିଂହ**

'ଆଇନ ତା' ବାଟରେ ଯିବ'– ବଡ଼ଧରଣର ଅପରାଧ କିମ୍ବା ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ ସାଧାରଣତଃ ଶାସକ ଦଳର ନେତାମାନେ ଏହି ବୟାନ ଦେଇଥାନ୍ତି । ନିଜ ମୁଣ୍ଡ ଉପରକୁ ଦାୟିତ୍ୱ ନନେଇ ଆଇନଗତ ବ୍ୟବସ୍ଥା ଉପରକୁ ଖସାଇ ଦେଇଥାନ୍ତି । ଶାସକ ଦଳରେ ଥିବାବେଳେ ଯେଉଁମାନେ ଏଭଳି ବୟାନ ଦିଅନ୍ତି ସେମାନେ ବିରୋଧୀ ଦଳକୁ ଆସିଗଲା ପରେ ସ୍ୱର ବଦଳାଇ ସରକାରଙ୍କ ବିରୋଧରେ ଗର୍ଜନ ତର୍ଜନ କରନ୍ତି । ଏମିତିକି ସରକାର ଚଳାଉଥିବା ବ୍ୟକ୍ତି ବିଶେଷଙ୍କ ଇସ୍ତଫାଠାରୁ ଆରମ୍ଭ କରି ବିଚାର ବିଭାଗୀୟ ତଦନ୍ତ, ସିବିଆଇ ତଦନ୍ତ ଆଦି କଥା ଉଠାନ୍ତି । ପୁଣି ଏମାନେ ସରକାରୀ ଦଳକୁ ଚାଲିଗଲା ପରେ ଏଭଳି ବକ୍ତବ୍ୟ ନଦେଇ ଆଇନ ତା' ବାଟରେ ଯିବ ବୋଲି କୁହନ୍ତି । ସତେ ଯେମିତି ଏଠି ନେତାମାନେ ନୁହନ୍ତି, ସେମାନଙ୍କ ଚୌକି କଥା କୁହେ ।

**ଆଇନର ହାତଗୋଡ଼ କି ଆଖିକାନ କିମ୍ବା ଜୀବଙ୍କ ପରି ଜୀବନ ନାହିଁ। ଏହା ତିନୋଟି ଅକ୍ଷରର ଶବ୍ଦଟିଏ । ସେ କେଉଁ ବାଟରେ ଯିବ ତାହା ତାକୁ ଜଣାନଥାଏ । ଆଇନ ଆପେ ଆପେ ନିଜ ପାଇଁ ନିଜେ ବାଟ କାଢ଼ିଯିବ ନା ତାକୁ ଆଉ କିଏ ବାଟରେ କି ଅବାଟରେ ନେଇଯିବେ ତାହା ବ୍ୟବସ୍ଥା ଚଲାଉଥିବା ବ୍ୟକ୍ତି ବିଶେଷଙ୍କ ଉପରେ ନିର୍ଭର କରେ । ଗଦା ଗଦା ଆଇନ ବହି ଭିତରେ ହଜାର ହଜାର ଆଇନ ଲିପିବଦ୍ଧ ହୋଇ ରହିଛି । ଏହାଛଡ଼ା ଆମ ପବିତ୍ର ସମ୍ବିଧାନ ମଧ୍ୟ ଅଛି । ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟର ରାୟକୁ ନଜିର ଭାବେ ଅନ୍ୟ କ୍ଷେତ୍ରରେ ବ୍ୟବହାର କରାଯାଏ । ଯେଉଁଠି ଆଇନର ଫାଙ୍କ ଥାଏ ସେଠାରେ ସରକାରୀ ନିର୍ଦ୍ଦେଶନାମାକୁ ବ୍ୟବସ୍ଥାର ପ୍ରଥା ଭାବେ ଗ୍ରହଣ କରିନିଆଯାଏ । ଆଇନ ଆଗରେ ସମସ୍ତେ ସମାନ ବୋଲି କୁହାଯାଉଥିବାବେଳେ ଆମ ପବିତ୍ର ସମ୍ବିଧାନ ବି ସମାନତାର ଅଧିକାର ଦେଇଛି । ତେବେ ଏକଥା ସତ ଯେ ସବୁ ଲୋକଙ୍କୁ ଆଇନ ସମାନ ଭାବେ ଦେଖେ ନାହିଁ । ଧନୀ, ଗରିବ, ନେତା, ସାଧାରଣ ଜନତା, ଉଚ୍ଚ ପଦାଧିକାରୀ, ପୁଞ୍ଜିପତି ଆଦି ଭିନ୍ନ ଭିନ୍ନ ଶ୍ରେଣୀର ଲୋକଙ୍କୁ ଆଇନ୍‌ର ନିୟନ୍ତାମାନେ ଭିନ୍ନ ଭିନ୍ନ ରଙ୍ଗର ଚଷମା ପିନ୍ଧି ଅଲଗା ଦୃଷ୍ଟିରେ ଦେଖନ୍ତି । ଏ ପରିପ୍ରେକ୍ଷୀରେ ଆଇନ୍ କିଭଳି ସତ୍‌ର ସରଳ ରେଖା ଉପରେ ଛାଏଁ ଛାଏଁ ନିରପେକ୍ଷ ଭାବେ ଠିକ୍ ବାଟରେ ଯାଇପାରିବ?**

ଏକଦା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜେ.ଏସ୍. ବର୍ମା କହିଥିଲେ ଯେ ଆମ ଦେଶର ଆଇନ ବ୍ୟବସ୍ଥା ପଞ୍ଚତାରକା ବ୍ୟାଧିରେ ସଂକ୍ରମିତ । ଅର୍ଥାତ୍ ଯାହାର ଅଧିକ ଧନ ଅଛି ସେ ଆଇନ ଅଦାଲତକୁ ଯାଇ ବ୍ୟୟବହୁଳ ପଦ୍ଧତିରେ ଲଢ଼ିପାରିବ । ଆଉ ଯେଉଁମାନଙ୍କର ପଇସା ନାହିଁ ସେମାନଙ୍କ ପାଇଁ ଭଗବାନ ଭରସା । ଆଇନ୍‌ଗତ ସହାୟତା ଦେବା ଲାଗି ଅବଶ୍ୟ ଆଇନ୍ ସେବା ପ୍ରାଧିକରଣ ଭଳି ସଂସ୍ଥା ରହିଛି ଏବଂ କେତେକ ଓକିଲ ଓ ଅବସରପ୍ରାପ୍ତ ବିଚାରପତି ସ୍ଥଳ ବିଶେଷରେ ମାଗଣାରେ କିମ୍ବା ସ୍ୱଳ୍ପ ଖର୍ଚ୍ଚରେ ବଞ୍ଚିତ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ମାମଲା ଲଢ଼ିବାରେ ସାହାଯ୍ୟ କରିବାର ବହୁ ନଜିର ରହିଛି । ଏହି ଆଲେଖ୍ୟରେ ବ୍ୟକ୍ତିଗତ ଅନୁଭୂତିରୁ ଏଭଳି କେତେକ ମାମଲାରେ ଆଇନ୍ କିଭଳି ତା' ବାଟରେ ଯାଏ ସେ ସଂକ୍ରାନ୍ତରେ ଆଲୋକପାତ କରାଯାଉଛି ।

୧୯୮୦ ଦଶକରେ ଅବିଭକ୍ତ କଳାହାଣ୍ଡି ଜିଲ୍ଲାରେ ଦୁର୍ଭିକ୍ଷ ଭଳି ପରିସ୍ଥିତି ଉପୁଜି ଅନାହାର ମୃତ୍ୟୁ, ଝିଅ ଓ ଶିଶୁ ବିକ୍ରି, ବାହାର ରାଜ୍ୟକୁ ମଣିଷ ଚାଲାଣ ଭଳି ଅନେକ ପ୍ରସଙ୍ଗ ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରୁଥିଲା । ସେ ସମୟରେ ମା' ରମାଦେବୀଙ୍କ ହାତଗଢ଼ା ଅନୁଷ୍ଠାନ ସର୍ବୋଦୟ ରିଲିଫ୍ କମିଟି ଏହି ଅଞ୍ଚଳରେ ବିଭିନ୍ନ ବ୍ୟକ୍ତିବିଶେଷ ଓ ସଂସ୍ଥାଙ୍କ ସହଯୋଗରେ ବ୍ୟାପକ ତ୍ରାଣ କାର୍ଯ୍ୟ କରୁଥିଲା । ମୁଁ ବି ଏହି କମିଟିର ସଂପାଦକ ଭାବେ ପ୍ରତ୍ୟକ୍ଷ ରୂପେ କାର୍ଯ୍ୟକ୍ରମର ପରିଚାଳନା ଅନ୍ୟ ସହଯୋଗୀମାନଙ୍କ ସହ ମିଶି କରୁଥିଲି । ସେତେବେଳେ ଏହି ପ୍ରସଙ୍ଗକୁ ନେଇ କିଛି ସଚେତନ ନାଗରିକଙ୍କ ମାଧ୍ୟମରେ ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ରୁଜୁ ହୋଇଥିଲା । ମାନ୍ୟବର ହାଇକୋର୍ଟ ଘଟଣାର ତଦନ୍ତ କରାଇ ଯେଉଁ ରାୟ ଦେଲେ ସେଥିରେ ବହୁ ପ୍ରସଙ୍ଗ ଉଲ୍ଲେଖ କରିବା ସହିତ ୬ଟି ଅନାହାର ମୃତ୍ୟୁକୁ ସ୍ୱୀକାର କରି ମୃତକଙ୍କ ପରିବାରକୁ ମାତ୍ର ୨୫ ହଜାର ଟଙ୍କା ଲେଖାଏଁ ସହାୟତା ସରକାର ପ୍ରଦାନ କରିବାକୁ କହିଥିଲେ । ଆଇନ୍ ତା' ବାଟରେ ନ ଯିବାରୁ ହାଇକୋର୍ଟ ହସ୍ତକ୍ଷେପ କରିଥିଲେ । ତେବେ ହାଇକୋର୍ଟଙ୍କ ରାୟର ଅନୁପାଳନ ନକରିବା ପାଇଁ ଏକ ଗୋଷ୍ଠୀ ସୁପ୍ରିମକୋର୍ଟରେ ଏସ୍ ଏଲ୍ ପି ଦାଖଲ ଲାଗି ଉଦ୍ୟମ କରିବାରେ ସେତେବେଳର ରାଜସ୍ୱ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକ ଏହି ପ୍ରସ୍ତାବକୁ ନାକଚ କରିଦେଇଥିଲେ । ତେବେ ଆଉ ଏକ ନଥି ଖୋଲି ରାଜସ୍ୱ ମନ୍ତ୍ରୀଙ୍କ ଅଗୋଚରରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ଲାଗି ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅଣାଯାଇଥିଲା । ଏ ପ୍ରସଙ୍ଗ ଠିକଣା ଭାବେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଅଣାଯିବା ପରେ ସେ ତାଙ୍କ ନିଷ୍ପତ୍ତି ବଦଳାଇଥିଲେ ।

ସେହିଭଳି ୧୯୯୨ରେ କଟକରେ ଘଟିଥିବା ମର୍ମନ୍ତୁଦ ମଦ ମୃତ୍ୟୁ ଦୁର୍ଘଟଣାରେ ଅନେକ ଲୋକ ମୃତାହତ ହୋଇଥିଲେ । କଟକର ବହୁ ସଚେତନ ନାଗରିକଙ୍କ ସମେତ ବିଭିନ୍ନ ସଂସ୍ଥା ଏଥିଘେନି ଉଦ୍‌ବେଗ ପ୍ରକାଶ କରି ସେବା ଓ ସଚେତନତା କାର୍ଯ୍ୟକ୍ରମ ଚଳାଉଥାନ୍ତି । ଏ ପରିପ୍ରେକ୍ଷୀରେ ଉତ୍କଳ ଗାନ୍ଧି ସ୍ମାରକନିଧିର ସଂପାଦକ ଭାବେ ଓଡ଼ିଶା ହାଇକୋର୍ଟଙ୍କ ମୁଖ୍ୟ ବିଚାରପତିଙ୍କ ନିକଟରେ ମୁଁ ଲେଖିଥିବା ଏକ ଚିଠିକୁ ଜନସ୍ୱାର୍ଥ ସମ୍ବଳିତ ମାମଲା ଭାବେ ଗ୍ରହଣ କରାଗଲା । ଆଉ ଦୁଇଜଣ ଯୁବ ଆଇନ୍‌ଜୀବୀ ଜନମୋହନ ଦାସ ଓ ଅନୁକୂଳ ଚନ୍ଦ୍ର ପ୍ରଧାନ ଏହି ବ୍ୟାପାରରେ ବିଧିବଦ୍ଧ ଭାବେ ମାମଲା ରୁଜୁ କଲେ । ଦୀର୍ଘ ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଏହି ମାମଲାର ଯେଉଁ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ, ସେଥିରେ ବହୁ ପ୍ରସଙ୍ଗ ସହିତ ଏହି ଦୁର୍ଘଟଣାର 'କମିଶନ ଅଫ୍ ଏନ୍‌କ୍ୱାରୀ ଆକ୍ଟ' ଅନୁଯାୟୀ ତଦନ୍ତ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଥିଲା । ଚୋରା ମଦ ବେପାରୀ ସହିତ କିଛି ରାଜନୈତିକ, ପ୍ରଶାସନିକ ଓ ପୁଲିସ ଅଧିକାରୀଙ୍କ ସଂପର୍କ ଦୃଷ୍ଟିରୁ ଏହି ରାୟକୁ ସରକାରୀ ସ୍ତରରେ ବିରୋଧ କରାଗଲା । ଏହା ବିରୋଧରେ ଏକ ରିଭ୍ୟୁ ପିଟିସନ୍ ମଧ୍ୟ ସରକାର ଦାଖଲ କରି ନିରାଶ ହେବା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଆଇଆର୍ ୧୯୯୨ ଓ ୧୯୯୩ର ଓଡ଼ିଶା ଖଣ୍ଡରେ ଏହି ରାୟ ଉଲ୍ଲେଖ ରହିଛି । ଏଥିରେ ଓଡ଼ିଶା ହାଇକୋର୍ଟ ଲେଖିଥିଲେ "The mighty says to the meek that you can not command me to act, I shall act if I like, I shall not act if I choose not to act. The meek says that I possess the strength of law to give you the command; the law, which is no respecter of person and which does not allow anybody to rise so high as to be above it." ଏଥିରୁ ଆଇନ୍‌ର ଶାସନ ବ୍ୟବସ୍ଥାକୁ ସବଳ ବ୍ୟକ୍ତିବିଶେଷ କିଭଳି ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି ଏବଂ ଦୁର୍ବଳ ବ୍ୟକ୍ତିମାନଙ୍କୁ ଆଇନ୍ କିଭଳି ରକ୍ଷା କରିବାକୁ ଆଗେଇ ଆସେ ତାହାର ଝଲକ ମିଳେ ।

ଏବେ କିଛି ବର୍ଷ ହେବ ହତ୍ୟା, ଧର୍ଷଣ, ଅପହରଣ ଭଳି ନାରୀମାନଙ୍କ ପ୍ରତି ଅପରାଧ

**ଆଇନ୍‌କୁ ବାଟ ବଦଳାଇବା କଳା ଜଣା ଥିବାରୁ ଏହି ମାମଲାରେ ସରକାରଙ୍କ ପକ୍ଷରୁ ବର୍ଷ ବର୍ଷ ଧରି ଉତ୍ତର ଦାଖଲ ହେଉନଥିଲା । ସେତେବେଳର ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ଶାସନ ସଚିବ ତାରା ଦତ୍ତଙ୍କ ଦୃଷ୍ଟିକୁ ଆଣିବା ପରେ ଦୁଇଦିନରେ ଉତ୍ତର ଦାଖଲ ହେଲା ଏବଂ ସମସ୍ତ ଚାପ ସତ୍ତ୍ୱେ ଦୃଢ଼ତାର ସହ ମାମଲା ଲଢ଼ି ସରକାରଙ୍କୁ ଜିତାଇବାରୁ ଏଭଳି ଜଘନ୍ୟ ଅପରାଧରେ ଜଡ଼ିତ ବ୍ୟକ୍ତିଙ୍କୁ ସରକାର ଆଉ ତଣ୍ଡ ଗଣିନଥିଲେ । ସେହିଭଳି ଓଡ଼ିଶା ରାଜ୍ୟ ସଶସ୍ତ୍ର ପୋଲିସର ଜଣେ ସିପାହୀ ତାଙ୍କର ଜଣେ ସହକର୍ମୀଙ୍କ କୁନିଝିଅକୁ ସ୍କୁଲରୁ ଫେରିବା ବାଟରେ ବଳାତ୍କାର କରିବା ଅଭିଯୋଗରେ ଚାକିରି ହରାଇବା ସହିତ ଫୌଜଦାରୀ ମାମଲାର ସମ୍ମୁଖୀନ ହୋଇଥିଲେ । ଏହି ମାମଲାରେ ବି ବିଭିନ୍ନ ମହଲରୁ ଚାପ ପଡ଼ିଥିଲେ ମଧ୍ୟ ସରକାରଙ୍କୁ ଜିଣାଇବାରେ ଆମେ ସଫଳ ହୋଇଥିଲୁ ।**

ସମେତ ଅନ୍ୟାନ୍ୟ ଅପରାଧ ଓ ନିଶା ପ୍ରସାରଣ ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଛି । ଏଭଳି ଅଘଟଣ ଯେଉଁଠି ବି ଘଟୁଛି ସେଠି ପ୍ରତିବାଦର ସ୍ୱର ଉଠିଲେ ଯେତେବେଳେ ବି ଯିଏ ସରକାରରେ ଥାନ୍ତି ସେମାନେ ଶୁଆ ଭଳି ଘୋଷି ଘୋଷି ଗୋଟିଏ ବାକ୍ୟ କୁହନ୍ତି, ଆଇନ୍ ତା' ବାଟରେ ଯିବ । ଏମିତି କେତେକ ଘଟଣା ରାଜ୍ୟ ସରକାରଙ୍କ ପକ୍ଷରୁ ମୁଁ ମାମଲା ପରିଚାଳନା କରୁଥିବାବେଳେ ମୋ ନଜରକୁ ଆସିଥିଲା । ଏଭଳି ସମ୍ବେଦନଶୀଳ ମାମଲାରେ ଅପରାଧୀଙ୍କୁ ଖସାଇ ଦେବା ଲାଗି ମଧ୍ୟ ବିଭିନ୍ନ ମହଲରୁ ଚାପ ପଡ଼ିଲା । ସେତେବେଳେ ଚାପ ପ୍ରୟୋଗକାରୀମାନଙ୍କୁ ଚିଠି ଲେଖି ମୁଁ ସ୍ପଷ୍ଟ ଭାବେ ଜଣାଇ ଦେଇଥିଲି, "I cannot batter the interest of state to cater somebody's personal interest'. ଏହି ମାମଲା ଜିଣିବା ପରେ ସରକାର ଚଳାଉଥିବା ବ୍ୟକ୍ତିବିଶେଷଙ୍କ ସହିତ ସଂପର୍କ ତିକ୍ତ ହେବାରୁ ମୁଁ ଇସ୍ତଫା ଦେଇ ଚାଲିଆସିଲି ପଛେ ମୁଣ୍ଡ ନୁଆଁଇ ନଥିଲି। ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଗୋଟିଏ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ତାଙ୍କର ଜଣେ ଅଧସ୍ତନ କର୍ମଚାରୀଙ୍କ ନାବାଳିକା ଝିଅକୁ ବଳାତ୍କାର କରିବାରୁ ସେ କୁମାରୀ ମା' ହୋଇଥିଲା । ଏହି ଘଟଣାରେ ସଂପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଭାବେ ଚାକିରିରୁ ବିଦା କରାଯାଇଥିଲା । ତେବେ ଉକ୍ତ ଶିକ୍ଷକ ଜଣକ ଆଇନ୍‌କୁ ନିଜ ବାଟରେ ଚଲାଇ ଫୌଜଦାରୀ ମାମଲାରୁ ଖସିଯିବା ପରେ ତାଙ୍କ ଚାକିରି ଫେରାଇ ଦେବା ସହ ସମସ୍ତ ବେତନ ଓ ତାହାରି ଆଧାରରେ ପେନ୍‌ସନ୍ ଦେବାକୁ ମାମଲା ରୁଜୁ କରିଥିଲେ । ଆଇନ୍‌କୁ ବାଟ ବଦଳାଇବା କଳା ଜଣା ଥିବାରୁ ଏହି ମାମଲାରେ ସରକାରଙ୍କ ପକ୍ଷରୁ ବର୍ଷ ବର୍ଷ ଧରି ଉତ୍ତର ଦାଖଲ ହେଉନଥିଲା । ସେତେବେଳର ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ଶାସନ ସଚିବ ତାରା ଦତ୍ତଙ୍କ ଦୃଷ୍ଟିକୁ ଆଣିବା ପରେ ଦୁଇଦିନରେ ଉତ୍ତର ଦାଖଲ ହେଲା ଏବଂ ସମସ୍ତ ଚାପ ସତ୍ତ୍ୱେ ଦୃଢ଼ତାର ସହ ମାମଲା ଲଢ଼ି ସରକାରଙ୍କୁ ଜିତାଇବାରୁ ଏଭଳି ଜଘନ୍ୟ ଅପରାଧରେ ଜଡ଼ିତ ବ୍ୟକ୍ତିଙ୍କୁ ସରକାର ଆଉ ତଣ୍ଡ ଗଣିନଥିଲେ । ସେହିଭଳି ଓଡ଼ିଶା ରାଜ୍ୟ ସଶସ୍ତ୍ର ପୋଲିସର ଜଣେ ସିପାହୀ ତାଙ୍କର ଜଣେ ସହକର୍ମୀଙ୍କ କୁନିଝିଅକୁ ସ୍କୁଲରୁ ଫେରିବା ବାଟରେ ବଳାତ୍କାର କରିବା ଅଭିଯୋଗରେ ଚାକିରି ହରାଇବା ସହିତ ଫୌଜଦାରୀ ମାମଲାର ସମ୍ମୁଖୀନ ହୋଇଥିଲେ । ଏହି ମାମଲାରେ ବି ବିଭିନ୍ନ ମହଲରୁ ଚାପ ପଡ଼ିଥିଲେ ମଧ୍ୟ ସରକାରଙ୍କୁ ଜିଣାଇବାରେ ଆମେ ସଫଳ ହୋଇଥିଲୁ ।

ଏଭଳି ଦୃଷ୍ଟାନ୍ତର ଶତାଧିକ ତାଲିକା ରହିଛି । ଯୋଗ୍ୟ ପ୍ରାର୍ଥୀଙ୍କୁ ଓଏଏସ୍ ଚାକିରିରେ ନିଯୁକ୍ତି ନଦେଇ ତାଙ୍କ ପ୍ରାର୍ଥୀତ୍ୱ ଶେଷରେ ବେଆଇନ୍ ଭାବେ କର୍ତ୍ତୃପକ୍ଷ ରଦ୍ଦ କରିଥିଲେ ଆଇନ୍‌କୁ ଅବାଟରେ ନେଇ । ଶେଷରେ ୫ବର୍ଷର ଆଇନ୍‌ଗତ ଲଢ଼େଇ ଲଢ଼ିବା ପରେ ମାନ୍ୟବର ଓଡ଼ିଶା ହାଇକୋର୍ଟ ୨୦୨୩ ନଭେମ୍ବର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ବଞ୍ଚିତ ପ୍ରାର୍ଥୀଙ୍କୁ ବରିଷ୍ଠତା ସହ କ୍ୟାଡର୍‌ରେ ନିଯୁକ୍ତି ଦେବା ଓ କର୍ତ୍ତୃପକ୍ଷଙ୍କୁ ୧ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଆବେଦନକାରୀ ବଞ୍ଚିତ ପ୍ରାର୍ଥୀଙ୍କୁ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେବା ପରେ ସେହି ପ୍ରାର୍ଥୀ ଜଣକ ୫ବର୍ଷ ପରେ ନିଯୁକ୍ତି ପାଇଛନ୍ତି । ଅନୁସୂଚିତ ଜନଜାତି ବର୍ଗର ୬୪ଜଣ ପ୍ରାର୍ଥୀଙ୍କୁ ଲାଞ୍ଚ ନାହିଁ ତ ଚାକିରି ନାହିଁ ନୀତିରେ ଚାକିରି ଦିଆଗଲା ନାହିଁ । ଏହି ମାମଲା ଅଦାଲତଙ୍କ ଦୃଷ୍ଟିକୁ ଆଣିବା ପରେ ଆଇନ୍‌କୁ ଅବାଟରୁ ଫେରାଇ ଆଣି ସେମାନଙ୍କୁ ନିଯୁକ୍ତି ଦିଆ ଯାଇପାରିଲା ।

ଆଇନ୍‌କୁ ବିଭିନ୍ନ ସମୟରେ ଉଚ୍ଚ ପଦାଧିକାରୀଙ୍କ ଠାରୁ ଆରମ୍ଭ କରି ନେତୃମଣ୍ଡଳୀ ଅବାଟରେ ଯିବାକୁ ବାଧ୍ୟ କରନ୍ତି । ନିର୍ଭୀକତାର ସହ ନିରପେକ୍ଷ ଭାବେ କାର୍ଯ୍ୟ କରିବା ଲାଗି ଯେଉଁମାନେ ପବିତ୍ର ସମ୍ବିଧାନ ଓ ଈଶ୍ୱରଙ୍କ ନାମରେ ଶପଥ ନିଅନ୍ତି, ସେମାନେ ଆଇନ୍‌କୁ ତାହାର ପ୍ରଶସ୍ତ ରାଜପଥରେ ଯିବାକୁ ନଛାଡ଼ି ନିଜ ନିଜର ଗଳି–ଉପଗଳିର କର୍ଦ୍ଦମାକ୍ତ ପଥରେ ଇଚ୍ଛା ଅନୁଯାୟୀ ଚାବିଦିଆ କଣ୍ଢେଇ ଭଳି ଚଳାଇବାର ପ୍ରଚେଷ୍ଟା କରନ୍ତି । ଏଥିଯୋଗୁ ଦୁର୍ନୀତି, ଭ୍ରଷ୍ଟାଚାର, ପକ୍ଷପାତିତା, ଅନ୍ୟାୟ, ଅନୀତି ଆଦି ଆମ ସାମାଜିକ ଓ ରାଜନୈତିକ ବ୍ୟବସ୍ଥାକୁ କଳୁଷିତ କରିବା ସହ ଜାତୀୟ ଜୀବନ ମଧ୍ୟ କ୍ଷତିଗ୍ରସ୍ତ କରୁଛି ।

କିଛି ଲୋକଙ୍କୁ ସବୁଦିନ ପାଇଁ ଠକାଯାଇପାରେ, କିଛିଦିନ ପାଇଁ ସବୁଲୋକଙ୍କୁ ଠକି ଦିଆଯାଇପାରେ ହେଲେ ସବୁଲୋକଙ୍କୁ ସବୁଦିନ ପାଇଁ ଠକାଯାଇପାରିବ ନାହିଁ । ନ୍ୟାୟ ଦେବୀଙ୍କ ଆଖିରେ ଅନ୍ଧପୁଟୁଳି ବାନ୍ଧି ନ୍ୟାୟର ତରାଜକୁ ମନଇଚ୍ଛା ଉପର–ତଳ କରାଉଥିବା ବ୍ୟକ୍ତି ବିଶେଷ ବ୍ୟବସ୍ଥାର ବ୍ୟାପକ କ୍ଷତି କରୁଥିବା ବେଳେ ସେମାନଙ୍କ ଅପକର୍ମ ବି ବିଳମ୍ବରେ ହେଲେ ଧରାପଡ଼େ ଏବଂ ଏଥିଲାଗି ସେମାନେ କେତେକ କ୍ଷେତ୍ରରେ ନିନ୍ଦିତ ଓ ଦଣ୍ଡିତ ହୁଅନ୍ତି । ଆମ ଗଣତାନ୍ତ୍ରିକ, ସାମାଜିକ, ଆର୍ଥିକ, ନୈତିକ, ଆଧ୍ୟାତ୍ମିକ, ସାଂସ୍କୃତିକ ବ୍ୟବସ୍ଥାକୁ ସୁରକ୍ଷିତ ରଖିବା ଲାଗି ଆଇନ୍‌ର ଶାସନ ଯେଭଳି ସମ୍ବିଧାନାନୁମୋଦିତ ପନ୍ଥାରେ ଠିକଣା ଭାବେ ଚାଲେ ଏବଂ ଆମ ରାଜ୍ୟ ଓ ଦେଶର ଉପରୁ ନିଶା ରାକ୍ଷସ, ଅପରାଧୀ ଓ ଭ୍ରଷ୍ଟାଚାରୀମାନଙ୍କ ନିୟନ୍ତ୍ରଣ ହଟେ, ସେ ଦିଗରେ ସତର୍କ ଦୃଷ୍ଟି ରଖିବା କେବଳ ବିଚାର ବ୍ୟବସ୍ଥା କି ଶାସନ କଳ ନୁହେଁ, ସାଧାରଣ ଲୋକେ ବି ଏ କ୍ଷେତ୍ରରେ ସତର୍କ ଦୃଷ୍ଟି ରଖିଲେ, ଆମ ବ୍ୟବସ୍ଥାର ଅସାଧାରଣ ପରିବର୍ତ୍ତନ ଆସିପାରିବ ଏବଂ ସେତେବେଳେ ଯାଇ ସ୍ୱାଧୀନ ଓ ନିରପେକ୍ଷ ଭାବେ ଆଇନ୍ ତା'ବାଟରେ ଯାଇପାରିବ ।

**(ଜଣେ ସୁଲେଖକ, ଆଇନଜୀବୀ, ସ୍ତମ୍ଭକାର ଓ ସାମାଜିକ ନ୍ୟାୟର କର୍ମୀ ଭାବେ ସୁପରିଚିତ)**
**ମୋ– ୯୪୩୭୦୧୭୩୯୫**
*E-mail: prahalladsinha@gmail.com*

# ଶ୍ରୀମତୀ ଷୋଡ଼ଶୀବାଳା ଦେବୀଙ୍କ ଜନ୍ମ ଦିବସରେ...



**ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର**

'ଜାଣେନା, ପାରେନା, ନାହିଁ ତ ଘରେ, ଏ ତିନି କଥାକୁ ଦେବତା ଡରେ' । ଏହି ତିନୋଟି କଥା କେବେ ବି କେହି ଶୁଣିବାକୁ ପାଇନାହାଁନ୍ତି ଚକ୍ରବର୍ତ୍ତୀ ପରିବାରର କୂଳବଧୂ ଷୋଡ଼ଶୀବାଳାଙ୍କ ନିକଟରୁ । ଶ୍ୱଶୁର, ଶାଶୁ କିମ୍ବା ସ୍ୱାମୀ ଯେତେବେଳେ ଯେଉଁ କାମ କଥା କୁହନ୍ତି, ବିନା ଦ୍ୱିଧାରେ ବିନା ଆପତ୍ତିରେ ଆଗେଇ ଯାଆନ୍ତି 'ହଁ ପାରିବି' କହି ପରମ ଆନନ୍ଦରେ । ସେଥିପାଇଁ ଘରର ସମସ୍ତ କାର୍ଯ୍ୟ ବଧୂ ଉପରେ ଛାଡ଼ି ଦେଇ ବାହାର କାମରେ ଚାଲିଯାଆନ୍ତି ଶାଶୁ ମନମୋହିନୀ ଦେବୀ । କିନ୍ତୁ ଫେରିବାପରେ ଶାଶୁ ଦେବୀ ଦେଖନ୍ତି ସମସ୍ତ କାର୍ଯ୍ୟରେ କିଛି ନା କିଛି ଭୁଲ ତ୍ରୁଟି ରହିଯାଇଥାଏ । ଅଳ୍ପ ବୟସର ବଧୂଟି ବୋଲି ବିରକ୍ତି ପ୍ରକାଶ ନକରି ବରଂ ବୁଝିଯାନ୍ତି ଶାଶୁଦେବୀ ।

ସ୍ୱାମୀଙ୍କ ଜୀବନାଦର୍ଶକୁ ଉପଲବ୍ଧି କରି ନିଜକୁ ସମର୍ପି ଦିଅନ୍ତି ସେହି ଆଦର୍ଶରେ । ସ୍ୱାମୀଙ୍କୁ ଚିରଦିନ ଦେବତାଙ୍କ ଆସନରେ, ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିଛନ୍ତି ହୃଦୟ ସିଂହାସନରେ ।

ଆଉ, ଜଣେ ଆଦର୍ଶ ନାରୀ ହୋଇ ପ୍ରତ୍ୟେକଟି କର୍ମ ନିଖୁଣ ଭାବେ ସଂପାଦନ କରି ଦେଖାଇ ଦେଇଛନ୍ତି ବିଶ୍ୱଜଗତକୁ । ଦିନକର ଘଟଣା–ସ୍ୱାମୀ ଡାକ୍ତରୀ ଚିକିତ୍ସା କରି ଫେରିଲେ ଘରକୁ । ବ୍ୟସ୍ତ ବିବ୍ରତ ହୋଇ କହିଲେ 'ବଡ଼ବୌ (ବଡ଼ବୋହୁ) ତୁମ କାନର ମାଙ୍କେଡ଼ି ଦୁଇଟି ଦେବ ?' ଜଣଙ୍କର ପୁଅ ଖୁବ୍ ଅସୁସ୍ଥ । ଔଷଧ କିଣିବା ପାଇଁ ପଇସା ନାହିଁ । କାଳବିଳମ୍ବ ନକରି ସେହିକ୍ଷଣି ହିଁ ମାଙ୍କେଡ଼ି (କାନଫୁଲ) ଦୁଇଟି ଖୋଲି ସ୍ୱାମୀଙ୍କ ଶ୍ରୀହସ୍ତରେ ଦେଇଦେଲେ ସହଧର୍ମିଣୀ । ନେଇ ଚାଲିଗଲେ ମଧ୍ୟ ସ୍ୱାମୀ ଦେବତା । କିନ୍ତୁ ବୋହୂର କାନରେ ମାଙ୍କେଡ଼ି ନାହିଁ – ପଚାରିଲେ ଶାଶୁଦେବୀ–'ବୋହୂମା' କାନର ମାଙ୍କେଡ଼ି କ'ଣ ହେଲା ?'

କିଛି ଉତ୍ତର ନଦେଇ ଛିଡ଼ା ହୋଇ ରହିଲେ କୂଳବଧୂ । ଉତ୍ତର ନପାଇ ଏବେ ଟିକେ କଡ଼ା ଗଳାରେ କହିଲେ ଶାଶୁଦେବୀ – 'ହୁଏତ ହଜେଇ ଦେଇଛ, ନ ହେଲେ ବାପଘରେ ରଖି ଆସିଛ । ଆଉ କ'ଣ ହେବ ?' ତଥାପି ବଧୂଟି ନିରୁତ୍ତର । ପ୍ରାୟ ମାସକ ପରେ ଦିନେ ଦ୍ୱିପ୍ରହରର ପୂର୍ବ ସମୟରେ, ଶାଶୁଦେବୀ ବାରଣ୍ଡାରେ ବସିଥିବା ଅବସ୍ଥାରେ ଜଣେ ବ୍ୟକ୍ତି ଆସି କହିଲା, – 'ଏଇ ନିଅନ୍ତୁ ମା' ମାଙ୍କେଡି ଦୁଇଟା । ଆପଣମାନେ ଗରିବଙ୍କର ମା'ବାପା । ଏଇ ସୁନା ଟିକକ ଆପଣ ନଦେଇଥିଲେ ମୋ ପୁଅକୁ ବଞ୍ଚାଇ ପାରିନଥାନ୍ତି । ଏହି ସୁନାକୁ ବନ୍ଧା ପକାଇ ପୁଅର ଔଷଧ ଆଣିଥିଲି ।



ମାସକ ପରେ ଆଜି ମୁକୁଳାଇ ଆଣିପାରିଛି ।' କୃତଜ୍ଞତାରେ ମାଟିରେ ମଥାନତ କରି ଆଖିରୁ ଲୁହ ପୋଛି ପୋଛି ଚାଲିଗଲା ଲୋକଟି । ଏଥର ଶାଶୁଦେବୀଙ୍କର ବୁଝିବାରେ ଆଉ କିଛି ବି ବାକି ରହିଲାନି । ବୋହୂଟି ଘର ଭିତରେ ଥାଇ ସବୁ ଶୁଣି ମଧ୍ୟ ପଦେ ବି କଥା କହିଲେ ନାହିଁ । ଏହିପରି ବହୁ ଘଟଣା ଘଟିଯାଇଛି ଏଇ ସ୍ୱାମୀ ମନବୃତ୍ତ୍ୟାନୁସାରିଣୀ ଷୋଡ଼ଶୀବାଳା ଦେବୀଙ୍କର ବାସ୍ତବ ଜୀବନରେ । ଧୈର୍ଯ୍ୟ ଓ ସହିଷ୍ଣୁତାର ପ୍ରତିମୂର୍ତ୍ତି ଥିଲେ ଏହି ଦେବୀ ଜଣକ । ଯେଉଁଥିପାଇଁ ସାରା ବିଶ୍ୱରେ ଆଜି ସୃଷ୍ଟି ହୋଇଛି ତାଙ୍କର ସ୍ୱତନ୍ତ୍ର ପରିଚୟ, ବିଶ୍ୱ ଜନନୀ ଶ୍ରୀଶ୍ରୀଲକ୍ଷ୍ମୀମା' ନାମରେ, ସ୍ୱାମୀଙ୍କର ଇଚ୍ଛା ପରିପୂରଣ ପାଇଁ ସେ ସମସ୍ତ କିଛି କରିପାରନ୍ତି ।

ସେଥିପାଇଁ ଅନ୍ତିମ ସମୟରେ ସ୍ୱାମୀ ଦେବତା ବିଶ୍ୱପିତା ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଶ୍ରୀମୁଖରୁ ସେଦିନ ସ୍ପଷ୍ଟ ଉଚାରିତ ହୋଇଥିଲା – 'ତୁମେ କେବଳ ବଡ଼ଖୋକା (ବଡ଼ପୁଅ)ର ମା' ନୁହଁ, ତୁମେ ସାରା ଜଗତର ମା', ତୁମେ ବିଶ୍ୱ ଜନନୀ ।' ଏହି ମହୀୟସୀ କୂଳବଧୂ ଆଉ କେହି ନୁହନ୍ତି । ଏ ହେଉଛନ୍ତି ଯୁଗାବତାର ପରମ ପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଲୀଳା ସଙ୍ଗିନୀ ପରମା ପ୍ରକୃତି ପରମ ଆରାଧ୍ୟା ଶ୍ରୀଶ୍ରୀ ଲକ୍ଷ୍ମୀମା' । ଆଜକୁ ବହୁ ବର୍ଷ ପୂର୍ବେ ୧୩୦୧ ସାଲ, ଶ୍ରାବଣ–୧୪ ଦିନ ଶ୍ରାବଣ କୃଷ୍ଣ ଦ୍ୱାଦଶୀ ତିଥିରେ ପୂର୍ବ ବଙ୍ଗଳା ଅନ୍ତର୍ଗତ ପାବନା ଜିଲ୍ଲା ଧୋପାଦହ ଗ୍ରାମ ନିବାସୀ ଶ୍ରୀଯୁକ୍ତ ରାମଗୋପାଳ ଭଟ୍ଟାଚାର୍ଯ୍ୟ ଏବଂ ଶ୍ରୀମତୀ ତ୍ରିନୟନୀ ଦେବୀଙ୍କର କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ଧରାପୃଷ୍ଠରେ । ଆଜି ତାଙ୍କରି ପବିତ୍ର ଜନ୍ମ ଦିବସରେ ସମସ୍ତ ନାରୀ ଜଗତ ତାଙ୍କରି ପଥର ପଥିକ ହୋଇ, ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ହୋଇଉଠନ୍ତୁ ସୁଗୃହିଣୀ, ସ୍ୱାମୀ ମନବୃତ୍ତ୍ୟାନୁସାରିଣୀ, ଆଦର୍ଶନାରୀ ତଥା ଦେବ ସନ୍ତାନର ଜନନୀ ।

**ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋ–୯୪୩୭୦୫୧୯୫୭**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବନ୍ଦ କରିବାକୁ...

ବଡ ଧରଣର ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି । ମୋର ଜବାବ ଥିଲା ଯେ ଏଥିଲାଗି ପାକିସ୍ତାନକୁ ବହୁମୂଲ୍ୟ ଦେବାକୁ ପଡିବ । ଯଦି ପାକିସ୍ତାନ ଆକ୍ରମଣ କରେ ତାହେଲେ ଗୁଳିର ଜବାବ ଆମେ ଗୋଲାରେ ଦେବୁ । ମେ' ୧୦ରେ ଆମେ ପାକିସ୍ତାନର ସାମରିକ କ୍ଷମତାକୁ ଧ୍ୱଂଶ କରିଥିଲୁ । ଏହାପରେ ପାକିସ୍ତାନ ବୁଝି ପାରିଥିଲା ଯେ ଭାରତ କିଭଳି ଆକ୍ରମଣ କରିପାରେ । ସଂସଦ ହେଉଛି ଗଣତନ୍ତ୍ରର ମନ୍ଦିର । ଏଠି ଗୌରବର କଥା କୁହାଯିବା ଆବଶ୍ୟକ । ୧୯୩ ଦେଶ ଆମକୁ ସମର୍ଥନ କରିଥିଲା । କିନ୍ତୁ କଂଗ୍ରେସର ସମର୍ଥନ ମିଳିନଥିଲା । ଭାରତ ପ୍ରଥମେ ଆତଙ୍କୀ ଆଡ୍ଡା ଉପରେ ଆକ୍ରମଣ କରିଥିଲା । ପାକିସ୍ତାନ କହିଥିଲା ଯେ ବହୁତ ମାରିଲଣି ଏବେ ଆମକୁ ଛାଡିଦିଅ । ସେମାନେ ଯୁଦ୍ଧ ବନ୍ଦ ପାଇଁ ପ୍ରସ୍ତାବ ଦେଇଥିଲେ । ଡିଜିଏମ୍ଓ ସ୍ତରୀୟ ଆଲୋନା ହୋଇଥିଲା । ଆମର ସଂକଳ୍ପ ଥିଲା ଯେ ଆତଙ୍କୀଙ୍କୁ ମାଟିରେ ମିଶାଇବୁ । ଅପରେସନ୍ ସିନ୍ଦୂରର ସଫଳତା ଆମକୁ ୩ଟି ସୂତ୍ର ଦେଇଛି । ଆପଣଙ୍କୁ ଆପଣଙ୍କ ତରିକାରେ ହିଁ ଜବାବ ଦେବୁ । ପରମାଣୁ ବ୍ଲାକ୍‌ମେଲିଂକୁ ବରଦାସ୍ତ କରିବୁ ନାହିଁ ଓ ଆତଙ୍କବାଦୀ ଓ ଆତଙ୍କୀ ରାଷ୍ଟ୍ରକୁ ଭିନ୍ନ ଭାବେ ଦେଖିବୁନାହିଁ । ଏବେବି ଅପରେସନ୍ ସିନ୍ଦୂର ଜାରି ରହିଛି । ୨୨ ମିନିଟ୍‌ରେ ଆମେ ଆମ ଲକ୍ଷ୍ୟ ହାସଲ କରିଥିଲୁ । କଂଗ୍ରେସ ସମୟରେ ସେନାକୁ ଆତ୍ମନିର୍ଭର କରିବାକୁ ଚେଷ୍ଟା କରାଗଲା ନାହିଁ । ପ୍ରତିରକ୍ଷା ଚୁକ୍ତି ବେଳେ ବ୍ୟକ୍ତିଗତ ଫାଇଦାକୁ ଗୁରୁତ୍ୱ ଦିଆଯାଉଥିଲା । ପୂର୍ବ କଂଗ୍ରେସ ସରକାର ଚିନ୍ତା କରିଥିଲେ ପିଓକେ ଭାରତକୁ ଆସିଥାନ୍ତା । ମାତ୍ର ସେତେବେଳେ କିଛି ପ୍ରସ୍ତାବ ରଖିଲେ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ସାହାସ...

ସରକାର ଚୀନ୍ ବିଷୟରେ ଗତକାଲି କିଛି କହିନଥିଲେ । ଦେଶର ସ୍ୱାର୍ଥ ଏବଂ ସେନା ଆପଣଙ୍କ ଭାବମୂର୍ତ୍ତି ନିର୍ମାଣ କରିବା ପାଇଁ ନାହିଁ । ପାକିସ୍ତାନକୁ ଚୀନ୍‌ରୁ ଅଲଗା ରଖନ୍ତୁ ବୋଲି କହିଥିଲେ । ମାତ୍ର ତାହା ଶୁଣିଲେ ନାହିଁ । ସରକାରଙ୍କ ବୈଦେଶିକ ନୀତି ବିଫଳ ହୋଇଛି । ସରକାର ଭାବିଥିଲେ ଆମେ ପାକିସ୍ତାନ ସହ ଲଢୁଛୁ । ପ୍ରକୃତରେ ଆମେ ପାକିସ୍ତାନ ଓ ଚୀନ୍ ଉଭୟଙ୍କ ସହ ଲଢୁଥିଲୁ । ମେ' ୧୧ ତାରିଖରେ ଏକ କାର୍ଯ୍ୟକ୍ରମରେ ଲେଫ୍ଟନାଣ୍ଟ ଜେନେରାଲ ରାହୁଲ ସିଂହ କହିଥିଲେ ଯେ ଯେତେବେଳେ ଡିଜିଏମ୍ଓ ସ୍ତରୀୟ ଆଲୋଚନା ଚାଲିଥିଲା ପାକିସ୍ତାନ ପ୍ରକୃତରେ ଉଲ୍ଲେଖ କରିଥିଲା ଯେ ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ । ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପଛରେ ଥିବା ବ୍ୟକ୍ତି ହେଉଛନ୍ତି ପାକିସ୍ତାନ ଜେନେରାଲ ଅସୀମ୍ ମୁନେରାଙ୍କର । ନିକଟରେ ଆମେରିକା ରାଷ୍ଟ୍ରପତି ମୁନୀରଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ । ଏହାର ଜବାବ ପ୍ରଧାନମନ୍ତ୍ରୀ ଦେବେ କି? ମୁଁ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଶୁଣୁଥିଲି । ସେ କହିଥିଲେ ଯେ ଅପରେସନ୍ ସିନ୍ଦୂର ୧.୫ରେ ଆରମ୍ଭ ହେଲା ଓ ୨୨ ମିନିଟ୍‌ରେ ସରିଗଲା । ଆମେ ପାକିସ୍ତାନକୁ ୧.୩୫ରେ କହିଥିଲୁ ଯେ ବିବ୍ରତ ହୁଅନାହିଁ । ଆମେ କେବଳ ଅଣସାମରିକ କ୍ଷେତ୍ରକୁ ଟାର୍ଗେଟ କରିଛୁ । ଏହା ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି । ଆମେ ସରକାରକୁ ଦୋଷ ଦେଉନାହୁଁ । ମାତ୍ର ଦକ୍ଷତା ଓ ନୈତିକତା ନେଇ ପ୍ରଶ୍ନ ଉଠାଇଛୁ ।

## ଆକାଂକ୍ଷୀ...

ଦୁର୍ଗମ ଏବଂ ଅଳ୍ପ ବିକଶିତ ବ୍ଲକ ଗୁଡିକରେ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ସହିତ ସେମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରାଯାଉଛି ।

ସେ କହିଥିଲେ, ଭାରତର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଏହାକୁ ବାସ୍ତବ ରୂପ ଦେବା ନିମନ୍ତେ ୨୦୨୪ ମସିହାରେ 'ଆକାଂକ୍ଷା ବ୍ରାଣ୍ଡ'ର ଶୁଭାରମ୍ଭ କରାଯାଇଛି । ମୁଁ ଅତ୍ୟନ୍ତ ଖୁସିର ସହ ଘୋଷଣା କରୁଛି ଯେ, ଏହି ଆକାଂକ୍ଷା ବ୍ରାଣ୍ଡକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଏକ ସପ୍ତାହବ୍ୟାପୀ ଆକାଂକ୍ଷା ହାଟ ଅଭିଯାନ ଆଜିଠାରୁ ଆରମ୍ଭ କରାଯାଉଛି । ଏହି ଆକାଂକ୍ଷା ହାଟ ଅଭିଯାନ ଦ୍ୱାରା ଆମ ରାଜ୍ୟର ଦୁର୍ଗମ ତଥା ଅନୁନ୍ନତ ଅଞ୍ଚଳରେ ସ୍ଥାନୀୟ ଉତ୍ପାଦିତ ସାମଗ୍ରୀଗୁଡିକର ବଜାର ଉପଲବ୍ଧତା ବୃଦ୍ଧି ପାଇବ । ଏହା ମାଧ୍ୟମରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, କାରିଗର, ବୁଣାକାର ଭାଇ ଓ ଭଉଣୀମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବା ସହ ଉପଭୋକ୍ତାମାନଙ୍କୁ ସ୍ଥାନୀୟ ଉତ୍ପାଦଗୁଡ଼ିକ ସୁଲଭ ଏବଂ ସଠିକ ଦରରେ ମିଳି ପାରିବ । ଆକାଂକ୍ଷା ହାଟ ଅନ୍ତର୍ଗତ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ରାଜ୍ୟ ତଥା ରାଜ୍ୟ ବାହାରେ ମାର୍କେଟିଂ ନିମନ୍ତେ ଡିଜିଟାଲ ମାର୍କେଟିଂ ମଧ୍ୟ ଉପଲବ୍ଧ କରାଯିବ । ଏହା ଦ୍ୱାରା ଏହି ଉତ୍ପାଦ ଗୁଡିକର ବଜାର ସଂଯୋଗ ଏବଂ ଉପଭୋକ୍ତା ସଂଖ୍ୟା ଆହୁରି ବ୍ୟାପକ ହୋଇ ପାରିବ । ବଜାର ଚାହିଦା ଅନୁଯାୟୀ ଉତ୍ପାଦଗୁଡ଼ିକର ମାନକ, ମୂଲ୍ୟ ନିର୍ଦ୍ଧାରଣ ଏବଂ ଉପଲବ୍ଧତା ବୃଦ୍ଧି ନିମନ୍ତେ ଆକାଂକ୍ଷା ବ୍ରାଣ୍ଡର ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରାଯିବ ।

ସେ ପୁଣି କହିଥିଲେ, ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମକୁ ୨୦୧୮ ଜାନୁୟାରୀ ମାସରେ ଶୁଭାରମ୍ଭ କରିଥିଲେ । ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ସଫଳତା ପରେ ୨୦୨୩ ଜାନୁୟାରୀରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା । ଓଡ଼ିଶାର ମଧ୍ୟ ୧୦ଟି ଜିଲ୍ଲାରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍) ଏବଂ ୧୬ଟି ଜିଲ୍ଲାର ୨୯ଟି ବ୍ଲକରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଅଛି । ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନ ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ, ସାରା ଭାରତବର୍ଷର ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକଗୁଡ଼ିକରେ ୨୦୨୪ ମସିହା ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ କାର୍ଯ୍ୟକାରୀ କରାଯାଇଛି ।

ଉତ୍କର୍ଷ ପ୍ରଦର୍ଶନ ପାଇଁ ପୁରସ୍କୃତ ଜିଲ୍ଲା ଏବଂ ବ୍ଲକର ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ରାଜ୍ୟ ନିମନ୍ତେ ଗୌରବର ବିଷୟ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ସମସ୍ତ ଆକାଂକ୍ଷୀ ଜିଲ୍ଲାଗୁଡ଼ିକ କ୍ରମାଗତ ଭାବେ ବିଭିନ୍ନ କ୍ଷେତ୍ରରେ ଶୀର୍ଷ ସ୍ଥାନ ଅଧିକାର କରୁଛନ୍ତି । ରାଜ୍ୟର ଦଶଟି ଜିଲ୍ଲା ସାମୂହିକ ଭାବେ ୧୬୫ କୋଟି ଟଙ୍କା ପୁରସ୍କାର ପାଇବାରେ ସଫଳ ହୋଇଛନ୍ତି । ଯେଉଁ ଜିଲ୍ଲାଗୁଡିକ ଆଶାନୁରୂପ ପ୍ରଦର୍ଶନ କରିବାରେ ସକ୍ଷମ ହୋଇନାହାନ୍ତି, ସେମାନେ ନିରାଶ ନ ହୋଇ ଆହୁରି ଅଧିକ କଠିନ ପରିଶ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସପିରେସନାଲ୍ ଜିଲ୍ଲା ଓ ବ୍ଲକ ମାନଙ୍କ ପାଇଁ ପୁରସ୍କାର ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପୁରସ୍କାର ଆଜି ପ୍ରଦାନ କରିଛନ୍ତି । ଆସପିରେସନାଲ୍ ଜିଲ୍ଲାମାନଙ୍କ ମଧ୍ୟରୁ ମାଲକାନଗିରି ଓ ନବରଙ୍ଗପୁର ସ୍ୱର୍ଣ୍ଣ ପଦକ, କନ୍ଧମାଳ ଓ କୋରାପୁଟ ରୌପ୍ୟ ପଦକ, ଏବଂ ଢେଙ୍କାନାଳ, ଗଜପତି, କଳାହାଣ୍ଡି ଓ ନୂଆପଡ଼ା କାଂସ୍ୟ ପଦକ ହାସଲ କରିଛନ୍ତି । ସେହିପରି ଆସପିରେସନାଲ୍ ବ୍ଲକ୍ କାର୍ଯ୍ୟକ୍ରମରେ ଖୈରପୁଟ, ମାଥିଲି, ଚିତ୍ରକୋଣ୍ଡା ଓ ଡାବୁଗାଁ– ଏହି ଚାରିଟି ବ୍ଲକ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଅନ୍ୟ ୭ଟି ବ୍ଲକ ରୌପ୍ୟ ପଦକ, ଏବଂ ୩ଟି ବ୍ଲକ କାଂସ୍ୟ ପଦକ, ଏବଂ ୧୧ଟି ବ୍ଲକ ତାମ୍ର ପଦକ ପାଇଛନ୍ତି ।

ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟରେ ସମସ୍ତଙ୍କୁ ନେଇ ଟିମ ୱାର୍କ କରିବା ଏକ ବହୁତ ବଡ ଉପଲବ୍ଧି । ସମସ୍ତ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ ଆଜି ନିଜର କାର୍ଯ୍ୟ ଦକ୍ଷତା ଦେଖାଇ ପୁରସ୍କୃତ ହେଉଛନ୍ତି ଏହା ଜାଣି ଅନେକ ଖୁସି ଲାଗୁଛି ଏବଂ ଏହାହିଁ ଉନ୍ନତିର ଚିନ୍ତାଧାରା ଆଉ ଟିମ ୱାର୍କର ଲକ୍ଷଣ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିଜ ବକ୍ତବ୍ୟରେ କହିଥିଲେ ।

ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇ କହିଥିଲେ, ଏହି ଅସ୍ପିରେସନାଲ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ଗମରୁ ଅତି ଦୁର୍ଗମ ଅଞ୍ଚଳରେ ପହଞ୍ଚି ଯୋଜନା କାର୍ଯ୍ୟକାରୀ କରାଯାଇପାରୁଛି । ପରିଶେଷରେ ଯୋଜନା ଏବଂ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଟି. ଆଓ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଆକାଂକ୍ଷୀ ଜିଲ୍ଲାର ଜିଲ୍ଲାପାଳ ଓ ବିଡ଼ିଓ ମାନେ ଉପସ୍ଥିତ ଥିଲେ ।

## ତ୍ରୁଟି...

ଯେତେବେଳେ ଏସ୍ଆଇଆରର ବିଜ୍ଞପ୍ତି ଆସିବେ ସେତେବେଳେ ଆମେ ହସ୍ତକ୍ଷେପ କରିବୁ ବୋଲି କହିଥିଲେ । କୋର୍ଟ କହିଛନ୍ତି ଯେ ଉଭୟ ପକ୍ଷରୁ ସମୟସୀମା ଦିଆଯାଇଛି । ଏହାକୁ ସମ୍ମାନ ଜଣାଇ ଆମେ ଏହାର ଜରୁରୀ ଆବଶ୍ୟକତାକୁ ଅନୁଭବ କରୁଛୁ । ଅଗଷ୍ଟ ୧୨-୧୩ରେ ପୁନର୍ବାର ଏହାକୁ ଶୁଣାଣି କରାଯିବ । ଜୁନ୍ ୨୪ରେ ଏସ୍ଆଇଆରର ନିର୍ଦ୍ଦେଶନାମାକୁ ନେଇ ଯାଚିକା ଦାଖଲର ଶୁଣାଣି ସୁପ୍ରିମ୍‌କୋର୍ଟ କରିଥିଲେ । ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଏଭଳି ପଦକ୍ଷେପ ସମ୍ବିଧାନର ଧାରା ୧୪, ୧୮, ୨୧, ୩୨୫ ଓ ୩୨୬କୁ ଉଲ୍ଲଂଘନ କରୁଛି । ନିର୍ବାଚନ କମିଶନ ଦର୍ଶାଇଥିଲେ ଯେ ସମ୍ବିଧାନ ଜନପ୍ରତିନିଧି ଆଇନ୍‌ରେ ଥିବା ୩୨୪ ଧାରା ଅନୁଯାୟୀ ଏହା କରାଯାଉଛି । ସଂଶୋଧନର ଆବଶ୍ୟକତା ରହିଛି । କାରଣ ଭୌଗୋଳିକ ସ୍ଥିତି, ସହରାଞ୍ଚଳକୁ ଚାଲି ଯାଉଥିବା ଲୋକେ ଏବଂ ୨୦ ବର୍ଷ ଧରି ଭୋଟର ତାଲିକା ସଂଶୋଧନ ହୋଇନଥିବାରୁ ଏହା ଜରୁରୀ ଥିଲା । ଆଧାର ଓ ରାସନକାର୍ଡ ଜାଲିଆତି କରାଯାଉଛି । ଏହା ଯାଞ୍ଚ ବେଳେ ଗ୍ରହଣୀୟ ତଥ୍ୟ ନୁହେଁ । ତେବେ କୋର୍ଟ କହିଥିଲେ ଯେ ଇସିଆଇ ଆଧାର, ରାସାନକାର୍ଡ ଓ ଭୋଟ ପରିଚୟପତ୍ରକୁ ତଥ୍ୟ ଭାବେ ନିଅନ୍ତୁ । ଆଜି ଶୁଣାଣି ସମୟରେ ଏଡିଆର ପକ୍ଷରୁ ପକ୍ଷ ରଖି ଆଇନ୍‌ଜୀବୀ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ୬୫ ଲକ୍ଷ ଭୋଟର ଏହି ପ୍ରକ୍ରିୟାରୁ ବାଦ୍ ପଡିଛନ୍ତି । ୬୫ ଲକ୍ଷ କ୍ଷତିଗ୍ରସ୍ତ ହେବା ଏକ ବଡ କ୍ଷତି । ବରିଷ୍ଠ ଆଇନ୍‌ଜୀବୀ ରାକେଶ ଦ୍ୱିବେଦୀ ଉଲ୍ଲେଖ କରିଥବଲେ ଯେ ଚୂଡାନ୍ତ ସଂଖ୍ୟା ଏବେ ପ୍ରକାଶ ପାଇନାହିଁ । ଆପତ୍ତି ଅଭିଯୋଗ ପରେ ପ୍ରକାଶ ପାଇବ । ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯେ ଅଗଷ୍ଟ ୧୨ ଓ ୧୩ ତାରିଖକୁ ପ୍ରଥମ ଚିଠା ତାଲିକା ଆସିବ ବୋଲି ଅନୁମାନ କରାଯାଉଛି । ଏହାପରେ ଆମେ ଅଭିଯୋଗ ଶୁଣିବା । ସେପ୍ଟେମ୍ବରରେ ଦ୍ୱିତୀୟ ପର୍ଯ୍ୟାୟ ହେବ ବୋଲି ସେ କହିଥିଲେ ।

## ଅଗଷ୍ଟ...

ଓଡ଼ିଶା 'ଅତିଥି ଦେବୋ ଭବଃ' ନୀତିକୁ ସବୁବେଳେ ପ୍ରାଥମିକତା ଦେଇଥାଏ । ଏଣୁ ଏଥିରେ ଯୋଗଦେବାକୁ ଥିବା ଅତିଥିମାନଙ୍କ ଚର୍ଚ୍ଚାରେ ଯେପରି କୌଣସି ତ୍ରୁଟି ନ ରହେ ତାହା ଉପରେ ବାଚସ୍ପତି ଗୁରୁତ୍ୱାରୋପ କରିଥିଲେ ।

ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେବାକୁ ଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସମ୍ମିଳନୀ ପରେ ଅତିଥିମାନେ ପୁରୀ ଓ କୋଣାର୍କ ପରିଦର୍ଶନ କରିବେ ।

ଏହିସବୁ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ତଦାରଖ କରିବା ପାଇଁ ଲୋକସଭାର ନିର୍ଦ୍ଦେଶକ ଡ. ଯମ୍‌ନାମ୍ ଅରୁଣ କୁମାରଙ୍କ ସହ ଏକ ଉଚ୍ଚସ୍ତରୀୟ ଅଧିକାରୀ କମିଟି ଓଡ଼ିଶା ଗସ୍ତରେ ଅଛନ୍ତି । ପ୍ରସ୍ତୁତି ବୈଠକରେ କମିଶନରେଟ୍ ପୋଲିସ, ସଂସଦୀୟ ବ୍ୟାପାର ବିଭାଗ, ଗୃହ ବିଭାଗ, ଅର୍ଥ ବିଭାଗ, ପର୍ଯ୍ୟଟନ ବିଭାଗ, ପୂର୍ତ୍ତ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିବାବେଳେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୩୦ କୋଟିର...

ବିଦେଶରୁ କେଉଁମାନେ ପଠାଉଛନ୍ତି, ତାଙ୍କ ପାଖରେ ଭାରତର ତଦନ୍ତକାରୀ ଏଜେନ୍ସି ପହଞ୍ଚି ପାରିବ ନାହିଁ । ହେଲେ ଓଡ଼ିଶାର କେଉଁମାନେ ବିମାନ ଯୋଗେ ଏହିପରି ଡ୍ରଗ୍ସ ମଗାଉଛନ୍ତି ସେମାନଙ୍କୁ ଠାବ କରାଗଲେ ହୁଏତ ଏହି କାରବାର ଥମିଯାଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ଓଡ଼ିଶାରୁ ବିଦେଶକୁ ଗଞ୍ଜେଇ ଚାଲାଣ ହେବା ଜଣାଥିଲା । ହେଲେ ଓଡ଼ିଶାକୁ ବିମାନ ଯୋଗେ ଉନ୍ନତମାନର ଗଞ୍ଜେଇ ଅର୍ଥାତ୍ ମାରିଜୁଆନା ଆସୁଛି ତାହା ସମସ୍ତଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ।

## ପ୍ରଳୟ...

ପରୀକ୍ଷଣ ହୋଇଯାଇଥିଲା । ଏହି କ୍ଷେପଣାସ୍ତ୍ର ର ଲକ୍ଷ୍ୟଭେଦ କ୍ଷମତା ୧୫୦ ରୁ ୫୦୦ କିଲୋମିଟର ପର୍ଯ୍ୟନ୍ତ ରହିଛି । ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ରେ ଅତ୍ୟାଧୁନିକ ନେଭିକେସନ ସିଷ୍ଟମ, ହାଇ ଏକ୍ୟୁରେଶି ଗାଇଡେନ୍ସ ଟେକ୍ନୋଲୋଜି ବ୍ୟବହାର କରାଯାଉଛି । ଏହାକୁ ଭୂପୃଷ୍ଠରୁ ଭୂପୃଷ୍ଠକୁ ଉତକ୍ଷେପଣ କରାଯାଇ ପାରିବ । ଏହି ପରୀକ୍ଷଣ ବେଳେ ଡିଆରଡିଓର ଉଚ୍ଚପଦସ୍ଥ ଅଧିକାରୀ, ବୈଜ୍ଞାନିକମାନେ ଉପସ୍ଥିତ ଥିଲେ । ଏହି ପରୀକ୍ଷଣ ପ୍ରତିରକ୍ଷା ବିଭାଗର ଏକ ମାଇଲ ଖମ୍ବ ହେବ ବୋଲି ଡିଆରଡି ଓ ପକ୍ଷରୁ କୁହାଯାଇଛି ।

## ଭିଜିଲାନ୍ସ...



ଘର, ଚନ୍ଦକା ସମେତ ଭୁବନେଶ୍ୱରରେ ୮ଟି, ନୟାଗଡ ଓ ଖୋର୍ଦ୍ଧାରେ ଥିବା ପ୍ଲଟ୍‌କୁ ମିଶାଇ ୧୩ଟି ପ୍ଲଟ୍ ଠାବ କରିଛି ଭିଜିଲାନ୍ସ । ନୟାଗଡରେ ଥିବା ଦୁଇଟି ପ୍ଲଟ୍ ଜାମ୍ବୁ ସାହିରେ ବୋଲି ଜଣାପଡିଛି । ଖୋର୍ଦ୍ଧା ଅବରଙ୍ଗଠାରେ ପ୍ଲଟ୍ ମଧ୍ୟ ଠାବ ହୋଇଛି ।

ବ୍ୟାଙ୍କ୍, ପୋଷ୍ଟାଲ ଓ ଇନ୍‌ସ୍ୟୁରାନ୍ସରେ ୭୫ଲକ୍ଷ ଜମା ଥିବା ଜଣାପଡିଛି । ଦୁଇଟି ପିଲା ୬୭ଲକ୍ଷ ଦେଇ କିଟ୍ ଓ କିମ୍ସରେ ପାଠ ପଢୁଥିବା ଜଣାପଡିଛି । ୩୦ଲକ୍ଷର ନଗଦ ଟଙ୍କା ଓ ଗୃହପୋକରଣ ମିଳିଛି । ସେହିପରି ବିପୁଳ ପରିମାଣର ସୁନା ଗହଣା ଓ ରୁପା ଗହଣା ଠାବ କରିଛି ଭିଜିଲାନ୍ସ । ଟେକ୍ନିକାଲ ଟିମ୍ ଆକଳନ କରିବା ପରେ କେତେ କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ ହେଲା ତାହା ଜଣାପଡିବ ବୋଲି ଭିଜିଲାନ୍ସ କହିଛି ।

## ବଢୁଛି ଡିଜିଟାଲ୍ କାରବାର

# ଉପଭୋକ୍ତାଙ୍କ ସୁରକ୍ଷା ଲାଗି ଏନ୍‌ପିସିଆଇର ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଡିଜିଟାଲ୍ ପେମେଣ୍ଟ ଉପଭୋକ୍ତାଙ୍କ ସୁରକ୍ଷା ପାଇଁ ଅଭିଯାନ ଆରମ୍ଭ ହୋଇଛି । ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଷ୍ଟପ୍, ଥିଙ୍କ୍, ଆକଫ ନୀତିକୁ ସାମିଲକରାଯାଇଛି । ଏନ୍‌ପିସିଆଇ ଉପଭୋକ୍ତାମାନଙ୍କୁ ସତର୍କ ରହିବାକୁ ଏବଂ ଠକାମିରୁ ସୁରକ୍ଷିତ ରହିବା ପାଇଁ ଉତ୍ତମ ପରିଚାଳନା ଅବଲମ୍ବନ କରିବାକୁ ଅନୁରୋଧ କରିଛି ।ୟୁପିଆଇର ବୃଦ୍ଧି ଏବଂ ଡିଜିଟାଲ୍ ସୁରକ୍ଷାର ଆବଶ୍ୟକତାୟୁନିଫାଇଡ୍ ପେମେଣ୍ଟ୍ ଇଂଟରଫେସ୍ (ୟୁପିଆଇ) ଭାରତରେ ଡିଜିଟାଲ୍ କାରବାରର ମୁଖ୍ୟ ମାଧ୍ୟମ ହୋଇଛି ଯାହା ୨୦୨୪ରେ ସମୁଦାୟପେମେଣ୍ଟ ପରିମାଣର ୮୩% ଅଟେ । ୨୦୨୫ ଜୁନ୍‌ରେୟୁପିଆଇରେ ୧୮.୪୦ ବିଲିୟନ୍ କାରବାର ହୋଇଥିଲା ଯାହା ପରିମାଣରେ୩୨% ଏବଂ ମୂଲ୍ୟରେ ୨୦% ବୃଦ୍ଧିକୁ ଦର୍ଶାଉଛି । ଗତ ୫ ବର୍ଷରେୟୁପିଆଇର ବ୍ୟବହାର ୭୪% ଚକ୍ରବୃଦ୍ଧି ହାରରେ (ସିଏଜିଆର) ବଢ଼ିଛି, ଯାହା ଏହାକୁ କାରବାର ପରିମାଣରେ ସର୍ବବୃହତ୍ ରିଟେଲ୍ ପେମେଣ୍ଟ ବ୍ୟବସ୍ଥାରେ ପରିଣତ କରିଛି । ଆରମ୍ଭରୁ ଆଜି ପର୍ଯ୍ୟନ୍ତୟୁପିଆଇରେ ୪୬୦ ନିୟୁତରୁ ଅଧିକ ଅନନ୍ୟ ଉପଭୋକ୍ତା ଯୋଡ଼ିପାରିଛି ।ଏନ୍‌ପିସିଆଇର ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥାୟୁପିଆଇ କେବଳ ସୁବିଧା ନୁହେଁ, ଏହାର ମଜଭୁତ ସୁରକ୍ଷା ବ୍ୟବସ୍ଥା ସହିତ ପ୍ରତ୍ୟେକ କାରବାରର ସୁରକ୍ଷା ନିଶ୍ଚିତ କରୁଛି । ଏନ୍‌ପିସିଆଇପକ୍ଷରୁ ଡିଭାଇସ୍ ବାଇଣ୍ଡିଂ ପରି ଉନ୍ନତ ପ୍ରୋଟୋକଲ୍ ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ବ୍ୟବହାର କରାଯାଉଛି । ଏହି ବିଶେଷତା ଉପଭୋକ୍ତାଙ୍କ ଖାତାକୁ ଏକ ନିର୍ଦ୍ଦିଷ୍ଟ ମୋବାଇଲ୍ ଡିଭାଇସ୍ ସହିତ ଲିଙ୍କ୍ କରୁଛି ଯାହାଦ୍ୱାରା ସଂଯୁକ୍ତ ଡିଭାଇସ୍ ବିନା କୌଣସି ତୃତୀୟ ପକ୍ଷ ଏହାକୁ ହାସଲ କରିପାରିବ ନାହିଁ । ଏହା ବ୍ୟତୀତୟୁପିଆଇରେ ଦୁଇ ପର୍ଯ୍ୟାୟ ପ୍ରାମାଣିକରଣ ରହିଛି ଯେଉଁଥିରେ ଉପଭୋକ୍ତାଙ୍କୁ କାରବାର ଅନୁମୋଦନ କରିବା ପୂର୍ବରୁ ମୋବାଇଲ୍ ନମ୍ବର ଏବଂୟୁପିଆଇ ପିନ୍ ବ୍ୟବହାର କରି ପରିଚୟ ଯାଞ୍ଚ କରିବାକୁ ପଡୁଛି ।ଏନ୍‌ପିସିଆଇର ଚିଫ୍ ରିସ୍କ ଅଫିସର ବିଶ୍ୱନାଥ କୃଷ୍ଣମୂର୍ତ୍ତି କହିଛନ୍ତି ଯେ, ସୋସିଆଲ୍ ଇଞ୍ଜିନିୟରିଂ ହେଉଛି ଯେତେବେଳେ ଠକମାନେ ଲୋଭ, ଭୟ ଏବଂ ଅଜ୍ଞତା ଭଳି ମାନବୀୟ ପ୍ରବୃତିକୁ ବ୍ୟବହାର କରି ଉପଭୋକ୍ତାମାନଙ୍କୁ ଠକିବାକୁ ଚେଷ୍ଟା କରନ୍ତି । ସେମାନେଉପଭୋକ୍ତାଙ୍କୁ ବିଶ୍ୱାସଯୋଗ୍ୟ ଦେଖାଯାଉଥିବା କାରବାର ଅନୁମୋଦନ କରିବାକୁ ପ୍ରଲୋଭିତ କରନ୍ତି । ତେଣୁ ଡିଜିଟାଲ୍ ପେମେଣ୍ଟ୍‌କୁ ସୁରକ୍ଷିତ ଭାବେ ବ୍ୟବହାର କରିବା ଏବଂ ଠକାମିରୁ ଦୂରେଇ ରହିବା ଗୁରୁତ୍ୱପୂର୍ଣ୍ଣ । ଠକାମିର ପ୍ରାରମ୍ଭିକ ସଙ୍କେତ ଚିହ୍ନିବା ଆପଣଙ୍କୁ ଏବଂଆପଣଙ୍କ ପରିବାରକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବ ଯାହା ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ, ନଗଦ ବିହୀନ ଅର୍ଥନୀତି ଗଠନକରିବ



।ଉପଭୋକ୍ତାଙ୍କ ପାଇଁ ପରାମର୍ଶବଳୀ: କିପରି ସୁରକ୍ଷିତ ରହିବେ?ୟୁପିଆଇରେ ମଜଭୁତ ସୁରକ୍ଷା ବ୍ୟବସ୍ଥା ଥାଇ ମଧ୍ୟ ଠକମାନେ ସୋସିଆଲ୍ ଇଞ୍ଜିନିୟରିଂ କୌଶଳ ବ୍ୟବହାର କରିବାକୁ ଚେଷ୍ଟା କରନ୍ତି ।ତେଣୁ, ଉପଭୋକ୍ତାମାନଙ୍କୁ ସତର୍କ ରହିବାକୁ ଏନ୍‌ପିସିଆଇ ପରାମର୍ଶ ଦେଇଛି । ଅପ୍ରତ୍ୟାଶିତ ଫୋନ୍, ମେସେଜ୍ କିମ୍ବା ଇମେଲ୍ ଆସିଲେ ତାହାର ଉତ୍ତର ଦେବା ପୂର୍ବରୁ ଅଟକନ୍ତୁ । ଦାବିକୁ ଯାଞ୍ଚ କରନ୍ତୁ, କମ୍ପାନିର ଅଫିସିଆଲ୍ ଓ୍ୱେବସାଇଟ୍ କିମ୍ବା ଗ୍ରାହକ ସେବା ହେଲପଲାଇନ୍ ସହିତଯୋଗାଯୋଗ କରନ୍ତୁ । ସନ୍ଦେହଜନକ ଅନୁରୋଧକୁ ଅଗ୍ରାହ୍ୟ କରନ୍ତୁ ଏବଂ ଠକାମିର ପ୍ରୟାସ ବିଷୟରେ ସମ୍ବନ୍ଧିତପ୍ରାଧିକରଣକୁ ତୁରନ୍ତ ଅବଗତ କରନ୍ତୁ ।କିଭଳି ଠକାମି ବିଷୟରେ ଜଣାଇବେ, ଠକାମି ସନ୍ଦେହ ହେଲେ ଉପଭୋକ୍ତାମାନେ ତୁରନ୍ତ ଘଟଣା ବିଷୟରେ ଜଣାଇବା ଉଚିତ ।

## ଟିପିସିଓଡିଏଲ୍ ପକ୍ଷରୁ ଏଥିକ୍ସ-ଡେ ପାଳିତ

ଭୁବନେଶ୍ୱର (ସବ୍ୟୁ) : ଭାରତ ରନି ଜେଆରଡି. ଟାଟାଙ୍କ ୧୨୧ତମ ଜନ୍ମଜୟନ୍ତୀ ଅବସରରେ ଟିପିସିଓଡିଏଲ ପକ୍ଷରୁ ଏଥିକ୍ସ-ଡେ ପାଳିତ ହୋଇଯାଇଛି । କର୍ପୋରେଟ୍ ଅଫିସ୍ ସମେତ ଟିପିସିଓଡିଏଲର ବିଭିନ୍ନ ଅଫିସରେ ଏଥିକ୍ସ-ଡେ ପାଳିତହୋଇଯାଇଛି ।କର୍ପୋରେଟ୍ ଅଫିସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ସିଇଓ ଅରବିନ୍ଦ ସିଂହ, ବରିଷ୍ଠ ଅଧିକାରୀମାନଙ୍କ ସହିତ, ଜେ.ଆର.ଡି.ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ଜିବନୀ ଏବଂ ମହାନତା ଉପରେ ଆଲୋଚନା କରିଥିଲେ । ଭାରତରେ ବେସାମରିକ ବିମାନ ଚଳାଚଳର ଅଗ୍ରଣୀ ଠାରୁ ଆରମ୍ଭ କରି ଶିଳ୍ପ, ଅଖଣ୍ଡତା ଏବଂ ନବସୃଜନରେ ଅତୁଳନୀୟ ମାନଦଣ୍ଡ ପ୍ରତିଷ୍ଠା କରିବା ପର୍ଯ୍ୟନ୍ତ ଜେ.ଆର. ଡି. ଟାଟାଙ୍କ ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରାଯାଇଥିଲା । ବିଶେଷକରି ଜେ.ଆର.ଡି. ଟାଟା ସର୍ବଦାଗୁଣବତ୍ତା, ସରଳତା ଏବଂ ନୀତିଶାସ୍ତ୍ର ଉପରେ ଗୁରୁତ୍ୱ ଦେଇଥିଲେ ବୋଲି କାର୍ଯ୍ୟକ୍ରମରେ ଅନେକ ଅଧିକାରୀ ମତପୋଷଣ କରିଥିଲେ ।ଟିପିସିଓଡିଏଲ୍ କର୍ମଚାରୀମାନେ ଭିନ୍ନ ଭିନ୍ନ କାର୍ଯ୍ୟାଳୟରେ ଯୋଗଦେଇ ଏଥିକ୍ସ-ଡେ ପାଳନ କରିବା ସହ ଜେ.ଆର. ଡି. ଟାଟାଙ୍କକାଳଜୟୀ ମୂଲ୍ୟବୋଧ ଏବଂ ଟାଟା ଗ୍ରୁପର ନୀତିଶାସ୍ତ୍ର, ସ୍ୱଚ୍ଛତା, ଉତ୍କର୍ଷତା ଏବଂ ରାଷ୍ଟ୍ର ପ୍ରତି ସେବାର ମୂଳ ନୀତିଗୁଡ଼ିକୁ ବଜାୟ ରଖିବାପାଇଁ ସଂକଳ୍ପ ନେଇଥିଲେ ।" ଉତ୍କର୍ଷତା ଏକ କାର୍ଯ୍ୟ ନୁହେଁ, ବରଂ ଏକ ଅଭ୍ୟାସ" ଜେ.ଆର.ଡି. ଟାଟାଙ୍କ ଏହି ସ୍ଥାୟୀ ବିଶ୍ୱାସ ପିଢି ପରେ ପିଢ଼ିକୁ ପ୍ରେରଣା ଦେଇଚାଲିଛି ଏବଂ ଟିପିସିଓଡିଏଲର ପ୍ରତ୍ୟେକ କର୍ମଚାରୀଙ୍କ ପାଇଁ ଏହା ଏକ ମାର୍ଗଦର୍ଶିକା ହୋଇ ରହିଛି ।

**AFFIDAVIT**

By virtue of an Affidavit sworn before Executive Magistrate, Bhubaneswar, dated 28.07.2025, CF No. 11 6, I **Lili Pradhan, aged 37 years,** W/O: Santosh Pradhan, Permanent resident of At: Rukhakana, Polasara, PO: Kalambo, PS: Chhatrapur, Dist: Ganjam- 761105 at present Gada Mahavir Lane No.1, PO: Sisupalgarh, PS: Dhauli, Bhubaneswar-751002, Dist: Khordha, Aadhaar No. 8867 8287 1025, declare that I have changed my minor son's name from **Om Sairam Pradhanmantri** (old name) to **Om Sairam Pradhan** (new name). Henceforth he shall be known as **Om Sairam Pradhan** for all purposes.

**AFFIDAVIT**

I, Ratna Prava Sahoo, W/o- Saroj Kumar Sahoo Resident at Jagannathpur Patana, Po-Satapatana, Ps-Daspalla, Dist- Nayagarh, Pin-752091 declare by this affidavit No. 3507 dated 25.07.2025 that Now onwards I shall be known as RATNA PRABHA SAHOO for all future purposes.

**ODISHA GRAMEEN BANK**

INFORMATION TECHNOLOGY DEPARTMENT, HEAD OFFICE, GANDAMUNDA, P.O.- KHANDAGIRI, BHUBANESWAR-751030 (ODISHA)

**Odisha Grameen Bank** invites Gem bid no.- **GEM/2025/B/6421064** application for Procurement of 1700 Biometric L0 (Mantra MFS100) devices for Odisha Grameen Bank. For details and application format please visit Bank's website: **www.odishabank.in**

**GENERAL MANAGER**

OFFICE OF THE SUPERINTENDING ENGINEER
RURAL WATER SUPPLY AND SANITATION DIVISION.CUTTACK
MAHANADIBIHAR: CUTTACK-753004

O-491

Govt, of Odisha e-procurement Notice

**Bid Identification No. rwssctc- 01 /2025-26**

The Superintending Engineer, RWS&S Division, Cuttack on behalf of Governor of Odisha invites lump sum bid through e-procurement in double cover system according to norm of e-procurement.

1. Nature of work : Construction of Quarters under RWSS, Division .Cuttack .
2. No. of tenders : 2 Nos.
3. Tender Paper Cost : 6000/-
4. Value of Work : Rs. 38.39 Lakhs to 39.53 Lakhs
5. Class of Contractor : "B" and "C" Class
6. Date and time of availability of bid document in portal : 11 hour of 30.07.25 to 12.08.25 up to 17 hours.
7. Date & time of seeking tender clarification : 11.08.25 up to 17 hours
8. Date & time of opening of tender : 13.08.25 at 11:30 Hours in the office of the Superintending Engineer, RWS&S Division, Cuttack
9. Time of completion : 180 days.
10. The bidders have to participate in online biding only. Further details can be seen from the website **https://www.tendersorissa.gov.in.**

OIPR : 25022/11/0013/2526

Sd/- Superintending Engineer
RWS&S Division, Cuttack

OFFICE OF THE GENERALMANAGER, WESTERN ZONE
ODISHA CONSTRUCTION CORPORATION LIMITED, SAMBALPUR, ODISHA
e-Mail : gmwzsambalpur@gmail.com

CAD-1310

**"e-Procurement Notice No-01/OCCL/GMWZ/2025-26 (on-line)**

On-line percentage rate tenders are invited for the following works :

| Sl. No. | Name of Work | Bid Identification No. | Approx Value of work | Bid Security (through on-line transfer/ as per DTCN) (in Rs.) | Period of Completion | Availability & Submission of tender of Tender (on-line) |
|---|---|---|---|---|---|---|
| 1 | Infrastructure uppgradation of Veterinary Dispensary at Burla in Sambalpur District | OCCL-SMP/01/25-26 | Rs. 62.13 Lakhs | Rs. 0.62 Lakhs | 1 Year (one year) | From 30/07/2025, 03.30 PM to 13/08/2025 5.30 PM |

Procurement Officer : General Manager, Western Zone OCCL
Date of Opening of the Tender : **14.08.2025, 12.00 Noon onwards**
Further details can be seen from the : e-procurement portal : **https://www.tendersodisha.gov.in**

OIPR : 34187/11/0001/2526

Sd/- General Manager (C) WZ

GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, ANGUL
E-Mail - sencrwangul@yahoo.co.in
Ph. 06764 - 236404

O-502

No. 2150 Date : 25.7.25

**NOTICE INVITING TENDER FOR ROAD WORKS IN ODISHA**

**Bid Identification No. Road Online AGL-08/2025-26**

1. Name of the Work : Road works
2. Total No. of work : 07 Nos.
3. Estimated Cost : Rs. 423.03 to Rs. 551.29 Lakhs (Approx.)
4. Class of Contractor : As per annexure.
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online-AGL-08/2025-26 | 04.08.2025 at 10.00 A.M. | 18.08.2025 up to 5.00 P.M. | 16.08.2025 up to 1.00 P.M. | 19.08.2025 at 10.00 A.M. | Will be intimated separately |

For detailed Notice inviting Tenders, Please visit to the website **www.tendersorissa.gov.in**

OIPR : 25180/11/0060/2526

Sd/- Chief Construction Engineer,
Rural Works Circle, Angul

GOVERNMENT OF ODISHA : DEPARTMENT OF WATER RESOURCES
O/o THE CHIEF ENGINEER AND BASIN MANAGER,
MAHANADI BASIN, AT-BURLA, DISTRICT-SAMBALPUR, PIN-768017
E-mail Id - cebmumbburla@gmail.com

A-441

**'e' Procurement Notice No-CE & BM-MB- 09/2025-2026 (Online)**

**BID IDENTIFICATION NO- CE & BM-MB-09/2025-2026 (Online)**

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project (Adgaon Canal Section, Bargarh Irrigation Division, Bargarh). |
| 2 | No of works | : | One (01) number |
| 3 | Class of contractor | : | "A Class" and "Special Class" |
| 4 | Bid identification No | : | CE&BM-MB- 09/2025-2026 (Online) |
| 5 | Estimated cost | : | Rs. 19.78 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated- 01.08.2025 at 11.30 AM to Dated- 21.08.2025 up to 5.00 PM. |
| 8 | Last date/ time for receipt of Bids in the portal | : | Dated- 21.08.2025 up to 5.00 PM. |
| 9 | Date of opening of Technical Bid (Cover-I) | : | Dated- 22.08.2025 at 11.30 AM, O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur,Odisha,768017 Email Id: cebmumbburla@gmail.com |

1. Any addendum/corrigendum/ cancellation/ erratum of tender can also be seen in the said website.
2. Further details can be seen from Government Website **http://tendersodisha.gov.in.**

OIPR : 32508/11/0016/2526

Sd/- Chief Engineer & Basin Manager,
Mahanadi Basin, Burla

OFFICE OF THE DISTRICT PROJECT CO-ORDINATOR,
SAMAGRA SHIKSHA, KHORDHA
AT/PO-KHORDHA, DIST-KHORDHA, STATE-ODISHA, PIN-752055
E-mail: dpckhurdassa.opepa@nic.in, Tel: (06755) 223525

n-109

**INVITATION FOR BIDS (IFB)**

**e-Procurement Notice Bid Identification No.- 01/CW/SS/2025-26 Tender Call Notice No. 2510/28.07.2025**

1. Name of the Work :- Construction of One no. Additional Class room in col. 2 of Annexture as per DTCN
2. Total no. of Work :- 33 Nos. (Percentage Rate)
3. Amount put to tender :- As mention in col. 3 of Annexture as per DTCN
4. Class of Contractor :- As mention in col. 5 of Annexture as per DTCN
5. Period of completion :- As mention in col. 7 of Annexture as per DTCN
6. Bid Security / EMD :- As mention in col. 4 of Annexture as per DTCN
7. Paper Cost :- As mention in col. 6 of Annexture as per DTCN
8. Other Details :-

| Tender inviting Authority | Bid Identification No. | Availability of tender On-line for Bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| District Project Co-ordinator, S.S, Khordha | 01/CW/SS/ 2025-26 | 3.00 P.M. of 04/08/2025 | 5.00 P.M. of 19/08/2025 | 5.00 P.M. of 16/08/2025 | 11.00 A.M. of 20/08/2025 |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Further details can be seen from the website **https://tendersodisha.gov.in.**

OIPR : 27101/11/0007/2526

Sd/- District Project Co-ordinator
S.S, Khordha

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଅସରାଏ ବର୍ଷାରେ ପୁଣି ବୁଡ଼ିଲା ରାଜଧାନୀ



ଭୁବନେଶ୍ୱର (ସବ୍ୟୁ) : ଅସରାଏ ବର୍ଷାରେ ମଙ୍ଗଳବାର ଉବୁଟୁବୁ ହୋଇଛି ରାଜଧାନୀ । ବୁଡ଼ିଛି ଭୁବନେଶ୍ୱର ସହର ଓ ସହରତଳି ଅଞ୍ଚଳ । ବର୍ଷାରେ ପ୍ରମୁଖ ରାସ୍ତାମାନଙ୍କରେ ଅସମ୍ଭାଳ ପରିସ୍ଥିତି ଦେଖିବାକୁ ମିଳିଛି । ଏଜି ଛକରୁ ରାଜଭବନ ପର୍ଯ୍ୟନ୍ତ ରାସ୍ତାରେ ମନ୍ତ୍ରୀ, ବିଧାୟକମାନଙ୍କ କ୍ୱାର୍ଟର୍ସ ଆଗରେ ବି ପାଣି ଲହଡ଼ି ମାରିଛି । ଆଜି ଦୁଇ ଘଣ୍ଟାରେ ୩୭ ମିମି ବର୍ଷା ହୋଇଥିବା ବେଳେ ଇସ୍କନ, ବମିଖାଲ, ଶ୍ରୀୟା ଛକ, ଏକାମ୍ର ହାଟ ସମ୍ମୁଖ ରାସ୍ତା, ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଓ ସମ୍ମୁଖ ରାସ୍ତା ଜଳାର୍ଣ୍ଣବ ହୋଇଯାଇଥିଲା । ବିଏମସି ମୁଖ୍ୟ କାର୍ଯ୍ୟାଳୟ ବି ଏଥିରୁ ବାଦ୍ ପଡ଼ିନଥିଲା । କାର୍ଯ୍ୟାଳୟ ସମ୍ମୁଖ ଓ ପଛ ରାସ୍ତାରେ ପାଣି ଲହଡ଼ି ମାରିଥିଲା ।

ସେପଟେ ଡ୍ରେନରେ ପାଣି ନିଷ୍କାସନ ହୋଇନପାରି ରାସ୍ତା ଉପରେ ଲହଡ଼ି ମାରିଥିଲା । ଫଳରେ ଯାତାୟାତରେ ପ୍ରଭାବିତ ହୋଇଥିଲା । ସହରବାସୀ ଦୁର୍ଦ୍ଦଶା ଭୋଗିଥିଲେ । ସହରର ଗଳିକନ୍ଦି ବି ଏଥିରୁ ବାଦ୍ ପଡ଼ିନଥିଲା । କେଉଁଠି ଆଣ୍ଠୁଏ ତ' କେଉଁଠି ଜଙ୍ଘେ ଉଚ୍ଚରେ ପାଣି ଗଳିକନ୍ଦିରେ ଲହଡ଼ି ମାରିଥିଲା । ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡ଼ିଥିଲା । ବିଶେଷ କରି ବମିଖାଲ ବ୍ରିଜ୍ ନିକଟରେ ଆଣ୍ଠୁଏ ଉଚ୍ଚରେ ପାଣି ଲହଡ଼ି ମାରିଥିଲା । ଫଳରେ ଗାଡ଼ିମୋଟର ଯାତାୟାତ କିଛି ସମୟ ପାଇଁ ପ୍ରଭାବିତ ହୋଇଥିଲା । ପାଣିରେ ବି କିଛି ଗାଡ଼ି ଫସି ରହିଥିଲା । ପ୍ରାୟ ଅଧ ଘଣ୍ଟାଏ ପରେ ପାଣି ଖାଲି ହେବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା । ବମିଖାଲ ଓ ଅନ୍ୟସ୍ଥାନରେ ନାଳ ପାଣି ମିଶା ବର୍ଷା ପାଣି ରାସ୍ତାରେ ଲହଡ଼ି ଭାଙ୍ଗିଥିଲା ୟୁନିଟ୍-୩ ଅଞ୍ଚଳ, କେନ୍ଦ୍ରୀୟ ବିଦ୍ୟାଳୟ ଓ ଆଖପାଖ ଅଞ୍ଚଳ ପାଣିରେ ବୁଡ଼ି ରହିଥିଲା ।

ଜାତୀୟ ରାଜପଥ ଓ ଓଭରବିଜ୍ର ଉପରେ ପାଣି ଜମି ଥିବା ଗାଡ଼ିମୋଟର ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା । ବାମ ପାଶ୍ୱର୍ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମିଥିବାରୁ ଟ୍ରାଫିକ ସମସ୍ୟା ବି ଉପୁଜିଥିଲା । ସେହିପରି ଇସ୍କନ ମନ୍ଦିର ସମ୍ମୁଖ ରାସ୍ତା ଘଣ୍ଟା ଘଣ୍ଟା ଧରି ବନ୍ଦ ରହିଥିଲା । କାରଣ ଏହି ରାସ୍ତାରେ ବେକେ ଯାଏଁ ପାଣି ଜମି ରହିଥିଲା । ପ୍ରତି ବର୍ଷ ଏଠାରେ ବର୍ଷା ଜଳର ନିଷ୍କାସନ ସମସ୍ୟା ଦେଖାଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମାଧାନ ହୋଇପାରିଲା ନାହିଁ ।

# ଏପିଏମ୍‌ଟି ଫାଉଣ୍ଡେସନ ପକ୍ଷରୁ ବୋଲବମ୍ ଭକ୍ତସେବା

କଟକ, (ସ୍ୱପ୍ର) : ଓଡିଶାର ସୁପରିଚିତ ସାମାଜିକ ଓ ଆଧାତ୍ମିକ ସେବା ସଙ୍ଗଠନ ଏପିଏମ୍‌ଟି ଫାଉଣ୍ଡେସନ ପକ୍ଷରୁ ରାଜ୍ୟର ପ୍ରମୁଖ ଶୈବପୀଠ ଶ୍ରୀଶ୍ରୀ ଧବଳେଶ୍ୱର ମହାପ୍ରଭୁଙ୍କ ପିଠରେ କାଉଡିଆ ମାନଙ୍କ ସେବା ଉଦ୍ଦେଶ୍ୟରେ ଏକ ଅସ୍ଥାୟୀ ଶିବିର ଗଠନ କରାଯାଇଥିଲା । ଶ୍ରାବଣର ତୃତୀୟ ସୋମବାର ଜଳାଭିଷେକ କରିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର କାଉଡିଆ ଭକ୍ତମାନଙ୍କୁ ସେଠାରେ ସେବା ଯୋଗାଇ ଦେବାକୁ ଫାଉଣ୍ଡେସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ବ୍ୟବସ୍ଥା ସାଙ୍ଗକୁ ଆଶୁ ଚିକିତ୍ସା, ଭକ୍ତଙ୍କ ପାଦକୁ ମେସିନ୍ ସହାୟତାରେ ହଳଦୀ ଚନ୍ଦନ ପାଣିରେ ଧୋଇବା ସହିତ ବିଶ୍ରାମ ନେବାର ବ୍ୟବସ୍ଥା, ଗାଧୋଇବା ପାଇଁ ଜଳର ବ୍ୟବସ୍ଥା, ଚା' ପାନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଏହା ରବିବାର ସନ୍ଧ୍ୟା ଠାରୁ ସୋମବାର ସକାଳ ୮ ଘଟିକା ପର୍ଯ୍ୟନ୍ତ ଚାଲିଥିଲା ।



କାଉଡିଆ ମାନଙ୍କୁ ଉତ୍ସାହିତ କରିବା ପାଇଁ ବାଜା, ବାଣ ଓ ଆଲୋକ ସଜ୍ଜାର ବ୍ୟବସ୍ଥା ହୋଇଥିଲା । ପରେ ସେଠାରେ ଜମା ହୋଇଥିବା ଅଳିଆ ଆବର୍ଜନାକୁ ମଧ୍ୟ ସଫେଇ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସଭାପତି ଡଃ ଶିବବ୍ରତ ରାଉତ, ଉପ ସଭାପତି ପ୍ରିୟବ୍ରତ ପୃଷ୍ଟି, ସମ୍ପାଦକ ସଲିଳା ରାଉତ, ସତ୍ୟବ୍ରତ ରାଉତ, ଅମରନାଥ ରାଉତ, ପ୍ରଦୀପ ବେହେରା, ଅରୁଣ କୁମାର ପଣ୍ଡା, ଉଲ୍ଲାସ ରଞ୍ଜନ, ଅବିନାଶ ମହାନ୍ତି, ରଞ୍ଜିତ କୁମାର ସାହୁ, ଅଜୟ କୁମାର ଜେନା ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ କାଉଡିଆ ଭକ୍ତ ସେବାରେ ନିଜକୁ ନିୟୋଜିତ କରିଥିଲେ ।

# ଦୁଷ୍କର୍ମ, ନାରୀ ନିର୍ଯାତନା ଘଟଣା ଆଉ ଲୁଚାଇ ପାରିବେନି ସରକାର : କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଦୁଷ୍କର୍ମ ଏବଂ ନାରୀ ନିର୍ଯାତନାରେ ସାରା ଦେଶରେ ଚାଞ୍ଚଲ୍ୟ କରିଛି ଓଡ଼ିଶା । ଗୋପାଳପୁର, ମାଲକାନଗିରି, ଜଗତସିଂହପୁର ଦୁଷ୍କର୍ମ ରାଜ୍ୟକୁ ଲଜ୍ଜାରେ ପୋତି ଦେଇଛି । ଏବିଭିପିର ସଦସ୍ୟା ସୌମ୍ୟା ଘଟଣା, ବଳଙ୍ଗା ପୋଡ଼ି ଘଟଣା ମର୍ମଭେଦ କରିଛି । କିନ୍ତୁ ଘୋର ଆଶ୍ଚର୍ଯ୍ୟର କଥା ବିଜେପି ମହିଳା ମୋର୍ଚ୍ଚା ଏସବୁ ନିର୍ଯାତନା ଘଟଣାରେ କୁଆଡ଼େ ଲୁଚିକିଥିଲେ । ବର୍ତ୍ତମାନ ନାରୀ ନ୍ୟାୟ ପାଇଁ ରାଜରାସ୍ତାରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ଯେଉଁଦଳ ସରକାରରେ ଅଛି ବ୍ୟବସ୍ଥା ଦେଖୁଛି ସେହି ଦଳର ମହିଳା ମୋର୍ଚ୍ଚା ଆଜି ରାଜରାସ୍ତାରେ ପ୍ରଦର୍ଶନ କରୁଛନ୍ତି । ବିଭିନ୍ନ ଟୀକା ଟିପ୍ପଣୀ ଦେଉଛନ୍ତି । ବାଇଁଆ ଜେନା ପ୍ରସଙ୍ଗରେ ନିଜ ସରକାରକୁ ଘେରିବା ଛାଡ଼ି କଂଗ୍ରେସକୁ ପ୍ରଶ୍ନ ପଚାରୁଛି । ବାଇଁଆକୁ ନିଜ ଦଳର କ୍ୱାଇଁ ପୁଅ କରିଛି । ଅଧିକାଂଶ ନେତାଙ୍କ ସହ ତାଙ୍କ ସମ୍ପର୍କ । ମୁଖପାତ୍ର ମନିଷା ଦାସ ପଟ୍ଟନାୟକ କହିଲେ ଯେ ଆମେ ଆଜି କିଛି ଚୂଡ଼ି ନେଇକି ଆସିଛୁ । କାରଣ ଚୂଡ଼ି ପିନ୍ଧିବା କେତେଯେ କଷ୍ଟ ସେମାନେ ହୃଦୟଙ୍ଗମ କରନ୍ତୁ ବୋଲି ଆଣିଛୁ । ସେମାନେ ଯଦି ଏହି କଷ୍ଟ ଜାଣିଥାନ୍ତେ



ତେବେ ସେମାନେ ରାଜ୍ୟରେ ଘଟୁଥିବା ନାରୀ ନିର୍ଯାତନା ଘଟଣାବେଳେ ଆଗକୁ ଆସିଥାନ୍ତେ, ଲୁଚି ନଥାନ୍ତେ । ମୁଖପାତ୍ର ଜୟଶ୍ରୀ ପାତ୍ର ତାଙ୍କ ବିବୃତିରେ କହିଲେ ଯେ ତୁମ ଦଳ ସରକାରରେ ଅଛି ଏବଂ ତୁମେ ରାଜରାସ୍ତାରେ ଚିକାର କରୁଛ ଏହା ଆଶ୍ଚର୍ଯ୍ୟକର ନୁହେଁ କି? କେଉଁ ଅଭିଯୁକ୍ତକୁ ଗିରଫ କରାଯିବ ଏବଂ କାହାକୁ ଅନୁକମ୍ପାମୂଳକ ସୁରକ୍ଷା ଦିଆଯିବ ସରକାର ନିଜ ଆତ୍ମୀୟସ୍ୱଜନ ବିଚାର କରୁଛନ୍ତି । ଏହା ପ୍ରକୃତରେ ଲୋକଙ୍କ ସରକାର ନା କିଛି ଲୋକଙ୍କ ସରକାର ବୋଲି ପ୍ରଶ୍ନ କରିଛନ୍ତି । ଠିକ ସେମିତି ମୁଖପାତ୍ର ଝୁନା କୁମାରୀ ବିଜେପି କେତେ ନିଛ ଏବଂ ଅସହଷ୍ଣୁ ତା'ର ଉଦାହାରଣ ଦେଖିବାକୁ ମିଳିଲା ବାଣୀବିହାର ଠାରେ । ସେଥାରେ ଥିବା ବିଜେପି ପୋଷ୍ଟର ନିଖୁଣ ଥିବା ବେଳେ ପାଖରେ ଲଗାଯାଇଥିବା ସୌମ୍ୟାଶ୍ରୀର ଶ୍ରଦ୍ଧାଞ୍ଜଳି ପୋଷ୍ଟର ଚିରାଯିବା ଘଟଣା ଏଥିରୁ ଜଣାପଡୁଛି ନାରୀ ନିର୍ଯାତନା ପାଇଁ ଏମାନେ କେତେ ବ୍ୟଥିତ । ମୁଖପାତ୍ର ମଧୁସ୍ମିତା କହିଲେ ବର୍ତ୍ତମାନ ରାଜ୍ୟର ମହିଳାମାନେ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ଜାଣିଲେଣି । ଦୁଷ୍କର୍ମ, ନିର୍ଯାତନା ଘଟଣା ଗୁଡ଼ାକୁ ଆଉ ଘଂଟ ଘୋଡ଼ଇ ସରକାର ରଖିପାରିବେ ନାହିଁ । ଶେଷରେ ମୁଖପାତ୍ର ମଧୁସ୍ମିତା ଆଚାର୍ଯ୍ୟ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏବଂ ମୁଖପାତ୍ରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଅନ୍ୟକୁ କହିବା ପୂର୍ବରୁ କଂଗ୍ରେସ ନିଜର ଚରିତ୍ର ଓ ଚିତ୍ରଣକୁ ଭୁଲିଯାଉଛି : ସୁଭାଷିନୀ

ଭୁବନେଶ୍ୱର (ସବ୍ୟୁ) ମହିଳା ସୁରକ୍ଷା କଥା କହୁଥିବା କଂଗ୍ରେସ ରାହୁଲ ଗାନ୍ଧିଙ୍କ ଚରିତ୍ର କଣ କୁହନ୍ତୁ ? ଅନ୍ୟକୁ ଆଙ୍ଗୁଳି ଦେଖାଇବା ପୂର୍ବରୁ ନିଜ ଆଡକୁ ୩ଟି ଆଙ୍ଗୁଳି ରହୁଛି । ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ଗିରଫ ପରେ କଂଗ୍ରେସ ନେତ୍ରୀମାନେ ଚୁପ୍ କଣ ପାଇଁ ? ଉଦିତକୁ କାହିଁକି, କେଉଁ ଓ କାହା ସ୍ୱାର୍ଥରେ ସୁରକ୍ଷା ଦେଉଛନ୍ତି ? ମୁଖିଆ ଭାବେ କଂଗ୍ରେସ ସଭାପତି ଉତ୍ତର ଦିଅନ୍ତୁ । ମହିଳା ସୁରକ୍ଷା ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ରାଜ ରାସ୍ତାରେ ନାଚୁଛନ୍ତି । ପୂର୍ବରୁ ସରକାର ଥିବା ସମୟରେ କେତେଜଣ ପୀଡ଼ିତାଙ୍କୁ ନ୍ୟାୟ ଦେଇଛି ବିଜେଡି, କଂଗ୍ରେସ ? ରାଜ୍ୟବାସୀ ସବୁ ଦେଖିଛନ୍ତି ଓ ଜାଣିଛନ୍ତି । ଅଯଥାରେ କୁମ୍ଭୀର କାନ୍ଦଣା କାନ୍ଦନ୍ତୁ ନାହିଁ । ଅନ୍ୟକୁ କହିବା ପୂର୍ବରୁ କଂଗ୍ରେସ ନିଜର ଚରିତ୍ର ଓ ଚିତ୍ରଣକୁ ଭୁଲିଯାଉଛି । ସୁଧୁରି ଯିବା ଉଚିତ୍ । ବିଜେପି ସରକାରରେ ଅଭିଯୋଗର ୨୪ ଘଣ୍ଟା ଭିତରେ ପୀଡ଼ିତାଙ୍କୁ ନ୍ୟାୟ ମିଳିଛି, ବିଭାଗୀୟ ମନ୍ତ୍ରୀ ଭେଟିଛନ୍ତି । ମହିଳା ସୁରକ୍ଷା ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ । ମହିଳା ହିଂସା, ବ୍ୟଭିଚାର, ଉତ୍ପୀଡ଼ନ, ନିର୍ଯାତନା ପ୍ରସଙ୍ଗରେ "ଜିରୋ ଟଲରେନ୍ସ" ନୀତି ଆପଣାଇଛି ବିଜେପି ସରକାର । କାହାକୁ ଛଡ଼ା ଯିବ ନାହିଁ ।

## ବିନୋଦ ବିହାରୀ ହାଇସ୍କୁଲ, ପ୍ରୀତିପୁର, ଯାଜପୁରର ପ୍ଲାଟିନମ ଜୁବୁଲି

# ଅଗଷ୍ଟ ୩ରେ ପୁରାତନ ଛାତ୍ରସଂସଦ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଅନ୍ୟତମ ଖ୍ୟାତନାମା ଶିକ୍ଷାନୁଷ୍ଠାନ ବିଞ୍ଝାରପୁର ବ୍ଲକ୍ ସ୍ଥିତ ବିନୋଦ ବିହାରୀ ହାଇସ୍କୁଲ, ପ୍ରୀତିପୁରର ପ୍ଲାଟିନମ୍‌ଜୁବୁଲି ଆୟୋଜନ ନିମନ୍ତେ ପୁରାତନ ଛାତ୍ରସଂସଦ ତରଫରୁ ଏକ ପ୍ରସ୍ତୁତି ବୈଠକ ଅଗଷ୍ଟ ୩ତାରିଖ (ରବିବାର) ଅପରାହ୍ନ ୩ଘଟିକାରେ ଅନୁଷ୍ଠିତ ହେବ । ଶୈଳଶ୍ରୀବିହାର, ଭୁବନେଶ୍ୱରସ୍ଥିତ ଡିଏଭିସ୍କୁଲ (କ୍ୟାମ୍ପସ-୧) ନିକଟରେ ଏହି ବୈଠକ ଅନୁଷ୍ଠିତହେବ । ଅନ୍ୟାନ୍ୟ ପ୍ରସଙ୍ଗ ସହିତ ପ୍ଲାଟିନମ ଜୁବୁଲି ଆୟୋଜନ, ବିଦ୍ୟାଳୟର ଆଧୁନିକୀକରଣ, ସ୍ମରଣିକା ପ୍ରକାଶନ ଆଦି ଏଥିରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ । ସ୍ମରଣିକା 'ଉଦୟାର୍କ' ନିମନ୍ତେ ଲେଖା ପ୍ରଧାନଶିକ୍ଷକ, ବିନୋଦବିହାରୀ ହାଇସ୍କୁଲ, ପ୍ରୀତିପୁର, ଯାଜପୁରଙ୍କ ଠିକଣାରେ ଅଗଷ୍ଟ ଶେଷସୁଦ୍ଧା ପଠାଇବାକୁ ଅନୁରୋଧ କରାଯାଇଛି । ସଂସଦର ମୁଖ୍ୟ ଉପଦେଷ୍ଟା ଭାବରେ ବିଶିଷ୍ଟ ହୃଦଶଲ୍ୟ ବିଶେଷଜ୍ଞ ଡ.ରମାକାନ୍ତ ପଣ୍ଡା ରହିବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି । ରବିନାରାୟଣ ସାମଲଙ୍କ ଅଧକ୍ଷତାରେ ପୁରାତନ ଛାତ୍ରସଂସଦର ବୈଠକଗତ ଜୁଲାଇ ୨୩ ତାରିଖରେ ପ୍ରୀତିପୁରଠାରେ ଆୟୋଜିତ ହୋଇଥିଲା । ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବରେ ଡ.କେ. ସି.ଶତପଥୀ, ଉପସଭାପତି କୈଳାସ ଚନ୍ଦ୍ରଜେନା, ସୁଧୀର ଚନ୍ଦ୍ର ଭୂୟାଁ, ପ୍ରଣୟ କିଶୋର ଦାସ, ଚିତ୍ତରଞ୍ଜନ ଦାସ, ସଂପାଦକ ଧୀରେନ୍ଦ୍ର କୁମାର ନାଥ, ଯୁଗ୍ମସମ୍ପାଦକ ନିରଞ୍ଜନ ସାହୁ, ମିର ଅଝର ଅଲ୍ଲୀ, ଦିଲୀପ କୁମାର ଦାସ, ସଂଗଠନ ସଂପାଦକ ଅଭିମନ୍ୟୁ ମହାପାତ୍ର, କୋଷାଧକ୍ଷ ବିଜନ କୁମାର ସାହୁ, ସହ କୋଷାଧକ୍ଷ ପ୍ରମଥେଶ ଦାସ, ସୁନୀତା ସାହୁଙ୍କ ସମେତ ୨୯ଜଣ ଜୋନାଲ ସଂପାଦକ ଏବଂ ୧୬ଜଣ ଉପଦେଷ୍ଟାମଣ୍ଡଳୀ ମନୋନୀତ ହୋଇଛନ୍ତି । କଟକ ଓ ଭୁବନେଶ୍ୱରରେ ରହୁଥିବା ସମସ୍ତ ପୁରାତନ ବିଦ୍ୟାର୍ଥୀଙ୍କୁଏହି ପ୍ରସ୍ତୁତି ବୈଠକରେ ଯୋଗ ଦେବାକୁ ଅନୁରୋଧ କରିବାସହ ସବିଶେଷ ସୂଚନା ପାଇଁ ୯୯୩୭୦୪୦୭୩୨ରେ ଯୋଗାଯୋଗ କରିବାକୁ ପ୍ରଣୟ କିଶୋର ଦାସ ନିବେଦନ କରିଛନ୍ତି ।

## ନନ୍ଦନକାନନକୁ ବାର୍ଡ ଫ୍ଲୁ ଭୟ

# ଆଗୁଆ ସତର୍କତା ଆପଣେଇଲେ କର୍ତ୍ତୃପକ୍ଷ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଜିଲ୍ଲା ପରେ ଜିଲ୍ଲା ଡେଉଁଛି ବାର୍ଡ ଫ୍ଲୁ । ନନ୍ଦନକାନନକୁ ଏବେ ବାର୍ଡ ଫ୍ଲୁ ଭୟ ଘାରିଛି । ଆଗୁଆ ସତର୍କତା ଆପଣେଇଲା ନନ୍ଦନକାନନ ପ୍ରାଣୀ ଉଦ୍ୟାନ । ଖୋର୍ଦ୍ଧାରେ ବାର୍ଡ ଫ୍ଲୁ ଚିହ୍ନଟ ପରେ ନନ୍ଦନକାନନ କର୍ତ୍ତୃପକ୍ଷ ସତର୍କତା ଅବଲମ୍ବନ କରିଛନ୍ତି । ନନ୍ଦନକାନନର ସମସ୍ତ ଷ୍ଟାଫଙ୍କୁ ସଚେତନତା କରାଯାଇଛି । ଯଦି କୌଣସି ପକ୍ଷୀଙ୍କ ଠାରେ ଫ୍ଲୁ ର ଲକ୍ଷଣ ଦେଖାଯାଏ, ସେଥିପ୍ରତି ଧ୍ୟାନ ରଖିବାକୁ ପରାମର୍ଶ ଦିଆଯାଇଛି ।

ପ୍ରତ୍ୟେକ ଦିନ ପକ୍ଷୀମାନଙ୍କର ହାଲଚାଲର ରିପୋର୍ଟ ପ୍ରସ୍ତୁତ କରାଯିବ । ଏହି ରିପୋର୍ଟକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକ ଓ ଉପନିର୍ଦ୍ଦେଶକ ନିୟମିତ ସମୀକ୍ଷା କରିବେ । ପଶୁ ଡାକ୍ତରଙ୍କ ପାଇଁ ଏକ ସ୍ୱତନ୍ତ୍ର କିଟ ବ୍ୟବସ୍ଥା

### ଖୋଲା ପକ୍ଷୀ ବିହାରରେ ପର୍ଯ୍ୟଟକଙ୍କୁ ପ୍ରବେଶ ମନା

କରାଯାଇଛି । ବାର୍ଡ କିପରମାନେ ସ୍ୱତନ୍ତ୍ର ଗ୍ଲୋବସ, କିଟ ଆଦି ପରିଧାନ କରିବେ । ନନ୍ଦନକାନନରେ ଥିବା ଖୋଲା ପକ୍ଷୀ ବିହାରରେ ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ ବାରଣ କରାଯାଇଛି । ଚିକେନ କିମ୍ବା ଅଣ୍ଡା ଆଦି ବାହାର ଭେଣ୍ଡର୍ସମାନଙ୍କୁ ନନ୍ଦନକାନନକୁ ଆଣିବାକୁ ବାରଣ କରାଯାଇଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୨ କିଲୋମିଟର ମଧ୍ୟରେ ଥିବା ବାର୍ଡ ଫାର୍ମ ଉପରେ ନଜର ରହିଛି । ବାହାରୁ ଯେଉଁ ଗାଡି ପ୍ରାଣୀ ଉଦ୍ୟାନ ମଧ୍ୟକୁ ପ୍ରବେଶ କରିବ ତାହା ଏକ ସ୍ୱତନ୍ତ୍ର ପାଣି ମଧ୍ୟରେ ଯିବ । ଯାହାଫଳରେ ସଂକ୍ରମଣ ହେବାର ସମ୍ଭବନା କମ ରହିବ ।

## ବେଦାନ୍ତ ଆର୍ଥିକ ବର୍ଷ ୨୬ର ପ୍ରଥମ ତ୍ରୟମାସରେ

# ଢେଙ୍କାନାଳ ଆଲୁମିନିୟମ ପ୍ରକଳ୍ପ ସହିତ ଭାରତରେ ସର୍ବବୃହତ ନିବେଶ କରିଛି : ସିଏମ୍‌ଆଇଇ ରିପୋର୍ଟ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାରେ ଏହାର ଟ.୧.୩ ଟ୍ରିଲିୟନ ଗ୍ରୀନଫିଲ୍ଡ ଆଲୁମିନିୟମ ସ୍ମେଲ୍ଟର ପ୍ରକଳ୍ପ ସହିତ ଆର୍ଥିକ ବର୍ଷ ୨୬ ର ପ୍ରଥମ ତ୍ରୟମାସରେ ସର୍ବବୃହତ ଉତ୍ପାଦନ ନିବେଶ ଭାବରେ ଶୀର୍ଷ ସ୍ଥାନ ଅଧିକାର କରିଛି । ପ୍ରକଳ୍ପର ଅଂଶ ସ୍ୱରୂପ, କମ୍ପାନୀ ଓଡ଼ିଶାର ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିକଟରେ ବାର୍ଷିକ ୩ ନିୟୁତ ଟନ୍ (ଏମଟିପିଏ) ଆଲୁମିନିୟମ ସ୍ମେଲ୍ଟର ଏବଂ ୪,୯୦୦ ଏମଡବ୍ଲୁ କ୍ୟାପ୍ଟିଭ୍ ପାୱାର ପ୍ଲାଂଟ ସ୍ଥାପନ କରିବ । ଏହି ପ୍ରକଳ୍ପ ୨ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିବ ଏବଂ ସହାୟକ ଶିଳ୍ପ, ଲଜିଷ୍ଟିକ୍ସ ଏବଂ ଭିତିଭୂମି ଉନ୍ନୟନ ମାଧ୍ୟମରେ ଏହି ଅଂଚଳକୁ ଏକ ପ୍ରମୁଖ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବ । ଆର୍ଥିକ ବର୍ଷ ୨୬ର ପ୍ରଥମ ତ୍ରୟମାସରେ, ଘରୋଇ କ୍ଷେତ୍ରର ନିବେଶ ମୋଟ ଟ.୩.୫ ଟ୍ରିଲିୟନ ହୋଇଥିଲା । ଏଥିରେ ବେଦାନ୍ତର ଐତିହାସିକ ନିବେଶ ଅନ୍ତର୍ଭୁକ୍ତ, ଯାହା ତ୍ରୟମାସରେ ସର୍ବାଧିକ, ଏହା ମିଂଟ ଦ୍ୱାରା ପ୍ରକାଶିତ ସେଂଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମଆଇଇ) ତଥ୍ୟ ଅନୁଯାୟୀ ସ୍ଥାନିତ ହୋଇଛି ।

ଏହି ଐତିହାସିକ ପ୍ରତିବଦ୍ଧତା ଭାରତକୁ ଉତ୍ପାଦନ ପାଇଁ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବରେ ସ୍ଥାନିତ କରିବା ପାଇଁ ବେଦାନ୍ତର ଦୀର୍ଘକାଳୀନ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ । ସମାପ୍ତ ହେବା ପରେ ବିଶ୍ୱର ସର୍ବବୃହତ ଆଲୁମିନିୟମ୍ ସ୍ମେଲ୍ଟରମାନଙ୍କ ମଧ୍ୟରେ ସ୍ଥାନ ପାଇବାକୁ ଥିବା ଏହି ପ୍ରକଳ୍ପ, ଭାରତର ସମ୍ବଳ-ସମୃଦ୍ଧ ଇକୋସିଷ୍ଟମ ଏବଂ ଶିଳ୍ପ ଧାତୁ କ୍ଷେତ୍ରରେ ଦେଶର ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ବେଦାନ୍ତର ନିରନ୍ତର ବିଶ୍ୱାସକୁ ପ୍ରତିଫଳିତ କରେ । ବେଦାନ୍ତର ଢେଙ୍କାନାଳ ଆଲୁମିନିୟମ୍ ସ୍ମେଲ୍ଟର ୨ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିବ ଏବଂ ହଜାର ହଜାର ଲୋକଙ୍କ ପାଇଁ ସୁଯୋଗ ଖୋଲିବ, ଯାହା ଅଟୋମୋଟିଭ୍, ବିଦ୍ୟୁତ୍, ନିର୍ମାଣ ଏବଂ ରେଳବାଇ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ ଶକ୍ତି ପ୍ରଦାନ କରିବ ।

ଏହି ପ୍ରକଳ୍ପର ଗୁରୁତ୍ୱ ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଓଡ଼ିଶାରେ ଗ୍ରୀନଫିଲ୍ଡ ଆଲୁମିନିୟମ ସ୍ମେଲ୍ଟର କେବଳ ବିଶ୍ୱ ଆଲୁମିନିୟମ ଶକ୍ତି କେନ୍ଦ୍ର ଭାବରେ ଭାରତର ସ୍ଥିତିକୁ ସୁଦୃଢ଼ କରିବ ନାହିଁ ବରଂ ନିଯୁକ୍ତି, ଶିଳ୍ପ ନବସୃଜନ ଏବଂ ସ୍ଥାୟୀ ମୂଲ୍ୟ ଶୃଙ୍ଖଳା ମାଧ୍ୟମରେ ଅଂଚଳିକ ବିକାଶକୁ ମଧ୍ୟ ପ୍ରେରଣ କରିବ । ବିଦ୍ୟୁତ୍ ଗତିଶୀଳତା, ନବୀକରଣୀୟ ଶକ୍ତି, ଭିତିଭୂମି ଏବଂ ପ୍ରତିରକ୍ଷା ଭଳି କ୍ଷେତ୍ର ଦ୍ୱାରା ପରିଚାଳିତ ଉଚ୍ଚମାନର ଆଲୁମିନିୟମର ବର୍ଦ୍ଧିତ ଘରୋଇ ଏବଂ ଆନ୍ତର୍ଜାତୀୟ ଚାହିଦା ପୂରଣ କରିବାରେ ଢେଙ୍କାନାଳର ଏହି ସ୍ମେଲ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି ।

## ନାରୀ ସୁରକ୍ଷା ଓ ସ୍ୱାଭିମାନ ପାଇଁ

# ସଂସଦ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ବିଜେଡି ସାଂସଦଙ୍କ ଧାରଣା

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ଦିନକୁ ଦିନ ବଢିଚାଲିଛି ।



ଜଣେ ମହିଳା ଘରୁ ବାହାରିଲେ ତା'ର କର୍ମ କ୍ଷେତ୍ରକୁ ସୁରକ୍ଷିତରେ ଘରକୁ ଫେରିବ ବୋଲି ଏହି ବିଜେପି ସରକାରରେ କୌଣସି ଗ୍ୟାରେଣ୍ଟି ନାହିଁ । ବିଗତ ଦିନରେ ଘଟିଯାଇଥିବା ଘଟଣାଗୁଡିକୁ ଗଭୀରତାର ସହ ନେଇ ବିଜୁ ଜନତା ଦଳର ସାଂସଦମାନେ ସଂସଦ ଭବନର ପରିସରରେ ଥିବା ଗାନ୍ଧୀ

### ଏଫ୍‌ଏମ୍ କଲେଜ ଘଟଣାକୁ ନ୍ୟାୟିକ ତଦନ୍ତ କରାଯାଉ


ମୂର୍ତ୍ତି ତଳେ ପ୍ଲାକାର୍ଡ ଧରି ଓଡିଶାରେ ନାରୀ ଓ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରତିବାଦ କରିଥିଲେ । ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ ଦାବି କରିବା ସହ ବଳଙ୍ଗା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଥିଲେ । ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଡବଲ ଇଂଜିନ ସରକାର ଯଥେଷ୍ଟ ପଦକ୍ଷେପ ନେବାର ଆବଶ୍ୟକ ରହିଛି ବୋଲି ପ୍ରତିବାଦ କରୁଥିବା ବିଜେଡି ସାଂସଦମାନେ ଦାବି କରିଥିଲେ । ଏହି ଧାରଣାରେ ସାଂସଦ ଡ. ସସ୍ମିତ ପାତ୍ର, ମାନସ ରଂଜନ ମଙ୍ଗରାଜ, ମୁଜିବୁଲ୍ଲା ଖାନ୍(ମୁନା ଖାନ୍), ସୁଲତା ଦେଓ, ନିରଂଜନ ବିଶି ଓ ସୁବାଶିଷ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ ।

# ଗୁଜବ ପୁର ରେ ଘର ନାଟକ ମଞ୍ଚସ୍ଥ

କଟକ, (ସବ୍ୟୁ):ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍ କଟକ ର ମିଳିତ ଆନୁକୁଲ୍ୟରେ ନାଟ୍ୟଧାରା,କାର୍ଯ୍ୟକ୍ରମ ରେ ମଞ୍ଚସ୍ଥ ହେଲା ନାଟକ "ଗୁଜବ ପୁର ରେ ଘର " ।ପରିବେଷଣ ସଂସ୍ଥା ଥିଏଟର ଅଭିଯାନ ନାଟକ ଟି ଅଭିଯାନ ର ସଭାପତି ଶ୍ରୀଯୁକ୍ତ ଆଲୋକ ସ୍ୱାଇଁ ଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ।ଏହି ନାଟକ ଟିକୁ ରଚନା କରିଛନ୍ତି , ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାପାତ୍ର । ନିର୍ଦ୍ଦେଶନା ଦେଇଥିଲେ ଅନ୍ନପୂର୍ଣ୍ଣା ର ନିର୍ଦ୍ଦେଶକ ଅକ୍ଷୟ କୁମାର ରଣା ।ସହନିର୍ଦ୍ଦେଶକ ଥିଲେ ଚୌଧୁରୀ ଶାଶ୍ୱତ ମହାପାତ୍ର ।ଅଭିନୟ ରେ ସନ୍ଦୀପ ପାଣି,ପ୍ରେମାନନ୍ଦ ସ୍ୱାଇଁ, ଚନ୍ଦନ କୁମାର ସାହୁ,ଯଯାତି କେଶରୀ ନାୟକ,ପ୍ରଶାନ୍ତ ଚାନ୍ଦ, ଦିଲିପ୍ କୁମାର ଜେନା ,ଶ୍ରୀଧର ରାଉତ ,ରଞ୍ଜନ ସାହୁ,କିଶନ ଜେନା,ରଞ୍ଜନ କୁମାର ସାହୁ ଆୟୁଷ୍ମାନ ସାହୁ, ସତ୍ୟନାରାୟଣ ଦାସ, ସ୍ୱପ୍ନାରାଣୀ ପାତ୍ର,ପ୍ରିୟଙ୍କା ପାଢ଼ୀ,ତପଶ୍ୱନି ସେଠୀ, ଉତ୍କଳିକା ସେଠୀ,ସୁଭସ୍ମିତା ସ୍ୱାଇଁ ଓ ଆରାଧ୍ୟା ପ୍ରିୟଦର୍ଶିନୀ । ଆଲୋକ ଏବଂ ଶବ୍ଦ ଦୀପକ ଦାଶ ।ଏହି କାର୍ଯକ୍ରମ ରେ ମୁଖ୍ୟ ଅତିଥି ଥିଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀଯୁକ୍ତ ଡ ପ୍ରଶାନ୍ତ କୁମାର ହୋତା ,ଏବଂ ସମ୍ମାନିତ ଅତିଥି ଉତ୍କଳ ଫେଡରେଶନ ଅଫ ୟୁନାଇଟେଡ ନେସନ ଆସୋସିଏସନ୍ ର ମହାସଚିବ ଡ ଦିପାୟନ୍ ପଟ୍ଟନାୟକ । ସମ୍ପାଦିକା ଅହ୍ଲାଦିନ୍ କର ,ସଭାପତି ନୃସିଂହ ପ୍ରସାଦ ରାୟଗୁରୁ,ଉପ ସଭାପତି ଶୁଭାଶିଷ କର,ଯୁଗ୍ମ ସମ୍ପାଦକ ଶିବାନୀ ମହାପାତ୍ର ,ଉପଦେଷ୍ଟା ବିକାଶ ଦାଶ ,ନାଟକ ଟିର ଭୂୟସୀ ପ୍ରଶଂସା କରିଥିଲେ ।ସଂଯୋଜନା କରିଥିଲେ ସଫିଉଲ୍ ହକ୍ ।ନାଟ୍ୟଧାରା ର ଏହି କାର୍ଯ୍ୟକ୍ରମ ଟି ,ଜଳନ୍ଧର ମହାନ୍ତି, ଆଶିଷ ମହାନ୍ତି , ,ଜଗନ୍ ମହାନ୍ତି ,ଅଶୋକ ସାହୁ,ଛବି ସାହୁ ଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ।

# ଏଫ୍‌ଏଫ୍‌ସିର ସ୍ୱଚ୍ଛ ଭାରତ ଓ ସ୍ୱଚ୍ଛ ଭୁବନେଶ୍ୱର ପାଳନ


ଭୁବନେଶ୍ୱର, (ସବ୍ୟୁ): ୱାକର୍ସ୍ ଇଣ୍ଟରନ୍ୟାସନାଲ ଦ୍ୱାରା ଅନୁବନ୍ଧିତ ଫନ୍ ଆଣ୍ଡ ଫିଟନେସ୍ ୱାକର୍ସ୍ କ୍ଲବ ସ୍ୱଚ୍ଛଭାରତ ଓ ସ୍ୱଚ୍ଛ ଭୁବନେଶ୍ୱର କାର୍ଯ୍ୟକ୍ରମ ଏନ୍ – ୩ ଯୁଧିଷ୍ଠିର ଦାସ ପାର୍କରେ ପାଳନ ହୋଇଛି । ଏଥିରେ ମୁଖ୍ୟ ଅତିଥିଭବେ ୱାକର୍ସ୍ ଇଣ୍ଟରନ୍ୟାସନାଲ୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମୁକ୍ତିକାନ୍ତ ଅଗସ୍ତି ଓ ସମ୍ମାନନୀୟ ଅତିଥିଭବେ ମାନସୀରାଣୀ ସୁନ୍ଦରରାୟ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଯୋଗଦେଇ ଭୁବନେଶ୍ୱର ମହାନଗର ନିଗମର ୩୦ ଜଣ ସ୍ୱଚ୍ଛ ସେବକଙ୍କୁ ତାଙ୍କର ନିରବଚ୍ଛିନ୍ନ ସେବା ମନୋବୃତ୍ତି ଯୋଗୁ ଭୁବନେଶ୍ୱର ଏକ ସୁନ୍ଦର ସବୁଜ, ସ୍ୱଚ୍ଛ ସହରରେ ମାନ୍ୟତା ପାଇ ସ୍ମାର୍ଟ ସିଟିରେ ପରିଗଣିତ ହୋଇପାରିଛି ବୋଲି କହିଥିଲେ । ସ୍ୱଚ୍ଛତା ଏକ ଗୁରୁତ୍ୱପୂର୍ଣ୍ଣ ଜୀବନଶୈଳୀ ଯାହା ବ୍ୟକ୍ତିଗତ, ସାମାଜିକ ଓ ପାରିବେଶିକ ସ୍ତରରେ ସୁସ୍ଥତା ଓ ସମୃଦ୍ଧି ଆଣିଥାଏ" ବୋଲି ଉପସ୍ଥିତ



ଏଫ୍.ଏଫ୍.ସିର ସଭାପତି ଆଶିଷ ପଟ୍ଟନାୟକ, ଜୋନ ଚେୟାର ପରର୍ସନ କେଦାର ପଟ୍ଟନାୟକ, ଭାଇସ ପ୍ରେସିଡ଼େଣ୍ଟ ରିୟାଖାନ୍, ପ୍ରଦୀପ୍ତ ପଣ୍ଡା, ସଂପାଦକ ସୁଧାକର ପଡ଼ଙ୍ଗୀ, କୋଷାଧକ୍ଷ ପ୍ରଦୀପ ରାଉତ, ଜଲି ୱକର ଏସ ଏନ ସେଠୀ ଯୁଗ୍ମ ସଂପାଦକ, ସୌଭାଗ୍ୟ ନାୟକ ମୁଖ୍ୟ ଉପଦେଷ୍ଟା ନିକୁଞ୍ଜ କିଶୋର ଛୋଟରାୟ, ଭବାନୀ ପଟ୍ଟନାୟକ, ପୂର୍ବତନ ଇଂ ଇନ୍ ଚିଫ୍ ଅନିଲ ତ୍ରିପାଠୀ, ବୈଷ୍ଣବ ଓଝା, ବାବୁରାମ ସେଠୀ, ଆକାଂକ୍ଷ୍ୟା ସାହୁ, ନନ୍ଦନନ୍ଦନ ସତପଥୀ, କ୍ରିଷ୍ଣା ନାୟକ, ମୋହନ କପିଳାସ ସ୍ୱାଇଁ, ଜୁବୁଲି କାନୁନଗୋ, ଅମୀୟ ଶର୍ମା ଇଂ ସୁକୁମାର ପରିଡ଼ା, ମୁନିରାମ ମୁଣ୍ଡାରୀ ଓ ଗଣମାଧ୍ୟମ କର୍ମକର୍ତ୍ତା ଚକ୍ରଧର ମାଝି ପ୍ରକାଶ କରିଥିଲେ ।

# ସଂସଦରେ 'ଅପରେସନ' ସିନ୍ଦୂର ଉପରେ ବିତର୍କ

## ଠୋସ୍ ଜବାବ ରଖିଲେ ରାଜନାଥ



ନୂଆଦିଲ୍ଲୀ : ଭାରତ ଆତଙ୍କବାଦର ମୂଳ ପର୍ଯ୍ୟନ୍ତ ଯାଇ ଏହାକୁ ମୂଳପୋଛ କରିବାକୁ ସକ୍ଷମ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଙ୍ଗଳବାର ରାଜ୍ୟସଭାରେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ସମସ୍ତ ପ୍ରକାର ଏବଂ ପ୍ରକାଶନରେ ଏହି ବିପଦକୁ ସମ୍ପୂର୍ଣ୍ଣ ଭାବରେ ମୂଳୋତ୍ପାଟନ କରିବା ପ୍ରତିବଦ୍ଧତାକୁ ଦୋହରାଇଥିଲେ। ରକ୍ଷା ମନ୍ତ୍ରୀ ଦୃଢ଼ ଭାବରେ କହିଥିଲେ ଯେ ସରକାର ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସେହି ସମୟରେ ପ୍ରଭାବଶାଳୀ ଭାବରେ ଆତଙ୍କବାଦର ମୁକାବିଲା କରିବା ପାଇଁ ଏକ ନୂତନ ରଣନୀତି ଗ୍ରହଣ କରିଛନ୍ତି। ସେ ଅପରେସନ ସିନ୍ଦୁରକୁ ଭାରତର ସାମରିକ କ୍ଷମତା, ଜାତୀୟ ସଂକଳ୍ପ, ନୈତିକତା ଏବଂ ରାଜନୈତିକ ବୁଦ୍ଧିମତାର ପ୍ରଦର୍ଶନ ଭାବରେ ବର୍ଣ୍ଣନା କରିଥିଲେ, ଯାହା ଏକ ନରମ ଦେଶର ଜଣେ ଦୁର୍ବଳ ନାଗରିକକୁ ଏକ ଶକ୍ତିଶାଳୀ ଦେଶର ଗର୍ବିତ ନାଗରିକରେ ପରିଣତ କରିଛି। ରକ୍ଷା ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ସରକାର କେବଳ ସୀମାକୁ ସୁରକ୍ଷା ଦେଉନାହିଁ, ବରଂ ଏକ ଏପରି ବ୍ୟବସ୍ଥା ମଧ୍ୟ ସୃଷ୍ଟି କରୁଛି ଯାହା ରାଷ୍ଟ୍ରକୁ ରଣନୈତିକ, ଅର୍ଥନୈତିକ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିକୋଣରୁ ଶକ୍ତିଶାଳୀ କରୁଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ, ଭାରତ ଆଉ ସହ୍ୟ କରେ ନାହିଁ, ଏହା ଏକ ଉପଯୁକ୍ତ ଜବାବ ଦିଏ। ଏହା କୌଣସି ପ୍ରକାରର ପରମାଣୁ ବ୍ଲାକମେଲିଂ କିମ୍ବା ଅନ୍ୟାନ୍ୟ ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ, ସେ କହିଥିଲେ।

ଶ୍ରୀ ସିଂହ ପୁନର୍ବାର କହିଛନ୍ତି ଯେ ଅପରେସନ ସିନ୍ଦୁର କେବଳ ବନ୍ଦ ହୋଇଛି, ଶେଷ ହୋଇନାହିଁ, ଏବଂ ଯଦି ପାକିସ୍ତାନ ପୁଣି କୌଣସି ଘୃଣ୍ୟ କାର୍ଯ୍ୟ କରିବାକୁ ଚେଷ୍ଟା କରେ, ତେବେ ଭାରତ ଆହୁରି ତୀବ୍ର ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ପାକିସ୍ତାନ ଏବଂ ଯେଉଁମାନେ ଖରାପ ନଜର ପକାଇବାକୁ ଚେଷ୍ଟା କରନ୍ତି, ସେମାନେ ମନେ ରଖିବା ଉଚିତ ଯେ ଭାରତୀୟ ସଶସ୍ତ୍ର ବାହିନୀ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରିବା ପାଇଁ ଶକ୍ତି ଏବଂ କ୍ଷମତା ରଖନ୍ତି, ସେ କହିଛନ୍ତି। ଅପରେସନ ସିନ୍ଦୁର ସମୟରେ ଭାରତ ପିଓକେକୁ ପୁନର୍ବାର ଦଖଲ କରିବା ଉଚିତ ବୋଲି କିଛି ମହଲ ଦେଇଥିବା ମନ୍ତବ୍ୟ ଉପରେ ରକ୍ଷା ମନ୍ତ୍ରୀ କହିଛନ୍ତି ଯେ ସେହି ଦିନ ଦୂର ନୁହେଁ ଯେତେବେଳେ ପିଓକେର ଲୋକମାନେ ପୁଣି ଥରେ ଭାରତର ଅଂଶ ହୋଇଯିବେ। ସେ ଆତଙ୍କବାଦର ସ୍ଥାୟୀ ସମାଧାନ ପାଇଁ ଆହ୍ୱାନ ଦେଇ କହିଛନ୍ତି, ଏହି ବିପଦକୁ ଏକ ମହାମାରୀ ଭାବରେ ଅଭିହିତ କରିଛନ୍ତି, ଯାହା ନଷ୍ଟ ହେବା ପାଇଁ ନିର୍ଦ୍ଦିଷ୍ଟ, କିନ୍ତୁ ଏହାର ଅସ୍ତିତ୍ୱ ସାମୂହିକ ଶାନ୍ତି, ବିକାଶ ଏବଂ ସମୃଦ୍ଧିକୁ ଚ୍ୟାଲେଞ୍ଜ କରିଚାଲିଥିବାରୁ ଏହାକୁ ନିଜ ମୃତ୍ୟୁ ପାଇଁ ଛାଡି ଦିଆଯାଇପାରିବ ନାହି। ସେ ଜୋର ଦେଇ କହିଛନ୍ତି ଯେ କୌଣସି ଧାର୍ମିକ, ଆଦର୍ଶଗତ କିମ୍ବା ରାଜନୈତିକ କାରଣ ଆତଙ୍କବାଦକୁ ଯଥାର୍ଥ କରିପାରିବ ନାହିଁ କାରଣ ରକ୍ତପାତ ଏବଂ ହିଂସା ମାଧ୍ୟମରେ କିଛି ହାସଲ କରାଯାଇପାରିବ ନାହିଁଛ ରକ୍ଷା ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଭାରତ ଏବଂ ପାକିସ୍ତାନ ଏକା ସମୟରେ ସ୍ୱାଧୀନତା ପାଇଥିଲେ, କିନ୍ତୁ ଆଜି ଭାରତକୁ ଆନ୍ତର୍ଜାତୀୟ ସ୍ତରରେ ଗଣତନ୍ତ୍ରର ଜନନୀ ଏବଂ ପାକିସ୍ତାନକୁ ବିଶ୍ୱ ଆତଙ୍କବାଦର ପିତା ଭାବରେ ମାନ୍ୟତା ଦିଆଯାଇଛି। ସେ କହିଥିଲେ ଯେ ପାକିସ୍ତାନ ସର୍ବଦା ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦେଇଆସିଛି, ଏବଂ ପହଲଗାମ୍ ହେଉଛି ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନଙ୍କ ଦ୍ୱାରା କରାଯାଇଥିବା ଅପରାଧର ଲମ୍ବା ତାଲିକାର ଗୋଟିଏ ଉଦାହରଣ। ପାକିସ୍ତାନ ସର୍ବଦା ଆତଙ୍କବାଦକୁ ଯଥାର୍ଥ କରିବାକୁ ଚେଷ୍ଟା କରେଛ। ତେଣୁ, ଆତଙ୍କବାଦ ବିରୁଦ୍ଧରେ ଲଢ଼େଇରେ, ଆମେ କେବଳ ଆତଙ୍କବାଦୀମାନଙ୍କୁ ନୁହେଁ ବରଂ ସମଗ୍ର ଆତଙ୍କବାଦ ଭିତ୍ତିଭୂମିକୁ ମଧ୍ୟ ସମାପ୍ତ କରିବା ଗୁରୁତ୍ୱପୂର୍ଣ୍ଣ। ଏହି କାରଣରୁ ଆମର ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଅପରେସନ ସିନ୍ଦୁର ଏବେ ବି ଚାଲିଛି, ଶ୍ରୀ ରାଜନାଥ ସିଂହ କହିଛନ୍ତିଛପାକିସ୍ତାନକୁ ଆତଙ୍କବାଦର ନର୍ସରୀ ଭାବରେ ବର୍ଣ୍ଣନା କରି ରକ୍ଷା ମନ୍ତ୍ରୀ ଅନ୍ତର୍ଜାତୀୟ ସମୁଦାୟକୁ ବିଦେଶୀ ପାଣ୍ଠି ବନ୍ଦ କରିବାକୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ପାକିସ୍ତାନକୁ ପାଣ୍ଠି ଦେବା ଅର୍ଥ ଆତଙ୍କବାଦର ଭିତ୍ତିଭୂମିକୁ ପାଣ୍ଠି ଯୋଗାଇବା। ଜାତିସଂଘ ସୁରକ୍ଷା ପରିଷଦ ଦ୍ୱାରା ପାକିସ୍ତାନକୁ ଆତଙ୍କବାଦ ବିରୋଧୀ ପ୍ୟାନେଲର ଉପାଧ୍ୟକ୍ଷ ଭାବରେ ନିଯୁକ୍ତି ଦେବା ବିଷୟରେ, ଶ୍ରୀ ସିଂହ କହିଛନ୍ତି ଯେ ୯/୧୧ ଆକ୍ରମଣ ପରେ ପ୍ୟାନେଲ ଗଠନ କରାଯାଇଥିଲା ଏବଂ ଏହା ଜଣାଶୁଣା ଯେ ପାକିସ୍ତାନ ଆକ୍ରମଣର ମାଷ୍ଟରମାଇଣ୍ଡକୁ ଆଶ୍ରୟ ଦେଇଥିଲା। ସେ କହିଥିଲେ ଯେ ଏହି ନିଷ୍ପତ୍ତି ବିଲେଇକୁ କ୍ଷୀର ଜଗିବା ପାଇଁ ବାଧ କରିବା ସହିତ ସମାନ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ହାଫିଜ୍ ସଇଦ ଏବଂ ମାସୁଦ ଆଝାର ଭଳି ଘୋଷିତ ଆତଙ୍କବାଦୀ ପାକିସ୍ତାନରେ ମୁକ୍ତ ଭାବରେ ବୁଲୁଛନ୍ତି ଏବଂ ପାକିସ୍ତାନ ସେନାର ବରିଷ୍ଠ ଅଧିକାରୀମାନେ ଆତଙ୍କବାଦୀଙ୍କ ଶବଦାହରେ ଯୋଗ ଦେଉଛନ୍ତି। ଏହା ଆତଙ୍କବାଦ ବିରୁଦ୍ଧରେ ବିଶ୍ୱ ଲଢ଼େଇର ଏକ ଉପହାସ ଯେ ପାକିସ୍ତାନ ଆତଙ୍କବାଦ ବିରୁଦ୍ଧରେ ବିଶ୍ୱ ସମ୍ପ୍ରଦାୟର ନେତୃତ୍ୱ ନେବା ଆଶା କରାଯାଉଛି ବୋଲି ସେ କହିଛନ୍ତି।

## ବିରୋଧୀଙ୍କୁ କଟାକ୍ଷ କଲେ ଶାହ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ଆତଙ୍କବାଦୀଙ୍କ ମାଲିକମାନଙ୍କୁ ହତ୍ୟା କରିଥିଲେ ଏବଂ 'ଅପରେସନ୍ ମହାଦେବ'ରେ ପହଲଗାମ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀମାନଙ୍କୁ ନିପାତ କରାଯାଇଥିଲା । ସେନା,ସିଆରପିଏଫ ଏବଂଜାମ୍ମୁ କାଶ୍ମୀର ପୋଲିସର ମିଳିତ 'ଅପରେସନ୍ ମହାଦେବ'ରେ ପହଲଗାମ ଆକ୍ରମଣର ସମସ୍ତ ତିନି ଆତଙ୍କବାଦୀ, ସୁଲେମାନ ଓରଫ ଫୈଜଲ ଜାଟ, ହମଜା ଆଫଗାନୀ ଏବଂ ଜିବ୍ରାନ ନିହତ ହୋଇଥିଲେ ।



ଆତଙ୍କବାଦୀଙ୍କ ମୃତ୍ୟୁ ଖବର ଶୁଣି ବିରୋଧୀ ଦଳରେ ମଧ୍ୟ ଖୁସିର ଲହରୀ ଖେଳିଯିବା ଉଚିତ ଥିଲା, କିନ୍ତୁ ସେମାନଙ୍କ ମୁହଁରେ କାଳୀ ପଡ଼ିଗଲା । ବିରୋଧୀ ସରକାରଙ୍କ ତତ୍କାଳୀନ ଗୃହମନ୍ତ୍ରୀ ଆତଙ୍କବାଦୀମାନେ ପାକିସ୍ତାନରୁ ଆସିଥିଲେ ବୋଲି ପ୍ରମାଣ ମାଗି ପାକିସ୍ତାନକୁ କ୍ଲିନ୍ ଚିଟ୍ ଦେଉଛନ୍ତି । ପାକିସ୍ତାନକୁ ବଞ୍ଚାଇବା ପାଇଁ ବିରୋଧୀଙ୍କ ଷଡ଼ଯନ୍ତ୍ର ୧୪୦ କୋଟି ଭାରତୀୟ ଜାଣନ୍ତି ।ଏବେ ସେ ଖସି ଯାଇପାରିବେ ନାହିଁ । ଲୋକସଭାରେ ଅପରେସନ ସିନ୍ଦୂର ଉପରେ ଚାଲିଥିବା ବିତର୍କରେ ଭାଗ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯଦି ପାକିସ୍ତାନ ଆଜି କାଶ୍ମୀରର ଏକ ଅଂଶକୁ ଅବୈଧ ଭାବରେ ଦଖଲ କରୁଛି, ତେବେ ଏହାର ପାଇଁ ଦାୟୀ ଏକମାତ୍ର ବ୍ୟକ୍ତି ପଣ୍ଡିତ ଜବାହରଲାଲ ନେହେରୁ ।

୧୯୭୧ ଯୁଦ୍ଧରେ, ସେନା ପାକିସ୍ତାନକୁ ପରାସ୍ତ କରିଥିଲା, କିନ୍ତୁ ତତ୍କାଳୀନ ବିରୋଧୀ ସରକାର ୧୫,୦୦୦ କିଲୋମିଟର କବଜା କରିଥିବା ଭୂମି ଫେରାଇ ଦେଇଥିଲା ଏବଂ ପିଓକେ ମଧ୍ୟ ନେଇପାରିନଥିଲା ।ସମସ୍ତ ଆତଙ୍କବାଦର ମୂଳ ହେଉଛି ପାକିସ୍ତାନ, ଯାହା ବିରୋଧୀଙ୍କ ଭୁଲ । ଯଦି ଦେଶ ବିଭାଜିତ ହୋଇନଥାନ୍ତା, ତେବେ ଆଜି ପାକିସ୍ତାନ ନଥାନ୍ତା । ଯେତେବେଳେ ଭାରତୀୟ ସେନା ଡୋକଲାମରେ ଚୀନକୁ ପରାସ୍ତ କରିବାକୁ ଚେଷ୍ଟା କରୁଥିଲା ଯେତେବେଳେ ଆମେରିକା ଚୀନ୍ ସହିତ ଲଢୁଥିଲା, ବିରୋଧୀ ନେତାମାନେ ଚୀନ୍ ଅଧିକାରୀମାନଙ୍କୁ ଭେଟିଥିଲେ ।ଶାହ କହିଥିଲେ ୨୦୦୪ରେ ବିରୋଧୀ ସରକାର ପୋଟା ଆଇନକୁ ବାତିଲ କରି ଭାରତର ଆତଙ୍କବାଦ ବିରୋଧରେ ଲଢ଼େଇକୁ ଦୁର୍ବଳ କରିଦେଇଥିଲା ।ମୋଦି ସରକାରଙ୍କ ଅଧୀନରେ କାଶ୍ମୀର-କେନ୍ଦ୍ରିକ ଆତଙ୍କବାଦୀ ଘଟଣା ବ୍ୟତୀତ, ଦେଶର ଅନ୍ୟ ସ୍ଥାନରେ କୌଣସି ବଡ଼ ଆତଙ୍କବାଦୀ ଘଟଣା ଘଟିନାହିଁ ।୨୦୧୯ ପରେ ମୋଦି ସରକାର କାଶ୍ମୀରରେ ଆତଙ୍କବାଦୀଙ୍କୁ ପୋଷଣ କରୁଥିବା ଡଜନ ଡଜନ ସଂଗଠନକୁ ନିଷିଦ୍ଧ କରିଥିଲେ ।ଯେକେହି ଆମ ସୀମାରେ ଅନୁପ୍ରବେଶ କରିବ ତାକୁ ହତ୍ୟା କରାଯିବ, ଆମେ ଆତଙ୍କବାଦକୁ ସମାପ୍ତ କରିବୁ ବୋଲି ସେ କହିଥିଲେ ।

## ବର୍ଷାରେ ବେହାଲ୍ ଦିଲ୍ଲୀ: ବିମାନ ଚଳାଚଳ ବାଧାପ୍ରାପ୍ତ




ନୂଆଦିଲ୍ଲୀ: ଦେଶର ଅନେକ ସ୍ଥାନରେ ମୌସୁମୀ ବର୍ଷା ତାଣ୍ଡବ ରଚୁଛି । ରାଜଧାନୀ ଦିଲ୍ଲୀ ଏବଂ ଏନସିଆରରେ ମଧ୍ୟ ପ୍ରବଳ ବର୍ଷା ହେଉଥିବା ଜଣାଯାଇଛି । ଦିଲ୍ଲୀ, ଗାଜିଆବାଦ, ଫରିଦାବାଦ, ଗ୍ରେଟର ନୋଏଡା ସମେତ ଅନେକ ଅଞ୍ଚଳରେ ପ୍ରବଳ ବର୍ଷା ଲାଗିରହିଛି । ପ୍ରବଳ ବର୍ଷା ଯୋଗୁଁ ଅନେକ ଅଞ୍ଚଳର ରାସ୍ତା ପାଣିରେ ବୁଡ଼ି ରହିଥିବା ସହ ବିମାନବନ୍ଦରର ରନେଓ୍ୱ ମଧ୍ୟ ପାଣିରେ ବୁଡ଼ି ରହିଛି । ଏଥିପାଇଁ ଅନେକ ବିମାନ ଚଳାଚଳରେ ବାଧା ଉପୁଜୁଛି । ପ୍ରବଳ ବର୍ଷା ଓ ପବନ ପାଇଁ ଇଣ୍ଡିଗୋ, ସ୍ପାଇସ୍‌ଜେଟ୍ ଓ ଏୟାର ଇଣ୍ଡିଆ ଭଳି ବିମାନ କମ୍ପାନିମାନେ ମାର୍ଗଦର୍ଶିକାଜାରି କରିଛନ୍ତି । ଇଣ୍ଡିଗୋ ଏକ୍ସରେ ପୋଷ୍ଟ କରି କହିଛି ଯେ, ଦିଲ୍ଲୀରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ, ଆମେ ବିମାନବନ୍ଦରକୁ ଯିବା ଆସିବାରେ ବିଳମ୍ବ ଏବଂ ଟ୍ରାଫିକ୍ ସମସ୍ୟା ହେବାର ସମ୍ଭାବନା ଥିବା ଦେଖୁଛୁ । ଯଦିଓ ଆମେ ଆକାଶକୁ ନିୟନ୍ତ୍ରଣ କରିପାରିବୁ ନାହିଁ, ତଥାପି ଆମେ ଭୂମିରେ ଆପଣଙ୍କ ଯାତ୍ରାକୁ ସ୍ଥିର ରଖିବା ପାଇଁ ଯଥାସମ୍ଭବ ଚେଷ୍ଟା କରୁଛୁ । ଦୟାକରି ଆପଣଙ୍କର ବିମାନ ଉଡ଼ାଣର ସମୟ ଯାଞ୍ଚ କରି ଘରୁ ବାହାରନ୍ତୁ । ହାତରେ ସମୟ ରଖି ଟିକିଏ ଆଗୁଆ ବିମାନବନ୍ଦରରେ ପହଞ୍ଚିବା ପାଇଁ ବିଚାର କରନ୍ତୁ । ଆମେ ଆପଣଙ୍କୁ ସବୁ ସୂଚନା ଦେବୁଛ ସବୁ ପ୍ରକାରର ସାହାଯ୍ୟ ପାଇଁ ଆମେ ଅଛୁ । ବର୍ଷା ପାଇଁ ଉଡ଼ାଣ ଓ ଅବତରଣ ବିଳମ୍ବ ହେଉଥିବାରୁ ସ୍ପାଇସେ୍‌ଟ୍ ଓ ଏୟାର ଇଣ୍ଡିଆ ଭଳି ବିମାନ କମ୍ପାନିମାନେ ମଧ୍ୟ ଯାତ୍ରୀଙ୍କୁ ବିମାନ ଉଡ଼ାଣର ସମୟ ଯାଞ୍ଚ କରି ଘରୁ ବାହାରିବାକୁ ପରାମର୍ଶ ଦେଇଛନ୍ତି ।

## ପ୍ରିୟଙ୍କା ବି ଛାଡିଲେନି

ନୂଆଦିଲ୍ଲୀ: ସଂସଦରେ ଅପରେସନ ସିନ୍ଦୂର ବିତର୍କ ଉପରେ ଭାଷଣ ଦେଇ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ସେନାର ସାହସିକତାକୁ ସଲାମ କରିଥିଲେ । ତାଙ୍କ ଭାଷଣରେ ସେ ପ୍ରତିରକ୍ଷା ମନ୍ତ୍ରୀ, ଗୃହମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଥିଲେ ।ପ୍ରିୟଙ୍କା କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ମନ୍ତ୍ରୀମାନେ ଗୃହରେ ସମସ୍ତ ଦିଗକୁ ନେଇ ମତାମତ ପ୍ରଦାନ କରିଥିଲେ ଏବଂ ଇତିହାସ ମଧ୍ୟ ପଢ଼ାଇଥିଲେ । କିନ୍ତୁ ପହଲଗାମରେ ଆକ୍ରମଣ କିପରି ହେଲା, କାହିଁକି ହେଲା ତାହା କହି ନଥିଲେ, ଏହି ପ୍ରଶ୍ନଗୁଡ଼ିକ ଏବେ ବି ରହସ୍ୟ ଘେରରେ ରହିଛି । ଗୃହମନ୍ତ୍ରୀ ଅମିତ ଶାହ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସେମାନଙ୍କ ଭାଷଣରେୟୁପିଏ ସରକାର ସମୟରେ ହୋଇଥିବା ୨୬/୧୧ ମୁମ୍ବାଇ ଆକ୍ରମଣର ଉଲ୍ଲେଖ କରିଥିଲେ । ଆମେ କହିବାକୁ ଚାହୁଁଛୁ ଯେ, ମୁମ୍ବାଇ ଆକ୍ରମଣରେ ସମ୍ପୃକ୍ତ ସମସ୍ତ ଆତଙ୍କବାଦୀଙ୍କୁ ସୁରକ୍ଷା ବାହିନୀ ହତ୍ୟା କରିଥିଲେ । ଜଣଙ୍କୁ ଜୀବନ୍ତ ଧରାଯାଇଥିଲା । ପରେ ତାଙ୍କୁ ଫାଶୀ ଦିଆଯାଇଥିଲା । ଆକ୍ରମଣ ପରେ, ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଏବଂ ଦେଶର ଗୃହମନ୍ତ୍ରୀ ଇସ୍ତଫା ଦେଇଥିଲେଛ ଆମ ସରକାର ଦାୟିତ୍ୱ ନେଇଥିଲେ । ସରକାରଙ୍କର ଲୋକଙ୍କ ପ୍ରତି ଏକ ଉତ୍ତରଦାୟିତ୍ୱ ଥିଲା । ଏହି ଦେଶର ଭୂମି ପ୍ରତି ଆମ ସରକାରଙ୍କର ଏକ ଉତ୍ତରଦାୟିତ୍ୱ ଥିଲା । ଗୃହମନ୍ତ୍ରୀ ଅମିତ ଶାହଙ୍କ ନାକ ତଳେ ସମଗ୍ର ମଣିପୁର ଜଳିଗଲା, ଦିଲ୍ଲୀରେ ଦଙ୍ଗା ହେଲା, ପହଲଗାମରେ ଏକ ଆକ୍ରମଣ ହେଲା । ସେ ଏବେ ବି ସମାନ ପଦବୀରେ କାହିଁକି ବସିଛନ୍ତି ବୋଲି ପ୍ରିୟଙ୍କା ପ୍ରଶ୍ନ କରିଛନ୍ତି । ପ୍ରିୟଙ୍କା କହିଛନ୍ତି ଯେ, ପହଲଗାମ ଆକ୍ରମଣ ପରେ, ସେନା ମୁଖ୍ୟ, ଗୁପ୍ତଚର ମୁଖ୍ୟ ଇସ୍ତଫା ଦେଇଥିଲେ କି? ଗୃହମନ୍ତ୍ରୀ ଇସ୍ତଫା ଦେଇଥିଲେ ।

## ଦେଓଘରରେ ଦୁର୍ଘଟଣା : ୧୮ କାଉଡ଼ିଆଙ୍କ ମୃତ୍ୟୁ



ରାଞ୍ଚି: ଝାଡ଼ଖଣ୍ଡ ଦେଓଘର ନିକଟରେ କାଉଡ଼ିଆଙ୍କୁ ନେଇ ଯାଉଥିବା ଏକ ବସ୍ ଧକ୍କା ହେବା ଫଳରେ ୧୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଅଧିକ କାଉଡ଼ିଆ ଗୁରୁତର ଆହତ ହୋଇଥିବା ପ୍ରାଥମିକ ସ୍ତରରେ ସୂଚନା ମିଳିଛି । ତେବେ ଆଜି ଭୋର ୪ଟା ୩୦ରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଦେଓଘର ଜାମୁନିଆ ଜଙ୍ଗଲ ନିକଟରେ କାଉଡିଆଙ୍କୁ ନେଇ ଯାଉଥିବା ବସ୍ ସିଲିଣ୍ଡର ବୋଝେଇ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା । ଦୁର୍ଘଟଣାରେ ୧୮ ଜଣଙ୍କ ମୃତ୍ୟୁ ନେଇ ବିଜେପି ସାଂସଦ ନିଶିକାନ୍ତ ଦୁବେ ସୂଚନା ଦେଇଛନ୍ତି । ବୈଦନାଥ ଧାମରେ ପାଣି ଢାଳି ଫେରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

## ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ ଭୂକମ୍ପ ଝଟକା

ନୂଆଦିଲ୍ଲୀ: ସୋମବାର ରାତି ୧୨ଟା ୧୨ ମିନିଟରେ ଭୂମିକମ୍ପରେ ଥରିଛି ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ । ତେବେ ରିକଟର ସ୍କେଲରେ ଭୂକମ୍ପର ତୀବ୍ରତା ୬.୨ ରେକର୍ଡ କରାଯାଇଥିବା ବେଳେ ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର ଜିଓସାଇନ୍ସ ଅନୁଯାୟୀ ଭୂମିକମ୍ପ ୧୦ କିଲୋମିଟର ଗଭୀରତାରେ ହୋଇଛି ।ବର୍ତ୍ତମାନ ସୁଦ୍ଧା ଭୂକମ୍ପରେ କୌଣସି କ୍ଷୟକ୍ଷତି ହୋଇଥିବା ଖବର ମିଳିନି । ସୁନାମୀର ମଧ୍ୟ କୌଣସି ଆଶଙ୍କା ନାହିଁ । ଆଣ୍ଡାମାନ ସାଗର ଭୂକମ୍ପ ଦୃଷ୍ଟିରୁ ଏକ ସକ୍ରିୟ ଅଞ୍ଚଳ ତେଣୁ ଏଠାରେ ଭୂମିକମ୍ପ ଅତି ସାଧାରଣ କଥା ।ତେବେ ଜୁଲାଇ ୧୦ରେ ଭୂକମ୍ପରେ ଦୋହଲିଥିଲା ଦିଲ୍ଲୀ । ଦିଲ୍ଲୀକୁ ଲାଗିଥିଲା ଭୂକମ୍ପର ଝଟକା ।ସକାଳୁ ସକାଳୁ ଥରିଥିଲା ଭାରତର ରାଜଧାନୀ । ରିକଟର ସ୍କେଲରେ ଭୂକମ୍ପର ତୀବ୍ରତା ୪.୪ ଥିବାବେଳେ ଭୂକମ୍ପର କେନ୍ଦ୍ରସ୍ଥଳ ହରିଆଣାର ଝାଜର ରହିଥିଲା ।ତେବେ ଦିଲ୍ଲୀ, ନୋଏଡା ଏବଂ ଗାଜିଆବାଦରେ ଅନୁଭୂତ ହୋଇଥିଲା ଏହି ଭୂକମ୍ପର ଝଟକା ।

## ତୁର୍କୀ ବିକ୍ରି କରୁଛି ବିଶ୍ୱର ସବୁଠାରୁ ବିପଦପୂର୍ଣ୍ଣ ବୋମା

ଆଙ୍କରା: ତୁର୍କୀ ଡ୍ରୋନର ରପ୍ତାନିକାରୀ ଭାବେ ଖ୍ୟାତି ହାସଲ କରିଛି । ଏବେ ତୁର୍କୀ ବ୍ୟାପକ ଧ୍ୱଂସ ଘଟାଉଥିବା ବୋମାର ନିର୍ମାତା ମଧ୍ୟ ହୋଇଛି । ଇସ୍ତାନବୁଲରେ ଅନୁଷ୍ଠିତ ହେଉଥିବା ଅନ୍ତର୍ଜାତୀୟ ପ୍ରତିରକ୍ଷା ଶିଳ୍ପ ମେଳା ଆଇଡିଇଏଫ ୨୦୨୫ରେ, ତୁର୍କୀ ବିଶ୍ୱର ଦୁଇଟି ସବୁଠାରୁ ବିପଦପୂର୍ଣ୍ଣ ଅଣ-ପରମାଣୁ ବୋମା ପ୍ରଦର୍ଶନ କରିଛି । ଏହି ଦୁଇଟି ବୋମାର ନାମ ହେଉଛି ଗାଜାପ ଏବଂ ନେବ୍-୨ ଘୋଷ୍ଟ୍ । ଉଭୟ ବୋମା ୯୭୦ କିଲୋଗ୍ରାମ ଓଜନର ଏବଂ ଏଫ-୧୬ ଯୁଦ୍ଧ ବିମାନରୁ ନିକ୍ଷେପ କରାଯାଇପାରିବ । ପ୍ରତିରକ୍ଷା କମ୍ପାନି, ସେନା ଏବଂ ରଣନୈତିକ ବିଶ୍ଳେଷକଙ୍କ ଉପସ୍ଥିତିରେ ତୁର୍କୀ ଏହାର ଅସ୍ତ୍ରଶସ୍ତ୍ର ବିକ୍ରି କରିବା ସହିତ ବିଶ୍ୱକୁ ଦେଖାଇଥିଲା ଯେ, ଏବେ ଏକ ବିପଦପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ରପ୍ତାନିକାରୀ ମଧ୍ୟ ପାଲଟିଛି ।



ଗାଜାପ ବୋମା ତୁର୍କୀ ପ୍ରତିରକ୍ଷା ମନ୍ତ୍ରଣାଳୟର ଗବେଷଣା ଏବଂ ବିକାଶ କେନ୍ଦ୍ର ଦ୍ୱାରା ବିକଶିତ ହୋଇଛି । ଏହାର ବିଶେଷତ୍ୱ ହେଉଛି ଏହା ପ୍ରତି ମିଟରରେ ୧୦.୧୬ ଫ୍ରାଗମେଣ୍ଟ ହୋଇ ବିସ୍ଫୋରଣ କରିଥାଏ । ଯେତେବେଳେ ପାରମ୍ପରିକ ବୋମାଗୁଡ଼ିକର ଏପରି ପ୍ରଭାବ କେବଳ ୩ ମିଟର ପରିଧି ମଧ୍ୟରେ ରହିଥାଏ । ଏହାର ବହୁ-ଖଣ୍ଡ ଡିଜାଇନ୍ ଯୋଗୁ ବିସ୍ଫୋରଣ ପରିଧି ଏବଂ ପ୍ରଭାବ ଉଭୟ ବହୁତ ଘାତକ ହୋଇ ପାରିଥାଏ । ଅଧିକାରୀଙ୍କ ଅନୁଯାୟୀ, ଗାଜାପ ଏବେ ପରୀକ୍ଷଣ ଏବଂ ପ୍ରମାଣପତ୍ର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବରେ ଅତିକ୍ରମ କରିସାରିଛି ଏବଂ ବ୍ୟବହାର ପାଇଁ ପ୍ରସ୍ତୁତଛ ଦ୍ୱିତୀୟ ବୋମା ନେବ୍-୨ ଘୋଷ୍ଟକୁ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ବଙ୍କର ବଷ୍ଟର ବୋଲି ବିବେଚନା କରାଯାଉଛି । ଏହି ବୋମା ଏତେ ଶକ୍ତିଶାଳୀ ଯେ, ଏହା ଆମେରିକୀୟ କ୍ଷେପଣାସ୍ତ୍ର ସି-୩୫ ଗ୍ରେଡ ତୁଳନାରେ ଅଧିକ କଂକ୍ରିଟ୍ର କାନ୍ଥ ଭେଦ କରିପାରିବ । ସି-୩୫ ୨.୪ ମିଟର କଂକ୍ରିଟ କାନ୍ଥ ଭେଦ କରିବାରକୁ ସକ୍ଷମଛ ନେବ୍-୨ ସି୫୦ ଗ୍ରେଡ୍ ସି-୩୫ ଗ୍ରେଡ୍ ଠାରୁ ତିନି ଗୁଣା ଅଧିକ ଶକ୍ତିଶାଳୀ । ଏହା ୭ ମିଟର ଘନ କଂକ୍ରିଟ୍ କାନ୍ଥ ଭେଦ କରିବାକୁ ସକ୍ଷମ । ଏଫ-୧୬ ରୁ ପରୀକ୍ଷଣ ସମୟରେ, ଏହାକୁ ଏକ ଦ୍ୱୀପରେ ପକାଯାଇଥିଲା ଯେଉଁଠାରେ ଏହା ୯୦ ମିଟର ଗଭୀରତା ପର୍ଯ୍ୟନ୍ତ ଭୂଗର୍ଭରେ ପ୍ରବେଶ କରିଥିଲା । ଏହା ଯୋଗୁ ଭୂସ୍ଖଳନ ହେବା ସହିତ ଗ୍ୟାସ୍ ଲିକ୍ ଏବଂ ପଥର ଭାଙ୍ଗି ଯାଇଥିଲା । ଏହାର ସମୟ-ବିଳମ୍ବ ପ୍ରଯୁକ୍ତିବିଦ୍ୟା ଯୋଗୁ ଏହାର ବିସ୍ଫୋରଣ ୨୫ ମିଲିସେକେଣ୍ଡ ପରିବର୍ତ୍ତେ ୨୪୦ ମିଲିସେକେଣ୍ଡରେ ହୋଇଥିଲା ।ଫଳରେ ଏହା ଅଧିକ କ୍ଷୟକ୍ଷତି କରିଥିଲା ।

## ଫାଶୀ ଦଣ୍ଡରୁ ମୁକ୍ତି ପାଇଲେ ନିମିଶା

### ଆଜୀବନ ହୋଇପାରେ ଜେଲ୍ !

ନୂଆଦିଲ୍ଲୀ: ୟେମେନରେ ଫାଶୀ ଦଣ୍ଡରୁ ମୁକ୍ତି ପାଇଛନ୍ତି କେରଳର ନର୍ସ ନିମିଶା ପ୍ରିୟା । ୟେମେନ ନାଗରିକ ତଲାଲ ଆବଦୋ ମହଦିଙ୍କୁ ହତ୍ୟା ଅଭିଯୋଗରେ ତାଙ୍କୁ ଫାଶୀ ଦଣ୍ଡ ମିଳିଥିଲା । ହୁତି ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଏହାକୁ ପ୍ରତ୍ୟାହାର କରି ନିଆଯାଇଛି । ସୁନ୍ନି ନେତା କନ୍ଥପୁରମ ଏପି ଅବୁବMର ମୁସଲିଆରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ବିଳମ୍ବିତ ରାତିରେ ଏହି ଦାବି କରାଯାଇଛି । କିନ୍ତୁ ଏହି ମାମଲା ପରିଚାଳନା କରୁଥିବା ଭାରତୀୟ ଅଧିକାରୀଙ୍କ ପକ୍ଷରୁ ଏ ନେଇ କିଛି ସ୍ପଷ୍ଟ କରାଯାଇ ନାହିଁ ।ତଲାଲଙ୍କୁ ୨୦୧୭ ମସିହାରେ ନିମିଶା ପ୍ରିୟା ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ତାଙ୍କୁ ଚଳିତ ମାସ ୧୬ ତାରିଖରେ ଫାଶୀ ଦିଆଯିବାର ଥିଲା । କିନ୍ତୁ ଭାରତର ହସ୍ତକ୍ଷେପ ଫଳରେ ଫାଶୀକୁ ଶେଷ ମୁହୂର୍ତ୍ତରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା । କନ୍ଥପୁରମଙ୍କ ଅନୁରୋଧକ୍ରମେ ୟେମେନର ଜଣାଶୁଣା ସୁଫି ଧାର୍ମିକ ଗୁରୁ ଶେଖ୍ ହବିବ୍ ଓମର ବିନ୍ ହଫିଜ ନିମିଶାଙ୍କ ଫାଶୀ ମାମଲାରେ ଆଲୋଚନା କରିବାକୁ ଆଗକୁ ଆସିଥିଲେ । ଅନ୍ୟ ଅନ୍ତର୍ଜାତୀୟ କୂଟନୀତିଜ୍ଞମାନଙ୍କ ସହ ମିଶି ସେ ଏଥିପାଇଁ କାର୍ଯ୍ୟ କରିଥିଲେ । ଯାହାଫଳରେ ତାଙ୍କୁ ଫାଶୀ ନହେବା ନେଇ କୁହାଯାଉଛି । ନିମିଶାଙ୍କୁ ମୃତ୍ୟୁଦଣ୍ଡରୁ ମୁକ୍ତ କରାଯାଇଛି ।ବର୍ତ୍ତମାନ ତାଙ୍କୁ ଜେଲରୁ ମୁକ୍ତ କରାଯିବ କିମ୍ବା ଆଜୀବନ କାରାଦଣ୍ଡ ଦିଆଯିବ । ସେ ବର୍ତ୍ତମାନ ଆଜୀବନ ଜେଲରେ ବିତାଇବେ କିମ୍ବା "ବ୍ଲଡ ମନି' ଦେଇ ଜେଲରୁ ମୁକୁଳିବେ ତାହା ସ୍ପଷ୍ଟ ହୋଇନାହିଁ ।ଅନ୍ୟପକ୍ଷରେ ମାମଲା ଅତ୍ୟନ୍ତ ଜଟିଳ ହୋଇଥିବାରୁ ଭାରତ ଅଧିକାରୀମାନେ ଏହା ଉପରେ ବର୍ତ୍ତମାନ କୌଣସି ମତାମତ ଦେବାକୁ ମନା କରିଛନ୍ତି ।

## ୩ ମାସରେ ୧୯ କୋଟି ହରାଇଲେ ମହିଳା ଡାକ୍ତର

ଗାନ୍ଧିନଗର: ଗୁଜରାଟର ଗାନ୍ଧିନଗରରେ ରହୁଥିବା ଜଣେ ମହିଳା ଡାକ୍ତର ୩ ମାସରେ ୧୯ କୋଟି ହରାଇଲେଣି ।ତାଙ୍କ ପାଖକୁ ଆସିଥିବା ଗୋଟିଏ ଫୋନ କଲରୁ ଆରମ୍ଭ ହୋଇଥିଲା । ମାର୍ଚ୍ଚ ୧୫ ତାରିଖରେ ମହିଳା ଡାକ୍ତର ଜଣଙ୍କ ଅଜଣା ନମ୍ବରରୁ ଆସିଥିବା ଫୋନକୁ ଉଠାଇଥିଲେ । ଫୋନରୁ କିଛି ଆପତ୍ତିଜନକ ଜିନିଷ ମିଳିଥିବା କଲ କରିଥିବା ବ୍ୟକ୍ତି କହିଥିଲା । କଲ କରିଥିବା ବ୍ୟକ୍ତି ମହିଳା ଡାକ୍ତରଙ୍କୁ ମନି ଲଣ୍ଡରିଂ ମାମଲାର ଧମକ ଦେବା ସହ ତାଙ୍କ ଫୋନ ସଂଯୋଗକୁ ବାତିଲ କରି ଦେବାର ଧମକ ଦେଇଥିଲା । ଏଥିରେ ମହିଳା ଡାକ୍ତର ଜଣଙ୍କ ଡରି ଯାଇଥିଲେ । ବାସ ଏହାପରେ ତାଙ୍କ ପାଖକୁ ବିଭିନ୍ନ ପ୍ରକାରର କଲ ଆସିଥିଲା । କେହି ନିଜକୁ ସବ ଇନସପେକଟର କହୁଥିଲା ତ ଆଉ କେହି ସରକାରୀ ଓକିଲ ଏବଂ ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀର ପରିଚୟ ଦେଇ ମହିଳା ଡାକ୍ତରଙ୍କୁ ଡରାଇ ଚାଲିଥିଲେ । ଶେଷରେ ତାଙ୍କୁ ଡିଜିଟାଲ ଆରେଷ୍ଟ କରାଯାଇ ନିଜ ଇସାରରେ କାମ କରିବାକୁ ବାଧ କରାଯାଇଥିଲା ।

### ଡିଜିଟାଲ ଆରେଷ୍ଟ

ଏସବୁ ସାଇବର ଠକଙ୍କ କାରସାଦି ହୋଇଥିଲେ ହେଁ ନିରୀହ ଡାକ୍ତର ଜଣଙ୍କ କିଛି ବି ବୁଝି ପାରି ନଥିଲେ । ସାଇବର ଠକମାନେ ମହିଳାଙ୍କୁ ନିଜ ଜାଲରେ ଫସାଇ ମାତ୍ର ୩ ମାସ ମଧ୍ୟରେ ତାଙ୍କ ଠାରୁ ୧୯ କୋଟି ଟଙ୍କା ଲୁଟ କରି ନେଇଛନ୍ତି ।୩୫ଟି ଭିନ୍ନଭିନ୍ନ ଆକାଉଣ୍ଟ ଜରିଆରେ ସେମାନେ ଏପରି ଠକେଇ କରିଛନ୍ତି । ଏତିକିରେ ସାଇବର ଠକଙ୍କ ମନ ବୁଝି ନଥିଲା । ସେମାନେ ମହିଳା ଡାକ୍ତରଙ୍କ ଅସହାୟତାର ଫାଇଦା ଉଠାଇ ତାଙ୍କ ସୁନା ଅଳଙ୍କାର ଜରିଆରେ ଗୋଟିଏ ଋଣ କରିଥିଲେ ଓ ଏହି ଟଙ୍କାକୁ ମଧ୍ୟ ନେଇ ଯାଇଥିଲେଛ ମାନସିକ ଚାପରେ ରହୁଥିବା ମହିଳା ଡାକ୍ତର ଜଣଙ୍କ ଯେତେବେଳେ ବି ଘର ବାହାରକୁ ଯାଉଥିଲେ ସେତେବେଳେ ସାଇବର ଠକମାନଙ୍କୁ ନିଜ ଠିକଣାର ଭିଡିଓ କଲ ମାଧ୍ୟମରେ ଜଣାଉଥିଲେ । ଦିନକୁ ଦିନ ମାନସିକ ଚାପ ବଢିଚାଲିଥିଲା । ହଠାତ ଗୋଟିଏ ଦିନ ସବୁ କିଛି ବନ୍ଦ ହୋଇଯାଇଥିଲା । ଏହାପରେ ମହିଳା ଡାକ୍ତର ଜଣଙ୍କ ତାଙ୍କ ସମ୍ପର୍କୀୟମାନଙ୍କୁ ଏ ସମ୍ପର୍କରେ କହିଥିଲେଛ କିନ୍ତୁ ସେତେବେଳକୁ ବହୁତ ବିଳମ୍ବ ହୋଇ ସାରିଥିଲା ।



ତଥାପି ଜୁଲାଇ ୧୬ରେ ଅଭିଯୋଗ ପାଇବା ପରେ ଗୁଜରାଟର ସିଆଇଡି କ୍ରାଇମ ଅଧୀନରେ ଥିବା ସାଇବର ସେଲ ଆକ୍ସନ ମୋଡକୁ ଆସିଥିଲା । ସୂତ୍ର ଅନୁସାରେ, ଏହା ଭାରତର ଅନ୍ୟତମ ବଡ଼ ଡିଜିଟାଲ ଆରେଷ୍ଟ ସ୍କାମ । କାରଣ ପୂର୍ବରୁ କେବେ ହେଲେ ବି ଏତେ ଟଙ୍କା ସାଇବର ଠକମାନେ ଲୁଟ କରି ନଥିଲେ ।

ସାଇବର ସେଲ ମହିଳାଙ୍କ ଠାରୁ ସବୁ କିଛି ଶୁଣିବା ପରେ ନିଜ ତଦନ୍ତର ଗତିକୁ ବାଇଥିଲା । ଏହାପରେ ପୁଲିସ୍ ସୁରତରୁ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଏହି ଅଭିଯୁକ୍ତର ଆକାଉଣ୍ଟକୁ ଠକେଇ ହୋଇଥିବା ୧୯ କୋଟିରୁ ୧ କୋଟି ଟଙ୍କା ଯାଇଥିଲା । ଏବେ ପୁଲିସ୍ ଅଭିଯୁକ୍ତକୁ ଜେରା କରିବା ସହ ତା' ସହ ସାମିଲ ଥିବା ଅନ୍ୟମାନଙ୍କୁ ଧରିବାକୁ ଚେଷ୍ଟା କରୁଛି । ହେଲେ ଏଯାଏ ପୁରା ନେଟଓ୍ୱର୍କର ମାଷ୍ଟରମାଇଣ୍ଡ ପାଖରେ ପୁଲିସ୍ ପହଞ୍ଚି ପାରିନି ।

# ସାର୍ଟର ଦାମ୍ ୩ ଲକ୍ଷ



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି) : ଆଗାମୀ ୩୧ ତାରିଖରୁ ଓଭାଲରେ ପଞ୍ଚମ ତଥା ଶେଷ ଟେଷ୍ଟ ଖେଳାଯିବ। ଚତୁର୍ଥ ଟେଷ୍ଟ ଡ୍ର ହେବା ପରେ ଲଣ୍ଡନ ମାର୍କେଟରେ ଭାରତୀୟ ଖେଳାଳି ବୁଲୁଥିବାର ଦେଖିବାକୁ ମିଳିଥିଲା। ଅର୍ଶଦୀପ ସିଂ ଓ ବ୍ୟାଟର ଧ୍ରୁବ ଜୁରେଲଙ୍କୁ ଦେଖିବାକୁ ମିଳିଥିଲା। ସୋସିଆଲ୍ ମିଡିଆରେ ଦୁହେଁ ନିଜର ସୁନ୍ଦର ଅନୁଭୂତି ସେୟାର କରିଛନ୍ତି। ଅର୍ଶଦୀପ ୟୁଟ୍ୟୁବ୍ ଚ୍ୟାନେଲରେ ସେହିସବୁ ଘଟଣା ସମ୍ପର୍କରେ କହିଥିଲେ, ଯାହା ସବୁ ସେ କିଣିଥିଲେ। ସେ ଆହୁରି ଅନେକ ଅନୁଭୂତି ସେୟାର କରିଛନ୍ତି ଯାହା ସମସ୍ତଙ୍କୁ ବିସ୍ମିତ କରୁଛି। ଆମେ ଜେଣ୍ଟଲ୍ ମ୍ୟାନ ସପିଂ କରିବାକୁ ଯାଇଥିଲୁ । ପ୍ରଥମେ ଗୋଟିଏ ସାର୍ଟ କିଣିବା ପାଇଁ ଧରିଲୁ । କିନ୍ତୁ ତାର ଦାମ ଦେଖି ମୋର ହୋସ୍ ଉଡିଯାଇଥିଲା। କାରଣ ସାର୍ଟଟିର ଦାମ ଥିଲା ୩ ଲକ୍ଷ । ଅର୍ଶଦୀପ କହିଥିଲେ ସେହି ସୋରୁମ୍‌ରେ ମାତ୍ର ୧୭ ସେକେଣ୍ଡ ଅଟକି ଥିଲେ। ଦାମ ଶୁଣିବା ପରେ ଦୁହେଁ ସେଠାରୁ ପଳାଇଯାଇଥିଲେ।

# ଅଲ ଓଡିଶା ଓପନ୍ ସ୍ନୁକର : ନକ୍ ଆଉଟରେ ସୁବ୍ରତ, ଅବିନାଶ, ଚିରାଗ



ଭୁବନେଶ୍ୱର,୨୯।୭ (ସବ୍ୟୁ): ଭୁବନେଶ୍ୱରର ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଅଲ ଓଡ଼ିଶା ଓପନ୍ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପର ନକ୍ ଆଉଟ୍ ପର୍ଯ୍ୟାୟରେ ସୁବ୍ରତ ଦାସ, ଅବିନାଶ ମହାପାତ୍ର ଓ ଚିରାଗ ଅରୋରା ପ୍ରବେଶ କରିଛନ୍ତି। ଚିରାଗ ଅରୋରା ୩-୦, ୩-୦, ୩-୧ ବ୍ୟବଧାନରେ ରଞ୍ଜିତ ପତିଙ୍କୁ ହରାଇ ଗ୍ରୁପ୍ ପର୍ଯ୍ୟାୟର ଶେଷ ସ୍ଥାନ ଅଧିକାର କରିଥିଲେ। ଏଥି ସହ ସେ ନକ୍ ଆଉଟରେ ପ୍ରବେଶ କରିଛନ୍ତି।ଅନ୍ୟ ଏକ ମ୍ୟାଚରେ ନିଶ୍ଚୟ ମିଶ୍ର ୩-୦ ବ୍ୟବଧାନରେ ଜ୍ୟାକିର ଅଲିଖାନଙ୍କୁ ଧରାସାୟୀ କରିଥିଲେ। ଅବିନାଶ ମହାପାତ୍ର ଦୁଇଟି ମ୍ୟାଚ ଜିତି ନକ୍ ଆଉଟ୍ ପର୍ଯ୍ୟାୟକୁ ଉର୍ତ୍ତିତ ହୋଇଛନ୍ତି। ଅବିନାଶ ହେଉଛନ୍ତି ରାଜ୍ୟର ଅନ୍ୟତମ ଜୁନିଅର ସ୍ନୁକର ଚାମ୍ପିଅନ। ମଙ୍ଗଳବାର ଅନୁଷ୍ଠିତ ମୁଖ୍ୟ ଡ୍ର ଲିଗ୍ ମ୍ୟାଚ ଗୁଡିକରେ ସୁବ୍ରତ ଦାସ ୩-୨ ବ୍ୟବଧାନରେ ଅବିନାଶ ମହାପାତ୍ରଙ୍କୁ, ଅବିନାଶ ମହାପାତ୍ର ୩-୧ ରେ ନିଶ୍ଚୟ ମିଶ୍ରଙ୍କୁ, ମିଶାଲ ସ୍ୱାଇଁ ୩-୨ରେ ଅମୀୟ ନାୟକଙ୍କୁ , ନିଶାନ୍ତ ବିଶ୍ୱାଳ ୩-୦ ରେ ପ୍ରକାଶ ସାହୁଙ୍କୁ, ଉଦଭସ ମହାପାତ୍ର ୩-୧ରେ ପ୍ରକାଶ ସାହୁଙ୍କୁ, ନିଶ୍ଚୟ ମିଶ୍ର ୩-୦ରେ ଜାକିର ଅଲିଖାନାଙ୍କୁ, ଚିରାଗ ଅରୋରା ୩-୦ରେ ରଞ୍ଜିତ ପତିଙ୍କୁ, ଅଶିତ ଚୌଧୁରୀଙ୍କୁ ୩-୦ରେ ସତ୍ୟଦୀପ ଦାସଙ୍କୁ, ସିଦ୍ଧାର୍ଥ ସେନ୍ ୩-୦ରେ ସୁଦୀପ୍ତ ଦାସଙ୍କୁ ଏବଂ ଅମୀତ ସିଂ ୩-୨ରେ ରାହୁଲ ହଲିଙ୍କୁ ପରାଜିତ କରିଥିଲେ।ମୁଖ୍ୟ ଡ୍ରର ମୋଟ ୧୦ ଟି ମ୍ୟାଚ ମଙ୍ଗଳବାର ଖେଳାଯାଇଛି।

# ଓଭାଲ୍ କ୍ୟୁରେଟରଙ୍କ ସହ ଗମ୍ଭୀରଙ୍କ ଝଗଡା



ଓଭାଲ୍, ୨୯।୭ (ଏଜେନ୍ସି) : ପଞ୍ଚମ ଟେଷ୍ଟ ପୂର୍ବରୁ ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ପିଚ୍‌କୁ ନେଇ ତୀବ୍ର ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏପରିକି ଓଭାଲ୍ ଗ୍ରାଉଣ୍ଡ ଷ୍ଟାଫ୍ ତଥା କ୍ୟୁରେଟରଙ୍କ ସହ ଗୌତମ ଗମ୍ଭୀରଙ୍କ ପାଟିତୁଣ୍ଡ ହୋଇଛି। ରିପୋର୍ଟ ଅନୁସାରେ ବିବାଦ ଏତେ ଅଧିକ ଥିଲା ଯେ, ମାମଲାକୁ ଶାନ୍ତ କରିବା ପାଇଁ ଅନ୍ୟମାନଙ୍କୁ ହସ୍ତକ୍ଷେପ କରିବାକୁ ପଡିଥିଲା। ଟିମ୍ ଇଣ୍ଡିଆ ଜୁଲାଇ ୨୮ ରେ ମାଞ୍ଚେଷ୍ଟରରୁ ଲଣ୍ଡନ ପହଞ୍ଚିଥିଲା। ମଙ୍ଗଳବାର ପ୍ରଥମ ଅଭ୍ୟାସ ସେସନ ପାଇଁ ପଡିଆକୁ ଓହ୍ଲାଇଥିଲା। ଏହି ସେସନରେ ହିଁ ବିବାଦ ଉପୁଜିଥିଲା। ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ଶୃଙ୍ଖଳାର ଶେଷ ମ୍ୟାଚ ଲଣ୍ଡନର ଓଭାଲ୍ ଷ୍ଟାଡିୟମରେ ଖେଳାଯିବ। କିନ୍ତୁ ମଙ୍ଗଳବାର ଗୌତମ ଗମ୍ଭୀର ଓ ଓଭାଲ୍ କ୍ରିକେଟ୍ ଗ୍ରାଉଣ୍ଡର ମୁଖ୍ୟ କ୍ୟୁରେଟର ଲି ଫୋର୍ଟିସଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରିପୋର୍ଟ ଅନୁସାରେ ପିଚ୍‌ର ପ୍ରକୃତିକୁ ନେଇ କୋଚ୍ ଗମ୍ଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ପିଚ୍ ପାଖରେ ପହଞ୍ଚି ସିଧାସଳଖ କ୍ୟୁରେଟରଙ୍କ ସହ କଥା ହୋଇଥିଲେ। ଦୁହିଁଙ୍କ ମଧ୍ୟରେ ପିଚ୍‌ର ସ୍ଥିତି ଓ ବ୍ୟବହାରକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରିସ୍ଥିତି ଏପରି ଗମ୍ଭୀର ଥିଲା ଯେ,ଗୌତମଙ୍କ ବିରୋଧରେ ଅଭିଯୋଗ କରିବେ ବୋଲି ବ୍ରାଉନ୍ ଷ୍ଟାଫ୍ ଧମକ ଦେଇଛନ୍ତି। ତେଣୁ ଗମ୍ଭୀର ରାଗିଯାଇ କହିଥିଲେ ଯାହାକୁ ରିପୋର୍ଟ କରିବା କଥା କରନ୍ତୁ, କିନ୍ତୁ ଆମେ କଣ କରିବୁ ତାହା ଆପଣ ଆମକୁ କହି ପାରିବେ ନାହିଁ। ବିବାଦ ବଢିବା ଦେଖି ଭାରତର ବ୍ୟାଟିଂ କୋଚ୍ ସୀତାଂଶୁ କୋଟକ ଓ ଅନ୍ୟ ସହଯୋଗୀ ଷ୍ଟାଫ୍ ଅସ୍ତକ୍ଷେପ କରି ମାମଲାକୁ ଶାନ୍ତ କରିଥିଲେ। ଇଂଲଣ୍ଡ ବିପକ୍ଷରେ ଭାରତ ପଞ୍ଚମ ତଥା ନିର୍ଣ୍ଣାୟକ ମ୍ୟାଚ ଖେଳିବାକୁ ଯାଉଛି। ଏପର୍ଯ୍ୟନ୍ତ ଶୃଙ୍ଖଳାରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ତେଣୁ ଶୃଙ୍ଖଳାକୁ ଡ୍ର କରିବା ପାଇଁ ଶେଷ ଟେଷ୍ଟରେ ଭାରତକୁ ନିଶ୍ଚିତ ଜିତିବାକୁ ହେବ।

# ଷ୍ଟୋକ୍ସଙ୍କ ହ୍ୟାଣ୍ଡସେକ୍ ଡ୍ରାମା




ମାଞ୍ଚେଷ୍ଟର, ୨୯।୭ (ଏଜେନ୍ସି) : ଚତୁର୍ଥ ଟେଷ୍ଟରେ ଭାରତୀୟ ବ୍ୟାଟରଙ୍କ ପ୍ରଦର୍ଶନ ଇଂଲଣ୍ଡ ଖେଳାଳିଙ୍କୁ ହତାସ କରିଥିଲା। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ହ୍ୟାଣ୍ଡସେକ୍‌କୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାକୁ ନେଇ ଟିମ୍ ଇଣ୍ଡିଆ କୋଚ୍ ଗୌତମ ଗମ୍ଭୀର ମୁହଁ ଖୋଲିଛନ୍ତି। ରବିନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଶତକର ହକ୍‌ଦାର ନଥିଲେ କି ? ଯଦି ଇଂଲଣ୍ଡର ବ୍ୟାଟର ଏଭଳି ପରିସ୍ଥିତିରେ ଶତକଠାରୁ ଅଳ୍ପ ଦୂରରେ ଥାଆନ୍ତେ, ତୁମେ କଣ ଶତକ ପାଇଁ ଅପେକ୍ଷା କରିନଥାନ୍ତ ବୋଲି ଗମ୍ଭୀର ପ୍ରଶ୍ନ କରିଛନ୍ତି। ଆମେ କ୍ରିକେଟ୍ ଖେଳିବାକୁ ଆସିଛୁ, କାହାକୁ ଖୁସି କରିବା ପାଇଁ ନୁହେଁ ବୋଲି ଗମ୍ଭୀର କହିଛନ୍ତି। ଏକ ନିଶ୍ଚିତ ବିଜୟ ଲକ୍ଷ୍ୟରେ ଥିବା ଇଂଲଣ୍ଡ ଶେଷ ଭାଗରେ ଭାରତୀୟ ବ୍ୟାଟରଙ୍କ ଆଗରେ ନିରୁପାୟ ଥିଲା । ମ୍ୟାଚର ଫଳାଫଳ ବାହାରିବା ଆଶା ଆଉ ଦେଖାନଯିବା ପରେ ଅଧିନାୟକ ଷ୍ଟୋକ୍ସ ମ୍ୟାଚ ଡ୍ର ପାଇଁ ରବିନ୍ଦ୍ର ଜାଡେଜା । ଓ ୱାଶିଂଟନ ସୁନ୍ଦରଙ୍କ ପାଖକୁ ଯାଇଥିଲେ। ତେବେ ଜାଡେଜା ସୁନ୍ଦର ଖେଳିବା ଜାରି ରଖିବେ ବୋଲି କହିଥିଲେ। ସେ ସମୟରେ ଜାଡେଜା ୮୯ ଓ ସୁନ୍ଦର ୮୦ ରନ୍ କରିଥିଲେ। ଷ୍ଟୋକ୍ସ ଜାଣିଶୁଣି ହ୍ୟାରି ବ୍ରୁକଙ୍କୁ ବୋଲିଂ ଦେଇଥିଲେ। ଉଭୟ ଖେଳାଳି ସହଜରେ ଶତକ ହାସଲ କରିନେଇଥିଲେ। ଷ୍ଟୋକ୍ସଙ୍କ ଏହି ମନୋଭାବକୁ ସମାଲୋଚନା କରାଯାଉଛି।

# ପଞ୍ଚମ ଟେଷ୍ଟ
## ଟିମ ଇଣ୍ଡିଆରେ ପରିବର୍ତ୍ତନ ଆଭାସ

ଭାରତ ଚମତ୍କାର ପ୍ରଦର୍ଶନ କରି ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ମ୍ୟାଚ ଡ୍ର ରଖିବାରେ ସଫଳ ହୋଇଥିଲା। ଏହା ପରେ ଆଗାମୀ ୩୧ ତାରିଖରୁ କିଙ୍ଗ୍‌ଷ୍ଟନ୍ ଓଭାଲେ ପଞ୍ଚମ ତଥା ନିର୍ଣ୍ଣାୟକ ମ୍ୟାଚ ଆରମ୍ଭ ହେବ। ଶୃଙ୍ଖଳା ଡ୍ର ରଖିବା ପାଇଁ ଏହି ମ୍ୟାଚ ଜିତିବା ଜରୁରୀ ହୋଇପଡିଛି। ଅନ୍ୟଥା ଇଂଲଣ୍ଡ ଶୃଙ୍ଖଳା ଜିତିଯିବ। ତେବେ ଏହି ମ୍ୟାଚ ପୂର୍ବରୁ ଭାରତୀୟ ଏକାଦଶରେ ଚାରିଟି ବଡ ପରିବର୍ତ୍ତନର ସମ୍ଭାବନା ରହିଛି। କୁଳଦୀପ ଯାଦବଙ୍କୁ ଚତୁର୍ଥ ଟେଷ୍ଟରେ ନ ଖେଳାଇବା ପାଇଁ ଗୌତମ ଗମ୍ଭୀର ସମାଲୋଚିତ ହୋଇଥିଲେ। ଆହତ ସମସ୍ୟା ଯୋଗୁଁ ଶେଷ ମ୍ୟାଚରେ ରିଷଭ ପନ୍ତ ଖେଳିବବେ ନାହିଁ। ଯଶପ୍ରୀତ ବୁମରା ଏହି ମ୍ୟାଚ ଖେଳିବା ସମ୍ଭାବନା କମ୍। ପୂର୍ବରୁ ସେ ୩ ଟି ଟେଷ୍ଟ ଖେଳିବେ ବୋଲି କୁହାଯାଉଥିଲା। ମାଞ୍ଚେଷ୍ଟର ଟେଷ୍ଟରେ ଦଳ ଆବଶ୍ୟକତା ଥିଲା ବୋଲି ସେ ଖେଳିଥିଲେ। ସାର୍ଦୁଲ ଠାକୁର ଓ ଅଂଶୁଲ କାମ୍ବୋଜ ମଧ୍ୟ ପ୍ରଭାବିତ କରିପାରିନଥିବାରୁ ସେମାନଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିବ ନାହିଁ। କାମ୍ବୋଜଙ୍କ ଆର୍ଭେଜ୍ ସ୍ପିଡ୍ ଘଣ୍ଟାପ୍ରତି ୧୨୯ କିଲୋମିଟର ।ଯାହା ଫଳରେ ତାଙ୍କ ଫିଟନେସ ନେଇ ମଧ ସୃଷ୍ଟି ହୋଇଛି। ପନ୍ତ ଓ ବୁମରାଙ୍କ ଅନୁପସ୍ଥିତି ନିଶ୍ଚିତ ଭାବରେ ଦଳକୁ ପ୍ରଭାବିତ କରିବ ବୋଲି ଆଶ କରାଯାଉଛି।

# ଅନ୍ତର୍ଜାତୀୟ କ୍ରୀଡାବିତ ପ୍ରକାଶ ଗଡନାୟକ ସମ୍ବର୍ଦ୍ଧିତ



ଅନୁଗୁଳ, ୨୯।୭ (ସବ୍ୟୁ) : ଅନୁଗୁଳର ସଭାଘର ଠାରେ ୨୬ତମ 'କାରଗିଲ୍ ବିଜୟ ଦିବସ ବଡ ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅନୁଗୁଳର ଖ୍ୟାତିସମ୍ପନ୍ନ ଆନ୍ତର୍ଜାତିକ କ୍ରୀଡାବିତ୍ ପ୍ରକାଶ ଗଡନାୟକଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡା କ୍ଷେତ୍ରରେ ଜୀବନବ୍ୟାପୀ ଉତ୍ସର୍ଗିକୃତ ଓ ଉଲ୍ଲେଖନୀୟ ଅବଦାନ ଯୋଗୁଁ, ଅନୁଗୁଳ ଡିଫେନ୍ସ ଭେଟେରାନ୍ ସଂଘ ତରଫରୁ 'କ୍ରୀଡା ସମ୍ମାନ ୨୦୨୫'ରେ ସମ୍ମାନିତ ହୋଇଥିଲେ । ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ତାଙ୍କୁ ଫଳକ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ଶ୍ରୀ ପ୍ରକାଶ ବାୟୁସେନାରୁ ଅବସର ନେବା ପରଠୁ (୨୦୧୦) ମାଷ୍ଟରସ୍ ଆଥ୍‌ଲେଟିକ୍‌ସ୍‌ରେ ଯୋଗଦେଇ ଅନେକ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ସଫଳତା ହାସଲ କରିସାରିଛନ୍ତି । ଶ୍ରୀ ପ୍ରକାଶ ରାଜ୍ୟସ୍ତରୀୟ ଖେଳରେ ଅଂଶଗ୍ରହଣ କରି ଏଯାବତ୍ ୨୪ ରୁ ଅଧିକ ପଦକ, ଜାତୀୟ ସ୍ତରରେ ୨୮ରୁ ଅଧିଳକ ପଦକ ଓ ଅନ୍ତର୍ଜାତୀୟ ସ୍ତରରେ (୧୨ଟି ସ୍ୱର୍ଣ୍ଣ ପଦକ) ୧୯ଟି ପଦକ ଜିତି ଭାରତକୁ ବିଶ୍ୱ ଦରବାରରେ ପରିଚୟ ସୃଷ୍ଟି କରିପାରିଥିଲେ । ଶ୍ରୀ ପ୍ରକାଶ ବାଂଗଲାଦେଶ, ମାଲେସିଆ, ନେପାଳ, ଭୂଟାନ, ଶ୍ରୀଲଙ୍କା ଓ ଥାଇଲାଣ୍ଡ (ବ୍ୟାଙ୍ଗକକ) ଠାରେ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ଅନ୍ତର୍ଜାତୀୟ ସ୍ତରରେ ନିଜର ଶ୍ରେଷ୍ଠତା ପ୍ରତିପାଦନକରି କ୍ରୀଡାକ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ପାରିଛନ୍ତି । ଶ୍ରୀପ୍ରକାଶ ଏଯାବତ୍ ଜୀବନକାଳ ମଧ୍ୟରେ ୨୫୦ରୁ ଅଧିକ ସ୍ୱର୍ଣ୍ଣ ପଦକ ୧୬୫ରୁ ଅଧିକ ରୌପ୍ୟ ପଦକ ଓ ୧ ୧୦ରୁ ଅଧିକ ବ୍ରୋଞ୍ଜ ପଦକ ଜିତି ଏକ ଅବିଶ୍ୱସନୀୟ ରେକର୍ଡ ପ୍ରତିଷ୍ଠାକରି ଆଜିର ଯୁବ ସମାଜ ପାଇଁ ଏକ ଉଦାହରଣ ପାଲଟିଯାଇଛନ୍ତି । ଶ୍ରୀ ପ୍ରକାଶ ଅନୁଗୁଳ ପ୍ରଶାସନିକ ତରଫରୁ ତାଙ୍କର କ୍ରୀଡାକ୍ଷେତ୍ରରେ ଅତୁଳନୀୟ ଅବଦାନ ଥିବାରୁ, 'ଅନୁଗୁଳ ଗୌରବ ସମ୍ମାନଦରେ (୨୦୨୨) ପରେ ପରେ ଶ୍ରୀପ୍ରକାଶ "ଖେଲାରୀ ଗୌରବ"ରେ ମଧ୍ୟ ସମ୍ମାନିତ ହୋଇଥିଲେ ।ଶ୍ରୀପ୍ରକାଶ ଏକାଧାରାରେ ଜଣେ ବାୟୁଯୋଦ୍ଧା, ସମାଜସେବୀ, ଆନ୍ତର୍ଯ୍ୟାତୀୟ କ୍ରୀଡାବିତ୍, ବାଦ୍ୟକାର, ଚିତ୍ରଶିଳ୍ପୀ, କଣ୍ଠଶିଳ୍ପୀ ଓ ଦୃଢ଼ ସାଇକେଲ ସ୍ଥଳକ ଭାବରେ ଅନୁଗୁଳରେ ବେଶ୍ ଖ୍ୟାତିଲାଭ କରିଛନ୍ତି ।

# ଜାତୀୟ ଭିନ୍ନକ୍ଷମ କ୍ରିକେଟ୍
## ଖେଳିଲେ ଦୁଇ ଓଡିଆ



ଭୁବନେଶ୍ୱର, ୨୯।୭(ସବ୍ୟୁ) : ଚେନ୍ନାଇରେ ଜାତୀୟ ଭିନ୍ନକ୍ଷମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଇଣ୍ଡିଆ ରେଡ୍, ଇଣ୍ଡିଆ ବ୍ଲୁ ଏବଂ ଇଣ୍ଡିଆ ଗ୍ରୀନ୍ ମଧ୍ୟରେ ମ୍ୟାଚ ଖେଳାଯାଉଛି। ଓଡିଶାର ଦୁଇଜଣ ଖେଳାଳି ଦେବେନ୍ଦ୍ର ମେହେର ଇଣ୍ଡିଆ ବ୍ଲୁ ଏବଂ ରାଜେଶ କୁମାର ପ୍ରଧାନ ଇଣ୍ଡିଆ ରେଡ୍ ଦଳରେ ସାମିଲ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କଲେ ଭାରତୀୟ ଦଳରେ ସ୍ଥାନ ମିଳିବାର ସୁଯୋଗ ରହିଛି। ଏହି ସଫଳତା ପାଇଁ ସଭାପତି ତନୁଜା ମହାନ୍ତି ସମ୍ପାଦିକା ବେଲା ଜୟସ୍ୱାଲ, କୋଷାଧ୍ୟକ୍ଷ ଚିତ ରଞ୍ଜନ ମିଶ୍ର, ଉପସଭାପତି ମଣ୍ଟୁ ଦାସ, ମୁଖ୍ୟ ପ୍ରଶିକ୍ଷକ ମହମ୍ମଦ ଆଖାର ଓ ଅଧିନାୟକ ରାଖାଲ କୁମାର ସେଠୀ ଏବଂ ସଂଘର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

## ରାଜ୍ୟସ୍ତରୀୟ ପୋଲିସ ଭଲିବଲ
# ମୟୂରଭଞ୍ଜକୁ ବ୍ରୋଞ୍ଜ ପଦକ



ବାରିପଦା, ୨୯।୭ (ସବ୍ୟୁ) : କଟକ ଠାରେ ଅନୁଷ୍ଠିତ ୭୭ତମ ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚାମ୍ପିୟାନସିପରେ ମୟୂରଭଞ୍ଜ ପୋଲିସ ଟିମ ୫ମ ରାଉଣ୍ଡରେ ୪ର୍ଥ ଆଇଆରବିଏନ, ଦେଓଗଡ଼କୁ ୩-୦ ସେଟରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି। ପୁରସ୍କାର ସ୍ୱରୂପ ଦଳକୁ ବ୍ରୋଞ୍ଜ ମେଡାଲ ସହ ୧୦ହଜାର ନଗଦ ରାଶି ମିଳିଛି ଓ ଚମ୍ପିୟାନସିପର ଶ୍ରେଷ୍ଠ ଖେଳାଳି ଭାବେ ଅଞ୍ଜନ ବେହେରାଙ୍କୁ ଟ୍ରଫି ଓ ୨ହଜାର ପୁରସ୍କାର ରାଶି ମିଳିଛି ଓ ଖବର ପାଇ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ ସମସ୍ତ ଖେଳାଳିଙ୍କ ସମେତ ମ୍ୟାନେଜର ଓ କୋଚଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ରିଜର୍ଭ ଇନ୍ସପେକଟର ଆଲୋକ କାନୁନଗୋ, ମୟୂରଭଞ୍ଜ ପୋଲିସ ସଂଘର ସଭାପତି ବିକାଶ କୁମାର ବାରିକ, ସମ୍ପାଦକ ସୁରଜ କୁମାର ରାଜ, କ୍ରୀଡା ସଂଗଠକ ଭାନୁପ୍ରତାପ ଭଞ୍ଜଦେଓ ଓ ଏନଆଇଏସ କୋଚ ମନୋରଞ୍ଜନ ଜୀଉ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚାମ୍ପିୟାନସିପରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ଅଞ୍ଜନ ବେହେରା, ମିଲୁ ମହାନ୍ତ ଓ ଜନ୍ମେଜୟ ଦାସ ଜାତୀୟ ସ୍ତରୀୟ ପୋଲିସ ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ଓଡିଶା ପୋଲିସ ଦଳର ଚୟନ ଶିବିରକୁ ମନୋନୀତ ହୋଇଛନ୍ତି।

# ଅଗଷ୍ଟ ୨୮ରେ ଆନ୍ତଃଜିଲ୍ଲା ବିଦ୍ୟାଳୟ ଜିନାଷ୍ଟିକ ପ୍ରତିଯୋଗିତା




ଭୁବନେଶ୍ୱର,୨୯।୭ (ସବ୍ୟୁ) : ଆଗାମୀ ଅଗଷ୍ଟ ୨୮ ତାରିଖରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଠାରେ ଆନ୍ତଃଜିଲ୍ଲା ଆମନ୍ତ୍ରଣୀୟ ବିଦ୍ୟାଳୟ ଜିନାଷ୍ଟିକ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ୪ ଟି ବର୍ଗର କ୍ରୀଡାବିତ୍ ଅଂଶଗ୍ରହଣ କରିବେ। ଉଭୟ ବାଳକ ଓ ବାଳିକା ବର୍ଗରେ ୬, ୮,୧୦ ବର୍ଷରୁ କମ ବୟସର ପିଲାମାନେ ଭାଗ ନେବେ । ଏତଦ୍ ବ୍ୟତୀତ ଆଡଭାନ୍ସ ଲେବଲ ଜିନାଷ୍ଟିକ୍ ପିଲାମାନେ ଭାଗ ନେଇପାରିବେ। ୬ ଓ ୮ ବର୍ଷରୁ କମ ବାଳକ ଓ ବାଳିକା ବର୍ଗରେ ଫ୍ଲୋର ଏକ୍ସର ସାଇଜ ଓ ଭଲ୍ଟିଂ ଟେବଲ୍ ବାଳିକା ବର୍ଗରେ ଫ୍ଲୋର ଏକ୍ସରସାଇଜ୍ ଓ ବାଲାନ୍ସବିମ୍ ଏବଂ ଆଡଭାନ୍ସ ବାଳକ ବର୍ଗରେ ଫ୍ଲୋର ଏକ୍ସରସାଇଜ, ଫଲ୍ଟିଂ ଟ୍ୟାବ୍, ଓମେଲ ହର୍ସ ଏବଂ ପାରାଲାଲ୍ ବାର୍ ତଥା ବାଳିକା ବର୍ଗରେ ଫ୍ଲୋର ଏକ୍ସରସାଇଜ୍ ଭଲ୍ଟିଂ ଟେବଲ, ବାଲାନ୍ସିଂ ବିମ୍ ଏବଂ ଅନ୍‌ଇଭିନ୍ ବାର ଆଦିରେ ପ୍ରତିଯୋଗିତା ହେବ। ଓଡିଶାର ସବୁ ଜିଲ୍ଲା ବିଦ୍ୟାଳୟର ପିଲାମାନେ ଅଂଶଗ୍ରହଣ କରିବାକୁ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଅଧକ୍ଷା ମୀରାରାଣୀ ଦାସ ନିବେଦନ କରିଛନ୍ତି।

# ବିସିସିଆଇ କାର୍ଯ୍ୟାଳୟରେ ଚୋରି



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି) : ୱାଙ୍ଖେଡେ ସ୍ଥିତ ବିସିସିଆଇ କାର୍ଯ୍ୟାଳୟରେ ଚୋରି ହୋଇଛି। ଟଙ୍କା ନୁହେଁ ବରଂ ଆଇପିଏଲ୍ ଜର୍ସି ଚୋରୀ ହୋଇଛି। ଚୋରି ପଛରେ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କ ହାତ ରହିଛି। ୱାଙ୍ଖେଡେ ଷ୍ଟାଡିୟମରେ ଥିବା ବିସିସିଆଇ କାର୍ଯ୍ୟାଳୟରୁ ୪୦ ବର୍ଷୀୟ ସୁରକ୍ଷାକର୍ମୀ ଫାରୁକ୍ ଅସଲମ ଖାନ୍ ଆଇପିଏଲ୍ ଜର୍ସି ଚୋରି କରିଛନ୍ତି। ସେ ୨୬୧ ଟି ଜର୍ସି ଚୋରି କରିଛନ୍ତି। ଗୋଟିଏ ଜର୍ସିର ମୂଲ୍ୟ ୨୫୦୦ ଟଙ୍କା। ଏସବୁକୁ ମିଶାଇଲେ ବ୍ୟକ୍ତି ଜଣଙ୍କ ପ୍ରାୟ ୨ ଲକ୍ଷ ୫୨ ହଜାର ଟଙ୍କା ଚୋରି କରିଛନ୍ତି। ପୋଲିସର ସୂଚନା ମୁତାବକ ଫାରୁକ୍ ଖାନ୍ ଅନଲାଇନରେ ଜୁଆ ଖେଳୁଥିଲେ। ସମ୍ଭବତଃ ଏଥିପାଇଁ ସେ ଆଇପିଏଲ୍ ଜର୍ସି ଚୋରି କରିଛନ୍ତି। ସୋସିଆଲ୍ ମିଡିଆ ଜରିଆରେ ହରିୟାଣାର ଜଣେ ଅନଲାଇନ୍ ଜର୍ସି ଡିଲରଙ୍କ ସହ ଫାରୁକ ଯୋଗାଯୋଗ କରିଥିଲେ। ଜର୍ସିକୁ ସେ କୋରିୟର ମାଧ୍ୟମରେ ହରିୟାଣା ପଠାଇଥିଲେ। ବିସିସିଆଇ କାର୍ଯ୍ୟାଳୟରେ ଚୋରି ଘଟଣା ଷ୍ଟକ ଅଡିଟ ସମୟରେ ଧରା ପଡିଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚରୁ ଫାରୁକ୍ ଏକ ବଡ ବାକ୍ସ ସହିତ କାର୍ଯ୍ୟାଳୟରୁ ବାହାରକୁ ଯାଉଥିବା ଦେଖାଯାଇଥିଲା। ପୋଲିସ ଏହି ମାମଲାରେ ହରିୟାଣା ଡିଲରଙ୍କୁ ମଧ୍ୟ ପଚରାଉଚରା କରିଛି। ଡିଲର ଜଣଙ୍କ କହିଛନ୍ତି, ସେ ଜାଣିନଥିଲେ ଯେ, ଏଗୁଡିକ ଚୋରି ସାମଗ୍ରୀ। ଡିଲର କହିଥିଲେ ଯେ, ଖାନ୍ ତାଙ୍କୁ କହିଥିଲେ ଅଫିସ ନବୀକରଣ ସମୟରେ ଷ୍ଟକ କ୍ଲିୟରାନ୍ସ ଯୋଗୁଁ ଜର୍ସିଗୁଡିକ ତାଙ୍କୁ ମିଳିଥିଲା। ଗତ ୧୭ ତାରିଖରେ ବିସିସିଆଇର ଜଣେ ଅଧିକାରୀ ମୁମ୍ବାଇର ମେରାଇନ୍ ଡ୍ରାଇଭ୍ ଥାନାରେ ଚୋରି ସମ୍ପର୍କରେ ଅଭିଯୋଗ କରିଥିଲେ। ପୋଲିସ ଏପର୍ଯ୍ୟନ୍ତ ୫୦ ଟି ଜର୍ସି ଉଦ୍ଧାର କରିଛି। ଯାହାର ମୂଲ୍ୟ ୧ ଲକ୍ଷ ୨୫ ହଜାର ଟଙ୍କା। ପୋଲିସ ଫାରୁକର ବ୍ୟାଙ୍କ ରେକର୍ଡ ମଧ୍ୟ ଯାଞ୍ଚ କରିଛି। ଅଭିଯୁକ୍ତ କହିଛି ଅନଲାଇନ ବେଟିଂରେ ସବୁ ଟଙ୍କା ହରାଇ ଦେଇଛି।

ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି